ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୪/୨୦୨୪ (୧୪ ପୃଷ୍ଠା) | Bhubaneswar, Thursday, July 4/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୨୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 220 | ମୂଲ୍ୟ ₹୭/-

ହାର୍ଦ୍ଦିକ୍ ନମ୍ବର ୱାନ

ପ୍ରଥମ ଭାରତୀୟଭାବେ ଟି୨୦ ଅଲରାଉଣ୍ଡର ର୍ୟାଙ୍କିଙ୍ଗ୍‌ରେ ନମ୍ବର ୱାନ ସ୍ଥାନ ହାସଲ କରିଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା।

୧୨ ୦୨

ଅଜୟଙ୍କ ପିଲାଦିନ ରହସ୍ୟ ଖୋଲିଲେ ତବୁ

ଅଭିନେତା ଅଜୟ ଦେବଗନ ପିଲାଦିନେ ଜଣେ ଫିଲ୍ମ ନିର୍ଦ୍ଦେଶକ ହେବାକୁ ଚାହୁଁଥିଲେ ବୋଲି ଏକ ସାକ୍ଷାତ୍‌କାରରେ ଅଭିନେତ୍ରୀ ତବୁ କହିଛନ୍ତି।

ଚଳନ୍ତା ବସ୍‌ରେ ନିଆଁ

ବସ୍‌ରେ ଲାଗିଥିବା ନିଆଁକୁ ଲିଭାଯାଉଛି।

କଟକ,୩।୭ (କାର୍ତ୍ତିକ ସାହୁ)

କଟକ ଖାନ୍‌ନଗର ମଲାଚଣ୍ଡିଆ ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍ ଡିକିରେ ନିଆଁ ଲାଗିଯାଇଥିଲା। ଏହା ଜାଣିବା ପରେ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ସୌଭାଗ୍ୟବଶତଃ ବସ୍ କର୍ମଚାରୀଙ୍କ ସମୟୋପଯୋଗୀ ତଥା ଉପସ୍ଥିତ ବୁଦ୍ଧି ଓ ଅଗ୍ନିଶମ କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ଏକ ବଡ଼ ଧରଣର ଅଘଟଣକୁ ରୋକାଯାଇପାରିଛି। ଯଦ୍ୱାରା ବସ୍‌ରେ ଥିବା ୨୨ ଜଣ ଯାତ୍ରୀ ଅଳ୍ପକେ ବଞ୍ଚିଯାଇଛନ୍ତି।

ସୂଚନା ଅନୁସାରେ, କଟକ ନେତାଜୀ ବସ୍ ଟର୍ମିନାଲରୁ ଜଗନ୍ନାଥ ନାମକ ଯାତ୍ରୀବାହୀ ବସ୍ (ଓଡି୦୫ଡି-୯୯୨୧) ପାଲଲହଡ଼ା ଅଭିମୁଖେ ବାହାରିଥିଲା। ଅପରାହ୍ନ ପ୍ରାୟ ସାଢେ ୨ଟାରେ ମଲାଚଣ୍ଡିଆ ଛକ ପାଖାପାଖି ହୋଇଥିଲାବେଳେ ହଠାତ୍ ବସ୍ ପଛପାର୍ଶ୍ୱ ଡିକିରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ରାସ୍ତାରେ ଯାଉଥିବା ଲୋକେ ଏନେଇ ବସ୍ ଚାଳକଙ୍କୁ ଜଣାଇଥିଲେ। ତୁରନ୍ତ ଚାଳକ ବସ୍ ଅଟକାଇ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦେଇଥିଲେ। ଚାଳକ ଓ ହେଲ୍‌ପର ବସ୍ ଡିକିରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖିଥିଲେ। ସେମାନେ ସଙ୍ଗେସଙ୍ଗେ ଡିକି ଖୋଲି ଭିତରୁ ଲଗେଜ ଓ ଅନ୍ୟାନ୍ୟ ଜିନିଷପତ୍ର ବାହାରକୁ ବାହାର କରିଦେଇଥିଲେ। କେତେଜଣ ଲୋକ ନିକଟରୁ ବାଲ୍‌ଟିରେ ☞ପୃଷ୍ଠା-୪

ହେମନ୍ତ ପୁଣି ହେବେ ମୁଖ୍ୟମନ୍ତ୍ରୀ

- **ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ପଦରୁ ଚମ୍ପେଇ ସୋରେନଙ୍କ ଇସ୍ତଫା**
- **ସରକାର ଗଢ଼ିବାକୁ ଦାବି ଜଣାଇଲେ ହେମନ୍ତ ସୋରେନ**

ରାଞ୍ଚି,୩।୭

ସଦ୍ୟ ଜେଲରୁ ଫେରିଥିବା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍ ପୁଣି ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହାର ୫ ମାସ ପୂର୍ବରୁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିବା ଚମ୍ପେଇ ସୋରେନ୍ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଚମ୍ପେଇ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ହେମନ୍ତ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇଥିଲେ। ରାଜ୍ୟପାଳ ସରକାର ଗଢ଼ିବାକୁ ଆମନ୍ତ୍ରଣ କରିବା ସହ ହେମନ୍ତଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ରୂପେ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗତ ଜାନୁଆରୀ ୩୧ରେ ଏକ ଜମି ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଝାଡ଼ଖଣ୍ଡର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଜେରା ପରେ ଗିରଫ କରିଥିଲା। ଗିରଫ ହେବାର କିଛି ଘଣ୍ଟା ପୂର୍ବରୁ ହେମନ୍ତ ରାଜ୍ୟପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏଥିସହ ଜେଏମ୍‌ଏମ୍ ମୁଖ୍ୟ ଶିବୁ ସୋରେନ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ମନ୍ତ୍ରୀ ଥିବା ଚମ୍ପେଇ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ। ଇତିମଧ୍ୟରେ ହେମନ୍ତ ନିଜ ଗିରଫଦାରିକୁ ବେଆଇନ ଦର୍ଶାଇ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମି ଦୁର୍ନୀତି ମାମଲାରେ ହେମନ୍ତଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିର ପ୍ରମାଣ ନ ଥିବା ଦର୍ଶାଇ ହାଇକୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଥିଲେ। ହେମନ୍ତ ବିର୍ସା ମୁଣ୍ଡା ମୁକୁଳିବା ପରେ ରବିବାର ସାରା ଦେଶରେ ସାମନ୍ତବାଦୀ ତତ୍ତ୍ୱଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ। ୧୮୫୫ରେ ବ୍ରିଟିଶ ବିରୋଧରେ ସାନ୍ତାଳଙ୍କ ବିଦ୍ରୋହର ବର୍ଷପୂର୍ତ୍ତି ଅବସରରେ 'ହୁଲ୍ ଦିବସ' ପାଳନ ବେଳେ ହେମନ୍ତ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ତାଙ୍କୁ ଏକ ମିଥ୍ୟା ମାମଲାରେ ଫସାଇ ଦିଆଯାଇଥିଲା। କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଲୋକଙ୍କ ପଛରେ ସରକାର ନିଜ ଏଜେନ୍ସିଗୁଡ଼ିକୁ ଲଗାଉଛନ୍ତି। ଭାଜପାର ବଡ଼ ନେତାମାନେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଚଳାଇଛନ୍ତି। ଜେଲ୍, ଲାଠି କିମ୍ବା ମୃତ୍ୟୁଦଣ୍ଡକୁ ଆମେ ଭୟ କରୁନାହୁଁ। ☞ପୃଷ୍ଠା-୪

ଝାଡ଼ଖଣ୍ଡ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ଭେଟି ରାଜ୍ୟରେ ସରକାର ଗଠନ କରିବାକୁ ଦାବି ଜଣାଉଛନ୍ତି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଜେଏମ୍‌ଏମ୍ ନେତା ଚମ୍ପେଇ ସୋରେନ।

ରତ୍ନଭଣ୍ଡାର ଖୋଲାଯିବାର ଆବଶ୍ୟକତା ରହିଛି: ଗଜପତି ମହାରାଜା

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ଆସନ୍ତା ରଥଯାତ୍ରା ସମୟରେ ଅର୍ଥାତ୍ ଜୁଲାଇ ୮ରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ୪ ତାରିଖରେ ପୁରୀ ଆସୁଥିବା ଓ ୫ ତାରିଖରେ ତାଙ୍କ ଅଧ୍ୟକ୍ଷତାରେ କମିଟିର ବୈଠକ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ୮ରୁ ୨୭ତାରିଖ ପର୍ଯ୍ୟନ୍ତ ଅର୍ଥାତ ୨୦ ଦିନ ଧରି ରତ୍ନଭଣ୍ଡାର ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ଫ୍ରାନ୍ସ ନିର୍ବାଚନ ଓ ମାକ୍ରଁ

ଆହୁରି ୨୦ ବର୍ଷ ଶାସନ କରିବୁ: ମୋଦି

ବିଜେଡି ବାହାରିଲା, ୱାଇଏସ୍‌ଆର୍‌ସିପି ରହିଲା

ନୂଆଦିଲ୍ଲୀ,୩।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ ୧୦ ବର୍ଷ ଶାସନ କରିସାରିଥିବାବେଳେ ଆହୁରି ୨୦ ବର୍ଷ ସରକାର ଚଳାଇବା ନେଇ ବୁଧବାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ରାଜ୍ୟ ସଭାରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ବିବୃତି ରଖି ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ ଟାର୍ଗେଟ କରିଛନ୍ତି।

ଲୋକ ସଭାରେ କଂଗ୍ରେସ ସମେତ ବିରୋଧୀ ଇଣ୍ଡିଆ ମେଣ୍ଟକୁ ସମାଲୋଚନା କରିବାର ଦିନକ ପରେ ରାଜ୍ୟ ସଭାରେ କହିଛନ୍ତି, ସେ କଂଗ୍ରେସର କେତେଜଣ ସହଯୋଗୀଙ୍କୁ କୃତଜ୍ଞତା ଜଣାଉଛନ୍ତି। ଜଣେ ସହଯୋଗୀଙ୍କୁ ତାଙ୍କ ଦଳ କଂଗ୍ରେସ ସମର୍ଥନ କଲାନାହିଁ। ଏହାସତ୍ତ୍ୱେ ସେ ନିଜ ଦଳର ପତାକା ଧରିଥିଲେ। ସହଯୋଗୀ ଜଣକ ବାରମ୍ବାର କହୁଥିଲେ, ୧/୩ ସରକାର। ଏହାଠୁ ବଡ଼ ସତ୍ୟ କ'ଣ ହୋଇପାରେ? ଆମେ ୧୦ ବର୍ଷ ଶାସନ କରିସାରିଲୁଣି। ଆହୁରି ୨୦ ବର୍ଷ ବାକି ଅଛି। ଏକତୃତୀୟାଂଶ ଶାସନ ଶେଷ ହୋଇଥିବାବେଳେ ଆହୁରି ଦୁଇ-ତୃତୀୟାଂଶ ଶାସନ ଅବଧି ପୂରଣ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ରାଜ୍ୟ ସଭାରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗରେ ମତବ୍ୟକ୍ତ କରିଥିଲେ। ଏହି ସମୟରେ ରାଜ୍ୟ ସଭାରେ ବିରୋଧୀ ନେତା ମଲ୍ଲିକାର୍ଜୁନ ଖାର୍ଗେ ହସ୍ତକ୍ଷେପ କରିବାକୁ ବାରମ୍ବାର ଚାହିଁଥିଲେ ମଧ୍ୟ ତାଙ୍କୁ ସୁଯୋଗ ଦିଆଯାଇ ନ ଥିଲା। ଏହାର ପ୍ରତିବାଦରେ ବିରୋଧୀ ଦଳ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବା ସହ କକ୍ଷତ୍ୟାଗ କରିଥିଲେ। ରାଜ୍ୟ ସଭାର ୨୬୪ତମ ଅଧିବେଶନରେ ମୋଦି ୩.୦କୁ ବିଜୁ ଜନତା ଦଳ (ବିଜେଡି) ଅନ୍ୟ ବିରୋଧୀଙ୍କ ସହ ମିଶି ବିକ୍ଷୋଭରେ ସାମିଲ ହୋଇଥିବାବେଳେ ଶାସକ ପକ୍ଷକୁ ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍‌ସିପିର ସମର୍ଥନ ମିଳିଛି। ବିଜେଡି ଏବଂ ୱାଇଏସ୍‌ଆର୍‌ସିସି ପୂର୍ବରୁ କେନ୍ଦ୍ରର ଭାଜପା ସରକାର ବିଭିନ୍ନ ପ୍ରସଙ୍ଗରେ ସମର୍ଥନ ଦେଇଆସିଥିଲେ। ଏପରିକି ନିକଟରେ ସମାପ୍ତ ହୋଇଥିବା ଲୋକ ସଭା ନିର୍ବାଚନରେ ଏହି ଦୁଇ ଦଳ ବିରୋଧୀ ଇଣ୍ଡିଆ ମେଣ୍ଟରେ ସାମିଲ ନ ହୋଇ ଏକାକି ଲଢ଼ିଥିଲେ। ଜୁନ୍ ୪ରେ ଉଭୟ ରାଜ୍ୟର ବିଧାନସଭା ନିର୍ବାଚନ ଫଳ ଘୋଷଣା ପରେ ବିଜେଡି ଏବଂ ୱାଇଏସ୍‌ଆର୍‌ସିପି କ୍ଷମତାଚ୍ୟୁତ ହୋଇଛନ୍ତି। ଏହାପରେ ବିଜେଡି କେନ୍ଦ୍ରରେ ଭାଜପା ସରକାର ☞ପୃଷ୍ଠା-୪

ବିଦାୟ ନେଲା 'କୁ'

ନୂଆଦିଲ୍ଲୀ,୩।୭

ଏକଦା ଟୁଇଟର (ଏକ୍ସ)କୁ ଟକ୍କର ଦେଇ ନିଜକୁ ଏହାର ବିକଳ୍ପ ଦର୍ଶାଇଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'କୁ' ବିଦାୟ ନେଇଛି। ଏହାର 'କୁନି ହଳଦିଆ ପକ୍ଷୀ' ସାମାଜିକ ଗଣମାଧ୍ୟମକୁ ଗୁଡ୍‌ବାଏ କହିଛି। 'କୁ' ସହପ୍ରତିଷ୍ଠାତା ଅପ୍ରମେୟ ରାଧାକ୍ରିଷ୍ଣନ୍ ଓ ମୟଙ୍କ ବିଦାୟକ୍ତ ବୁଧବାର ଲିଙ୍କେଡ୍‌ଇନ୍‌ରେ ଏନେଇ ଘୋଷଣା କରିଛନ୍ତି। ଅନେକ ବୃହତ୍ ଇଣ୍ଟରନେଟ୍ କମ୍ପାନୀ, ଶିଳ୍ପ ଗୋଷ୍ଠୀ ଓ ଗଣମାଧ୍ୟମ ସଂସ୍ଥା ସହିତ ସହଭାଗିତା ପାଇଁ ହୋଇଥିବା ଆଲୋଚନା ଫଳପ୍ରଦ ନ ହେବାରୁ କୁ ଲୋକଙ୍କୁ ଆଉ ସେବା ପ୍ରଦାନ କରିପାରିବ ନାହିଁ ବୋଲି ଉଭୟ କୋ-ଫାଇଣ୍ଡର ଏଥିରେ ଉଲ୍ଲେଖ କରିଛନ୍ତି। ସୋସିଆଲ ମିଡିଆ ଆପ୍ ଚାଲୁ ରଖିବା ପାଇଁ ଆବଶ୍ୟକ ବୈଷୟିକ ସେବା ବ୍ୟୟବହୁଳ ହୋଇଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା ଉଭୟେ ଦର୍ଶାଇଛନ୍ତି। ଗୋଟିଏ ସମୟରେ କୁ'ର ୨.୧ ନିୟୁତ ଦୈନିକ ସକ୍ରିୟ ସଦସ୍ୟ ରହିଥିଲେ। ଏହାର ମାସିକ ସକ୍ରିୟ ୟୁଜର୍ସଙ୍କ ସଂଖ୍ୟା ୧୦ ନିୟୁତରୁ ଊର୍ଦ୍ଧ୍ୱ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଭିନ୍ନ କ୍ଷେତ୍ରର ୯,୦୦୦ରୁ ଊର୍ଦ୍ଧ୍ୱ ଭିଆଇପି ମଧ୍ୟ ଏହାକୁ ଆପଣାଇଥିଲେ। ୨୦୨୨ରେ ଭାରତୀୟ ବଜାରରେ ଟୁଇଟରକୁ ପଛରେ ପକାଇ ଉଡ଼ିବା ପାଇଁ 'କୁ' ଉଦ୍ୟମ କରିଥିଲା। ତେବେ ପାଣ୍ଠି ଅଭାବ ଯୋଗୁ ସବୁ ଯୋଜନା ଫସର ଫାଟିଥିଲା। ଶେଷରେ ଏହି ସ୍ୱଦେଶୀ ପ୍ଲାଟ୍‌ଫର୍ମକୁ ବନ୍ଦ କରିବାକୁ ବାଧ୍ୟ ହେଉଛୁ ବୋଲି ଉକ୍ତ ପୋଷ୍ଟରେ ରାଧାକ୍ରିଷ୍ଣନ୍ କହିଛନ୍ତି। ଆଲୋଚନା ହେଉଛି ଯେ, ୨୦୨୧-୨୨ରେ ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ସରକାର ବିରୋଧରେ ଟୁଇଟରରେ ମତ ପ୍ରକାଶ ପାଇବାରେ ଲାଗିଥିଲା। ସେତେବେଳେ ଏହାର ମୁକାବିଲା ପାଇଁ 'କୁ' ଆଗେଇ ଆସିଥିଲା। ଏଥିଯୋଗୁ ଭାରତ ସରକାର 'କୁ'କୁ ସହଯୋଗ ଏବଂ ପ୍ରୋତ୍ସାହନ ଦେଇଥିଲେ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି।

ଗଲେ ନାହିଁ, କହୁଛନ୍ତି ହିଂସା କମୁଛି

ନୂଆଦିଲ୍ଲୀ,୩।୭

ଜାତିଆଣ ହିଂସା ପ୍ରଭାବିତ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥରୁଟିଏ ବି ଗଲେ ନାହିଁ। ଓଲଟା ମଣିପୁରରେ ହିଂସା କମୁଥିବା କଥା କହୁଛନ୍ତି ବୋଲି ବୁଧବାର ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ରାଜ୍ୟ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ବେଳେ ପ୍ରଧାନମନ୍ତ୍ରୀ କହିଥିଲେ, ମଣିପୁରର ଅଧିକାଂଶ ଭାଗରେ ହିଂସା କମିଗଲାଣି। ଉପତ୍ୟକାରେ ସମ୍ପୂର୍ଣ୍ଣ ଭାବେ ଶାନ୍ତି ଫେରାଇ ଆଣିବା ପାଇଁ ସବୁ ପ୍ରକାର ଉଦ୍ୟମ ଚାଲିଛି। ସେହିପରି ମଣିପୁର ବନ୍ୟାର ମୁକାବିଲା ପାଇଁ କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍‌ଗୁଡ଼ିକୁ ପଠାଇଛି ବୋଲି ଗୃହକୁ ଅବଗତ କରାଇଥିଲେ। ଏହା ଉପରେ କଂଗ୍ରେସ ସଦସ୍ୟ ଜୟରାମ ରମେଶ କହିଥିଲେ, ଅନେକ ମାସର ହିଂସା ପରେ ରାଜ୍ୟ ସଭାରେ ମଣିପୁର ଉପରେ ପ୍ରଧାନମନ୍ତ୍ରୀ ମୁହଁ ଖୋଲିଛନ୍ତି। କିନ୍ତୁ ମଣିପୁର ସ୍ଥିତିକୁ ନେଇ ତାଙ୍କ ମିଛ ସମସ୍ତଙ୍କୁ ବିସ୍ମିତ କରିଛି। ପ୍ରକାଶ ଯେ, ଗତବର୍ଷ ମେ'ରେ ☞ପୃଷ୍ଠା-୪

୫ ମହାନଗର ପାଇଁ ଆସିବ ୪୦୦ ଇ-ବସ୍

ଭୁବନେଶ୍ୱର,୩।୭ (ଅନିଲ ଦାସ)

ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପାଇଁ ୪୦୦ ଇ-ବସ୍ ଅଣାଯିବ। ଭୁବନେଶ୍ୱର, କଟକ ଓ ରାଉରକେଲା ସହର ପାଇଁ ୧୦୦ ଲେଖାଏ ଏବଂ ସମ୍ବଲପୁର ଓ ବ୍ରହ୍ମପୁର ସହର ପାଇଁ ୫୦ଟି ଇ-ବସ୍ ଯୋଗାଇ ଦିଆଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ଗତ ୬ ବର୍ଷ ମଧ୍ୟରେ କ୍ରୁଟ୍ ମୋ ବସ୍ ସେବା ଯୋଗାଇବାରେ ଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛି। ଚଳାଚଳ କରୁଥିବା ସମୁଦାୟ ବସ୍ ମଧ୍ୟରୁ ୬୩ଟି ଇ-ବସ୍ ଚାଲୁଛି।

ମନ୍ତ୍ରୀ ବୁଧବାର ପୂର୍ବାହ୍ନରେ ମାଷ୍ଟରକ୍ୟାଣ୍ଟିନରୁ ମୋ ବସ୍‌ରେ ଯାତ୍ରା କରି ଗାଡ଼କଣ ଡିପୋରେ ପହଞ୍ଚିଥିଲେ। ସେଠାରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ତାଙ୍କୁ ସ୍ୱାଗତ କରିଥିଲେ। ଗାଡ଼କଣ ଇ-ବସ୍ ଡିପୋ ପରିଦର୍ଶନ କରି ବିଭିନ୍ନ ସ୍ଥିତି ବିଷୟରେ ପଚାରି ବୁଝିବା ସହିତ କ୍ରୁଟ୍ ପରିଚାଳନା ଟିମ୍ ସହିତ ଏକ ସମୀକ୍ଷା ବୈଠକ କରିଥିଲେ। ବସ୍ ଚଳାଚଳ ସମ୍ପର୍କିତ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଧିକ ଯାତ୍ରୀ ଯାଉଥିବା ରୁଟ୍‌ଗୁଡ଼ିକରେ ବସ୍ ସଂଖ୍ୟା ବଢ଼ାଇବା ନେଇ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ଇ-ବସ୍ ଚଳାଚଳ କରିବା ଉପରେ ସରକାର ବିଚାର କରୁଛନ୍ତି।

ମୋ ବସ୍‌ରେ ଯାତ୍ରା ସମୟରେ ସାଧାରଣ ଯାତ୍ରୀଙ୍କ ଭଳି ମନ୍ତ୍ରୀ ଟିକେଟ୍ କାଟିଥିଲେ। ବସ୍‌ରେ ଥିବା ଯାତ୍ରୀଙ୍କଠାରୁ ମୋ ବସ୍ ବିଷୟରେ ପଚାରି ବୁଝିଥିଲେ। ☞ପୃଷ୍ଠା-୪

ମୋ ବସ୍ ହୋଇପାରେ ଆମ ବସ୍

ମୋ ବସ୍‌ରେ ଯାତ୍ରା କରୁଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

ସଂକ୍ଷେପରେ

ପାରୋଲ ମିଳିଲା, ଶପଥ ନେବେ ଅମ୍ରିତପାଲ

ଚଣ୍ଡିଗଢ଼, ୩।୭

ପଞ୍ଜାବର ଖଡୁର ସାହିବ ଆସନରୁ ନବ ନିର୍ବାଚିତ ଏମ୍‌ପି ତଥା କଠୋରପନ୍ଥୀ ଶିଖ୍ ପ୍ରଚାରକ ଅମ୍ରିତପାଲ ସିଂଙ୍କୁ ୪ ଦିନିଆ ପାରୋଲର ଅନୁମତି ମିଳିଛି। ଲୋକ ସଭାରେ ଏମ୍‌ପି ଭାବେ ଶପଥ ନେବା ପାଇଁ ଅମ୍ରିତପାଲଙ୍କୁ ଏହି ପାରୋଲ ମିଳିଛି। ସେ ଶୁକ୍ରବାର ଲୋକ ସଭା ଏମ୍‌ପି ଭାବେ ଶପଥଗ୍ରହଣ କରିବାର ସମ୍ଭାବନା ରହିଛି। 'ୱାରିସ୍ ପଞ୍ଜାବ ଦେ' ସଂଗଠନର ମୁଖ୍ୟ ଅମ୍ରିତମାଲ ଓ ତାଙ୍କର ୯ ଜଣ ସହଯୋଗୀ 'ନ୍ୟାଶନାଲ ସିକ୍ୟୁରିଟି ଆକ୍ଟ' ଅନୁଯାୟୀ ଆସାମର ଦିବ୍ରୁଗଡ଼ ଜେଲ୍‌ରେ ସଜା କାଟୁଛନ୍ତି। ସୂଚନାଯୋଗ୍ୟ, ୨୦୨୪ ଲୋକ ସଭା ନିର୍ବାଚନରେ ଖଡୁର ସାହିବ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଅମ୍ରିତପାଲ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର କୁଲବିର ସିଂ ଜିରାଙ୍କୁ ୧ ଲକ୍ଷ ୯୭ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ।

କେଜ୍‌ରିୱାଲଙ୍କ ହାଜତ ମିଆଦ ଜୁଲାଇ ୧୨କୁ ବଢ଼ିଲା

ନୂଆଦିଲ୍ଲୀ, ୩।୭

ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ହାଜତ ମିଆଦକୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ବୃଦ୍ଧି କରିଛନ୍ତି। ବୁଧବାର ଜଷ୍ଟିସ୍ କାବେରୀ ବାବେଜାଙ୍କ ଖଣ୍ଡପୀଠଙ୍କ ସମ୍ମୁଖରେ କେଜ୍‌ରିୱାଲ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର ହୋଇଥିଲେ। ତେବେ କେଜ୍‌ରିୱାଲଙ୍କ ମେଡିକାଲ ଚେକ୍‌ଅପ୍ ସମୟରେ ଜଣେ ଆଟେଣ୍ଡାଣ୍ଟ ଭାବେ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ଉପସ୍ଥିତ ରହିବା ପାଇଁ ହୋଇଥିବା ଆବେଦନ ସମ୍ପର୍କିତ ରାୟକୁ ଦିଲ୍ଲୀର ଏହି ସ୍ୱତନ୍ତ୍ର କୋର୍ଟ ସଂରକ୍ଷିତ ରଖିଛନ୍ତି। ତେବେ ଗିରଫଦାରି ବିରୋଧରେ ଖୁବ୍‌ଶୀଘ୍ର କେଜ୍‌ରିୱାଲ ନିୟମିତ ଜାମିନ ପାଇଁ ଆବେଦନ ଦାଖଲ କରିବେ ବୋଲି ମଙ୍ଗଳବାର ତାଙ୍କ ଓକିଲ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କୁ ଜଣାଇଥିଲେ।

୨.୫ ଲକ୍ଷ ଲୋକ, ଗୋଟିଏ ବାଟ

ହାଥରସ୍ ଦଳାଚକଟା ମୃତ୍ୟୁ ୧୨୧

ହାଥରସ୍/ନୂଆଦିଲ୍ଲୀ,୩।୭

ଉତ୍ତର ପ୍ରଦେଶର ହାଥରସ୍‌ରେ ମଙ୍ଗଳବାର ଅପରାହ୍ନ ୩ଟାରେ ସ୍ଥାନୀୟ ଆଧ୍ୟାତ୍ମିକ ଗୁରୁ ଭୋଲେ ବାବାଙ୍କ ସତ୍‌ସଙ୍ଗ ବେଳେ ଘଟିଥିବା ଦଳାଚକଟା ମୃତ୍ୟୁସଂଖ୍ୟା ୧୨୧ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ୧୧୬ ମହିଳା ଓ ୭ ଶିଶୁ ଥିବା ଜଣାପଡ଼ିଛି। ୨.୫ ଲକ୍ଷ ଲୋକଙ୍କ ସମାଗମ ହୋଇଥିବାବେଳେ ସେମାନଙ୍କ ଯିବାଆସିବା ପାଇଁ ଗୋଟିଏ ମାତ୍ର ପ୍ରବେଶ ପଥ ରହିଥିଲା। ଏହି କାରଣରୁ ଲୋକେ ଅଣନିଃଶ୍ୱାସୀ ହୋଇ ସେଠାରୁ ବାହାରିପାରି ନ ଥିଲେ। ଫଳରେ ଏତେ ଲୋକଙ୍କ ମୃତ୍ୟୁ ଘଟିଲା ବୋଲି ପ୍ରଶାସନ ପକ୍ଷରୁ ଦାଏର ଏତଲାରେ ଉଲ୍ଲେଖ କରାଯାଇଛି।

ହାଥରସ୍ ଫୁଲରିଆ ଗ୍ରାମରେ ଦଳାଚକଟା ଘଟଣାରେ ୟୁପି ପୋଲିସ ବୁଧବାର ସତ୍‌ସଙ୍ଗ ଆୟୋଜକ ସୁରଜପାଲ ସିଂ (ଆତ୍ମଘୋଷିତ ବାବା ନାରାୟଣ ସାକାର ହିରି)ଙ୍କ ବିରୋଧରେ ଏଫ୍‌ଆଇଆର୍ କରିଛି। କିନ୍ତୁ ପୋଲିସ ଏଯାଏ ତାଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଭୋଲେବାବାଙ୍କୁ ଗିରଫ କରାଯିବ କି ନାହିଁ ବୋଲି ପ୍ରଶ୍ନ ଉଠିଥିବାବେଳେ ୟୁପି ପୋଲିସ ମହାନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଏହାର ଉତ୍ତର ଦେବାକୁ ଏଡ଼ାଇଯାଇଛନ୍ତି। ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହାଥ୍‌ରସ ଗସ୍ତ କରି ହସ୍ପିଟାଲରେ ଆହତଙ୍କୁ ଭେଟିଛନ୍ତି। ଏଥିସହ ସର୍କିଟ ହାଉସ୍‌ରେ ଏକ ଉଚ୍ଚସ୍ତରୀୟ ବୈଠକ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଡିଜି ଆଗ୍ରା ଏବଂ ଆଲିଗଡ଼ ଡିଭିଜନାଲ କମିଶନରଙ୍କୁ ନେଇ ଘଟଣାର ତଦନ୍ତ ପାଇଁ କମିଟି ଗଠନ କରାଯାଇଛି।

ହାଥରସ୍ ଦଳଚକଟାରେ ଜଣେ ମୃତକଙ୍କ ସହ ଶୋକସନ୍ତପ୍ତ ପରିବାରବର୍ଗ।

ଇତିମଧ୍ୟରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ନିର୍ଦ୍ଦୋ ପାଇଁ ୫ ସଦସ୍ୟ ବିଶିଷ୍ଟ ବିଶେଷଜ୍ଞ କମିଟି ଗଠନ ଲାଗି ସର୍ବୋଚ୍ଚ ଅଦାଲତରେ ଏକ ପିଟିଶନ ଦାଖଲ କରାଯାଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଏହାର ତଦନ୍ତ କରାଯିବା ପାଇଁ ଆଲ୍ଲାହାବାଦ ହାଇକୋର୍ଟରେ ମଧ୍ୟ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି।

୮ କ୍ୟାବିନେଟ୍ କମିଟି ଗଢ଼ିଲେ ସରକାର

ନୂଆଦିଲ୍ଲୀ,୩।୭

କେନ୍ଦ୍ରର ମୋଦି ସରକାର ବୁଧବାର ସୁରକ୍ଷା, ଅର୍ଥନୀତି ଓ ରାଜନୈତିକ ବ୍ୟାପାର ସମ୍ପର୍କିତ କମିଟି ଗଠନ କରିଛନ୍ତି। ଏକ ସରକାରୀ ବିଜ୍ଞପ୍ତି ଅନୁସାରେ ଦେଶର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ୮ କମିଟି ଗଠନ କରାଯାଇଛି। ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ରହିଛନ୍ତି। ସେହିପରି ଅର୍ଥନୈତିକ ବ୍ୟାପାର କମିଟିରେ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ଅର୍ଥମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ, କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, ଭାରିଶିଳ୍ପ ଓ ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ସାମିଲ ଅଛନ୍ତି। ଏହି କମିଟିରେ ଥିବା ଅନ୍ୟମାନେ ହେଲେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ଓ ମତ୍ସ୍ୟ ସମ୍ପଦ ମନ୍ତ୍ରୀ ରାଜୀବ ରଞ୍ଜନ (ଲଲନ) ସିଂ। ସଂସଦୀୟ ବ୍ୟାପାର କମିଟିରେ ପ୍ରତିରକ୍ଷା ମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ଅର୍ଥମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ , ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ସାମାଜିକ ନ୍ୟାୟ ମନ୍ତ୍ରୀ ବୀରେନ୍ଦ୍ର କୁମାର, ଆଦିବାସୀ ବ୍ୟାପାରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଅଛନ୍ତି।

କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଓ ରାଜ୍ୟ ସଭା ନେତା ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର କକ୍ଷତ୍ୟାଗ କରି ଗୃହରୁ ବାହାରୁଛନ୍ତି।

ଶୋକବ୍ୟକ୍ତ କଲେ ପୁଟିନ୍, କିଶିଦା

ନୂଆଦିଲ୍ଲୀ, ୩।୭

ହାଥରସ୍ ଦଳାଚକଟାରେ ୧୨୧ ଜଣଙ୍କ ମୃତ୍ୟୁ ଘଟିବାକୁ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ବୁଧବାର ଶୋକବ୍ୟକ୍ତ କରିଛନ୍ତି। ପୁଟିନ୍‌ଙ୍କ ଶୋକବାର୍ତ୍ତାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ୍ସ' ଯୋଗେ ରୁଷୀୟ ଦୂତାବାସ ପହଞ୍ଚାଇଛି। ଜାପାନ ପ୍ରଧାନମନ୍ତ୍ରୀ କିଶିଦା କହିଛନ୍ତି, ୟୁପିର ହାଥରସ୍‌ରେ ଏତେ ଲୋକଙ୍କ ମୃତ୍ୟୁ ଘଟିବା ତାଙ୍କୁ ବ୍ୟଥିତ କରିଛି। ଜାପାନ ସରକାରଙ୍କ ପକ୍ଷରୁ ସେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ବିଦେଶ ଯାତ୍ରା ଯୋଗୁ ଖରାପ ପ୍ରଦର୍ଶନ: ବାଇଡେନ୍

ୱାଶିଂଟନ, ୩।୭



ଜୋ ବାଇଡେନ୍

ଚଳିତ ବର୍ଷ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଗତ ଜୁନ୍ ୨୯ରେ ପ୍ରଥମ ପ୍ରେସିଡେନ୍ସିଆଲ ଡିବେଟ ଅନୁଷ୍ଠିତ ହୋଇଥିଲା। ଏହି ଡିବେଟ୍‌ରେ ଖରାପ ପ୍ରଦର୍ଶନ ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଜର ବିଦେଶ ଯାତ୍ରାକୁ ଦାୟୀ କରିଛନ୍ତି। ୱାଶିଂଟନ ଡିସିର ଭର୍ଜିନିଆ ଉପନଗରରେ ଡେମୋକ୍ରାଟିକ ପାର୍ଟି ପାଇଁ ଏକ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗଦେଇ ବାଇଡେନ ଏହା କହିଛନ୍ତି। ଡିବେଟର କିଛି ଦିନ ପୂର୍ବରୁ ସେ ବିଶ୍ୱବ୍ୟାପୀ ଅନେକ ଦେଶ ଭ୍ରମଣ କରିଥିଲେ। ତେଣୁ ଡିବେଟ୍ ସମୟରେ ହାଲିଆ ଓ ଥକ୍କାପଣ ଯୋଗୁ ସେ ଭଲ ପ୍ରଦର୍ଶନ କରି ନ ଥିଲେ। ରିପବ୍ଲିକାନ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ଏହି ଡିବେଟ୍‌ରେ ତାଙ୍କ ପ୍ରଦର୍ଶନ ଅପେକ୍ଷାକୃତ ଖରାପ ଥିବା କହି ବାଇଡେନ୍ ଦୁଃଖ ପ୍ରକାଶ କରିଛନ୍ତି। ଏହି ଫଣ୍ଡରାଇଜର କାର୍ଯ୍ୟକ୍ରମରେ ବାଇଡେନ୍ ମାତ୍ର ୬ ମିନିଟ୍‌ର ଭାଷଣ ରଖିଥିଲେ।

ତ୍ୱରିତ ନ୍ୟାୟ ପାଇଁ ଜାମିନ ଅବଧିକୁ ସୀମିତ କରିବା 'ଭୁଲ୍'

ନୂଆଦିଲ୍ଲୀ, ୩।୭(ପି.ଟି.)

ସମ୍ବିଧାନରେ ନାଗରିକମାନଙ୍କ ବଞ୍ଚିବାର ଅଧିକାର (ରାଇଟ ଟୁ ଲାଇଫ୍ ଆଣ୍ଡ ପର୍ସନାଲ ଲିବର୍ଟି) କୁ ସୁରକ୍ଷିତ କରାଯିବା ସହ ମାମଲାର ତ୍ୱରିତ ବିଚାର ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ କୌଣସି ଜାମିନ ଅବଧିକୁ ସୀମିତ ବା ସଙ୍କୁଚିତ କରିବା ଠିକ୍ ନୁହେଁ। ଏହା ଭୁଲ୍ ବା ଇନ୍‌କରେକ୍ଟ ବୋଲି ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି କରି କହିଛନ୍ତି। ନିଶା ଦ୍ରବ୍ୟ କାରବାର ମାମଲାରେ ଛନ୍ଦି ହୋଇଥିବା ଜଣେ ଅଭିଯୁକ୍ତଙ୍କୁ ଓଡ଼ିଶା ହାଇକୋର୍ଟ ୨ମାସ ଜାମିନ ପ୍ରଦାନ କରିବା ପ୍ରସଙ୍ଗରେ ସର୍ବୋଚ୍ଚ

ଓଡ଼ିଶା ହାଇକୋର୍ଟଙ୍କ ୨ମାସ ଜାମିନ ପ୍ରଦାନ ପ୍ରସଙ୍ଗ

ଅଦାଲତ ଏଭଳି ମନ୍ତବ୍ୟ ଦେଇଛନ୍ତି।

ସୁପ୍ରିମକୋର୍ଟ ବିଚାରପତି ଜେ.ବି. ପର୍ଦିୱାଲା ଏବଂ ଉଜ୍ଜଲ୍ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ, ଆବେଦନକାରୀ ୨୦୨୨ ମେ' ୧୧ରୁ ଜେଲରେ ଅଛନ୍ତି। ଏହି ମାମଲାରେ ଇତିମଧ୍ୟରେ ଜଣେମାତ୍ର ସାକ୍ଷୀଙ୍କୁ ପୋଲିସ ଜେରା କରିଛି। ତେଣୁ ସେ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ଉକ୍ତ ଯୁକ୍ତିକୁ ଭିତ୍ତି କରି ଗତ ମେ' ୬ତାରିଖରେ ଆବେଦନକାରୀଙ୍କୁ ମାତ୍ର ୨ମାସ ଜାମିନ ପ୍ରଦାନ କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଆମ ମତରେ ହାଇକୋର୍ଟଙ୍କ ଏଭଳି ଆଦେଶ ଠିକ୍ ନୁହେଁ। ହାଇକୋର୍ଟ ଯଦି ମାମଲାର ତ୍ୱରିତ ସାମାଧାନ ପାଇଁ ଆବେଦନକାରୀଙ୍କ ଅଧିକାର ରହିଛି ବୋଲି ଭାବୁଛନ୍ତି, ତେବେ ଆବେଦନକାରୀଙ୍କ ଜାମିନ ଅବଧିକୁ ୨ମାସ ମଧ୍ୟରେ ସୀମିତ କରିବା ଠିକ୍ ନୁହେଁ। ଏଥିସହିତ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ଜାମିନରେ ରହିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ବିହାରରେ ଭୁଶୁଡ଼ୁଛି ବ୍ରିଜ୍

ସିୱାନ, ୩।୭

ବିହାରର ସିୱାନ ଜିଲାରେ ଗଣ୍ଡକୀ ନଦୀ ଦେଇ ଯାଇଥିବା ଏକ ବ୍ରିଜ୍‌ର ଗୋଟିଏ ପାର୍ଶ୍ୱ ବୁଧବାର ସକାଳେ ଭୁଶୁଡ଼ି ପଡ଼ିଛି। ଏହାସହ ରାଜ୍ୟରେ ଗତ ୧୫ ଦିନ ମଧ୍ୟରେ ସପ୍ତମ ଥର ପାଇଁ କୌଣସି ବ୍ରିଜ୍ ଭୁଶୁଡ଼ିବା ଘଟଣା ସାମ୍ନାକୁ ଆସିଛି। ଏହି ବ୍ରିଜ ଯୋଗେ ମହାରାଜଗଞ୍ଜ ସହର ସହ ଦେବରିଆ ବ୍ଲକର ଅନେକ ଗ୍ରାମ ସଂଯୋଗ କରୁଥିଲା। ତେବେ ଏହି ବ୍ରିଜ୍ ଭୁଶୁଡ଼ିବା ଘଟଣାକୁ ନେଇ ତଦନ୍ତ ଚାଲିଥିବାବେଳେ ଏଥିରେ କେହି ମୃତାହାତ ହୋଇ ନ ଥିବା ବିହାର

ବିହାରର ସିୱାନ ଜିଲାରେ ଗଣ୍ଡକୀ ନଦୀ ଦେଇ ଯାଇଥିବା ଏକ ବ୍ରିଜ୍ ବୁଧବାର ଭୁଶୁଡ଼ି ପଡ଼ିଛି।

ସରକାରଙ୍କ ଉପ ଉନ୍ନୟନ କମିଶନର ମୁକେଶ କୁମାର କହିଛନ୍ତି। ତେବେ ଏହି ବ୍ରିଜ୍ ଭୁଶୁଡ଼ିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ

୧୫ ଦିନରେ ୭

ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗତ କିଛିଦିନ ଧରି ସିୱାନ ଜିଲାରେ ପ୍ରବଳ ବର୍ଷା ହୋଇଥିବା ଯୋଗୁ ଏହି ବ୍ରିଜ୍ ଭୁଶୁଡ଼ିଥାଇପାରେ ବୋଲି ସେମାନେ ଅନୁମାନ କରିଛନ୍ତି। ୧୧ ଦିନ ତଳେ ମଧ୍ୟ ସିୱାନ ଜିଲାର ଦାରୋଦା ଆଉ ଏକ ବ୍ରିଜ୍ ଭୁଶୁଡ଼ିଥିଲା। ସେହିପରି ଗତ ୧୫ ଦିନ ମଧ୍ୟରେ ବିହାରର ମଧୁବନୀ, ଅରରିଆ, ପୂର୍ବ ଚମ୍ପାରଣ, କିଶନଗଞ୍ଜ ଆଦି ଜିଲାରେ ବ୍ରିଜ୍ ଭୁଶୁଡ଼ିବା ଘଟଣା ସାମ୍ନାକୁ ଆସିଥିଲା।

ଫୁଚର୍‌ସତ୍

୫୫ ମିଟର ସାଇକେଲ

ଆମଷ୍ଟରଡାମ

୫୫.୧୬ ମିଟର (୧୮୦ ଫୁଟ ୧୧ ଇଞ୍ଚ) ଲମ୍ବର ବିଶ୍ୱର ସବୁଠାରୁ ଦୀର୍ଘତମ ସାଇକେଲକୁ ୮ ଜଣ ଡଚ୍ ଇଞ୍ଜିନିୟର ନିର୍ମାଣ କରିଛନ୍ତି। ସୋମବାର ଏହି ସାଇକେଲଟି ବିଶ୍ୱର ସବୁଠାରୁ ଲମ୍ବା ସାଇକେଲ ଭାବରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍‌ରେ ସ୍ଥାନ ପାଇଛି। ପୂର୍ବରୁ ୨୦୨୦ରେ ଅଷ୍ଟ୍ରେଲିଆର ବର୍ନି ରୟାନଙ୍କ ଦ୍ୱାରା ୪୭.୫ ମିଟର(୧୫୫ ଫୁଟ୍ ୮ ଇଞ୍ଚ) ଲମ୍ବର ଏକ ସାଇକେଲ ବିଶ୍ୱର ସବୁଠାରୁ ଲମ୍ବା ସାଇକେଲ ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିଲା। ଗିନିଜ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ଏହି ସାଇକେଲକୁ ନିର୍ମାଣ କରିବାକୁ ୮ ଜଣ ଡଚ୍ ଇଞ୍ଜିନିୟରଙ୍କ ନେତୃତ୍ୱ ନେଉଥିଲେ ଇଭାନ୍ ଶକ୍ସ(୩୯)। ଏକ ଲମ୍ବା ସାଇକେଲ ନିର୍ମାଣ କରି ରେକର୍ଡ ସୃଷ୍ଟି କରିବାକୁ ସେ ବର୍ଷ ବର୍ଷ ଧରି ଚିନ୍ତା କରୁଥିବା ଏହି ଅବସରରେ ଇଭାନ୍ କହିଛନ୍ତି। ପୂର୍ବରୁ ସେ ଥରେ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍‌ରେ ସ୍ଥାନ ପାଇଥିଲେ, ଯେଉଁଥିରେ ବିଶ୍ୱର ସବୁଠାରୁ ଦୀର୍ଘତମ ସାଇକେଲ ନେଇ ରହିଥିବା ରେକର୍ଡ ବିଷୟରେ ସେ ଜାଣିବାକୁ ପାଇଥିଲେ।

ଇଭାନ୍ ନିଜ ଅବସର ସମୟକୁ ବ୍ୟବହାର କରିବା ପାଇଁ ୨୦୧୮ରେ ଏହି ସାଇକେଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିପାଇଁ ସେ ତାଙ୍କ ଗ୍ରାମ ପ୍ରିନ୍ସେନ୍‌ବିକ୍‌ରେ ରହୁଥିବା କେତେଜଣ ପୂର୍ବ ସହଯୋଗୀଙ୍କ ସହ ଯୋଗାଯୋଗ କରିଥିଲେ। ଏହି ସାଇକେଲ ନିର୍ମାଣ ବେଳେ ୮ ଜଣିଆ ଇଞ୍ଜିନିୟର ଦଳଙ୍କୁ ୨ ଭାଗରେ ବିଭକ୍ତ କରାଯାଇଥିଲା। ତେବେ ସବୁଠାରୁ ଲମ୍ବା ହୋଇଥିବା ଏହି ସାଇକେଲଟିକୁ ବିନା କୌଣସି ବାଧାବିଘ୍ନରେ ଚଳାଯାଇପାରିବ ବୋଲି ଇଭାନ କହିଛନ୍ତି। ତେବେ ସହର ମଧ୍ୟରେ ଦୈନନ୍ଦିନ ବ୍ୟବହାର ପାଇଁ ଏହି ସାଇକେଲଟି ବିଶେଷ ଉପଯୋଗୀ ହୋଇପାରିବ ନାହିଁ ।

କର୍ମଚାରୀଙ୍କ ଦରମା ବଢ଼ାଇବାରୁ ଦୋକାନୀଙ୍କୁ ଜେଲ

ନେପିଡୋ

ମ୍ୟାନ୍‌ମାରରେ ଜଣେ ଦୋକାନୀ ତାଙ୍କ କର୍ମଚାରୀଙ୍କ ଦରମା ବୃଦ୍ଧି କରିଥିବାରୁ ତାଙ୍କୁ ଜେଲ ପଠାଯାଇଛି। ମୁଦ୍ରାସ୍ଫୀତି ବୃଦ୍ଧି ହେତୁ ମ୍ୟାନ୍‌ମାରର ସାମରିକ ସରକାରଙ୍କ ସୈନିକମାନେ 'ପ୍ୟାଏ ପ୍ୟୋ ଜୋ' ନାମକ ଜଣେ ଦୋକାନୀଙ୍କୁ ଜେଲ ପଠାଇଛନ୍ତି। ସେହିପରି ତାଙ୍କର ୩ଟି ମୋବାଇଲ ଓ ସ୍ମାର୍ଟଫୋନ ଦୋକାନକୁ ମଧ୍ୟ ବନ୍ଦ କରିଦିଆଯାଇଛି। କର୍ମଚାରୀଙ୍କ ବେତନ ବୃଦ୍ଧି କରିବା ଅପରାଧରେ କେବଳ ପ୍ୟାଏ ନୁହଁନ୍ତି, ନିକଟରେ୧୦ ଜଣ ଦୋକାନୀଙ୍କୁ ଗିରଫ କରାଯାଇଛି। ସରକାର ବିରୋଧୀ ଅସନ୍ତୋଷକୁ ଦମନ କରିବା ପାଇଁ ବ୍ୟବହୃତ ଆଇନ ଅନୁଯାୟୀ ଏହି ଗିରଫଦାରି ହୋଇଛି। ପ୍ୟାଏଙ୍କ ଦୋକାନ ସମ୍ମୁଖରେ ଏକ ନୋଟିସ ମାରି କୁହାଯାଇଛି, ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ନିୟମକୁ ଭଙ୍ଗ କରିବା ଯୋଗୁ ଏହି ଦୋକାନକୁ ବନ୍ଦ କରାଯାଇଛି।

ଅଜୟଙ୍କ ପିଲାଦିନ ରହସ୍ୟ ଖୋଲିଲେ ତବୁ



ମୁମ୍ବାଇ: ୯୦ ଦଶକରୁ ଅଭିନେତ୍ରୀ ତବୁ ଓ ଅଭିନେତା ଅଜୟ ଦେବଗନଙ୍କ ଯୋଡ଼ିକୁ ବଡ ପରଦାରେ ଜନସାଧାରଣଙ୍କ ଢ଼େରସାରା ଭଲ ପାଇବା ମିଳିଛି। ଆସନ୍ତା ୫ରେ ରିଲିଜ ହେବାକୁ ଯାଉଥିବା 'ଔରୋ ମେଁ କାହାଁ ଦମ୍ ଥା' ଫିଲ୍ମ ଏହି ଯୋଡିର ଦଶମ ଚଳଚ୍ଚିତ୍ର ହେବ। ଉଭୟ ଅଜୟ ଓ ତବୁ ଏବେ ଏହି ଫିଲ୍ମର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ଅବସରରେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ତବୁ କହିଛନ୍ତି, ଅଜୟଙ୍କ ସହ ତାଙ୍କର ସ୍ୱତନ୍ତ୍ର କେମେଷ୍ଟ୍ରି ରହିଛି। ଫିଲ୍ମରେ ଅଭିନୟ କରିବାର ବହୁ ପୂର୍ବରୁ ଯେତେବେଳେ ଅଜୟ ମାତ୍ର ୧୨ ବର୍ଷର ହୋଇଥିଲେ, ସେବେଠାରୁ ସେ ତାଙ୍କୁ ଜାଣିଥିଲେ ବୋଲି ତବୁ କହିଛନ୍ତି। ଉଭୟଙ୍କ ପରିବାର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା। ତେବେ ଅଜୟ ପିଲାଦିନେ କିପରି ଥିଲେ ବୋଲି ଏକ ପ୍ରଶ୍ନର ଉତ୍ତର ଦେଇ ତବୁ କହିଛ

୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ୩ ଗୁରୁତର

ନୂଆପଡ଼ା,୩।୭(ମକାବୁ ବେମାଲ)

ନୂଆପଡ଼ା ସଦର ବ୍ଲକ ବେଲଗୁଣ୍ଡୁରି ଥାନା ବିଶୋରା ପଞ୍ଚାୟତ ଶରଧାପୁର ବିଦ୍ୟୁତ୍ ସବ୍‌ଷ୍ଟେଶନ ନିକଟରେ ବୁଧବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଶରଧାପୁର ଗାଁର ତୁଳାରାମ ପାଣ୍ଡେ (୪୦) ଓ ବରଗଡ ଜିଲା ଝାରବନ୍ଧ ଥାନା ବିଳାସପୁର ଗାଁର ଦିଲୀପ ଭୋଇ (୩୫)। ଦୁର୍ଘଟଣାରେ ଶରଧାପୁର ଗାଁର ଭୂତ କୁମାରୀ ପାଣ୍ଡେ (୩୫), ରାହୁଲ ପାଣ୍ଡେ (୩୫) ଓ ଅନ୍ୟ ଜଣେ ୩ ବର୍ଷର ଶିଶୁ ସୋମନାଥ ପାଣ୍ଡେ ଆହତ ହୋଇଛନ୍ତି। ସୂଚନା ମୁତାବକ ଅପରାହ୍ନ ପ୍ରାୟ ୪ଟାରେ ଓଡି୨୬-୮୦୯୬ନଂ. ବାଇକ୍ ଯୋଗେ ଶରଧାପୁର ଗାଁର ଗୋଟିଏ ପରିବାରର ୪ ଜଣ ଖରିଆର ରୋଡ ପଟେ ଆସୁଥିଲେ। ଏହି ସମୟରେ ବିପରୀତ ପଟୁ ଓଡିଏ୭ ଏବି-୩୩୯୨ନଂ. ବାଇକ୍‌ରେ ବରଗଡ ଜିଲା ବିଳାସପୁର ଗାଁର ଦିଲୀପ ଭୋଇ ଯାଉଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତୁଳାରାମ ଓ ଦିଲୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଥିବାବେଳେ ୩ଜଣ ଗୁରୁତର ହୋଇଥିଲେ। ଏମାନଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଓ ଦୁଇ ବାଇକ୍ ଜବତ କରି ତଦନ୍ତ ଚଳାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ବେଲଗୁଣ୍ଡୁରି ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସ ସୂଚନା ଦେଇଛନ୍ତି।

ଗାଡ଼ି ଧକ୍କା: ଚାଷୀ ଦମ୍ପତି ମୃତ

ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ।

ମୁରିବାହାଲ,୩।୭ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ପତ୍ରାପାଲି (ଖ) ଗ୍ରାମ ଓଭରବ୍ରିଜ ନିକଟ ୫୯ ନମ୍ବର ଜାତୀୟ ରାଜପଥରେ ବୁଧବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗମ୍ଭୀର ରଣା(୬୪) ଓ ତାଙ୍କ ସ୍ତ୍ରୀ ଭୂମିସୁତା ରଣା ଓରଫ ଗୀତା (୬୦)। ଏହି ଦୁର୍ଘଟଣାକୁ କେନ୍ଦ୍ରକରି ଲୋକେ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ୫ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିବା ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ପ୍ରକାଶ ଯେ, ବୁଧବାର ସକାଳ ୫ଟାରେ ଜମିରେ ଧାନ ବୁଣିବାକୁ ଏହି ଦମ୍ପତି ହଳ, ନଙ୍ଗଳ ଓ ଧାନ ଧରି ଯାଉଥିଲେ। ଏହି ସମୟରେ ହଳଦୀ-ଟିଟିଲାଗଡ଼ ରାସ୍ତାରେ ଏକ ଅଜଣା ଗାଡ଼ି ଉଭୟଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ଗ୍ରାମବାସୀ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମି, କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ, ମୁରିବାହାଲ ଥାନା ଅଧିକାରୀ ସୁପ୍ରିୟା ସୁରିୟା ଲୁଗୁନୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଟିଟିଲାଗଡ଼ ଉପ ଜିଲାପାଳ ରିହାନ ଖେଡ୍ରୀଙ୍କ ସହ ଯୋଗାଯୋଗ କରି ରେଡ୍‌କ୍ରସ ଫାଣ୍ଡିରୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ, ଦୁର୍ଘଟଣା ଘଟାଇ ଫେରାର ଥିବା ଗାଡ଼ି ଜବତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ମୁରିବାହାଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଟିଟିଲାଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଟ୍ରେଲର ପଛରେ ପିଟିହେଲା କାର୍, ୨ ମୃତ

ଗୋପାଳପୁର,୩।୭ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଗୋପାଳପୁର ଓଭରବ୍ରିଜ୍ ନିକଟରେ ବୁଧବାର ଟ୍ରେଲର୍ ପଛରେ କାର ପିଟି ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ କନ୍ଧମାଳ ଜିଲା ଜି. ଉଦୟଗିରିର ରାଜୁ ପ୍ରଧାନ ଓ ଛତ୍ରପୁର ଅଞ୍ଚଳର ଏ ଲୋକେଶ ରେଡ୍ଡୀ। ଗୁରୁତର ଆହତ ଶମ୍ଭୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ପ୍ରକାଶ ଯେ, ବୁଧବାର ଅପରାହ୍ନରେ ହୁମ୍ମା ଅଞ୍ଚଳରୁ ରାଜୁ, ଲୋକେଶ ଓ ଶମ୍ଭୁ ଏକ କାର୍‌ରେ ବ୍ରହ୍ମପୁର ଅଭିମୁଖେ ଆସୁଥିଲେ। ଦ୍ରୁତ ଗତିରେ ଥିବା କାର୍‌ଟି ଗୋପାଳପୁର ଓଭରବ୍ରିଜ ନିକଟରେ ଏକ ଚଳନ୍ତା ଟ୍ରେଲର ପଛରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ରାଜୁ ଓ ଲୋକେଶଙ୍କ ମୃତ୍ୟୁ ଘଟିଥିଲା। ଶମ୍ଭୁ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ପୋଲିସ ମୃତଦେହ ୨ଟି ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଟ୍ରେଲର ଚାଳକ ଚମ୍ପଟ ମାରିଛନ୍ତି।

ଦୁର୍ଘଟଣାଗ୍ରସ୍ତ କାର୍।

ଭିଜିଲାନ୍ସ ଜାଲରେ ଖଣ୍ଡପଡ଼ା ତହସିଲଦାର

ଭୁବନେଶ୍ୱର,୩।୭ (ସୂର୍ଯ୍ୟକାନ୍ତ ବେହେରା)

ମୋରମ ବୋଝେଇ ଟ୍ରକ ମାଲିକଙ୍କଠାରୁ ୨୦ ହଜାର ଲାଞ୍ଚ ନେଉଥିଲେ

ନୟାଗଡ଼ ଜିଲା ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ ଓ ତାଙ୍କ ମୋହରିର(ପ୍ରାଇଭେଟ ପର୍ସନ) ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ମୋରମ ବୋଝେଇ ଟ୍ରକ୍ ଛାଡ଼ିବା ପାଇଁ ଗାଡ଼ି ମାଲିକ ତଥା ଅଭିଯୋଗକାରୀଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ଗିରଫ କରିଛି। ସମସ୍ତ ଲାଞ୍ଚ ଟଙ୍କା ମୋହରିର ପ୍ରସନ୍ନ ସାହୁଙ୍କଠାରୁ ଜବତ ହୋଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଦଫା ୭ ଏବଂ ୧୨ରେ ଏକ ମାମଲା ନଂ. ୧୧ ରେ ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସ୍ଥାନୀୟ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଲାଞ୍ଚ ଟଙ୍କା ଜବତ ପରେ ଭିଜିଲାନ୍ସ ଟିମ୍ ତହସିଲଦାର ଧୋବେଇଙ୍କ ଭାପୁରସ୍ଥିତ ଘର ଏବଂ ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳରେ ଥିବା ଘରେ ଚଢ଼ାଉ କରି ଅଧିକ ଛାନ୍‌ଭିନ୍ ଜାରି ରଖିଛି।

ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ

ସୂଚନା ନୁସାରେ ଅଭିଯୋଗକାରୀ ଚନ୍ଦନ କୁନାର ଜେନାଙ୍କ ଟ୍ରକ କୌଣସି ଜାଗାରୁ ମୋରମ ନେଇ ଯାଉଥିବା ବେଳେ ଖଣ୍ଡପଡ଼ା ତହସିଲଦାର ଧୋବେଇ ଅଟକ ରଖିଥିଲେ। ଗାଡ଼ି ଛାଡ଼ିବା ପାଇଁ ତହସିଲଦାର ଗାଡ଼ି ମାଲିକଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଚନ୍ଦନ ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବରୁ ତହସିଲଦାରଙ୍କ ନାଁରେ ଇଟା ଭାଟି ମାଲିକ, ଧରଣର ଟ୍ରକ ମାଲିକ ସମାନ ଏକାଧିକ ଅଭିଯୋଗ ଆସିଥିବାରୁ ଭିଜିଲାନ୍ସ ଟିମ୍ ଧରିବା ପାଇଁ ଯୋଜନା କରିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ତହସିଲଦାର ପ୍ରାଇଭେଟ ପର୍ସନ ପ୍ରସନ୍ନଙ୍କ ମାଧ୍ୟମରେ ଗାଡ଼ି ମାଲିକଙ୍କଠାରୁ ଟଙ୍କା ନେଉଥିବାବେଳେ ନୟାଗଡ଼ ଭିଜିଲାନ୍ସ ଟିମ୍ ପ୍ରସନ୍ନଙ୍କୁ ଧରିଥିଲା। ପ୍ରସନ୍ନ ତହସିଲଦାରଙ୍କ ପାଇଁ ଟଙ୍କା ନେଉଥିବା ସ୍ୱୀକାର କରିବା ପରେ ଭିଜିଲାନ୍ସ ଟିମ୍ ଧୋବେଇଙ୍କୁ ପଚରାଉଚରା କରିଥିଲା। ପ୍ରାଥମିକ ପ୍ରମାଣ ପାଇବା ପରେ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିଥିଲା।

୮ ତାରିଖ ସମସ୍ତ ସରକାରୀ ଅଫିସ ଛୁଟି

ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)

ଚଳିତ ଥର ୨ଦିନିଆ ରଥଯାତ୍ରା ଅନୁଷ୍ଠିତ ହେବ। ଏହା ଆସନ୍ତା ୭ ଓ ୮ ତାରିଖରେ ପଡୁଛି। ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ୨ଦିନ ପାଇଁ ସରକାରୀ ଛୁଟି ଘୋଷଣା କରିବା ସହିତ ଏଥିଲାଗି ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ କହିଥିଲେ। ସେହି କ୍ରମରେ ଆସନ୍ତା ୭ ତାରିଖ ରବିବାର ପଡୁଥିବାରୁ ସେହିଦିନକୁ ଛୁଟି ଘୋଷଣା କରିବାର ଆବଶ୍ୟକତା ନାହିଁ। ଆସନ୍ତା ୮ ତାରିଖକୁ ଛୁଟିଦିନ ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହିଦିନ ବ୍ୟାଙ୍କ, କୋର୍ଟ ମଧ୍ୟ ଛୁଟି ରହିବ। ଛୁଟି ସମ୍ପର୍କିତ ବିଜ୍ଞପ୍ତି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶ ପାଇଛି।

ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ପାଟଣା, ୩।୭(ବୀର କିଶୋର ଦାଶ)

କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

କେନ୍ଦୁଝର ଜିଲା ଦେଇ ଯାଇଥିବା ମୁମ୍ବାଇ-କୋଲକାତା ୪୯ ନଂ. ଜାତୀୟ ରାଜପଥର ତୁରୁମୁଙ୍ଗା ଥାନା ଅଧୀନ ଚେମେଣା ନର୍ସରୀ ଛକରେ ବୁଧବାର ରାତିରେ ଏକ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

ର' ଷ୍ଟେଟ ହେଡ୍ ପରିଚୟ ଦେଇ ଠକେଇ

ସତ୍ୟନାରାୟଣ ନାୟକ

ବାଲେଶ୍ୱର(ମାନସ ବିଶ୍ୱାଳ)/ରେମୁଣା (ରବୀନ୍ଦ୍ର ମହାକୁଡ), ୩।୭

ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳର ସତ୍ୟନାରାୟଣ ନାୟକ ନାମକ ଜଣେ ବ୍ୟକ୍ତି ନିଜକୁ ର' (ରିସର୍ଚ୍ଚ ଆନାଲିସିସ୍ ଉଇଙ୍ଗ୍) ଏଜେଣ୍ଟର ଷ୍ଟେଟ ହେଡ୍ ବୋଲି ପରିଚୟ ଦେଇ ରାଜ୍ୟର ବିଭିନ୍ନ ଜିଲାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୋଟା ଅଙ୍କର ଟଙ୍କା ଠକୁଥିବା ଅଭିଯୋଗ ହୋଇଥିଲା। ବୁଧବାର ସକାଳେ ରେମୁଣା ପୋଲିସ ତାଙ୍କ ଘରେ ଚଢ଼ାଉ କରି ଗିରଫ କରିଛି।

ସୂଚନା ଅନୁସାରେ ମଙ୍ଗଳବାର ସମ୍ବଲପୁର ଜିଲା ହୀରାକୁଦ ଅଞ୍ଚଳର ଗୋଟିଏ ମଦ ଦୋକାନ ଉପରେ ସତ୍ୟନାରାୟଣ ନାୟକ ଚଢ଼ାଉ କରିଥିଲେ। ତାଙ୍କର ବ୍ୟବହାର ଓ ଚାଲିଚଳଣ ଉପରେ ସ୍ଥାନୀୟ ପୋଲିସ ସନ୍ଦେହ କରି ଉକ୍ତ ଯୁବକ ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲା। ସେ ରେମୁଣା ଅଞ୍ଚଳର ଜାଣିବା ପରେ ସ୍ଥାନୀୟ ପୋଲିସକୁ ଖବର ଦେଇ ସହଯୋଗ ମାଗିଥିଲେ। ନିଜକୁ ର' ଏଜେଣ୍ଟର ଷ୍ଟେଟ ହେଡ୍ କହି ଆଗରୁ କେବେ ଓ କେଉଁ କେଉଁ ସ୍ଥାନରୁ ଠକିଛନ୍ତି ତାହା ପୋଲିସ ତଦନ୍ତ କରୁଛି।

ODISHA ADARSHA VIDYALAYA SANGATHAN
SCHOOL & MASS EDUCATION DEPARTMENT
GOVT. OF ODISHA

No. DSPL-35 ADMISSION OF STUDENTS IN CLASS XI IN OAVs, 2024-25

Odisha Adarsha Vidyalaya Sangathan (OAVS), under the School & Mass Education Department, Govt. of Odisha invites applications from the prospective candidates to take admission in Class XI (Science) or Class XI (Commerce) in various OAVs. Interested students are encouraged to contact with nearby OAV Principal for further information. Interested students are requested to visit www.oav.edu.in for further information.

FACILITIES

- Number of OAVs with Senior Secondary Classes – 214
- Intake Capacity – 80 (each in Science & Commerce)
- CBSE Curriculum
- Functional Laboratories
- Well experienced faculties
- 131 Functional girls' hostels
- Free Education

ELIGIBILTY

Stream	UR/ OBC/ SEBC	SC/ ST
Science	Minimum 55% marks in aggregate in Class X and minimum 50% marks in Science & Mathematics combinedly (CBSE or any other Board)	Minimum 50% marks in aggregate in Class X and minimum 45% marks in Science & Mathematics combinedly (CBSE or any other Board)
Commerce	All Class X Pass students (CBSE or any other Board)	All Class X Pass students (CBSE or any other Board)

IMPORTANT DATES

Start of receipt of Application	27.06.2024
Last date for receipt of application	12.07.2024
Notification of selection list	15.07.2024
Admission from selection list	16.07.2024 – 21.07.2024
Notification of waiting list	22.07.2024
Admission from waiting list	23.07.2024 – 30.07.2024
Completion of admission process	31.07.2024

Sd/-
State Project Director,
OAVS

OIPR-27029/13/0008/2425

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସ୍ୱାମୀ ବିବେକାନନ୍ଦଙ୍କ ୧୨୨ତମ ପୁଣ୍ୟତିଥି, ସ୍ଥାନ: କଳିଙ୍ଗ ଷ୍ଟାଡିୟମ ପାର୍ଶ୍ୱସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ।
- ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ରସଶାସ୍ତ୍ର ଓ ଭେଷଜ କଳ୍ପନା ବିଭାଗ ପକ୍ଷରୁ ସେମିନାର, ସ୍ଥାନ: ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, ନରାଜ, ସମୟ: ପୂର୍ବାହ୍ନ ୧୦ଟା ।
- ପ୍ରଜାପତି ବ୍ରହ୍ମ କୁମାରିଜ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ଲଟ ନଂ. ୬୪, ଫରେଷ୍ଟ ପାର୍କ, ୟୁନିଟ୍-୧,ସମୟ: ଅପରାହ୍ନ ୪ଟା ।
- ନାଟକ 'କଳିଯୁଗେ ଜଗନ୍ନାଥ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।
- ନୃତ୍ୟଗୁରୁ ଡ. ମନୋଜ କୁମାର ବେହେରାଙ୍କ ଲିଖିତ 'ଜୀବନତୀର୍ଥ' ପୁସ୍ତକ ଉନ୍ମୋଚନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ।
- ବିଦ୍ୟାକନକ ସୃଜନାନୁଷ୍ଠାନ ଓ ସମାଜ'ର ମିଳିତ ସହଯୋଗରେ ଓଡ଼ିଆ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

ପୁରୀ

- ସୁଧାସୁଆର ଦ୍ୱାରା ମହାପ୍ରଭୁଙ୍କ ନିମନ୍ତେ ଖଳି ପ୍ରସାଦ ବିଜେ, ସ୍ଥାନ: ପୁରୀ ଦୋଳମଣ୍ଡପ ସାହି, ସମୟ: ପୂର୍ବାହ୍ନ ୧୦ଟା
- ରଥଯାତ୍ରା ମକ୍ ଡ୍ରିଲ, ସ୍ଥାନ: ଟାଉନଥାନା ପରିସର, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ।
- ଏସ୍ଏଫ୍ଆଇ ପକ୍ଷରୁ ବିକ୍ଷୋଭ ଓ ଧାରଣା, ସ୍ଥାନ: ସାମନ୍ତଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା

କଟକ

- ମା' ଦୁଲ୍ଲାଦେବୀ ନୂତନ ବିଗ୍ରହଙ୍କ ମନ୍ଦିର ପ୍ରବେଶ ଅବସରରେ ପ୍ରବଚନ, ସ୍ଥାନ: ଦୁଲ୍ଲାଦେବୀ ମନ୍ଦିର ପ୍ରାଙ୍ଗଣ, ଅନ୍ଦରପୁର, କଟକ,ସମୟ: ସନ୍ଧ୍ୟା ୭ଟା ।

ବାଲେଶ୍ୱର

- ରେମୁଣା ଭାଜପା ଯୁବମୋର୍ଚ୍ଚା ତରଫରୁ ରକ୍ତ ଦାନ ଶିବିର, ସ୍ଥାନ: ରେମୁଣା ମନ୍ଦିର ଛକ, ହାଡିଆପାଳ(ହନୁମାନ)କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଏଆଇଡିଏସ୍ଓ ପକ୍ଷରୁ ନିଟ୍ ସ୍କାମ ବିରୋଧରେ ପ୍ରତିବାଦ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।
- ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୁଅଁରପୁର ବିଦ୍ୟାଳୟ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା ।
- ବିସ୍ମୟ ବିନ୍ଧାଣୀ ଓ ମୁହୂର୍ତ୍ତର ସ୍ୱର ପୁସ୍ତକ ଦ୍ୱୟର ପାଠକାର୍ପଣ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର , ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

ମୟୂରଭଞ୍ଜ

- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଡିଡିଆର୍‌ସି କ୍ୟାମ୍ପସ୍, ବାରିପଦା ଟିବି ହସ୍ପିଟାଲ, ସମୟ: ସକାଳ ୮ଟା ।
- ପଞ୍ଚାୟତ ହାଟ ନିଲାମ ପ୍ରକ୍ରିୟା, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟ ।

ଭଦ୍ରକ

- ଆର୍‌ଏସ୍‌ଏସ୍‌ର ଗୁରୁପୂର୍ଣ୍ଣିମା ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ଆଗରପଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ।

କେନ୍ଦୁଝର

- ରୋଟାରୀ କ୍ଲବର ବାର୍ଷିକୋତ୍ସବ, ସ୍ଥାନ:କେନ୍ଦୁଝର ରୋଟାରୀ ଭବନ,ସମୟ: ଅପରାହ୍ନ ୫ଟା ।

ବ୍ରହ୍ମପୁର

- ପ୍ରଜାପତା ବ୍ରହ୍ମାକୁମାରୀ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ,ସ୍ଥାନ: ପ୍ରହ୍ଲାଦ ନଗର, ସମୟ: ପୂର୍ବାହ୍ନ ୧୧ଟା ।

ଗଞ୍ଜାମ

- ମେଗା ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ଟାଉନ ହଲ, ସମୟ: ସକାଳ ୯ଟା ।
- ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ବୁଗୁଡା ବ୍ଲକ ବାଘୁଆ, ସମୟ: ସକାଳ ୯ଟା ୩୦ ।
- ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ଭଞ୍ଜନଗର ଆଇଟିଆଇ, ସମୟ: ପୂର୍ବାହ୍ନ ୧୧ଟା ।
- ବନ ମହୋତ୍ସବ ପାଳନ, ସ୍ଥାନ: ଆସିକା ବ୍ଲକ ଗୁଣ୍ଡପଡ଼ା ଜଗଦଳପୁର ହାଇସ୍କୁଲ, ସମୟ: ଅପରାହ୍ନ ୨ଟା ।
- ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭାଗୃହ, ସମୟ: ସନ୍ଧ୍ୟା ୭ଟା ।

କନ୍ଧମାଳ

- ମା' ଦକ୍ଷିଣ କାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ପିଅନପଡା, ଫୁଲବାଣୀ, ସମୟ: ସକାଳ ୮ଟା ।
- ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କଳାକୃତି କାର୍ଯ୍ୟକ୍ରମ, ସ୍ଥାନ: ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜି ଉଦୟଗିରି, ସମୟ: ସକାଳ ୯ଟା ।

ରାୟଗଡ଼ା

- ସାମାଜିକ, ଲିଙ୍ଗ ଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗୀକରଣ ପାଇଁ ଜିଲାସ୍ତରୀୟ ସାଧନ କର୍ମୀଙ୍କୁ ପ୍ରଶିକ୍ଷଣ, ସ୍ଥାନ: ଜିସିଡି ହାଇସ୍କୁଲ, ରାୟଗଡା, ସମୟ: ସକାଳ ୯ ଟା ।
- ଜିଆଇଇଟି ବିଶ୍ୱ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ, ସ୍ଥାନ: ଗୁଣପୁର ଜିଆଇଇଟି କ୍ୟାମ୍ପସ, ସମୟ :ସକାଳ ୯ଟା ।
- ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ୫୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା ।

କୋରାପୁଟ

- କୋରାପୁଟ ଆକାଂକ୍ଷା ଜିଲା ସମ୍ପୂର୍ଣ୍ଣତା ଅଭିଯାନ ଅବସରରେ ଶୋଭାଯାତ୍ରା, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ଦାମନଯୋଡ଼ି ପ୍ରକୃତି ବନ୍ଧୁ ସଂଘ ପକ୍ଷରୁ ବନମହୋତ୍ସବ, ସ୍ଥାନ: ମାଥାଲପୁଟ ହାଟପଦା, ହନୁମାନ ବାଟିକା ପାହାଡ଼, ସମୟ: ସକାଳ ୯ଟା ।
- କୋରାପୁଟ ଆକାଂକ୍ଷା ଜିଲା ସମ୍ପୂର୍ଣ୍ଣତା ଅଭିଯାନ ଅବସରରେ ସଭା, ସ୍ଥାନ: କୋରାପୁଟ ସାଂସ୍କୃତିକ ପରିଷଦ ଗୃହ, ସମୟ: ପୂର୍ବାହ୍ନ ୧୧ଟା ।

ନବରଙ୍ଗପୁର

- ୱାର୍ଡ ମେମ୍ବରମାନଙ୍କ ତାଲିମ ଶିବିର, ସ୍ଥାନ: ଜିଲା ପଞ୍ଚାୟତ ସାଧନା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ।
- ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।

ମାଲକାନଗିରି

- ପୋଲିସର ରଥଯାତ୍ରା ପ୍ରସ୍ତୁତି ବୈଠକ,ସ୍ଥାନ: ଓରକେଲ ଥାନା, ସମୟ: ପୂର୍ବାହ୍ନ ୧୦ଟା ।
- ୭୫ତମ ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

ସମ୍ବଲପୁର

- ବନାଞ୍ଚଳସ୍ତରୀୟ ବନ ମହୋତ୍ସବ, ସ୍ଥାନ:ଯୁଯୋମୁରା ସଦର ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସାଇ ଶିକ୍ଷା ପରିଷଦର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ କଲୋନୀ କାର୍ଯ୍ୟାଳୟ, ସମୟ:ସନ୍ଧ୍ୟା ୬ଟା ।
- ସମ୍ବଲପୁରୀ ଦିନ ପାଇଁ ସଫେଇ ଅଭିଯାନ, ସ୍ଥାନ: ଗୁରୁ ସତ୍ୟନାରାୟଣ ସ୍ମିତି ଉଦ୍ୟାନ, ସମୟ:ପୂର୍ବାହ୍ନ ୧୧ଟା ।

ବଲାଙ୍ଗୀର

- ସମ୍ପୂର୍ଣ୍ଣତା ଅଭିଯାନ ଯାତ୍ରା, ସ୍ଥାନ: କୋଶଳ କଳା ମଣ୍ଡଳ,ବଲାଙ୍ଗୀର, ସମୟ: ସକାଳ ୭ଟା ।
- ସମ୍ପୂର୍ଣ୍ଣତା ଅଭିଯାନ ଉତ୍ସବ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୧ଟା
- କିଶନ ସବୁଜ ସପ୍ତାହ ପାଳନ, ସ୍ଥାନ: ତାଳଝରନ୍, ସମୟ: ଅପରାହ୍ନ ୨ଟା ।

ରାଉରକେଲା

- ଏନ୍‌ସିସି ଶିବିର ଉଦ୍‌ଯାପନ, ସ୍ଥାନ: ଏନଆଇଟି କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଶିକ୍ଷୟିତ୍ରୀଙ୍କୁ ବିଦ୍ୟାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଟାଉନ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା ।

ବରଗଡ଼

- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ସାହିତ୍ୟ ସୃଜନୀ), ସ୍ଥାନ: ତାଲପାଲି ଉଚ୍ଚ ବିଦ୍ୟାଳୟ, ଗାଇସିଲେଟ୍। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଅମଠି, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ।

କଳାହାଣ୍ଡି

- ଜୁନାଗଡ଼ ବନବିଭାଗ ରେଞ୍ଜ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କଲମପୁର ବ୍ଲକ କୋଟାଗାଁ ଅପଗ୍ରେଡ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ।

ବୌଦ୍ଧ

- ବନ ମହୋତ୍ସବ ପାଳନ, ସ୍ଥାନ: ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ ଲୁଣିବାହାଲ, ହରଭଙ୍ଗା, ସମୟ: ସକାଳ ୯ଟା ।
- ଘଣ୍ଟାପଡା ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା କମିଟିର ବାର୍ଷିକ ସଭା, ସ୍ଥାନ: ଘଣ୍ଟାପଡା ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହ, କଣ୍ଧାମାଳ, ସମୟ: ପୂର୍ବାହ୍ନ ୧୧ଟା ।

ଦେବଗଡ଼

- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ଯୋଗ ଶିବିର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ସକାଳ ୫ ।
- ଧାନ ଚାଷରେ ରୋଗପୋକ ପରିଚାଳନା ସମ୍ପର୍କିତ କୃଷକ ବୈଜ୍ଞାନିକ ମତବିନିମୟ କାର୍ଯ୍ୟକ୍ରମ, ସ୍ଥାନ: କୃଷି କାର୍ଯ୍ୟାଳୟ କନଫରେନ୍ସ ହଲ ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ବନମହୋତ୍ସବ ସପ୍ତାହ ପାଳନ, ମା'ଙ୍କ ନାମରେ ଗଛ ଟିଏ, ସ୍ଥାନ: ରିଆମାଳ ବ୍ଲକ ବନାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲା ନାଗରିକ କମିଟି ପକ୍ଷରୁ ବୈଠକ, ସ୍ଥାନ: ସେଣ୍ଟର ଫର କଳଚର୍ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା ।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦ ।

ସୁବର୍ଣ୍ଣପୁର

- ଜିଲା ଟି.ବି ଫୋରମର ୭ମ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ସାମୂହିକ ଚାରା ରୋପଣ, ସ୍ଥାନ: କମିରା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।

ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।

ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା ।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଷ୍ଟେଶନ ଛକ କନକ ଦୁର୍ଗା ମନ୍ଦିର, ସମୟ: ପ୍ରାତଃ ୫ଟା ୩୦ ।

ଢେଙ୍କାନାଳ

- ମା' ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନିହଲ ପ୍ରସାଦ, ଗଁଦିଆ ବ୍ଲକ, ସମୟ: ସକାଳ ୬ଟା ।

ଅନୁଗୋଳ

- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ବେଦ ଭବନ ଶୈଳ ଶ୍ରୀକ୍ଷେତ୍ର ମନ୍ଦିର ପ୍ରାଙ୍ଗଣ ଅନୁଗୋଳ, ସମୟ: ମଧ୍ୟାହ୍ନ ୧୨ଟା ୩୦ ।

ନୟାଗଡ଼

- ବନମହୋତ୍ସବ, ସ୍ଥାନ: ନୟାଗଡ଼ ବ୍ଲକର ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟ , ସମୟ: ସକାଳ ୮ଟା ।
- ବନ ମହୋତ୍ସବ, ସ୍ଥାନ: ନୟାଗଡ଼ ଜିଲା ଜଜ କୋର୍ଟ , ସମୟ: ସକାଳ ୯ଟା ।
- ବନ ମହୋତ୍ସବ, ସ୍ଥାନ: ଭାପୁର ବ୍ଲକର କାଳିଆପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ବନମହୋତ୍ସବ, ସ୍ଥାନ: ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା୩୦ ।

କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ରାଉଳିଆଡିହା, ପଙ୍ଗାମୁଣ୍ଡାଇ, ସମୟ: ସକାଳ ୯ଟା ।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।

ଯାଜପୁର

- କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ : ଯଖପୁରା ରାମମନ୍ଦିର ପଡିଆ, ସମୟ : ସକାଳ ୮ଟା ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜି ମୁଖଭାବରେ ଚନ୍ଦ୍ର ଓ ବୃହସ୍ପତି ସୁମିଷ୍ଟଭୋଜନ, ଆଦରସମ୍ମାନ ସହ ବନ୍ଧୁମିଳନରୁ ଖୁସି ରହିବେ। କଳେବଳେ କୌଶଳେ ଅନ୍ୟମାନଙ୍କ ସାହାଯ୍ୟ ନେଇ କାମ ହାସଲ କରିବାରେ ସମର୍ଥ ହେବେ। ଷଷ୍ଠସ୍ଥ କେତୁ ଦୂରଯାତ୍ରା, ଋଣ ପରିଶୋଧର ଚିନ୍ତା ଉଦ୍ରେକ କରିପାରେ। ଜିଣାବିକା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

ବୃଷ

ରବିଙ୍କ ସ୍ଥିତିରୁ ପାରିବାରିକ ସମସ୍ୟା ପ୍ରତିହତ କରି ଏକପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି। କର୍ମାରମ୍ଭ, ଆନୁଷ୍ଠାନିକ କାମ ପାଇଁ ଯୋଜନା କରିପାରନ୍ତି। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ପାଇଁ ପରିବାରରୁ ବରାଦ ଆସିପାରେ। ପ୍ରଶାସନିକସ୍ତରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ମିଥୁନ

ଶତ୍ରୁ କ୍ଷେତ୍ରସ୍ଥ ବୁଧ କାରଣରୁ ଶାରୀରିକ ଅସୁସ୍ଥତା, ଜମିଜମା ବିବାଦଜନିତ ଅଶାନ୍ତ ରହିପାରନ୍ତି। ବ୍ୟବସାୟ, ପରିବହନ କ୍ଷେତ୍ରରେ ସୁଫଳ ପାଇବେ। ଆବଶ୍ୟକ ମନେକରୁଥିବା ଅର୍ଥ ଯଥା ସମୟରେ ପାଇବା ହେତୁ ଖୁସି ହେବେ। ଦୂରଯାତ୍ରା କ୍ଷେତ୍ରରେ ଜଣେ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇପାରନ୍ତି।

କର୍କଟ

କର୍ମାଧିପ ମଙ୍ଗଳ ସ୍ୱଗୃହସ୍ଥ ହେତୁ କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧିଜନିତ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଅନୁରୋଧକ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ପ୍ରବାସରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ପାରିବାରିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

ସିଂହ

ଲାଭ ଭାବରେ ରବି ଓ ଶୁକ୍ର ଇଚ୍ଛା ଏବଂ କାମନା ପୂରଣରେ ସମର୍ଥ ହେବେ। ଆନୁଷ୍ଠାନିକ ପରିବେଶରେ ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପ୍ରଶାସନିକ କ୍ଷେତ୍ରରେ ସମନ୍ୱୟର ଅଭାବ ହେତୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ପାରିବାରିକ କ୍ଷେତ୍ର ପୂର୍ବପରି ବଳବତ୍ତର ରହିଥିବାରୁ ବିଶେଷ କିଛି ଅସୁବିଧା ହେବନାହିଁ।

କନ୍ୟା

ଭାଗ୍ୟ ଭାବରେ ଚନ୍ଦ୍ର ଓ ବୃହସ୍ପତି ସାମଗ୍ରିକ ସୁଖ, ସୁବିଧା ପ୍ରଦାନ କରିବେ। ଚିନ୍ତା ପାଇଁ ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନ ସାଙ୍ଗକୁ ମନାନ୍ତରଜନିତ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ସାମାଜିକ, ଧାର୍ମିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତ ହେବେ।

ତୁଳା

ସ୍ୱରାଶିସ୍ଥ କର୍ମାଧିପତି ଚନ୍ଦ୍ର ହେତୁ ଅଟକି ରହିଥିବା କାମ ଆଜି ପୂର୍ଣ୍ଣାଙ୍ଗ କରିବେ। ଭାବପ୍ରବଣତାରେ ନିଜକୁ ନ ହଜାଇ ସାମାଜିକସ୍ତରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି କାମ ବିଗାଡ଼ିବାର ଅପଚେଷ୍ଟା କରିପାରନ୍ତି। ମହିଳାମାନେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

ବିଛା

କର୍ମଭାବରେ ଭାଗ୍ୟାଧିପତି ଆପଣଙ୍କ ଉଦ୍ୟମକୁ ସଫଳ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବେ। ପଦାଧିକାରୀଙ୍କ ଅନୁକମ୍ପାରୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ବାଣିଜ୍ୟ, ପରିବହନରେ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟ, ପ୍ରତିଯୋଗିତା ଓ ପ୍ରଶାସନିକ କ୍ଷେତ୍ର ପ୍ରଶସ୍ତ ରହିବ।

ଧନୁ

ରାଶ୍ୟାଧିପ ରୋଗ ସ୍ଥାନରେ ରହିଥିବାରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ପୂର୍ବ ଯୋଜନାକୁ ସାକାର କରିବା ପାଇଁ ପରିବାରରୁ ସହଯୋଗ ପାଇବେ। ଜମିଜମା କାରବାର, ପ୍ରଶାସନ, ରାଜନୀତିରେ ଚାପର ସମ୍ମୁଖୀନ ହୋଇପାରନ୍ତି। ଆଜି ବନ୍ଧୁମାନଙ୍କ ସହ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

ମକର

ବୁଧ ସପ୍ତମସ୍ଥ ଯୋଗୁ ପରିବାରରେ ପ୍ରତିରୋଧ ମଧ୍ୟରେ ଆଗକୁ ବଢ଼ିବା କଷ୍ଟକର ହେବ। ସ୍ୱାସ୍ଥ୍ୟ ଭଲ ରହିବ, ଜମି କିମ୍ବା ଯାନ କ୍ରୟ କରିବେ, ଆର୍ଥିକ ସ୍ଥିତି ଉନ୍ନତ ରହିବ। ବ୍ୟବସାୟ, କଚେରି ମାମଲା ଏବଂ ଆନୁଷ୍ଠାନିକ କାମରେ ସନ୍ତୁଷ୍ଟ ରହିପାରନ୍ତି। ବନ୍ଧୁଙ୍କ ନିଃସ୍ୱାର୍ଥପର କାର୍ଯ

ଦୃଢ଼ହେବ ବନ୍ୟପ୍ରାଣୀ ଅପରାଧ ମାମଲା

ଭୁବନେଶ୍ୱର, ୩।୭(ଅସମାପିକା ସାହୁ)

ଦେଶରେ ନୂଆ ଆପରାଧିକ ଆଇନ ଲାଗୁ ହୋଇଛି। ତେବେ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନରେ ସେପରି ପରିବର୍ତ୍ତନ ହୋଇ ନ ଥିଲେ ମଧ୍ୟ ଓଡ଼ିଶା ବନ ବିଭାଗ ରାଜ୍ୟରେ ବନ୍ୟପ୍ରାଣୀ ଶିକାର, ଚୋରା ଚାଲାଣ ସହ ବିଭିନ୍ନ ଅପରାଧ ରୋକିବାକୁ ନୂଆ ନିୟମ ଲାଗୁ କରିଛି। ପୂର୍ବରୁ ବହୁ ବନ୍ୟପ୍ରାଣୀ ଅପରାଧ ମାମଲା କୋର୍ଟରେ ପହଞ୍ଚିଥାଏ, କିନ୍ତୁ ବନ ବିଭାଗର ଉପଯୁକ୍ତ ଅଧିକାରୀଙ୍କ ପକ୍ଷରୁ ଆବଶ୍ୟକ ତଥ୍ୟ ଓ ପ୍ରମାଣ ଦାଖଲ ହୋଇପାରୁ ନ ଥିବାରୁ ତାହା ଖାରଜ ହୋଇଯାଏ। ଫଳରେ ଅପରାଧୀ ବାରମ୍ବାର ଅପରାଧ ଘଟାଇବାକୁ ସୁଯୋଗ ପାଆନ୍ତି। ତେଣୁ ଏହି ମାମଲା କିପରି ଦୃଢ଼ ହେବ ଓ କୋର୍ଟରେ ଦୃଢ଼ ପ୍ରମାଣ ଦାଖଲ କରାଯିବ ସେଥିପାଇଁ ବନ ବିଭାଗ ରାଜ୍ୟର ସବୁ ଟେରିଟୋରିଆଲ ଡିଭିଜନ ଓ ବନ୍ୟପ୍ରାଣୀ ଡିଭିଜନ ମୁଖ୍ୟଙ୍କ ସମେତ ୭ ସର୍କଲର ଆର୍‌ସିସିଏଫ୍, ଶିମିଳିପାଳ ଉପନିର୍ଦ୍ଦେଶକ ଓ ନନ୍ଦନକାନନ ନିର୍ଦ୍ଦେଶକଙ୍କୁ ୱାଇଲ୍ଡଲାଇଫ ୱାର୍ଡେନ ବା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କ୍ଷମତା ପ୍ରଦାନ କରିଛି। ଏନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ୨୦୦୪ ମସିହା ଜାନୁଆରୀ ୨୮ରେ ପ୍ରକାଶିତ ଏ ସଂକ୍ରାନ୍ତ ଗେଜେଟ ନୋଟିଫିକେଶନକୁ ମଧ୍ୟ ରଦ୍ଦ କରାଯାଇଛି। ଏଥିସହ ବନ୍ୟପ୍ରାଣୀ ଅପରାଧର ମାସିକ ସମୀକ୍ଷା ବୈଠକକୁ ଗୁରୁତ୍ୱ ଦିଆଯାଉଛି। ଫଳରେ ଏଣିକି କ୍ଷମତାପ୍ରାପ୍ତ ଅଧିକାରୀମାନେ ଅନଧିକୃତ ଅଧିକାରୀଙ୍କୁ ଆଉ ମାମଲାର ଦାୟିତ୍ୱ ଦେଇପାରିବେ ନାହିଁ ଏବଂ ବନ୍ୟପ୍ରାଣୀ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇପାରିବ ବୋଲି କୁହାଯାଉଛି।

ଆଇନ ଉଲ୍ଲଂଘନ କରୁଥିଲେ ଡିଏଫ୍‌ଓ

ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ, ୧୯୭୩ରେ କେବଳ ୱାଇଲ୍ଡଲାଇଫ୍ ୱାର୍ଡେନ ବା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ କୋର୍ଟକୁ ମାମଲା ପଠାଇବାର ପ୍ରାବଧାନ ରହିଛି। ସେହି ଅନୁସାରେ, ୨୦୦୪ରେ କେବଳ ଡିଏଫ୍‌ଓଙ୍କୁ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କ୍ଷମତା ଦିଆଯାଇଥିଲା। କିନ୍ତୁ ସ୍ଥଳ ବିଶେଷରେ ଅପରାଧ ଘଟିଲେ ଡିଏଫ୍‌ଓ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ନିଜ ଦସ୍ତଖତରେ କୋର୍ଟଙ୍କ ପାଖକୁ ମାମଲା ନ ପଠାଇ ରେଞ୍ଜରମାନଙ୍କୁ ଏଥିପାଇଁ ବାଧ୍ୟ କରୁଥିଲେ। ଯଦିଓ ପ୍ରଥମେ କୋର୍ଟ ଜାମିନ ନାମଞ୍ଜୁର କରି ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଅନ୍ତି, କିନ୍ତୁ ଏହି କାରଣରୁ ବିଚାର ସମୟରେ କୋର୍ଟରେ ମାମଲା ଦୁର୍ବଳ ହୋଇଯାଏ। କାରଣ ବନ୍ୟପ୍ରାଣୀ ଆଇନର ଦଫା ୫୫(COGNIZANCE OF OFFENCES)ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, କେବଳ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଦ୍ୱାରା ଅଧିକୃତ ବ୍ୟକ୍ତି କୋର୍ଟଙ୍କ ନିକଟରେ ମାମଲା ଉପସ୍ଥାପନା କଲେ, ତାହା ଗ୍ରହଣୀୟ ହେବ। ଯଦିଓ ରାଜ୍ୟରେ କେତେଜଣ ଡିଏଫ୍‌ଓ ନିଜେ ଦସ୍ତଖତ କରି ମାମଲା କୋର୍ଟକୁ ପଠାଇଥାନ୍ତି, କିନ୍ତୁ ଅନେକ ଡିଏଫ୍‌ଓ ଏହି ନିୟମକୁ ଗୁରୁତ୍ୱ ଦିଅନ୍ତି ନାହିଁ। ସେହିପରି ଅଧିକାଂଶ ଡିଏଫ୍‌ଓ ଆଇନ ଉଲ୍ଲଂଘନ କରି ନିଜ କାନ୍ଧରୁ ଦାୟିତ୍ୱ ଖସାଇ ରେଞ୍ଜରଙ୍କ କାନ୍ଧରେ ଲଦିଦେଉଥିବାରୁ ସେମାନେ ମଧ୍ୟ ନିଜ କାର୍ଯ୍ୟରେ ମନମାନି କରୁଥିବା ନଜିର ରହିଛି। ଯେନତେନ ପ୍ରକାରେ ନଥି ଓ ପ୍ରମାଣପତ୍ର ପ୍ରସ୍ତୁତ କରି କୋର୍ଟଙ୍କ ନିକଟକୁ ପଠାଇଥାନ୍ତି। ତେଣୁ କୋର୍ଟ ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ଦେଖି ବନ ବିଭାଗ ପରିଚାଳିତ ମାମଲାରେ ସେପରି ଦଣ୍ଡବିଧାନ କରିପାରନ୍ତି ନାହିଁ। ଫଳରେ ରାଜ୍ୟ ବନ ବିଭାଗ ଇତିହାସରେ ଅପରାଧୀଙ୍କ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି।

ଜପାନବନ୍ଦୀ ରେକର୍ଡ କରୁଥିଲେ ଫରେଷ୍ଟ ଗାର୍ଡ

ବନ୍ୟପ୍ରାଣୀ ଆଇନର ଧାରା ୫୦ରେ ଉଲ୍ଲେଖ ରହିଛି ଯେ, ଏସିଏଫ୍‌ଙ୍କ ତଳ ପାହ୍ୟାରୁ କେହି ମଧ୍ୟ ଜମାନବନ୍ଦୀ ରେକର୍ଡ କରି ପାରିବେ ନାହିଁ। କିନ୍ତୁ ଡିଏଫ୍‌ଓଙ୍କ କାର୍ଯ୍ୟକୁ ଦେଖି କେତେଜଣ ଏସିଏଫ୍ ମଧ୍ୟ ନିଜେ ଅଭିଯୁକ୍ତ ଏବଂ ସାକ୍ଷୀଙ୍କ ଜମାନବନ୍ଦୀ ରେକର୍ଡ ନ କରି ଫରେଷ୍ଟରଙ୍କୁ ଦାୟିତ୍ୱ ଧରାଇଦିଅନ୍ତି। ଫଳରେ ମାମଲା ଖାରଜ ହେବାର ଏହା ଆଉଏକ କାରଣ କୁହାଯାଇପାରେ ବୋଲି ଖୋର୍ଦ୍ଧା ଜିଲାର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ସେ କୁହନ୍ତି, ମୁଁ ବହୁ ଦସ୍ତାବିଜ ଦେଖିଛି, ଯେଉଁଥିରେ ଫରେଷ୍ଟର କିମ୍ବା ଫରେଷ୍ଟ ଗାର୍ଡ ଅଭିଯୁକ୍ତଙ୍କ ଜମାନବନ୍ଦୀ ନେଇଛନ୍ତି ଏବଂ ରେଞ୍ଜର ନିଜ ଦସ୍ତଖତରେ ମାମଲା କୋର୍ଟ ପଠାଇଛନ୍ତି।

ଆଇନଗତ ସମସ୍ୟା ଦୂର ହେବ: ବନ୍ୟପ୍ରାଣୀ ପିସିସିଏଫ୍

ବନ୍ୟପ୍ରାଣୀ ପିସିସିଏଫ୍ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶାନ୍ତ ନନ୍ଦ କହିଛନ୍ତି, ୨୦୦୪ ନୋଟିଫିକେଶନରେ ଶିମିଳିପାଳ ଉପନିର୍ଦ୍ଦେଶକ ଓ ନନ୍ଦନକାନନ ନିର୍ଦ୍ଦେଶକ ପ୍ରମୁଖଙ୍କୁ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ମାନ୍ୟତା ମିଳି ନ ଥିଲା। ସେମାନଙ୍କୁ ନୂଆ ନୋଟିଫିକେଶନ ବଳରେ କ୍ଷମତା ପ୍ରଦାନ କରାଗଲା। ଯେହେତୁ କେବଳ ବନ୍ୟପ୍ରାଣୀ ତତ୍ତ୍ୱାବଧାରକମାନେ ହିଁ କୋର୍ଟଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିବା ନିମନ୍ତେ ପ୍ରାବଧାନ ରହିଛି। ତେଣୁ ଆଗକୁ ଆଇନଗତ ସମସ୍ୟା ନ ରହିବା ପାଇଁ ଆମେ ଏହି ନୂଆ ନୋଟିଫିକେଶନ ଜାରି କରିଛୁ ବୋଲି ପିସିସିଏଫ୍ ନନ୍ଦ କହିଛନ୍ତି।

ଆରସିସିଏଫ୍, ନନ୍ଦନକାନନ ନିର୍ଦ୍ଦେଶକଙ୍କୁ ୱାଇଲ୍ଡଲାଇଫ୍ ୱାର୍ଡେନ କ୍ଷମତା

ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି

କଟକ,୩।୭ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ ହୋଇଛନ୍ତି। କେନ୍ଦ୍ର ଆଇନ ଓ ନ୍ୟାୟିକ ମନ୍ତ୍ରଣାଳୟର ସୁପାରିସକ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ବିଚାରପତି ଡ. ଷଡ଼ଙ୍ଗୀ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ ପାନ୍ତିଖରିଶାସନରେ ୧୯୬୨ ଜୁଲାଇ ୨୦ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ସ୍ୱର୍ଗତ ବାଞ୍ଛାନିଧି ଷଡ଼ଙ୍ଗୀ ଓଡ଼ିଶା ଅର୍ଥନୈତିକ ସେବାରେ ରାଜ୍ୟ ସରକାରଙ୍କ ଅର୍ଥନୈତିକ ଉପଦେଷ୍ଟା ଥିଲେ। ତାଙ୍କ ମା' ସ୍ୱର୍ଗତା ଶୈଳବାଳା ଷଡ଼ଙ୍ଗୀ ଜଣେ ଗୃହିଣୀ ଥିଲେ। ଜଷ୍ଟିସ ଷଡ଼ଙ୍ଗୀ ମାଟ୍ରିକ୍ ପାସ୍ କରିବା ପରେ ବିଜେବି କଲେଜରୁ ବାଣିଜ୍ୟରେ ସ୍ନାତକ ପାସ୍ କରିଥିଲେ। ଏହାପରେ ସେ ତତ୍କାଳୀନ ମଧୁସୂଦନ ଆଇନ୍ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଓ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ଶେଷ କରିଥିଲେ। ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ଡିଗ୍ରୀ ହାସଲ କରିଥିଲେ। ସେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରେ ୧୯୮୫ରେ ଆଇନଜୀବୀ ଭାବେ ନାମ ପଞ୍ଜୀକରଣ କରି ସ୍ୱର୍ଗତ ଗଙ୍ଗାଧର ରଥଙ୍କ ଅଧୀନରେ ଆଇନପେସାରେ ଯୋଗଦେଇଥିଲେ। ଦୀର୍ଘ ୨୭ ବର୍ଷର ଓକିଲାତି ପରେ ୨୦୧୩ ଜୁନ୍ ୨୦ରେ ସେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ସେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କଲାବେଳେ ରେକର୍ଡ ସଂଖ୍ୟକ ୧,୫୨,୦୦୦ ମାମଲାର ଫଇସଲା ସହ ୧୫୦୦ ରିପୋର୍ଟେଡ ରାୟ ପ୍ରଦାନ କରିଛନ୍ତି। ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ଅବସର ପରେ ଡ. ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ

ଆର୍‌ଡିଏର ଆଇନ ସହାୟକ ଚାକିରିରୁ ବରଖାସ୍ତ

ରାଉରକେଲା,୩।୭(ସଙ୍ଗୀତା ଜେନା)

ରାଉରକେଲା ବିକାଶ ପ୍ରାଧିକରଣ (ଆର୍‌ଡିଏ)ର ଆଇନ ସହାୟକ ମନୋଜ ଦାଶ ଭିଜିଲାନ୍ସ ଦୁର୍ନୀତି ଅଭିଯୋଗରେ ଚାକିରିରୁ ବରଖାସ୍ତ ହୋଇଛନ୍ତି। ଏଥିସହ ୨ ବର୍ଷ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜରିମାନା ପାଇଁ ଆଦେଶ ହୋଇଛି। ଜରିମାନା ଅନାଦାୟ ହେଲେ ୩ ମାସ ଅଧିକ କାରାଦଣ୍ଡ ପାଇଁ କୁହାଯାଇଛି। ସମ୍ବଲପୁରରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଚାର୍ଜ କରାଯାଇଥିବା ଦୁର୍ନୀତି ନିବାରଣ ଆଇନ ୧୯୮୮/୧୦୯ର ଭିଜିଲାନ୍ସ ମାମଲା (୧୩୯୨) ଆର୍‌ଡବ୍ଲ୍ୟୁ,୧୩(୧) (ଡି) ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦାଶଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏ ନେଇ ଗତ ମାସ ୨୬ରେ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟ ବିଚାରପତି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

ଦୁର୍ନୀତି ଅଭିଯୋଗ

କେଜିବିଭିରେ ମିଳିବ ଆଇସିଟି ଲାବ୍, ସ୍ମାର୍ଟ କ୍ଲାସ୍‌ରୁମ୍ ସୁବିଧା

ଭୁବନେଶ୍ୱର, ୩।୭(ଅସମାପିକା ସାହୁ)

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ କାର୍ଯ୍ୟକ୍ଷମ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି) ଏବଂ ହଷ୍ଟେଲରେ ଆଇସିଟି (ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି) ଲାବ୍ ଏବଂ ସ୍ମାର୍ଟ କ୍ଲାସ୍‌ରୁମ ସୁବିଧା ଯୋଗାଇ ଦିଆଯିବ। ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଛାତ୍ରୀମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ଡିଜିଟାଲ କ୍ଷେତ୍ରରେ ସୁଦୃଢ଼ କରିବା ଏବଂ ସେମାନଙ୍କ ଶିକ୍ଷଣ ଫଳାଫଳ ବୃଦ୍ଧି କରିବା ପାଇଁ ଏହି ନିଷ୍ପତ୍ତି ନେଇଛି। ସମଗ୍ର ଶିକ୍ଷା ନିୟମ ଅନୁଯାୟୀ ଆଇସିଟି ଲାବ୍ ଏବଂ ସ୍ମାର୍ଟ କ୍ଲାସ୍‌ରୁମ୍‌ର ବ୍ୟବସ୍ଥା କରାଯିବ। ଏହି ପଦକ୍ଷେପ ଦ୍ୱାରା ପ୍ରାୟ ୨୯୦ କୋଟି ଟଙ୍କା ବ୍ୟୟ ଅଟକଳରେ କେଜିବିଭିର ୭ ଲକ୍ଷ ଝିଅ ଉପକୃତ ହେବେ। ବର୍ତ୍ତମାନ ଦେଶର ୩୦ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ୫,୧୧୬ କେଜିବିଭି କାର୍ଯ୍ୟ କରୁଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅଙ୍ଗାଏ ମାହାର୍ଦ୍ଦ ଛୁଇଁଲେ ଯାହା
କଣିକାଏ ନିର୍ମାଲ୍ୟ ଛୁଇଁଲେ ତାହା।

ଅଙ୍ଗାଏ ମାହାର୍ଦ୍ଦ ବା ମହାପ୍ରସାଦ ଯାହା କଣିକାଏ ନିର୍ମାଲ୍ୟ ତାହା। ସ୍ଥଳବିଶେଷରେ ଏ ସବୁ ଏକା କଥା। ମହାପ୍ରସାଦରେ ଅଳ୍ପ ବହୁତ ଭେଦ ବିଚାର୍ଯ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଅନ୍ଧ ଦେଶକୁ ଗଲି ଦର୍ପଣ ବିକି
କନ୍ଧ ହାତକୁ ଦେଲି ଗୋଦାନ ଟେକି।

ଅଯୋଗ୍ୟକୁ ଯୋଗ୍ୟ ଆସନରେ ବସାଇବା ଅର୍ଥ ଯୋଗ୍ୟତାର ପଦକୁ ଅମର୍ଯ୍ୟାଦା କରିବା ସଙ୍ଗେ ସମାନ। ଅଯୋଗ୍ୟ ଯେତେ ଗର୍ବ ବହିଲେ ମଧ୍ୟ ତାକୁ ଯୋଗ୍ୟ ପଦରେ ବସାଇଲେ ଉପହସିତ ହେବା ହିଁ ସାର ହୋଇଥାଏ। ସେହିପରି ଯୋଗ୍ୟକୁ ଅନୁପଯୁକ୍ତ ଆସନରେ ବସାଇଲେ ଯୋଗ୍ୟତାକୁ ଅସମ୍ମାନ କରାହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଚୂଡ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ଋଣ ଚାପ: ବାପାଙ୍କୁ ହତ୍ୟାକଲେ ପ୍ରଫେସର ପୁଅ

ଭୁବନେଶ୍ୱର,୩।୭(ସତ୍ୟଜିତ୍ ରାଉତ)

ବାପା ପାଠ ପଢ଼ାଇ ପୁଅକୁ ରୋଜଗାରକ୍ଷମ କରାଇଲେ। ହେଲେ ପୁଅ ଟଙ୍କା ପାଇଁ ବାପାଙ୍କ ଜୀବନ ନେଇଗଲେ। ଏଭଳି ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ। ଋଣଚାପରେ ମାନସିକ ଭାରସାମ୍ୟ ହରାଇ ପ୍ରଫେସର ପୁଅ ବୃଦ୍ଧ ବାପାଙ୍କୁ ହତ୍ୟା କରିବାକୁ ପଛାଇନାହାନ୍ତି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆସ୍ଥିତ ଏକ ଆପାର୍ଟମେଣ୍ଟରେ ମା'ଙ୍କ ସମ୍ମୁଖରେ ବାପା ସୁନୀଲ ଚୌଧୁରୀ(୬୮)ଙ୍କୁ ପୁଅ ଅନିରୁଦ୍ଧ ଚୌଧୁରୀ ଫଳକଟା ଛୁରୀରେ ହତ୍ୟା କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ପୋଲିସ ଓ ପରିବାର ଲୋକ ଗୁରୁତର ସୁନୀଲଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ସୁନୀଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରୁ ଅଭିଯୁକ୍ତ ପୁଅ ଅନିରୁଦ୍ଧ ଚୌଧୁରୀ(୩୮)ଙ୍କୁ ଗିରଫ କରିଛି। ଏହି ଘଟଣାରେ ପୋଲିସ ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ହତ୍ୟା ଦଫା ୧୦୩ରେ ଏକ ମାମଲା (ନଂ.୩୪୨/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଘଟଣାସ୍ଥଳରୁ ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଓ ରକ୍ତଲଗା କପଡ଼ା ଜବତ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ଘରଭିତରେ ଫିଙ୍ଗର ପ୍ରିଣ୍ଟ୍ ଓ ରକ୍ତ ନମୁନା ଆଦି ପ୍ରମାଣ ସଂଗ୍ରହ କରିଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପରେ ସୁନୀଲଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ ଅଭିଯୁକ୍ତ ସୁନୀଲଙ୍କ ଏକମାତ୍ର ପୁତ୍ର ଅନିରୁଦ୍ଧ ଜବାହରଲାଲ୍ ନେହେରୁ ବିଶ୍ୱ ବିଦ୍ୟାଳୟରେ ଆଇନ ବିଭାଗରେ ପ୍ରଫେସର ଭାବେ ଚାକିରି କରୁଥିଲେ। ସୁନୀଲ 'ନାଲ୍‌କୋ'ର ଜଣେ ଅଧିକାରୀ ଥିବାବେଳେ ଅବସର ପରେ ପରିବାର ସହ ରଙ୍ଗମାଟିଆସ୍ଥିତ ଏକ ଆପାର୍ଟମେଣ୍ଟର ପ୍ରଥମ ମହଲା ୧୦୮ନଂ ଫ୍ଲାଟରେ ରହୁଥିଲେ। ଅନିରୁଦ୍ଧ ବାପାଙ୍କଠାରୁ ଅଲଗା ହୋଇ ସ୍ତ୍ରୀଙ୍କ ସହ ସ୍ଥାନୀୟ ଅଞ୍ଚଳର ଅନ୍ୟ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ଇତିମଧ୍ୟରେ ଅନିରୁଦ୍ଧ ଅତ୍ୟଧିକ ଋଣଭାରରେ ପଡ଼ିଥିବାରୁ ମାନସିକ ଚିନ୍ତାରେ ରହୁଥିଲେ। ଏହି କାରଣ ପାଇଁ ଦମ୍ପତିଙ୍କ ମଧ୍ୟରେ ଝଗଡା ହେବାରୁ କଛିଦିନ ତଳେ ସ୍ତ୍ରୀ ମଧ୍ୟ ତାଙ୍କୁ ଛାଡ଼ି ବାପଘରକୁ ଚାଲିଯାଇଥିଲେ। ଏହାପରେ କିଛିଦିନ ହେଲା ବାପାଙ୍କ ଫ୍ଲାଟକୁ ଆସି ଅନିରୁଦ୍ଧ ରହୁଥିଲେ। ଋଣ ଶୁଝିବାକୁ ପ୍ରାୟ ୨୫ ଲକ୍ଷ ଟଙ୍କା ଦେବା ପାଇଁ ବାପାଙ୍କ ଉପରେ ଅନିରୁଦ୍ଧ ଚାପ ପକାଉଥିଲେ। ହେଲେ ସୁନୀଲ ଟଙ୍କା ଦେବାକୁ ଅରାଜି ହେଉଥିଲେ। ଏପରିକି ଜମି ବିକ୍ରି କରି ତାଙ୍କୁ ଟଙ୍କା ଦେବାକୁ ଅନିରୁଦ୍ଧ ବାରମ୍ବାର କହୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଏହି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡା ହୋଇଥିଲା। ଅନିରୁଦ୍ଧ ରାଗିଯାଇ ଟେବୁଲ ଉପରେ ଥୁଆ ହୋଇଥିବା ଛୁରିରେ ବାପାଙ୍କୁ ଭୁସି ଚାଲିଥିଲେ। ମା' ସୁନୀତା ଏସବୁ ଦେଖି ହତବାକ୍ ହୋଇଯାଇଥିଲେ। ସୁନୀଲ ରକ୍ତଜୁଡ଼ୁବୁଡ଼ୁ ଅବସ୍ଥାରେ ଖଟ ଉପରେ ଅଚେତ ହୋଇ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ସୁନୀତା ସ୍ଥାନୀୟ ଅଞ୍ଚଳରେ ରହୁଥିବା ସମ୍ପର୍କୀୟ ଆଲୋକ ବେହେରାଙ୍କୁ କଲ୍ କରି ଘଟଣା ବିଷୟରେ ଜଣାଇଥିଲେ। ଏହାପରେ ଆପାର୍ଟମେଣ୍ଟର ପଡ଼ୋଶୀ ଲୋକମାନେ ରୁଣ୍ଡ ହୋଇଯାଇଥିବାବେଳେ ପୋଲିସକୁ କଲ୍ କରିଥିଲେ। ତେବେ ପୋଲିସ ଅଭିଯୁକ୍ତ ଅନିରୁଦ୍ଧଙ୍କୁ ପଚରାଉଚରା କରୁଥିବାବେଳେ ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

ସୁନୀଲ ଚୌଧୁରୀ

ଅଭିଯୁକ୍ତ ଅନିରୁଦ୍ଧ ଚୌଧୁରୀ

ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ିଙ୍କ ପରଲୋକ

ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର(ଅନିଲ ଦାସ)/ ମାଲକାନଗିରି(ଦୁର୍ଯ୍ୟୋଧନ ପାତ୍ର), ୩।୭

ମାଲକାନଗିରିର ପୂର୍ବତନ ଭାଜପା ବିଧାୟକ ଆଦିତ୍ୟ ମାଢ଼ିଙ୍କର ବୁଧବାର ଅପରାହ୍ନ ୫ଟାରେ ପରଲୋକ ହୋଇଛି। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଦୀର୍ଘଦିନ ଧରି ସେ କିଡ଼ନୀ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କର ଦୁଇଟି ଯାକ କିଡ଼ନୀ ନଷ୍ଟ ହୋଇଯାଇଥିଲା। ଦୁଇ ବର୍ଷ ପୂର୍ବେ ତାଙ୍କର କିଡ଼ନୀ ପ୍ରତିରୋପଣ କରାଯାଇଥିଲା।

ସେ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଭ

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ

ଫ୍ରାନ୍ସ ନିର୍ବାଚନ ଓ ମାକ୍‌ରଁ

ଜନ ଓ୍ୱେର୍ନର ମୁଲେର

ୟୁରୋପୀୟ ସଂସଦ ନିର୍ବାଚନରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍‌ରଁଙ୍କ ପାର୍ଟି ଦକ୍ଷିଣପନ୍ଥୀ ନ୍ୟାଶନାଲ ରାଲିଠାରୁ ପରାଜୟ ବରଣ କଲା ପରେ ସେ ନ୍ୟାଶନାଲ ଆସେମ୍ବ୍ଲି ଭାଙ୍ଗି ତ୍ୱରିତ ନିର୍ବାଚନ କରାଇବା ସମସ୍ତଙ୍କୁ ଚକିତ କରିଥିଲା। ଏକ ନିର୍ବାଚନ ରାଜନୈତିକ ପରିସ୍ଥିତିକୁ ସ୍ପଷ୍ଟ କରିବ ବୋଲି ଦାବିକରି ସେ ତାଙ୍କ ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇଛନ୍ତି, କିନ୍ତୁ ତାଙ୍କ ଦେଶବାସୀ ଏହି ମତ ସହ ଏକମତ ନୁହନ୍ତି। ଏପରି କି ମାକ୍‌ରଁଙ୍କ ବିପଜ୍ଜନକ ପଦକ୍ଷେପ ଚରମ ଦକ୍ଷିଣପନ୍ଥୀଙ୍କୁ କ୍ଷମତାକୁ ଆଣିବ ବୋଲି ଯେଉଁମାନେ ଭାବୁଛନ୍ତି ସେମାନେ ଏଥିପାଇଁ ଭୟଭୀତ ନୁହନ୍ତି, ବରଂ ସୃଷ୍ଟି ହେବାକୁ ଥିବା ବିଶୃଙ୍ଖଳା ପାଇଁ ଚିନ୍ତିତ। ମାକ୍‌ରଁଙ୍କ ବିଶ୍ୱସ୍ତ ପ୍ରଧାନମନ୍ତ୍ରୀ ଏଡୁଆର୍ଡ ଫିଲିପେ (୨୦୧୭–୨୦୨୦) କହିଛନ୍ତି ଯେ ରାଷ୍ଟ୍ରପତି ଅନାବଶ୍ୟକ ଭାବରେ ତାଙ୍କ ସଂଖ୍ୟାଗରିଷ୍ଠତାକୁ ଶେଷ କରିଛନ୍ତି। ଏକ ଝୁଲା ସଂସଦର ବୃହତ୍ ଦଳ ଭାବରେ ନ୍ୟାଶନାଲ ରାଲି ବର୍ତ୍ତମାନ ଭଲ ଫଳାଫଳ ପାଇବାର ସମ୍ଭାବନା ଅଧିକ ବୋଲି ବିବେଚନା କରାଯାଉଛି। ଏପର୍ଯ୍ୟନ୍ତ ମାକ୍‌ରଁଙ୍କ ନିଷ୍ପତ୍ତି ଗୋଟିଏ ବିଷୟ ସ୍ପଷ୍ଟ କରିଛି ଯେ ଫ୍ରାନ୍ସରେ ଏକ ଶକ୍ତିଶାଳୀ ସେଣ୍ଟ୍ରିଜିମ୍ (ଏକ ଉଦାରବାଦ ବ୍ୟବସ୍ଥା ଯାହା ବାମପନ୍ଥୀ ଓ ଦକ୍ଷିଣପନ୍ଥୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରେ କିମ୍ବା ସେମାନଙ୍କଠାରୁ ଦୂରେଇ ରହେ) ସୃଷ୍ଟି କରିବାରେ ତାଙ୍କର ରଣନୀତି ବିଫଳ ହୋଇଛି । ଅନ୍ୟ ୟୁରୋପୀୟ ନେତାମାନେ ଏହା ଧ୍ୟାନ ଦେବା ସହ ଏଥିରୁ ଶିକ୍ଷା ପାଇବା ଦରକାର।

ନେପୋଲିଅନ ଜଣେ ସୈନିକଙ୍କ ବିଷୟରେ ପଚାରିଥିବା ପ୍ରଶ୍ନକୁ ନେଇ ଏକ ଲୋକକଥା ରହିଛି। ପ୍ରଥମ ପ୍ରଶ୍ନଟି ସୈନିକ ଜଣକ ଦକ୍ଷ କି ନୁହେଁ, ତା' ଉପରେ ନ ଥିଲା, ବରଂ ସେ କ'ଣ ଭାଗ୍ୟବାନ୍ ଥିଲେ କି ପଚାରିଥିଲେ? ଯେତେବେଳେ ମାକ୍‌ରଁ ୨୦୧୭ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଥିଲେ, ସେତେବେଳେ ସେ ବହୁତ ଭାଗ୍ୟବାନ୍ ଥିଲେ। ସେତେବେଳେ କାର୍ଯ୍ୟରତ ରାଷ୍ଟ୍ରପତି ଏତେ ଲୋକପ୍ରିୟ ନ ଥିଲେ। ଏଣୁ ସେ ଦ୍ୱିତୀୟ ଥର ପାଇଁ ନିର୍ବାଚନ ଲଢିବାକୁ ବ୍ୟଗ୍ର ହୋଇ ନ ଥିଲେ ଏବଂ ସେ ଏକ ଦୁର୍ନୀତିରେ ସମ୍ପୃକ୍ତ ଥିଲେ। ମାକ୍‌ରଁ ଏହି ସ୍ଥିତିରୁ ପୂରା ଲାଭ ଉଠାଇଥିଲେ। ୧୯୯୭ରେ କ୍ଷମତାକୁ ଆସିଥିବା ବ୍ରିଟିଶ ଲେବର ପାର୍ଟି ନେତା ଟନି ବ୍ଲେୟାରଙ୍କ ପରି ମାକ୍‌ରଁ କହିଥିଲେ ଯେ ବାମ ଓ ଦକ୍ଷିଣପନ୍ଥୀର ପୁରୁଣା ବୈଚାରିକ ବିଭାଜନ ଘଟିଛି ଏବଂ ନରମପନ୍ଥୀମାନେ କେବଳ ଭଲ କାମ କରିବା ଭଳି ନୀତି ବାଛିବା ଉଚିତ।

ମାକ୍‌ରଁଙ୍କ ଧାରଣ ଥିଲା ସବୁ ଉତ୍ତମ ବିଚାରଧାରାର ବ୍ୟକ୍ତିମାନେ ଉଦାରବାଦୀ ମଧ୍ୟରେ ଖୁସିରେ ଏକାଠି ହୋଇପାରିବେ। ଏଥିପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନାଜି ବିରୋଧୀ ଅଭିଯାନରେ ଫ୍ରାନ୍ସକୁ ସମର୍ଥନ କରିଥିବା ଉଭୟ ସମାଜବାଦୀ ତଥା ରକ୍ଷଣଶୀଳଙ୍କୁ ସେ ନିବେଦନ କରିଥିଲେ। ଏଭଳି ଆମନ୍ତ୍ରଣକୁ ଯେଉଁମାନେ ଅଗ୍ରାହ୍ୟ କରିଥିଲେ ସେମାନଙ୍କୁ ଅଧିକ ଚରମପନ୍ଥୀ ଭାବେ ନାମିତ କରାଯାଇଥିଲା। କିଛି ସମୟ ପାଇଁ ଏହି ଦୃଷ୍ଟିକୋଣ ବିବାଦୀୟ ଥିଲା, କାରଣ ମାକ୍‌ରଁଙ୍କ ବିସ୍ତାରିତ ଉଦାରବାଦ ଚରମ ଦକ୍ଷିଣପନ୍ଥୀଙ୍କୁ ନେଇ ଗଠିତ ମରିନ ଲି ପେନଙ୍କ ନ୍ୟାଶନାଲ ଫ୍ରଣ୍ଟ (ବର୍ତ୍ତମାନ ନ୍ୟାଶନାଲ ରାଲି) ଏବଂ କଟର ବାମପନ୍ଥୀଙ୍କୁ ନେଇ ଗଠିତ ଫାୟାରବ୍ରାଣ୍ଡ ଲିଡର ଜିନ ଲୁକ

ମେଲେଞ୍ଚୋନଙ୍କ ଫ୍ରାନ୍ସ ଅନବୋଡ୍ ଘେରରେ ରହିଥିଲା। କିନ୍ତୁ ବୈଷୟିକ ବିଶେଷଜ୍ଞଙ୍କ ନୀତି ଆଧାରିତ ଆଭିମୁଖ୍ୟ ଥିଲା– ଯଦି ଆପଣ ଆମ ସହିତ ନାହାନ୍ତି, ତେବେ ଆପଣ ଠିକ୍ ଲୋକ ନୁହନ୍ତି। ଶେଷରେ ଏହି ଆଭିମୁଖ୍ୟ ରାଜନୈତିକ ଦୃଶ୍ୟପଟକୁ ପରିବର୍ତ୍ତନ କରିବାରେ ବିଫଳ ହେଲା।

ଫ୍ରାନ୍ସର ରାଷ୍ଟ୍ରପତି ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଚରମ ଦକ୍ଷିଣପନ୍ଥୀ, ଚରମ ବାମପନ୍ଥୀ, ସେଣ୍ଟର ଲେଫ୍ଟ ଓ ସେଣ୍ଟର ରାଇଟ ପ୍ରତ୍ୟେକ ଅତିକମ୍‌ରେ ହାରାହାରି ଏକ ପଞ୍ଚମାଂଶ ଭୋଟ ଜିତିବାକୁ ଆଗ୍ରହୀ ଅଛନ୍ତି। କିନ୍ତୁ ସେଣ୍ଟର ରାଇଟ ରିପବ୍ଲିକାନ୍‌ମାନେ ନ୍ୟାଶନାଲ ରାଲିର ଭୋଟ ନଷ୍ଟ କରିଆସୁଛନ୍ତି। ଦଳର ନେତା ଏରିକ ସିଓଟି ଦକ୍ଷିଣପନ୍ଥୀ ସହିତ ଏକ ମେଣ୍ଟକୁ ସମର୍ଥନ କରିବାକୁ ଉତ୍ସାହିତ କରୁଛନ୍ତି। ଏହା ଗୁରୁତ୍ୱପୂର୍ଣ୍ଣ, କାରଣ ୨୦୧୭ ଏବଂ ୨୦୨୨ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଲି ପେନ୍‌ଙ୍କ ସହ ମୁହାଁମୁହିଁ ପରିସ୍ଥିତିରେ ମାକରୋଁଙ୍କ ଅତ୍ୟଧିକ ସମର୍ଥନ ଥିଲା । ମୁଖ୍ୟତଃ ଭୋଟରଙ୍କର ଦକ୍ଷିଣପନ୍ଥୀଙ୍କ ସହ ଶତ୍ରୁତା ଯୋଗୁ ଏହା ହୋଇଥିଲା, ହେଲେ ମାକ୍‌ରଁ ଟେକ୍ନୋକ୍ରାସି(ଯେଉଁଠି ବୈଷୟିକ ବିଶେଷଜ୍ଞମାନେ ନୀତି ନିର୍ଦ୍ଧାରକ ଭାବେ କାର୍ଯ୍ୟ କରିଥାନ୍ତି) ଶାସନ ପ୍ରତି ଉତ୍ସାହିତ ହୋଇ ନୁହେଁ। ଅପରପକ୍ଷେ, ଟେକ୍ନୋକ୍ରାସି ଏକ ନକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିବାକୁ ଚାହେଁ, କାରଣ ଏହା ପପୁଲିଷ୍ଟମାନଙ୍କ (ସାଧାରଣ ଲୋକଙ୍କୁ ପ୍ରଭାବିତ କରିପାରୁଥିବା ନେତା) ପାଇଁ ଯୁକ୍ତି ବାଢିବାର ଏକ ସୁଯୋଗ ସୃଷ୍ଟି କରେ। ଏହା ଯୁକ୍ତିଯୁକ୍ତ ଯେ, ଏଥିରେ ଜଟିଳ ସମସ୍ୟାର କୌଣସି ସମାଧାନ ନ ଥାଏ। କିନ୍ତୁ ଗଣତନ୍ତ୍ର ପସନ୍ଦ ଏବଂ ଲୋକଙ୍କ ଭାଗୀଦାରିକୁ ପ୍ରତିପାଦିତ କରେ, ଆଭିଜାତ୍ୟ ଗୋଷ୍ଠୀଙ୍କ ନିଷ୍ପତ୍ତି ନୁହେଁ।

୨୦୧୭ରେ ମାକରୋଁଙ୍କ ଅହଙ୍କାରୀ ଶୈଳୀ ପ୍ରକାଶ ପାଇଥିଲା ଏବଂ ସେ ସର୍ବେସର୍ବାଙ୍କ ପରି ଶାସନ କରିବାକୁ ଚାହୁଁଛନ୍ତି ବୋଲି ଜଣାଇଦେଇଥିଲେ। ନିଶ୍ଚିତ ଯେ, ଏହା ତାଙ୍କୁ ସାହାଯ୍ୟ କରି ନ ଥିଲା। ବରଂ ଏହା ତାଙ୍କୁ ଏକ ଘୃଣ୍ୟ ରାଜନୈତିକ ବ୍ୟକ୍ତି କରିଦେଇଛି। କିନ୍ତୁ ବ୍ୟକ୍ତିଗତ ବିଫଳତା ବ୍ୟତୀତ ଯିଏ ନିଜକୁ ଜଣେ ଶ୍ରେଷ୍ଠ ଦାର୍ଶନିକ ବୋଲି ଭାବନ୍ତି, ବାମପନ୍ଥୀ ଏବଂ ଦକ୍ଷିଣପନ୍ଥୀଙ୍କୁ ଲକ୍ଷ୍ୟ କରି ଜଣେ ଉଦାରବାଦୀ ରାଜନୈତିକ ବିଚାରଧାରା ଓ ନୀତିର ବ୍ୟକ୍ତି ଭାବେ ନିଜକୁ ଉପସ୍ଥାପିତ କରିବାକୁ ଚାହିଁଥିଲେ। ଏହା ବିବାଦୀୟ କାର୍ଯ୍ୟସୂଚୀକୁ ସୁସଙ୍ଗତ କରିବା ବଦଳରେ ଉଭୟ ଚିନ୍ତାଧାରାରୁ ଦୂରେଇ ଯିବାର ଅଧିକ ସମ୍ଭାବନା ସୃଷ୍ଟି କରିଥିଲା।

ଥରେ ୨୦୨୨ରେ ମାକ୍‌ରଁ ନ୍ୟାଶନାଲ ଆସେମ୍ବ୍ଲିରେ ନିୟନ୍ତ୍ରଣ ହରାଇବା ପରେ ତାଙ୍କର ପ୍ରଧାନମନ୍ତ୍ରୀ ଏଲିଜାବେଥ ବୋର୍ନ ସାହସର ସହିତ ରାଷ୍ଟ୍ରପତିଙ୍କ ଏଜେଣ୍ଡାକୁ ଆଗକୁ ବଢ଼ାଇବାକୁ ଚେଷ୍ଟା କରିଥିଲେ। ଅଧିକ ସମର୍ଥନ ନ ଥିଲେ ମଧ୍ୟ ୨୦ରୁ ଅଧିକ ଥର ସେ ସାମ୍ବିଧାନିକ ସହଜ ଉପାୟ ପ୍ରୟୋଗ କରି ବିରୋଧୀ ଏକତାକୁ ଧରାଶାୟୀ କରିଥିଲେ। ମାକ୍‌ରଁଙ୍କ ସେଣ୍ଟ୍ରିଜିମ୍ କେବଳ ଅଧିକ ଏକଚ୍ଛତ୍ରବାଦୀ ଜଣା ପଡୁ ନ ଥିଲା, ବରଂ ଏହା ଦକ୍ଷିଣପନ୍ଥୀ ଆଡକୁ ଢଳିଥିଲା। ତେଣୁ ତାଙ୍କ ସରକାରରେ ଥିବା ଜଣେ କଠୋରପନ୍ଥୀ ମନ୍ତ୍ରୀ ଇସଲାମ ଧର୍ମ ପ୍ରତି ଲି ପେନ୍‌ଙ୍କର କୋହଳ ମନୋଭାବ ଥିଲା ବୋଲି ଅଭିଯୋଗ କରିବାକୁ ପଛାଇ ନ ଥିଲେ। ବୋର୍ନ ଏକ ପ୍ରବାସୀ ଆଇନ ପ୍ରଣୟନ କରିଥିଲେ, ଯାହା ଉପରେ ଦକ୍ଷିଣପନ୍ଥୀମାନେ ସବୁବେଳେ କହି ଆସୁଥିଲେ, ତାହାକୁ ଯୁକ୍ତିଯୁକ୍ତ ଦର୍ଶାଇବା ଜଣାପଡ଼ିଥିଲା।

ଯଦି ଆପଣ କ୍ରମାଗତ ଭାବରେ ଦକ୍ଷିଣପନ୍ଥୀଙ୍କ ସହ ଯୋଡ଼ି ହୋଇ ରହୁଛନ୍ତି, ତେବେ ଆପଣ ଶେଷରେ ଏକ ସ୍ଥିତିରେ ପହଞ୍ଚିବେ ଯେଉଁଠି ତୁମେ ଆଉ ଚରମ ଦକ୍ଷିଣପନ୍ଥୀ ବିରୋଧୀ ଏବଂ ଗଣତନ୍ତ୍ରର ଶୀର୍ଷରେ ଠିଆ ହୋଇଥିବା ଯୁକ୍ତି ଦର୍ଶାଇ ଭୋଟରଙ୍କୁ ଠକିପାରିବେ ନାହିଁ।

କେତେକ ସମୀକ୍ଷକ ଅନୁମାନ କରନ୍ତି ଯେ, ମାକ୍‌ରଁ ଚାହୁଁଛନ୍ତି ନ୍ୟାଶନାଲ ରାଲି ୨୦୨୭ ରାଷ୍ଟ୍ରପତି ନିର୍ବାଚନ ପର୍ଯ୍ୟନ୍ତ ଶାସନ କରୁ, ଯେଉଁଥିରେ ତାହା ନିଜକୁ ଅକ୍ଷମ ବୋଲି ନିଜକୁ ପ୍ରମାଣ କରିବେ ଏବଂ ଶାସନକୁ ଫେରିବାକୁ ଏକ ବିଜୟର ସ୍ଥିତି ସୃଷ୍ଟି କରିବେ। ଅନେକ କାରଣରୁ ଏଭଳି ବିଚାର ଭୁଲ ମାର୍ଗରେ ରହିଛି ବୋଲି କୁହାଯାଇପାରେ। ସମସ୍ତ ଚରମ ଦକ୍ଷିଣପନ୍ଥୀ ନେତାମାନେ ଅତ୍ୟଧିକ ସରଳବାଦୀ ନୀତି ଧାରଣା କରନ୍ତି ନାହିଁ କିମ୍ବା ଉତ୍ସାହୀ ପ୍ରଶାସକ ନୁହନ୍ତି। ଏପରିକି ଯେଉଁ କ୍ଷେତ୍ରରେ ସେମାନେ ନିଜକୁ ଅଯୋଗ୍ୟ ବୋଲି ଦର୍ଶାନ୍ତି, ସେ କ୍ଷେତ୍ରରେ ସେମାନଙ୍କ ଭାଗ୍ୟ ସେମାନଙ୍କୁ ସହାୟ ହୁଏ। ଯେତେବେଳେ ଅଷ୍ଟ୍ରିଆର ମାଟିଆଭେଲିଆନ ଖ୍ରୀଷ୍ଟିଆନ ଡେମୋକ୍ରାଟିକ ଚାନସେଲର ୱଲଫଗଙ୍ଗ ଶୁସେଲ ୨୦୦୦ରେ ଜର୍ଗ ହାଇଦରଙ୍କ ଦକ୍ଷିଣପନ୍ଥୀ ଫ୍ରିଡମ୍ ପାର୍ଟିକୁ ସରକାରରେ ଆଣିଥିଲେ, ସେତେବେଳେ ପପୁଲିଷ୍ଟମାନେ ଅନ୍ତର୍ବିବାଦରେ ମଜ୍ଜିଗଲେ ଓ ସେମାନଙ୍କର ଅକ୍ଷମତା ପ୍ରକାଶ କରିଥିଲେ ଏବଂ ଦୁର୍ନୀତିରେ ବୁଡ଼ିଗଲେ। କିନ୍ତୁ ବିଭାଜିତ ହୋଇ ଏହାର କ୍ଷତିକୁ ଭରଣା କରି ଫ୍ରିଡମ୍ ପାର୍ଟି ଗତ ମାସର ୟୁରୋପୀୟ ନିର୍ବାଚନରେ ବିଜୟ ହେଲା।

ତେବେ ଯେହେତୁ ଫ୍ରାନ୍ସ ବ୍ୟବସ୍ଥା 'ସହାବସ୍ଥାନ' ପାଇଁ ଅନୁମତି ଦିଏ। ଯେତେବେଳେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ବିରୋଧୀ ଦଳର ରହିଥାନ୍ତି ସେତେବେଳେ ଅକ୍ଷମ ଜଣାପଡୁଥିବା ଏକ ଶାସକ ଦଳ ସହଜରେ ଅନ୍ୟ ପକ୍ଷକୁ ଦୋଷ ଦେଇପାରେ। ଫ୍ରାନ୍ସର ରାଷ୍ଟ୍ରପତିଙ୍କ ଅସାଧାରଣ କ୍ଷମତା ବ୍ୟବହାର କରି ମାକ୍‌ରଁ ଅନ୍ତର୍ଜାତୀୟ ସ୍ତରରେ ଏକ ଆଉଟଲେଟ ପାଇବେ ଏହା ନିଃସନ୍ଦେହ। କିନ୍ତୁ ଏହା ଦେଖିବା ଅତ୍ୟନ୍ତ ଦୁଃଖଦାୟକ ଯେ ତାଙ୍କର ୨୦୧୭ ବୈପ୍ଳବିକ ଦୃଷ୍ଟିକୋଣ ୨୦୨୨ରେ 'ନବୀକରଣ'କୁ ହ୍ରାସ ପାଇ ଏବେ ବି ତାହା ଜାରି ରହିଛି। ମାକ୍‌ରଁ ଆରମ୍ଭ କରିଥିବା ଆନ୍ଦୋଳନକୁ ଏକ ଉପଯୁକ୍ତ ରାଜନୈତିକ ଦଳରେ ପରିଣତ କରିବାରେ ବିଫଳ ହୋଇଥିଲେ। ତାଙ୍କ ଆକର୍ଷଣ ଚାଲିଯାଇଛି, ୨୦୨୭ ପାଇଁ ଉଦାରବାଦ ତଥା ଶାସନର ସମ୍ଭାବନା ପ୍ରକୃତରେ କମ୍ ଦେଖାଯାଉଛି।

ପ୍ରଫେସର ଅଫ୍ ପଲିଟିକ୍ସ, ପ୍ରିନଷ୍ଟନ ୟୁନିଭର୍ସିଟି

ପୁଣ୍ୟର କରାମତି

ଡ. ପ୍ରମୋଦ କୁମାର ପଣ୍ଡା

ଜୀବନକାଳ ମଧ୍ୟରେ ଆମେ ସତ୍ କିମ୍ବା ଅସତ୍ ଉପାୟରେ ପ୍ରଚୁର ଧନ ସମ୍ପତ୍ତି ଠୁଳ କରିଛୁ। ତେବେ ଅର୍ଜିତ ଧନ ସମ୍ପତ୍ତିର କିଛି ଭାଗ କିପରି ମୃତ୍ୟୁପରେ ସାଙ୍ଗରେ ନେଇ ଯିବା, ଏହା ଏକ ଅସମାହିତ ପ୍ରଶ୍ନ?

ଥରେ ଜଣେ ପ୍ରସିଦ୍ଧ ଶିଳ୍ପପତିଙ୍କ ମୁଣ୍ଡକୁ ଏ ପ୍ରଶ୍ନ ଜୁଟିଲା। ପାଠପଢୁଆ ଉଚ୍ଚ ଶିକ୍ଷିତ ଯୁବକ। ନିଜ ପରିଶ୍ରମ ବଳରେ ବାଣିଜ୍ୟର ସାମ୍ରାଜ୍ୟ ଠିଆ କରାଇଛନ୍ତି। ଥରେ ଏକଥା ସେ ତାଙ୍କ ସ୍ତ୍ରୀଙ୍କ ସହିତ ଆଲୋଚନା କଲେ। ତାଙ୍କ ଧର୍ମପତ୍ନୀ ବି ଉଚ୍ଚ ଶିକ୍ଷିତା ଓ ଅଧ୍ୟବସାୟୀ। ସେ ସ୍ୱାମୀଙ୍କୁ କହିଲେ, ତୁମେ ତ ଆମେରିକାର ସିଲିକନ ଭ୍ୟାଲି ଯାଉଛ? ତୁମେ ତ ନାସା ମଧ୍ୟ ଯାଉଛ। ବିଶ୍ୱର ବିଭିନ୍ନ ଦେଶର ବୈଜ୍ଞାନିକ ସଙ୍ଗଠନ ସହିତ ତୁମର ସମ୍ପର୍କ ଅଛି। ତେଣୁ ସେମାନଙ୍କୁ ଏ ବିଷୟରେ ପଚାରୁନ କାହିଁକି? ଆବଶ୍ୟକ ପଡ଼ିଲେ ଗବେଷଣା ପାଇଁ କିଛି ଅର୍ଥ ପ୍ରୋଜେକ୍ଟ ମାଧ୍ୟମରେ ଦେବା। ତେଣୁ ଶିଳ୍ପପତି ଜଣଙ୍କ ମନକୁ ଏ କଥା ପାଇଲା। ତେଣୁ ସେ ମନସ୍ଥ କଲେ ଯେ, ବିଶ୍ୱର ବିଭିନ୍ନ କାମ ପୁଣି ବ୍ୟକ୍ତି ଓ ସଙ୍ଗଠନରୁ ଏହାର ସମାଧାନ ବାହାର କରିବେ। ସେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପଚରାଉଚୁରା କଲେ। ମାତ୍ର କେହି ତାଙ୍କୁ ଠିକ୍ ଭାବେ କିଛି କହିପାରିଲେ ନାହିଁ। ମାତ୍ର ଶିଳ୍ପପତି ଜଣକ ଦୃଢ଼ ନିଶ୍ଚିତ ଥିଲେ ଯେ ସବୁ ପ୍ରଶ୍ନର ଏ ସଂସାରରେ କିଛି ନା କିଛି ଉତ୍ତର ନିଶ୍ଚିତ ଅଛି। ତେଣୁ ସେ ଏ ବିଷୟରେ ସମସ୍ତଙ୍କ ସହିତ ଆଲୋଚନା କରୁଥିଲେ, ମାତ୍ର କିଛି ଫଳ ମିଳିଲାନି। ତେଣୁ ବାଧ୍ୟ ହୋଇ ସେ ଘୋଷଣା କଲେ ଯେ, ଯେକୌଣସି ବ୍ୟକ୍ତି ଏ ପ୍ରଶ୍ନର ସମାଧାନ କରିଦେବ, ତାକୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ। ଟଙ୍କା ଲୋଭରେ ନାନା ଲୋକ ଆସିଲେ ଓ ନାନା କଥା କହିଲେ। ମାତ୍ର ଶିଳ୍ପପତିଙ୍କ ମନକୁ କାହା କଥା ପାଇଲା ନାହିଁ। ଥରେ ଜଣେ ଅବସରପ୍ରାପ୍ତ ପ୍ରଫେସର ସାଇକେଲରେ ସେ ବାଟ ଦେଇ ଯାଉଥିଲେ। ଥକି ପଡ଼ିବାରୁ ସେ ଏକ ବରଗଛ ମୂଳେ କ୍ଷଣିକ ବିଶ୍ରାମ ନେଲେ। ସେଠାରେ ପୂର୍ବରୁ ବସିଥିବା କିଛି ବ୍ୟକ୍ତି ଶିଳ୍ପପତିଙ୍କ ଏହି ପ୍ରଶ୍ନ ଉପରେ ଆଲୋଚନା କରୁଥିଲେ। ପ୍ରଫେସରଙ୍କ କାନରେ ଏ କଥା ପଡ଼ିଲା। ସେ ପଚାରିଲେ, କିଏ ସେହି ଶିଳ୍ପପତି? ଲୋକମାନେ ତାଙ୍କୁ ଶିଳ୍ପପତିଙ୍କ ଠିକଣା ବିଷୟରେ କହିଲେ। ସେ ଶିଳ୍ପପତିଙ୍କ ନିକଟକୁ ଗଲେ। ଶିଳ୍ପପତି ପଚାରିଲେ, ଆପଣ କ'ଣ କରୁଛନ୍ତି? ସେ ଉତ୍ତରଦେଲେ, ମୁଁ ନିଜେ ବଞ୍ଚିବା ପାଇଁ ଓ ଅନ୍ୟମାନଙ୍କୁ ବଞ୍ଚାଇବା ପାଇଁ ଚାଷବାସ କରୁଛି। ପୁଣି ପଚାରିଲେ, କେତେ ବର୍ଷ ହେବ କରୁଛନ୍ତି ? ସେ ଉତ୍ତର ଦେଲେ, ୧୦ ବର୍ଷ ହେବ। ଶିଳ୍ପପତି ପଚାରିଲେ, ଏହା ପୂର୍ବରୁ କ'ଣ କରୁଥିଲେ? ସେ କହିଲେ, ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀରେ ଥିଲି। ପ୍ରଫେସର ଶିଳ୍ପପତିଙ୍କୁ ପଚାରିଲେ, ଆପଣ କେତେ ଦେଶ ବୁଲିଛନ୍ତି? ଶିଳ୍ପପତି କହିଲେ, ପ୍ରାୟ ୫୦ଟି ଦେଶ । ପ୍ରଫେସର ପଚାରିଲେ, ଆପଣ ବିଦେଶ ଗଲାବେଳେ ସବୁ ଦେଶକୁ ଆମର ଭାରତୀୟ ମୁଦ୍ରା ନେଇଯାଆନ୍ତି? ଶିଳ୍ପପତି କହିଲେ ନା, ଯେଉଁ ଦେଶ ଯାଏ, ତା'ର ମୁଦ୍ରା ବ୍ୟାଙ୍କରୁ ନେଇ ଯାତ୍ରା କରେ। ପୁଣି ପଚାରିଲେ, କାହିଁକି? ଶିଳ୍ପପତି କହିଲେ, ସେ ଦେଶରେ ଆମ ଦେଶ ମୁଦ୍ରା ଚଳେନାହିଁ। ପ୍ରଫେସର କହିଲେ, ସ୍ୱର୍ଗଦେଶ ମଧ୍ୟ ଏକ ନୂଆ ଦେଶ। ମୃତ୍ୟୁପରେ ଯେତେବେଳେ ଆପଣ ସେଠିକି ଯିବେ, ସେତେବେଳେ ସ୍ୱର୍ଗଲୋକର ମୁଦ୍ରା ନେଇ ଯିବାକୁ ପଡ଼ିଥାଏ। ସ୍ୱର୍ଗଲୋକର ମୁଦ୍ରା ହେଉଛି ପୁଣ୍ୟ। ଆପଣ ଜାଣନ୍ତି ସ୍ୱର୍ଗଲୋକକୁ ସିଧା ଯାଇ ହୁଏ ନାହିଁ। ସ୍ଥୂଳ ଶରୀରକୁ ମର୍ତ୍ତ୍ୟରେ ଛାଡ଼ି କେବଳ ଆତ୍ମା ହିଁ ସ୍ୱର୍ଗଲୋକ ଯାଏ । ଆତ୍ମା ସ୍ଥୂଳ ଶରୀର ହୋଇ ନ ଥିବାରୁ ସ୍ଥୂଳ ପଦାର୍ଥ ନେଇପାରେ ନାହିଁ। ମାତ୍ର ମର୍ତ୍ତ୍ୟରେ ଆତ୍ମା ତା'ର ଜମାଖାତାରେ ସ୍ୱର୍ଗର ମୁଦ୍ରା ପୁଣ୍ୟ ଜମାକଲେ ହିଁ ସ୍ୱର୍ଗଲୋକ ଯାଇଥାଏ। ତେଣୁ ଜଣେ ରୋଜଗାର କରିଥିବା ଧନକୁ ଗରିବ, ଅସହାୟ, ଅକର୍ମଣ୍ୟ ପ୍ରଭୃତି ବ୍ୟକ୍ତି, ପଶୁପକ୍ଷୀଙ୍କ ହିତ ସାଧନରେ ଲଗାଇଲେ ସେଥିରୁ ସ୍ୱର୍ଗର ମୁଦ୍ରା ପୁଣ୍ୟ ମିଳିବ। ସେହି ପୁଣ୍ୟ ସିଧାସଳଖ ବ୍ୟକ୍ତିର ସ୍ୱର୍ଗରେ ଥିବା ଆତ୍ମାଖାତାରେ ଜମାହୁଏ ଓ ତାକୁ ସହାୟକ ହୋଇଥାଏ। ମାତ୍ର ଯଦି କୌଣସି କାରଣରୁ ଆତ୍ମା ମର୍ତ୍ତ୍ୟରେ ପୁନର୍ଜନ୍ମ ଲାଭକରେ, ତାହା ଭାଗ୍ୟ ରୂପରେ ପୁଣି ସେହି ବ୍ୟକ୍ତି ପାଖରେ ପ୍ରକଟ ହୁଏ। ସେ ବ୍ୟକ୍ତି ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନଯାପନ କରେ। ଏହା ତାଙ୍କ ଆତ୍ମାଖାତାରେ ଜମା ହୋଇଥିବା ପୁଣ୍ୟର କରାମତି। ଏଥର ଶିଳ୍ପପତି ଜଣକ ବୁଝିପାରିଲେ ଯେ କଷ୍ଟ ଅର୍ଜିତ ଧନ ସମ୍ପତ୍ତିକୁ ମୃତ୍ୟୁ ସମୟରେ ସାଙ୍ଗରେ ନେବାକୁ ହେଲେ ପ୍ରଥମେ ସେଗୁଡ଼ିକୁ ପୁଣ୍ୟକୁ ବଦଳାଇବାକୁ ହେବ।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ,
ଭୁବନେଶ୍ୱର, ମୋ: ୮୯୧୭୪୨୬୪୪୦

ଏଇ ଭାରତରେ

ପାଞ୍ଚ ଦିନର ପ୍ରଶିକ୍ଷଣ ପରେ ସଫଳତା ଆକାଶଛୁଆଁ। ଏକଥା ବିଶ୍ୱାସ କରି ହେଉ ନ ଥିଲେ ବି ସତ। ରାଜସ୍ଥାନର ଗୌରବ ପଚୌରି ମୁକ୍ତା ଚାଷ ସମ୍ପର୍କରେ ୫ ଦିନ ପ୍ରଶିକ୍ଷଣ ନେବା ପରେ ୨୧ ମାସରେ ୫୫ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି। ଗୌରବ ରାଜସ୍ଥାନ ଭରତପୁରରେ ମଧୁରଜଳ ମୁକ୍ତା ଚାଷ କରୁଛନ୍ତି। ସେ ମେକାନିକାଲ ଇଞ୍ଜିନିୟରିଂରେ ଶିକ୍ଷା ଶେଷ କରି ସରକାରୀ ଚାକିରି ପା

ସଂକ୍ଷେପରେ

ଭୀମପାହାଡ଼ରେ ବୋଟିଂ ସେବା ବନ୍ଦ

ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଥିବା ନେଇ ସୂଚନା ଦେଲେ ଡିଏଫଓ

ଦେଓଗାଁ ,୩।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଭୀମପାହାଡସ୍ଥିତ ଜଳାଶୟରେ ଚାଲିଥିବା ବୋଟିଂ ସେବାକୁ କିଛି ଦିନ ତଳେ ବନ ବିଭାଗ ବନ୍ଦ କରିଛି । ଏନେଇ ବିଭାଗ ନୋଟିସ ଜାରି କଲା ପରେ ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ନା ନା ଚର୍ଚ୍ଚା ଜୋର ଧରିଛି । ସରକାର ବଦଳିବା ପରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଅପପ୍ରଚାର ହେଉଥିବା ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଥିବା ବିଭାଗ କହିଛି । ଏ ନେଇ ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କୁ ପଚାରିବାରେ ବର୍ଷା ସମୟରେ ଜଳାଶୟରେ ଅଧିକ ପାଣି ରହିଥାଏ । ଆମ ପାଖରେ ଉଦ୍ଧାରକାରୀ ଦଳ ନାହିଁ । ଏଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଭୀମପାହାଡ ତଥା ଗାଇଖାଇ ଡ୍ୟାମରେ ବୋଟିଂ ସେବା ବନ୍ଦ କରିଛୁ । ଅକ୍ଟୋବର ୧ ତାରିଖରୁ ଏହି ସେବା ପୁଣି ଆରମ୍ଭ କରାଯିବ ବୋଲି କହିଥିଲେ ।

ଦେଓଗାଁରେ ବ୍ଲକସ୍ତରୀୟ ଭାଷା ସଂସ୍କୃତି ପ୍ରତିଯୋଗିତା

ଦେଓଗାଁ ,୩।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗରର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ବ୍ଲକସ୍ତରୀୟ ଭାଷା ସଂସ୍କୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମ୍ବରୀଶ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଇଓ ଅଜିତ କୁମାର ମିଶ୍ର, ଦାଶରଥି ଥନାପତି ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ୧୫ ଟି କ୍ଲଷ୍ଟରରୁ ୧୨୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ବି. ମେହେର, ଦେବଦାସ ମିଶ୍ର, ଦେବଦତ୍ତ ତ୍ରିବେଦୀ, ରଶ୍ମିତା ସା, ସର୍ଜନ ପାତ୍ର, ଏ. ମେହେର, ରିଙ୍କୁ ପଧାନ, ଜ୍ୟୋତି ପ୍ରକାଶ ଷଡଙ୍ଗୀ, ପ୍ରଦିପ ଜେନା ପ୍ରମୁଖ ସହଯୋଗ କରିଥିଲେ। ୬ ତାରିଖରେ ବଲାଙ୍ଗୀର ଟାଉନହଲଠାରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା ।

ପାଇପରୁ ବାହାରୁଛି ଗୋଳିଆ ପାଣି

ଖପ୍ରାଖୋଲ,୩।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ହେଉଛି । ଘରକୁ ଘର ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ଜଳ ଯୋଗାଇ ଦିଆ ଯାଉଛି । ହେଲେ ପାଇପ ପାଣି ଗୋଳିଆ ବାହାରୁଥିବା ଲୋକେ ଅଭିଯୋଗ କରିଛନ୍ତି। ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ଯୋଜନାର ମୂଳ ଉଦ୍ଦେଶ୍ୟ ହୋଇଥିବା ବେଳେ ଗୋଳିଆ ପାଣି ଲୋକେ ବାଧ୍ୟ ହୋଇ ବ୍ୟବହାର କରିବା ସହ ପିଉଥିବା କହିଛନ୍ତି। ଏନେଇ ଖପ୍ରାଖୋଲ ବ୍ଲକ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନଙ୍କୁ ପଚାରିବାରେ ଦୁଇ ଦିନ ହେଲା ଅଞ୍ଚଳରେ ବର୍ଷା ହୋଇଛି। ପାଇପ ଫାଟିଛି କି କ'ଣ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

ପ୍ରାଧ୍ୟାପକଙ୍କ ଅବସର ଗ୍ରହଣ

ଟିଟିଲାଗଡ,୩।୭(ଶରତ ମିଶ୍ର)

ଟିଟିଲାଗଡ ଡ଼ିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ କିଶୋର ଷଡ଼ଙ୍ଗୀ ଚାକିରୀ ଜୀବନରୁଅବସର ଗ୍ରହଣ କରିଛନ୍ତି। ଏନେଇ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସଭାରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଣବ କିଶୋର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପନା ମଣ୍ଡଳୀ, କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ରହି ଷଡ଼ଙ୍ଗୀଙ୍କ ଅଧ୍ୟାପନା ଓ ଛାତ୍ର ବତ୍ସଳତା ନେଇ ବଖାଣିଥିଲେ। ସଭାରେ ଅଧ୍ୟାପକ ଡ.ଉମେଶ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ଶତପଥୀ, ବିଧାନ ଚନ୍ଦ୍ର ମିଶ୍ର, ପ୍ରତ୍ୟୁଷା ପାଣିଗ୍ରାହୀ, ଡ. ରମାକାନ୍ତ ବେହେରା, ବିପିନ ରାଉତ, ଡ. ନନ୍ଦ କିଶୋର ହୋତା, ବିପିନ ବଗର୍ତ୍ତି, ଏ. ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଆଉଟସୋର୍ସିଂ କର୍ମଚାରୀଙ୍କୁ ୬ ମାସ ହେଲା ଦରମା ମିଳିନାହିଁ

ବଲାଙ୍ଗୀର,୩।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ଆଉଟସୋର୍ସିଂ କର୍ମଚାରୀମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ

- ପ୍ରତିବାଦରେ ଧାରଣା ଦେଲେ, କାର୍ଯ୍ୟ ବନ୍ଦ କଲେ

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଏବଂ ହସ୍ପିଟାଲର ଆଉଟସୋର୍ସିଂ କର୍ମଚାରୀମାନଙ୍କ ଚୁକ୍ତି ସମ୍ପ୍ରସାରଣ ଏବଂ ୬ ମାସର ଦରମା ପ୍ରଦାନ ପାଇଁ ବୁଧବାର କଲେଜ କ୍ୟାମ୍ପସରେ ଧାରଣା ଏବଂ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଆଉଟସୋର୍ସିଂ କର୍ମଚାରୀମାନେ ସେମାନଙ୍କୁ ଗତ ୬ ମାସ ହେଲା ଦରମା ମିଳି ନ ଥିବା ଅଭିଯୋଗ କରିଥିଲେ। ବିନା ଦରମାରେ ସେମାନେ ହସ୍ପିଟାଲରେ କାର୍ଯ୍ୟ ସମ୍ପାଦନ କରୁଥିବା ସୂଚନା ଦେଇଥିଲେ। ଆଉଟସୋର୍ସିଂ କର୍ମଚାରୀମାନେ ସେମାନଙ୍କ ଦାବି ସମ୍ପର୍କରେ ବିଭିନ୍ନ ସମୟରେ ଜଣାଇଥିଲେ ମଧ୍ୟ ସେମାନଙ୍କୁ ଏଯାଏଁ ଦରମା ମିଳିନାହିଁ। ବିନା ଦରମାରେ ସେମାନେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି। ଏହାସହିତ ଆଉଟସୋର୍ସିଂ କର୍ମଚାରୀ ମାନଙ୍କ ନିଯୁକ୍ତି ଚୁକ୍ତି ସମ୍ପ୍ରସାରଣ ହୋଇନାହିଁ। ଏହାକୁ ତୁରନ୍ତ ସମ୍ପ୍ରସାରଣ କରି କର୍ମଚାରୀମାନେ କିଭଳି ଦରମା ପାଇବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରି ଆସୁଛନ୍ତି। ଆଉଟସୋର୍ସିଂ କର୍ମଚାରୀଙ୍କ ଧାରଣା ଓ କାର୍ଯ୍ୟବନ୍ଦ ଯୋଗୁ କଲେଜ ଓ ହସ୍ପିଟାଲ କାର୍ଯ୍ୟ ପ୍ରଭାବିତ ହୋଇଥିଲା। କର୍ମଚାରୀମାନେ ସେମାନଙ୍କ ନିଯୁକ୍ତି ସମ୍ପ୍ରସାରଣ ଓ ଦରମା ପ୍ରଦାନ ଦାବି ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆୟୁର୍ବେଦିକ କଲେଜ ଅଧ୍ୟକ୍ଷ ଡା. ମନୋଜ କୁମାର ସାହୁଙ୍କୁ ଦାବିପତ୍ର ଦେଇଥିଲେ। ଆଉଟସୋର୍ସିଂ କର୍ମଚାରୀ ତେଜଶ୍ୱର ମୁଗ୍ରୀ, ଦିବ୍ୟମୟୀ ସୁନା, ମୋହନ ଷାଣ୍ଡ, ପ୍ରତ୍ୟୁଷ କୁମାର ତ୍ରିପାଠୀ, ବୁଦ୍ଧଦେବ ତାଣ୍ଡି, ପ୍ରମୋଦ ନାଗ, ଫାଲଗୁନୀ ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କଲେଜ ଅଧ୍ୟକ୍ଷ ଡା. ସାହୁ ଆଉଟସୋର୍ସିଂ କର୍ମଚାରୀଙ୍କ ନିଯୁକ୍ତି ସମ୍ପ୍ରସାରଣ ଓ ବକେୟା ଦରମା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପାଖକୁ ଲେଖାଯାଇଛି। ଏ ଦିଗରେ ସରକାର ଶୀଘ୍ର ପଦକ୍ଷେପ ନେବେ ବୋଲି ଆଶା କରାଯାଉଥିବା ସେ ସୂଚନା ଦେଇଥିଲେ।

ନକଲି ବିହନ ଯୋଗାଣ ଅଭିଯୋଗ ପରେ କୃଷି ବିଭାଗର ତତ୍ପରତା

ଲୋଇସିଂହା,୩।୭(ସୁଶାନ୍ତ ବାରିକ)

ଧାନ ବିହନ ଗଜା ନ ହେବା ଘଟଣା

- କୁଟୁରାପାଲି ମହାଲକ୍ଷ୍ମୀ ବିହନ ଉତ୍ପାଦନ ସଂସ୍ଥାରୁ ଡିଲର ପାଖକୁ ହୋଇଛି ଯୋଗାଣ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟ ଓ ଭାଲିଆମୁଣ୍ଡାସ୍ଥିତ ଡିଲରଙ୍କ ପାଖରୁ ଚାଷୀମାନେ ନେଇଥିବା ଧାନ ବିହନ ଗଜା ହେଉନାହିଁ। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ଚାଷୀଙ୍କ ଅଭିଯୋଗକୁ ଆଧାର କରି 'ଗଜା ହେଉନି ଧାନ, ଚାଷୀ ଚିନ୍ତାରେ' ଶୀର୍ଷକ ଏକ ଖବର ଧରିତ୍ରୀରେ ବୁଧବାର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ କୃଷି ବିଭାଗ ତତ୍ପରତା ଦେଖାଇଛି। କୃଷି ବିଭାଗର ଅନୁଧ୍ୟାନ ପରେ ଜଣାପଡିଛି ଯେ, ବ୍ଲକ ଅଧୀନସ୍ଥ କୁଟୁରାପାଲି ମହାଲକ୍ଷ୍ମୀ ବିହନ ଉତ୍ପାଦନ ସଂସ୍ଥା ପକ୍ଷରୁ ସଂପୃକ୍ତ ଡିଲରଙ୍କୁ ବିହନ ଯୋଗାଣ ହୋଇଛି। ବିହନ ଉତ୍ପାଦକ ସଂସ୍ଥା ପକ୍ଷରୁ ଗୋଟିଏ ଲଟ୍ ବିହନରେ ଏପରି ସମସ୍ୟା ଉପୁଜିଥିବା କୁହାଯାଇଛି। ତେବେ କେଉଁ ପରିସ୍ଥିତିରେ ବିହନରୁ ଗଜା ହେଉନାହିଁ ତାହା ତଦନ୍ତ କଲାପରେ ଜଣାପଡିବ ବୋଲି ବ୍ଲକ ସହକାରୀ କୃଷି ଅଧିକାରୀ ରୋହନ କୁମାର ସାହୁ କହିଛନ୍ତି। ବୁଧବାର କାର୍ଯ୍ୟସ୍ତତା ଯୋଗୁ ୟୁନିଟକୁ ଯାଇ ହେଲାନାହିଁ। ଗୁରୁବାର ବିହନ ୟୁନିଟକୁ ଯାଇ ତଦନ୍ତ କରାଯିବ। ସେ ଆହୁରି କହିଥିଲେ, ଉତ୍ପାଦକକଙ୍କୁ ଏପରି ବିହନ ଯୋଗାଣକୁ ବନ୍ଦ କରିବା ସହ ଡିଲରମାନେ ମଧ୍ୟ ବିକ୍ରି ବନ୍ଦ ରଖିବାକୁ କୁହାଯାଇଛି। ଡିଲରମାନେ ଚାଷୀଙ୍କୁ ଟଙ୍କା ଫେରସ୍ତ କରିବାକୁ ବାଧ୍ୟ। ଯଦି ନ ଫେରାଉଛନ୍ତି, ତେବେ ବିଭାଗ ପକ୍ଷରୁ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସହକାରୀ କୃଷି ଅଧିକାରୀ ସାହୁ କହିଛନ୍ତି।

ପ୍ରକାଶ ଯେ, ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଗୁର୍ଜିଭଟା ଓ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆମୁଣ୍ଡା ଡିଲରଙ୍କ ପାଖରୁ ସେହି ଅଞ୍ଚଳର ଚାଷୀମାନେ ପୂଜା, ସାଧନା ଓ ଜମୁନା ଧାନ ବିହନ ନେଇଥିଲେ। କେତେକ ଚାଷୀ ବିହନକୁ ପରୀକ୍ଷଣ କରିବାରୁ ତାହା ଗଜା ହୋଇ ନ ଥିଲା। ଆଉ କେତେକ ଚାଷୀ ଉକ୍ତ ଫାଉଣ୍ଡେଶନ ବିହନ ଉପରେ ଭରସା କରି ଡିଲର ପାଖରୁ ନେଇ ଖେତରେ ବୁଣାବୁଣି କରିଥିଲେ। ସେହି ବିହନ ସବୁ ଗଜା ନ ହେବାରୁ ତାହା ନକଲି ବୋଲି ଚାଷୀମାନେ ଡିଲର ପାଖକୁ ଆସି ଅଭିଯୋଗ କରିଛନ୍ତି। ଗୁର୍ଜିଭଟାସ୍ଥିତ ଡିଲର ପାଖରେ ବହୁ ସଂଖ୍ୟକ ଚାଷୀ ବିହନ ଫେରସ୍ତ କରିଥିବା ଜଣାଯାଇଛି। କ୍ଷତଗ୍ରସ୍ତ ତଥା ଠକେଇର ଶିକାର ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି।

ରାସ୍ତା କଡ଼ରେ ଗଛ ଲଗାଇଲେ ଛାତ୍ରୀଛାତ୍ର

ଲାଠୋର,୩।୭(ଭୁବନେଶ୍ୱର ବାରିକ)

ଲାଠୋର କଲେଜ ଛାତ୍ରୀଛାତ୍ର ରାସ୍ତା କଡ଼ରେ ବୃକ୍ଷରୋପଣ କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରସନ୍ନ ଦାସଙ୍କ ନେତୃତ୍ୱରେ ମଙ୍ଗଳବାର ବନ ମହୋତ୍ସବ ଅବସରରେ କଲେଜର ଛାତ୍ରୀଛାତ୍ର ରାସ୍ତା କଡ଼ରେ ବୃକ୍ଷରୋପଣ କରିଛନ୍ତି। ଲାଠୋର ବନାଞ୍ଚଳ ଅଧିକାରୀ ଶୈଳେଶ କୁମାର ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା ସମିତିର ସଭାପତି ନୀଳମାଧବ ପଣ୍ଡା, ଭୁବନେଶ୍ୱର ବାରିକ ଓ କପିଳ ସୁନା ଯୋଗ ଦେଇଥିଲେ। ବୃକ୍ଷରୋପଣ କରି ଜଙ୍ଗଲ ସୃଷ୍ଟି କଲେ କ'ଣ ସବୁ ଉପକାର ମିଳିଥାଏ ସେ ଉପରେ ଆଲୋଚନା କରି କଲେଜ ପରିସର ମଧ୍ୟରେ ପ୍ରଥମେ ବୃକ୍ଷରୋପଣ କରାଯାଇଥିଲା। ପରେ ସମସ୍ତ ଛାତ୍ରୀଛାତ୍ର ଏକତ୍ରିତ ହୋଇ ଲାଠୋର କଲେଜ ନିକଟ ତାରିଣୀ ମନ୍ଦିର ଛକ ଠାରୁ କନ୍ଦେଇଛାପର ମୁଖ୍ୟରାସ୍ତା ଦୁଇ କଡ଼ରେ ବିଦ୍ୟୁତ୍ ଗ୍ରୀଡ଼ ପର୍ଯ୍ୟନ୍ତ ନିମ୍ବ, ବହଳ, ଜାମୁ କୋଳି ଏବଂ ଅଁଳା ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଏନଏସଏସ ପ୍ରୋଗ୍ରାମ ଅଫିସର ଭଗବାନ ଦାସ ଏବଂ ରେଡକ୍ରସ କାଉନସିଲର ଭବାନୀକାନ୍ତ ବଗର୍ତ୍ତି ସହଯୋଗ କରିଥିଲେ। ଏହି ଅବସରରେ କଲେଜର ସମସ୍ତ କର୍ମଚାରୀଙ୍କ ସହ ବନବିଭାଗ କର୍ମଚାରୀ ଉପସ୍ଥିତ ରହିଥିଲେ।

ନାଗରିକ କମିଟି ପକ୍ଷରୁ ବନ ମହୋତ୍ସବ ପାଳିତ

ବଲାଙ୍ଗୀର,୩।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ୭୫ ତମ ବନ ମହୋତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖସ୍ଥ ଗାନ୍ଧୀ ଷ୍ଟାଡିୟମ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ଘର ଅଗଣା, ବାରିପଟେ ଗଛ ଲଗାଇବା ପାଇଁ ଆଗ୍ରହୀ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କୁ ନାଗରିକ କମିଟି ପକ୍ଷରୁ ସଭାପତି ଡ. ଶ୍ରୀକର ମିଶ୍ର ଚାରା ବଣ୍ଟନ କରିଥିଲେ । ବନ ବିଭାଗର ଚିନ୍ମୟ କୁମାର ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସାଧାରଣ ସମ୍ପାଦକ ମଧୁସୂଦନ ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଫେସର ତରୁଣ କୁମାର ମିଶ୍ର, ଶରତ କୁମାର ମହାକୁର, ରତ୍ନରାଜ ସିଂ, ଡ. ପ୍ରମୋଦ କୁମାର ମିଶ୍ର, ଗୋପବନ୍ଧୁ ପୁରୋହିତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଜଙ୍ଗଲ କ୍ଷୟ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର କାରଣ

ସୁନାଆଡକି ସଂରକ୍ଷିତ ଜଙ୍ଗଲରେ ବନ ମହୋତ୍ସବ ଅବସରରେ କାର୍ଯ୍ୟକ୍ରମ ।

ଦେଓଗାଁ,୩।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାରେ ବନ ମହୋତ୍ସବ

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ସୁନାଆଡକି ସଂରକ୍ଷିତ ଜଙ୍ଗଲଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ୭୫ ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ବିକ୍ରମ କେଶରୀ ନାଏକ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିତ୍ତରଞ୍ଜନ ମିଶ୍ର, ସ୍ଥାନୀୟ ପଞ୍ଚାୟତ ସମିତି ହାଇସ୍କୁଲ ପ୍ରଧାନଶିକ୍ଷକ ଅମ୍ବରୀଶ ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ବନିତା ବେହେରା, ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ)ର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ଅଧିକ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର ଏକମାତ୍ର କାରଣ ହେଉଛି ଜଙ୍ଗଲ କ୍ଷୟ। ଏଣୁ ସମସ୍ତେ ଗଛ ଲଗାଇ ତାର ଯତ୍ନ ନେବା ଦିଗରେ ସଚେତନ ହେବା ଜରୁରୀ ବୋଲି ଅତିଥିଗଣ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସୁନାଆଡକି ସଂରକ୍ଷିତ ଜଙ୍ଗଲରେ ପ୍ରଥମ ପର୍ଯ୍ୟାୟରେ ୨ ହଜାର ବୃକ୍ଷରୋପଣ କରାଯାଇଥିଲା। ଆଗକୁ ୨୦ ହେକ୍ଟର ଜମିରେ ବୃକ୍ଷରୋପଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଫରେଷ୍ଟର ବ୍ୟାସଦେବ ସାହୁ, ଜନ୍ମେଜୟ ପାଣିଗ୍ରାହୀ, ଫରେଷ୍ଟ ଗାର୍ଡ ଯୁକ୍ତା ସାହାଣୀ, ଡିଇଓ ରଜନୀକାନ୍ତ ମହାନ୍ତି, ନରେନ୍ଦ୍ର ବିଶ୍ୱାଲ ତଥା ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

କପଡ଼ା ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ପାଟଣାଗଡ଼,୩।୭(ସଚ୍ଚିଦାନନ୍ଦ ମହାକୁର)

୩ ଲକ୍ଷ ସହ ୯ ଭରି ସୁନା ଲୁଟ୍

ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଜଣେ କପଡା ବ୍ୟବସାୟୀଙ୍କ ଘରେ ଦୁର୍ବୃତ୍ତମାନେ କେମିକାଲ ସ୍ପ୍ରେ କରି ୩ ଲକ୍ଷ ଟଙ୍କା ସହ ୯ ଭରି ସୁନାଗହଣା ଲୁଟି ନେଇଥିବା ନେଇ ବୁଧବାର ବ୍ୟବସାୟୀ ଜଣକ ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବସାୟୀ ଯୁବରାଜ ମେହେରଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଜାରି ରହିଛି। ପାଟଣାଗଡ଼ ଥାନା ସାଲେପାଲି ପଞ୍ଚାୟତ ରହେନମାଳ ଗ୍ରାମର କପଡା ବ୍ୟବସାୟୀ ଯୁବରାଜଙ୍କ ଅଭିଯୋଗ ଅନୁସାରେ ମଙ୍ଗଳବାର ସପରିବାର ଖାଇ ସାରିବା ପରେ ଶୋଇଥିଲେ। ହଠାତ୍ ମଧ୍ୟରାତ୍ରିରେ ଯୁବରାଜଙ୍କ ସ୍ତ୍ରୀ କେଶରୀଙ୍କ ନିଦ ଭାଙ୍ଗି ଯାଇଥିଲା। ସେତେବେଳକୁ ତାଙ୍କ ଘର ପଛ କବାଟ ଓ ଗୋଦରେଜ ସମ୍ପୂର୍ଣ ଖୋଲା ଥିବା ସହ ଦୁଇ ଜଣ ନାବାଳକ ପୁଅ ବାନ୍ତି କରୁଥିବା ସେ ଦେଖିବାକୁ ପାଇଥିଲେ। ଏପରି କି ଘର ସାରା କେମିକାଲର ଗନ୍ଧ ହେଉଥିବାରୁ ଅଣନିଶ୍ୱାସୀ ଅନୁଭବ କରିଥିଲେ। ପରେ ସେ ତାଙ୍କ ସ୍ୱାମୀ ଓ ଶାଶୁ ଶ୍ୱଶୁରଙ୍କୁ ଉଠାଇ କିଛି ଅଘଟଣ ଘଟିଥିବା ସନ୍ଦେହ କରିଥିଲେ। ପରେ ସେମାନେ ଖୋଲାଥିବା ଗୋଦରେଜକୁ ଦେଖିବା ପରେ ଭିତରେ ଥିବା ନଅ ଭରି ସୁନା ଅଳଙ୍କାର ସହ ଶୋଇଥିବା ପଲଙ୍କ ତଳେ ଥିବା ଏକ ବକ୍ସରୁ ୩ ଲକ୍ଷ ଟଙ୍କା ଓ କିଛି ଜରୁରୀ ପ୍ରମାଣପତ୍ର ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ଯୁବରାଜ ପାଟଣା

ସଂକ୍ଷେପରେ

ଗୁରୁ ପୂର୍ଣ୍ଣିମା ପାଳନ ପାଇଁ ପ୍ରସ୍ତୁତି

ବରଗଡ଼,୩।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଆସନ୍ତା ୨୧ ତାରିଖ ବରଗଡ଼ରେ ଜିଲାସ୍ତରୀୟ ଗୁରୁ ପୂର୍ଣ୍ଣିମା ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଖଜୁରଟିକ୍ରସ୍ଥିତ ନେତାଜୀ କ୍ଲବ ପରିସରରେ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଷଦର ବିଭିନ୍ନ ବ୍ଲକ କାର୍ଯ୍ୟକର୍ତ୍ତା, ସଂଯୋଜକ ଯୋଗଦାନ କରି ଗୁରୁ ପୂର୍ଣ୍ଣିମା ପାଳନ ଉପରେ ନିଜ ମତ ରଖିଥିଲେ। ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା ମାସିକ ବିବରଣୀ ଉପସ୍ଥାପନ କରିଥିଲେ। ପରିଷଦର ବରିଷ୍ଠ ଉପଦେଷ୍ଟା ଲଳିତ ମୋହନ ପଣ୍ଡା, ରାମଚନ୍ଦ୍ର ସାହୁ, ନିଳମାଧବ ଦେବତା, ଗୋରାଚାନ୍ଦ ସାହୁ, ମୀନକେତନ ମେହେର, ଭୀମସେନ ମହାପାତ୍ର, ପ୍ରଦୀପ ସାହୁ, ଦଖିଳ ବାରିକ, ମଧୁସୂଦନ ମେହେର, ବାଙ୍କାବିହାରୀ ସାହୁ, ସୁଶିଲ ଠାକୁର, ପଞ୍ଚାନନ ବାଗ, ଭରତ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ସଙ୍କୁଳସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ବୈଠକ

ସରଣ୍ଡା,୩।୭(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର୍‌ଠାରେ ଭେଡେନ ସଙ୍କୁଳ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କୁ ନେଇ ବରଗଡ଼ ବିଭାଗ ନିରୀକ୍ଷକ ସୁଶାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବୁଧବାର ବୈଠକ ଅନୁଷ୍ଠିତ ହୋଇଥିଲା। ସଙ୍କୁଳ ସଂଯୋଜକ ଅଶ୍ୱିନୀ କୁମାର ବାରିକ ଦୀପ ପ୍ରଜ୍ଜଳନ ପୂର୍ବକ ସମସ୍ତଙ୍କ ଶୁଭ କାମନା କରିଥିଲେ। ଏହି ଅବସରରେ ପୂର୍ବ ବୈଠକର ବିବରଣୀ ପଠନ ଓ ଆଗାମୀ ମାସର ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ପ୍ରେମାନନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଖୁଜେନ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ

ପଦ୍ମପୁର,୩।୭(ପ୍ରଦୀପ୍ତ ଦାଶ): ରାଜବୋଡା ସମ୍ବର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ଖୁଜେନ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିଥିଲେ ଓ ମୌଳିକ ସଂଖ୍ୟା ଜ୍ଞାନ ଓ ଭାଷା ସାକ୍ଷରତା ସମର୍କିତ ପ୍ରଶ୍ନ ପଚାରିଥିଲେ। ଛାତ୍ରୀଛାତ୍ରଙ୍କଠାରୁ ଉତ୍ତର ପାଇ ଖୁସି ପ୍ରକଟ କରିଥିଲେ। ଉପସ୍ଥାନ ବୃଦ୍ଧି, ଶିକ୍ଷଣ ସାମୀର ବ୍ୟବହାର, ପ୍ରାର୍ଥନା ଶ୍ରେଣୀରେ ଅଭିନ କୁଇଜ, ଦୈନିକ ଖବର ପଠନ ଆଦି କାର୍ଯ୍ୟକ୍ରମ କରି ଛାତ୍ରୀଛାତ୍ରଙ୍କ ଜ୍ଞାନ ବୃଦ୍ଧି ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ ସହ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ଯୋଶୀ, ଶିକ୍ଷକ ମାଧବ ବରିହା, ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ଉପସ୍ଥିତ ଥିଲେ।

ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୩।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ମେହେର, ତିଲୋତ୍ତମା ଭୋଇ, ଅବସରପ୍ରାପ୍ତ ଶିକ୍ଷକ ଧ୍ରୁବଚରଣ ପାଢ଼ୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୋଷ୍ଠି ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରଞ୍ଜନ ଡନସନା, ଘାସିରାମ ଭୋଇ, ଦିଲୀପ ମେହେର, ମୁଖ୍ୟ କିରାଣୀ ଭରତ ମେହେର, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନବୀନ କୁମାର ସାବତ, ସମ୍ପାଦକ କୃପାସିନ୍ଧୁ ଗଡ଼ତିଆ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପେନସନ ପେପର ପ୍ରଦାନ କରାଯାଇଥିଲା। ସିଆରସିସି ଅଭୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଅଧାରୁ ଉଚ୍ଛେଦ ପ୍ରକ୍ରିୟା ଦିଗହରା

ବରଗଡ଼,୩।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର-ପୁରୁଣା ଜୀରାବ୍ରିଜ ରାସ୍ତା ।

- ଉଚ୍ଚ ନ୍ୟାୟାଳୟଙ୍କ ରାୟ ସତ୍ତ୍ୱେ ହେଉନି ଉଚ୍ଛେଦ
- ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ ନେଇ ବସିଲା ବୈଠକ
- ୨ଦିନ ମଧ୍ୟରେ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ
- ତଥାପି ଆଶା, ଆଶଙ୍କାରେ ବରଗଡ଼ ସହରବାସୀ

ବରଗଡ଼ ସହର ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରା ବ୍ରିଜ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ସହରର ଏକ ଦୀର୍ଘବର୍ଷର ସମସ୍ୟା। ସହରବାସୀଙ୍କ ବାରମ୍ବାର ଦାବିର ଚାପରେ ପ୍ରଶାସନ ଗତବର୍ଷ ଜୁନରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। କିନ୍ତୁ ଉଚ୍ଚ ନ୍ୟାୟାଳୟକୁ ଏହି ପ୍ରସଙ୍ଗ ଯାଇଥିଲା ଏବଂ ରହିତାଦେଶ ଯୋଗୁ ଉଚ୍ଛେଦ ଅଟକି ରହିଥିଲା। ତେବେ ଉଚ୍ଚ ନ୍ୟାୟାଳୟ ମାମଲାର ବିଚାର କରି ଗତ ଫେବୃୟାରୀ ୧ ତାରିଖରେ ଉଚ୍ଛେଦ ସପକ୍ଷରେ ରାୟ ଦେଇଥିଲେ। ଏହାସତ୍ତ୍ୱେ ଉଚ୍ଛେଦ ପ୍ରକ୍ରିୟା ଦିଗହରା ହୋଇ ପଡ଼ିଛି। ଉଚ୍ଚ ନ୍ୟାୟାଳୟ ରାୟ ଦେବା ସତ୍ତ୍ୱେ ଉଚ୍ଛେଦ ପ୍ରକ୍ରିୟା ଆଗେଇ ନାହିଁ। ଏହି ପ୍ରସଙ୍ଗ ଉଚ୍ଚ ନ୍ୟାୟାଳୟକୁ ଯିବା ପୂର୍ବରୁ ରାସ୍ତା ଜବରଦଖଲ ଯେଭଳି ଥିଲା, ରାୟ ପ୍ରକାଶ ପାଇବାର ୫ ମାସ ପରେ ମଧ୍ୟ ସେଭଳି ସ୍ଥିତିରେ ରହିଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ପୁଣି ଅସନ୍ତୋଷ କୁହୁଳି ବସିଥିବାବେଳେ ଉଚ୍ଛେଦ ପ୍ରକ୍ରିୟାରେ ବିଭାଗୀୟ ଅଧିକାରୀଙ୍କ ଭୂମିକାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରା ବ୍ରିଜ ଦେଇ ପୂର୍ବରୁ ଜାତୀୟ ରାଜପଥ ଯାଇଥିଲା। କିନ୍ତୁ ଉକ୍ତ ରାସ୍ତା ଦିନକୁ ଦିନ ସଂକୁଚିତ ହୋଇ ପଡ଼ିଥିଲା ଏବଂ ବ୍ୟସ୍ତବହୁଳ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ଉକ୍ତ ରାସ୍ତାରୁ ଜବରଦଖଲ ହଟାଇବା ପାଇଁ ସହରବାସୀ ବାରମ୍ବାର ଦାବି କରି ଆସିଛନ୍ତି। ମାତ୍ର ସେହି ଦାବି ଦାବିରେ ହିଁ ସୀମିତ ହୋଇ ରହି ଯାଇଥିଲା। କିନ୍ତୁ ଗତବର୍ଷ ଜୁନ ୨୧ ତାରିଖରୁ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଏବଂ ଯୁବ ସଙ୍ଗଠନ ଏକତ୍ରିତ ହୋଇ ରାସ୍ତା ପ୍ରଶସ୍ତୀକରଣ ଅଭିଯାନକୁ ଓହ୍ଲାଇଥିଲେ। ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଜିଲା ପ୍ରଶାସନକୁ ଫେରାଦ ହୋଇ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ।

ସହରବାସୀଙ୍କ ଆବଶ୍ୟକତା ଏବଂ ସମୂହ ସ୍ୱାର୍ଥ ସାଧନ ପାଇଁ ବରଗଡ଼ ଜିଲା ଓକିଲ ସଂଘ ଉଚ୍ଛେଦ ଦାବିକୁ ସମର୍ଥନ କରିବା ସହିତ ଏହାର ନେତୃତ୍ୱ ନେଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଘଟଣା ଉଚ୍ଚ ନ୍ୟାୟାଳୟକୁ ଯାଇଥିଲା ଏବଂ ରହିତାଦେଶ ପରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହି ସମୟ ଗଡ଼ି ଚାଲିଥିଲା। କିନ୍ତୁ ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ ଗତ ଫେବୃୟାରୀ ୧ ତାରିଖରେ ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ୧୫ ଦିନର ନୋଟିସ୍ ଦେଇ ଜବରଦଖଲ ହଟାଇବା ପାଇଁ ଉଚ୍ଚ ନ୍ୟାୟାଳୟ ପୌର ପରିଷଦକୁ ଆଦେଶ କରିଥିଲେ। ଏହାସତ୍ତ୍ୱେ ଉଚ୍ଛେଦ କରାଯାଇ ନ ଥିଲା। ସାଧାରଣ ନିର୍ବାଚନ ଆଚରଣ ବିଧି ନେଇ ପୁଣି ସମୟ ଗଡ଼ି ଚାଲିଥିଲା। ଇତିମଧ୍ୟରେ ସାଧାରଣ ନିର୍ବାଚନ ସରିବାର ମାସେ ବିତି ଯାଇଛି। ତଥାପି ସେହି ପ୍ରସଙ୍ଗ ଅସମାହିତ ହୋଇ ରହିଯାଇଛି।

ତେବେ ଉଚ୍ଚ ନ୍ୟାୟାଳୟ ଜବରଦଖଲ ଉଚ୍ଛେଦ ସପକ୍ଷରେ ରାୟ ଦେବା ସତ୍ତ୍ୱେ ମଧ୍ୟ କିଛି ଜବରଦଖଲକାରୀ ଉଚ୍ଛେଦ ନ କରିବାକୁ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଫେରାଦ ହୋଇ ଆବେଦନ କରିଥିଲେ। ମାତ୍ର ସେହି ଆବେଦନ ଖାରଜ କରି ଦେଇଥିବା ଜଣାପଡ଼ିଛି। ସେହିପରି ମଙ୍ଗଳବାର ଉଚ୍ଛେଦ ପ୍ରକ୍ରିୟାକୁ ନେଇ ପ୍ରଶାସନ, ଜିଲା ଓକିଲ ସଂଘ, ସମଲେଶ୍ୱରୀ ସଂଘ, ପୌର ପରିଷଦ ତଥା ବିଭିନ୍ନ ପ୍ରଶାସନିକ ବିଭାଗର ପ୍ରତିନିଧିଙ୍କୁ ନେଇ ଗଠିତ କମିଟିର ଏକ ବୈଠକ ବସିଥିଲା। ବୈଠକରେ ଉଚ୍ଛେଦ ପ୍ରକ୍ରିୟାର ତର୍ଜମା କରାଯାଇଥିଲା। ୨ଦିନ ମଧ୍ୟରେ ଜବରଦଖଲରେ ରହିଥିବା ଜମି ଚିହ୍ନଟ ସହିତ ରିପୋର୍ଟ ଦେବା ପାଇଁ ରାଜସ୍ୱ ବିଭାଗ ଅଧିକାରୀ ତଥା ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ତେବେ ହମିଦ ନା ମେଜର ବନ୍ଦୋବସ୍ତ ଅନୁଯାୟୀ ଜମି ଚିହ୍ନଟ ହେବ ଏବଂ ସେହି ରିପୋର୍ଟ ହସ୍ତଗତ ହେବାର କେତେଦିନ ପରେ ଉଚ୍ଛେଦ ପ୍ରକ୍ରିୟା ଆଗେଇବ, ସେଥିପ୍ରତି ବର୍ତ୍ତମାନ ସଭିଙ୍କ ନଜର ରହିଛି।

ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରି ଭୁବନେଶ୍ୱର ପଠାଇଲେ ସ୍ୱେଚ୍ଛାସେବୀ

ସରଣ୍ଡା,୩।୭(ଯୁଧିଷ୍ଠିର ମହାପାତ୍ର)

ଅସହାୟ ବୃଦ୍ଧା ରତନି ବାଗ ।

ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ସୁନାଳରମ୍ପାର କୁଦୋପାଲି ଗ୍ରାମରୁ ଜଣେ ଅସହାୟ ବୃଦ୍ଧାଙ୍କୁ ସମ୍ବଲପୁରର ପରିଚୟ ଅନୁଷ୍ଠାନ ଉଦ୍ଧାର କରି ମଙ୍ଗଳବାର ଭୁବନେଶ୍ୱରର ଏକ ଅନାଥ ଆଶ୍ରାମରେ ଛାଡ଼ିଛି। ପ୍ରାପ୍ତ ଖବରରୁ ପ୍ରକାଶ ଯେ, କୁଷ୍ଠ ରୋଗରେ କ୍ୟାନସର ହୋଇଥିବାରୁ ଗୋଡ଼ ଦୁଇଟି କଟା ଯାଇଥିଲା। ଫଳରେ ଦିବ୍ୟାଙ୍ଗ ନିରୀହ ଅସହାୟ ମହିଳା ରତନି ବାଗ ସ୍ୱାମୀ ପର୍ଶୁରାମ ବାଗ ଉଭୟେ କୁଷ୍ଠ ରୋଗରେ ପୀଡିତ ହୋଇ ଜୀବନ ଯାପନ କରୁଥିଲେ। ୧୫ ବର୍ଷ ପୂର୍ବରୁ ସ୍ୱାମୀ ପର୍ଶୁରାମଙ୍କ ମୃତ୍ୟୁ ଘଟିଥିଲା। ଉଭୟଙ୍କ କୌଣସି ସନ୍ତାନ କିମ୍ବା ବନ୍ଧୁ ପରିଜନ କେହି ନ ଥିଲେ। ଦୀର୍ଘ ଦିନ ଧରି ସୁନାଳରମ୍ପା ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଦୋପାଲି ରୋହିଦାସ ପଡାଠାରେ ଏକ ଅସ୍ଥାୟୀ ଝୁପୁଡ଼ିରେ ରତନୀ ଅଶ୍ରୟ ନେଇଥିଲେ। କିନ୍ତୁ ଉକ୍ତ ସ୍ଥାନ ମଧ୍ୟ ଭାଙ୍ଗି ଗଲା। ଫଳରେ ସେହି ପଡ଼ାର ଖେଦୁ ଉଗେର ଘର ପାଖରେ ଥିବା ବରଗଛ ମୂଳେ ଆଶ୍ରୟ ଦେଇଥିଲେ। ସୁନାଳରମ୍ପା ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ଅଶୋକ ସୁନାଙ୍କଠାରୁ ସୂଚନା ପାଇ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର ସହ ସମ୍ବଲପୁର ପରିଚୟ ଅନୁଷ୍ଠାନ ସ୍ୱେଚ୍ଛାସେବୀ ବିପିନ ବିହାରୀ ପଣ୍ଡା ଯୋଗାଯୋଗ କରିଥିଲେ। ଶେଷରେ ଭୁବନେଶ୍ୱରର ରିଓ ଚେରିଟାଲେ ଟ୍ରଷ୍ଟ ବୃଦ୍ଧାଙ୍କୁ ଥଇଥାନ ନେଇ ସହମତି ପ୍ରଦାନ କରିଥିଲେ। ମଙ୍ଗଳବାର ଥଇଥାନ ନିମନ୍ତେ ସ୍ୱେଚ୍ଛାସେବୀ ପଣ୍ଡାଙ୍କ ଜରିଆରେ ହାମନନ୍ଦ ଡାହୁରୀ, ବିଶ୍ୱଜିତ ରାୟ ପ୍ରମୁଖଙ୍କ ସହାୟତା ଅନାଥ ଆଶ୍ରମକୁ ପଠାଯାଇଛି। ଉଦ୍ଧାର ସମୟରେ ସୁନାଳରମ୍ପା ସରପଞ୍ଚ ସ୍ୱାଗତିକା ସୁନା ଓ ଅଶୋକ ସୁନା ଉପସ୍ଥିତ ଥିଲେ।

କବିତା ସଂକଳନ ଉନ୍ମୋଚନ ସମାରୋହ

ଅତିଥିମାନେ କବିତା ସଂକଳନକୁ ଉନ୍ମୋଚନ କରୁଛନ୍ତି।

ବରଗଡ଼,୩।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗାନ୍ଧୀ ଭବନ ପରିସରରେ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ଅଧ୍ୟାପକ ମନୋଜ ଆଚାର୍ଯ୍ୟଙ୍କ କବିତା ସଂକଳନ ମୋ ଦେହଳୀର ସ୍ପନ୍ଦନ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି, କବି ମନୋରଞ୍ଜନ ସାହୁ, ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପୁରନ୍ଦର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରୀତମ ସିଂ, ସୁଶିଲ କେଜ୍ରିୱାଲ, ଅଧ୍ୟାପକ ଝସକେତନ ପ୍ରଧାନ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଅଧ୍ୟାପକ ତିଳକରାମ ପ୍ରଧାନ, ମଞ୍ଜୁ ମହାପାତ୍ର, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ସାହିତ୍ୟିକ ଡ. ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ରେଳମନ୍ତ୍ରୀଙ୍କୁ ଭେଟିଲେ ବରଗଡ଼ ଏମ୍‌ପି ପ୍ରଦୀପ

ବରଗଡ଼-ନୂଆପଡ଼ା ରେଳପଥ ପ୍ରସଙ୍ଗ ଉଠାଇଲେ

ବରଗଡ଼,୩।୭(ପ୍ରେମାନନ୍ଦ ଖମାରୀ)


ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ନୃସିଂହନାଥ ମହାପ୍ରଭୁଙ୍କ ଫଟୋ ପ୍ରଦାନ କରୁଛନ୍ତି।

ବରଗଡ଼ ଏମପି ପ୍ରଦୀପ ପୁରୋହିତ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି। ତାଙ୍କୁ ସାକ୍ଷାତ୍ କରି ପୁରୋହିତ ବରଗଡ଼-ନୂଆପଡ଼ା ରେଳପଥ ପ୍ରସଙ୍ଗ ଉଠାଇଛନ୍ତି। ଏହି ରେଳପଥ ନିର୍ମାଣ ପାଇଁ ଆବଶ୍ୟକ ଜମି ଚିହ୍ନଟ ଓ ଯୋଗାଣ ସହିତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଦିଗରେ ପଦକ୍ଷେପ ନେବା ପାଇଁ ସେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେହି ଏହି ପ୍ରସଙ୍ଗକୁ ନେଇ ଏମ୍‌ପି ପୁରୋହିତ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେ ଉଲ୍ଲେଖ କରିଛନ୍ତି, ଗତ ୨୦୨୨ ପଦ୍ମପୁର ଉପନିର୍ବାଚନ ସମୟରେ ବରଗଡ଼-ନୂଆପଡ଼ା ରେଳପଥ ନିର୍ମାଣ ପ୍ରସଙ୍ଗ ଉଠିଥିଲା। କିନ୍ତୁ ତତ୍କାଳୀନ ରାଜ୍ୟ ସରକାର ସେଥିପାଇଁ ଆବଶ୍ୟକ ଜମି ଯୋଗାଇ ଦେବାରେ ବିଫଳ ହେବାରୁ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥିଲା। ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଚାଲୁଥିବା ଯୋଗୁ ଜମି ଯୋଗାଣ ନେଇ ଆଉ ସେଭଳି ସମସ୍ୟା ଉପୁଜିବ ନାହିଁ। ଫଳରେ ରେଳପଥ ନିର୍ମାଣ ପାଇଁ ଜମି ଚିହ୍ନଟ, ଜମି ଯୋଗାଣ ପ୍ରକ୍ରିୟା ଆରମ୍ଭ ସହିତ ଉକ୍ତ ରେଳପଥ ନିର୍ମାଣ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଏମ୍‌ପି ପୁରୋହିତ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ମ୍ପି ପୁରୋହିତ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ନୃସିଂହନାଥ ମହାପ୍ରଭୁଙ୍କ ଫଟୋ ପ୍ରଦାନ କରିଥିଲେ।

ରାଜବୋଡାସମ୍ବର ହାଇସ୍କୁଲରେ ଚାରା ରୋପଣ କାର୍ଯ୍ୟକ୍ରମ

ପଦ୍ମପୁର,୩।୭(ପ୍ରଦୀପ୍ତ ଦାଶ)

ପଦ୍ମପୁର ରାଜବୋଡାସମ୍ବର ହାଇସ୍କୁଲ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲୋଭାଦିନୀ ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନିରୋଜ ଦୋରା, ପୂର୍ଣଚନ୍ଦ୍ର ପାଣିଗ୍ରାହୀ, ଡ. ପ୍ରମୋଦ ପାଢ଼ୀ, ଅଶୋକ ବହିଦାର, ବିଦ୍ୟାଧର ଦାଶ, ପ୍ରୀତିରଞ୍ଜନ ପ୍ରଧାନ ମୋହନ ବନୋଝର୍, ହରେକୃଷ୍ଣ ମେହେର, ପ୍ରଭାସିନୀ ସା, ତୃପ୍ତିମୟୀ ଝଗରା, ରୁଦ୍ରାଙ୍କଦ ବାରିକ, ପ୍ରୀତିରଶ୍ମି ସେଠ, ସଂଗ୍ରାମକେଶରୀ ଦୀପ, ମଧୁସ୍ମିତା ବର୍ଗେ, ଚନ୍ଦନ ନାଏକ, ଅମ୍ବିକା ରଥ, ଅଳକାଶ୍ରୀ ପଣ୍ଡା, ସୁନୀତା ଖମାରୀ, ଦୀପକ ତିୱାରୀ, କୃଷ୍ଣଚନ୍ଦ୍ର ପ୍ରଧାନ ଓ ନିରୂପମା ଭୋଇ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଚାରା ରୋପଣ କରିଥିଲେ। ବନପାଳ ସରୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପଚାଶରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ବରଗଡ଼,୩।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ସାଧାରଣ ଜ୍ଞାନ, ତର୍କ ଏବଂ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏଥିରେ ଏସ. ଶ

ସଂକ୍ଷେପରେ

କାର୍ ଧକ୍କାରେ ବୃଦ୍ଧ ମୃତ

ରାଉରକେଲା,୩।୭(ସଙ୍ଗୀତା ଜେନା): ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୮ ମାର୍କେଟ ନିକଟରେ ଗତ ୧ତାରିଖରେ ଜଣେ ବୃଦ୍ଧାଙ୍କୁ ଏକ କାର ଧକ୍କା ଦେଇ ଫେରାର ହୋଇଯାଇଥିଲା। ବୃଦ୍ଧଙ୍କୁ ଆରଜିଏଚରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମେହେର ବସ୍ତିର ଧନୀ ନାୟକ। ମୃତକଙ୍କ ପୁଅ ବିରଞ୍ଚି ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ନଂ.୧୨୨/୨୪ ରୁଜୁ କରି ଘଟଣାର ତଦନ୍ତ କରୁଛି।

ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ ମୃତ

ରାଉରକେଲା,୩।୭(ସଙ୍ଗୀତା ଜେନା): ରଘୁନାଥପାଲି ଥାନା ଅନ୍ତର୍ଗତ ପାନପୋଷ ବ୍ରିଜ ଉପରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉତ୍ତରପ୍ରଦେଶର ଆଦିତ୍ୟ ପାଠକ(୧୯)। ସେ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଏକ କମ୍ପାନୀରେ ସିକ୍ୟୁରିଟିଗାର୍ଡ ଭାବେ କାମ କରୁଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ମାମଲା ନଂ. ୩୩୯/୨୪ ରୁଜୁ କରିଛି। ସୂଚନାଅନୁଯାୟୀ, ଆଦିତ୍ୟ ମଙ୍ଗଳବାର ସନ୍ଧ୍ୟାରେ ରାଉରକେଲାରୁ ବ୍ରାହ୍ମଣୀତରଙ୍ଗ ସ୍ଥିତ କାର୍ଯ୍ୟାଳୟକୁ ବାଇକ ଯୋଗେ ଯାଉଥିବା ବେଳେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ତାଙ୍କୁ ଜେପି ହସ୍ପିଟାଲ ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା।

ବିଦ୍ୟୁତ୍ ଆଘାତରେ ଗାଈ ମୃତ

ବେଦବ୍ୟାସ, ୩।୭(ଆଲୋକ ସ୍ୱାଇଁ): ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ସମ୍ମୁଖରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଗି ଏକ ଗାଈର ମୃତ୍ୟୁ ଘଟିଛି। ବିଦ୍ୟୁତ୍ କର୍ମଚାରୀଙ୍କ ଅସାବଧାନତା ଯୋଗୁ ଏପରି ହୋଇଥିବା ଅଭିଯୋଗ ହୋଇଛି। ଲୁହା ବିଦ୍ୟୁତ୍ ଖୁଣ୍ଟ କିପରି ଚାର୍ଜ ହୋଇଗଲା, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରାହୁଲଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ପ୍ରତିବାଦ

ରାଉରକେଲା, ୩।୭(ସଙ୍ଗୀତା ଜେନା) : ଜୁଲାଇ ୧ରେ ସଂସଦରେ ବିପକ୍ଷ ନେତା ରାହୁଲ ଗାନ୍ଧୀ ହିନ୍ଦୁଙ୍କୁ ହିଂସାକାରୀ ବୋଲି କହିବା ସହିତ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟ ହିନ୍ଦୁଙ୍କୁ ଗଭୀର ଆଘାତ ଦେବା ସହିତ ମର୍ମାହତ କରିଛି। ଏହା ପୂର୍ବରୁ ମଧ୍ୟ ହିନ୍ଦୁ ମାନେ ଡେଙ୍ଗୁ, ଆତଙ୍କବାଦୀ ଓ ଅପମାନସୂଚକ ଭାଷା ପ୍ରୟୋଗ କରିସାରିଛନ୍ତି। ତୁରନ୍ତ ଏହି ମନ୍ତବ୍ୟକୁ ନେଇ ସେ ହିନ୍ଦୁ ସମାଜକୁ କ୍ଷମା ମାଗନ୍ତୁ ନଚେତ୍ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି ହୋଇଛି। ବୁଧବାର ସନ୍ଧ୍ୟାରେ ଅମରଭବନ ଠାରେ ବିଶ୍ୱ ହିନ୍ଦୁ ପରିଷଦ ରାଉରକେଲା ଶାଖା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଥିଲା। ଏଠାରେ ଭିଏଚ୍‌ପି କାମାକ୍ଷା ରାଣା, ବିକାଶ ଗୋୟଲ, ଜିତୁ ରାୟ, ହିମାଂଶୁ ପାଣି, ରାକେଶ ଶର୍ମା, ପ୍ରଦୀପ ମହତୋ, ରାମ ସିଂହ, ପଙ୍କଜ ମୁଲଚନ୍ଦାନୀ, ପ୍ରେମ ସାହୁ, ଆଲୋକ ଗୋୟଲ, ଗୁଡ୍ଡୁ ସଂହ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

ଶିବିରରେ ୬୩ ଜଣଙ୍କ ରକ୍ତଶିକୁଳି ପରୀକ୍ଷଣ

ରାଉରକେଲା,୩।୭(ବିପ୍ଳବ ରଞ୍ଜନ ଦାଶ): ବେଦବ୍ୟାସ ଗୁରୁକୁଳ ସଂସ୍କୃତ କଲେଜ ପକ୍ଷରୁ ରକ୍ତଶିକୁଳୀ ପରୀକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡା. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଓ ଦିବ୍ୟଜୀବନ ଡାଇଗ୍ନୋଷ୍ଟିକ ଫାର୍ମାସିଷ୍ଟ ରମେଶଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ରକ୍ତ ବର୍ଗୀକରଣ,ହିମୋଗ୍ଲୋବିନ ଓ ରକ୍ତଶିକୁଳୀ ପରୀକ୍ଷଣ ହୋଇଥିଲା। ଶିବିରରେ ମୋଟ ୬୩ ଜଣଙ୍କ ପରୀକ୍ଷଣ ହୋଇଥିଲା। ଅନୁଷ୍ଠିତ ଶିବିରରେ ଡା.ପରମେଶ୍ୱର ଶତପଥି ଯୋଗଦେଇ ବେଦ ପଠନ କରି ଶିବିରର ଶୁଭାରମ୍ଭ କରିଥିଲେ। ଡା. କେଦାରନାଥ ପାଢୀ, ଶ୍ୟାମମାଳା ଦାସ, ଶିବପ୍ରସାଦ ପାଠୀ ଓ ସନ୍ତୋଷ ଲେଙ୍କା ଶିବିରର ପରିଚାଳନାରେ ସହାୟତା କରିଥିଲେ।

ମନ୍ଥର ଗତିରେ ଚାଲିଛି ପାନପୋଷ ରେଳଷ୍ଟେଶନ କାମ

- ଅମୃତ ଭାରତ ଯୋଜନାରେ ବ୍ୟୟବରାଦ ହୋଇଛି ୪୦ୀ କୋଟି
- ୬ ମାସ ଭିତରେ କାମ ସାରିବାକୁ କହିଲେ ଷ୍ଟେଶନ ପରିଚାଳକ

ରାଉରକେଲା,୩।୭(ବିପ୍ଳବ ରଞ୍ଜନ ଦାଶ)

ପାନପୋଷ ରେଳଷ୍ଟେଶନ ହେଉଛି ରାଉରକେଲା ସହରର ସର୍ବପ୍ରାଚୀନ ଓ ଦ୍ୱିତୀୟ ମୁଖ୍ୟ ରେଳଷ୍ଟେଶନ। ଭାରତଛାଡ଼ ଆନ୍ଦୋଳନ ସମୟରେ ସହରର ଏହି ସର୍ବପ୍ରାଚୀନ ରେଳଷ୍ଟେଶନ ଦେଇ ମାହାତ୍ମା ଗାନ୍ଧୀ ରାଞ୍ଚି ଯାତ୍ରା କରିଥିବା କୁହାଯାଏ। ତେଣୁ ଗାନ୍ଧିଜୀଙ୍କ ସ୍ମୃତିରେ ଷ୍ଟେଶନ ଛକରେ ଏକ ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥାପନ ମଧ୍ୟ କରାଯାଇଛି। ହେଲେ ଏହ ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ହୋଇପାରୁନାହିଁ। ସହରବାସୀଙ୍କ ଦାବିପରେ ରାଉରକେଲା ଓ ପାନପୋଷ ଷ୍ଟେଶନକୁ ଅମୃତ ଭାରତ ଯୋଜନାରେ ସାମିଲ କରାଗଲା। ଷ୍ଟେଶନର ସର୍ବାଙ୍ଗୀନ ଉନ୍ନତି ପାଇଁ ଉକ୍ତ ଯୋଜନାରେ ୪୦ୀ କୋଟି ଟଙ୍କା ବ୍ୟୟବରାଦ ହେଲା। ମାତ୍ର ଉନ୍ନତିମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ଷ୍ଟେଶନର ନୂତନ ପ୍ଲାଟ୍‌ଫର୍ମ ଏବଂ ଟିକେଟ ପ୍ରଦାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହ। ଅନ୍ୟପଟେ ପାନପୋଷ ବସ୍ତିକୁ ରାଉରକେଲା ସହର ସହ ଯୋଡିଥିବା ସୁଡଙ୍ଗ ପଥ ସମ୍ପ୍ରସାରଣ, ନୂତନ ସୁଡଙ୍ଗ ପଥ ନିର୍ମାଣ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ପୁରୁଣା ଟିକେଟ କେନ୍ଦ୍ରରେ ଥିବା ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ପଡିଥିବାବେଳେ ମରାମତି ହୋଇନାହିଁ। ଏଥିସହ ଟିକେଟ ପ୍ରଦାନ କେନ୍ଦ୍ର ମଧ୍ୟ ଦୟନୀୟ ଅବସ୍ଥାରେ ପଡି ରହିଛି। ଦୀର୍ଘବର୍ଷ ଧରି ଜେନେରାଲ ଟିକେଟ ପାଇଁ ଆଉଟସୋର୍ସିଂ ଟେଣ୍ଡର ପ୍ରକ୍ରୟାରେ ଟିକେଟ ବିକ୍ରି ଚାଲଥିବା ବେଳେ ୪ମାସ ତଳେ ଟେଣ୍ଡର ପାଇଥିବା ବ୍ୟକ୍ତି ଜଣକ ଅନ୍ୟତ୍ର ନିଯୁକ୍ତି ପାଇ କାମ ଛାଡ଼ି ଦେଇଥିଲେ। ଅନ୍ୟ ଜଣେ ବ୍ୟକ୍ତି ଟେଣ୍ଡର ପାଇଁ ଟିକେଟ ବିକ୍ରି କରୁଥିବାବେଳେ ପୂର୍ବଭଳି ଟିକେଟ ବିକ୍ରି ହେଉ ନ ଥିବା ଜଣାପଡିଛି। ରିଜରଭେସନ(ପିଆର୍‌ଏସ୍) ଓ ଜେନେରାଲ ଟିକେଟ ନେବାକୁ ଯାତ୍ରୀ ଟିକେଟ କେନ୍ଦ୍ରକୁ ଆସୁଥିବା ବେଳେ ଲିଙ୍କ୍ ରହୁନାହିଁ। ଫଳରେ ପାନପୋଷ,ଛେଣ୍ଡ,ସିଭିଲ ଟାଉନଶିପ, ବେଦବ୍ୟାସ ଏବଂ କଲୁଙ୍ଗା ଅଞ୍ଚଳର ରେଳଯାତ୍ରୀ ଏକ୍ସପ୍ରେସ୍ ଟ୍ରେନ୍ ଧରିବା ପାଇଁ ୧୫/୧୬କି.ମି. ଦୂର ରାଉରକେଲା ଷ୍ଟେଶନ ଯାଉଛନ୍ତି। ତେଣୁ ଷ୍ଟେଶନର ଉନ୍ନତୀକରଣ କାମ ତୁରନ୍ତ କରା ନ ହେଲେ ଆଗକୁ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଅଞ୍ଚଳର ରମାକାନ୍ତ ପାଣ୍ଡେ, ପବନ ଜାଲାନ, ରାମା ସାହୁ,ଶୌଲେନ୍ଦ୍ର ତିୱାରୀ, ବିଜୟ ଅଗ୍ରୱାଲ,ସନ୍ତୋଷ ସାହୁ ଓ ସତ୍ୟରଞ୍ଜନ ଦାଶ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ପାନପୋଷ ରେଳ ଷ୍ଟେଶନ ପରିଚାଳକ ବିଭାସ ଭୂୟାଁଙ୍କୁ ପଚାରିବାରୁ,ଆଉ ୬ମାସରେ ଷ୍ଟେଶନର ନବୀକରଣ କାମ ଶେଷ ହେବା ଆଶା କରାଯାଉଛି। ଲଙ୍ଗ୍ ଇଣ୍ଟରଲଗିଂ ପାଇଁ ରାଉରକେଲା-ପାନପୋଷ ମଧ୍ୟରେ ଅଟୋମେଟିକ୍ ସେକ୍ସନଗୁଡିକର ମଧ୍ୟ ନିର୍ମାଣ ହେଉଛି। ନୂତନ ଟିକେଟ ବୁକିଂ କେନ୍ଦ୍ରାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଲିଙ୍କ୍ ବିଷୟରେ କହିପାରିବେ ନାହିଁ ବୋଲି ସେ କହିଥିଲେ।

ସହରରେ ଖୁଲମଖୁଲା ଚାଲିଛି ଜୁଆ ଆଡ୍ଡା

ରାଉରକେଲା,୩।୭(ସଙ୍ଗୀତା ଜେନା)

ପୋଲିସ ପ୍ରଶାସନ ନୀରବ

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଅବାଧରେ ଜୁଆ ଖେଳ ଚାଲିଥିବା ଅଭିଯୋଗ ହୋଇଛି। ଏଥିରେ ବିଶେଷଭାବେ ଯୁବ ବର୍ଗ ନଷ୍ଟ ହେଉଥିବା ଦେଖାଯାଇଛି। ଏ ନେଇ କିଛି ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୧ ପାହାଡ଼ ନିକଟ ଅଞ୍ଚଳ, ସେକ୍ଟର-୭ ଥାନା ଅଞ୍ଚଳ ଅନ୍ତର୍ଗତ ସେକ୍ଟର-୬ ବସ୍ତି ପରିତ୍ୟକ୍ତ ଦେଶୀ ମଦ ଭାଟି ସମେତ ବିଶ୍ରା ବନ୍ଧମୁଣ୍ଡା ସୀମାରେ ଜୁଆ ଆଡ୍ଡା ଚାଲିଛି। ରାଉରକେଲାରେ ଏକାଧିକ ଜୁଆ ଆଡ୍ଡାକୁ ନେଇ ସ୍ଥାନୀୟ ପୋଲିସର ଆଖି ଦୃଶିଆ ପଦକ୍ଷେପ ନ ଥିବା ଅଭିଯୋଗ ହେଉଛି। ଉକ୍ତ ଜୁଆ ଆଡା ଗୁଡ଼ିକୁ ବନ୍ଧମୁଣ୍ଡା, ଝିରପାଣି, ପାନପୋଷ, ଡେଲ ମାର୍କେଟ, ବାସନ୍ତୀକଲୋନୀ, ଛେଣ୍ଡ ସମେତ ଅନ୍ୟ ଅଞ୍ଚଳରୁ ଯୁବକଙ୍କ ସୁଅ ଛୁଟୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଖେଳ ହେଉଛି। ଜୁଆ ଖେଳୁ ଥିବା ଜଣେ ଯୁବକଙ୍କ ମା' ନିଜର ପରିଚୟ ଗୋପନ ରଖି କହିଛନ୍ତି, ଜୁଆ ଏକ ନିଶାରେ ପରିଣତ ହୋଇଛି। ପୋଲିସ ପକ୍ଷରୁ ଜୁଆ ଆଡ୍ଡା ଗୁଡ଼ିକ ବନ୍ଦ କରିବା ପାଇଁ କଡା କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି ବୋଲି ମହିଳା ଜଣଙ୍କ କହିଥିଲେ। ଏହି ପରିପ୍ରେକ୍ଷୀରେ ଡିଏସ୍‌ପି ଜୋନ୍-୧ ପୁଷ୍ପାରାଣୀ ନିନ୍‌ଗୀଙ୍କୁ ପଚାରିବାରୁ, ବସ୍ତି ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରାଯାଇଛି। ତେବେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜୁଆ ଖେଳ ସମ୍ପର୍କରେ ଅବଗତ ହେବା ପରେ ଏଥିରେ ସମ୍ପୃକ୍ତଙ୍କ ବିରୋଧରେ ପୋଲିସ ସୁନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରବ ବୋଲ ଡଏସ୍‌ପ ନନ୍‌ଗୀ କହଛନ୍ତ।

ଆମ ପୋଲିସର ଜରୁରୀ ବୈଠକ

ବୈଠକରେ ଉପସ୍ଥିତ ପୋଲିସ ଓ ଅନ୍ୟମାନେ।

ଲାଠିକଟା,୩।୭(ରାମେଶର ଖାଡଙ୍ଗା)

ଟାଙ୍ଗରପଲି ଥାନା ପକ୍ଷରୁ ଆମ ପୋଲିସ ମାଧ୍ୟମରେ ଏକ ଜରୁରୀ ବୈଠକ ଡକା ଯାଇଥିଲା। ଥାନା ଅଧିକାରୀ ରାମେଶ୍ୱର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ବୈଠକ ବସିଥିଲା। ସାଧାରଣ ଜନତା ଓ ପୋଲିସ ମଧ୍ୟରେ କିପରି ସୁ-ସମ୍ପର୍କ ଗଢ଼ାଯାଇ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇପାରିବ ଓ ନୂତନ ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ସାଧାରଣ ଜନତା କିପରି ଅବଗତ ହେବେ ଏହା ଉପରେ ଥାନା ଅଧିକାରୀ ସିଂ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଆମ ପୋଲିସର କିଛି ସଦସ୍ୟ ନିଜ ମତ ପୋଷଣ କରି ଏହାକୁ କିପରି ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରାଯାଇପାରିବ ତାହାପରେ ଟିପ୍ପଣୀ ରଖିଥିଲେ। ଆଗକୁ ରଥଯାତ୍ରା ଥିବାରୁ ଶାନ୍ତି ଶୃଙ୍ଖଳା ନିମିତ୍ତ ଆଲୋଚନା ହୋଇଥିଲା। ଆମ ପୋଲିସ ସଦସ୍ୟଙ୍କ ପକ୍ଷରୁ କେଶବ ଚନ୍ଦ୍ର ରାଉତ, ରବି ନାୟକ, ରମେଶ ଚନ୍ଦ୍ର ବିଷୋୟୀ, ରମେଶ ନାୟକ, କାଳନ୍ଦୀ ସୁତାର, ଭାଗବତ ଜେନା, ପ୍ରଶାନ୍ତ ପାଢ଼ୀ, ଦିଲୀପ ସିଂ, ଶ୍ରୀଚରଣ ସାମଲ, ଦିଲୀପ ମଲିକ, ବିନୟ ବେହୁରିଆ, ଅଶୋକ ପଟ୍ଟନାୟକ, ନନ୍ଦ କିଶୋର କୁଅଁର, ନିତ୍ୟାନନ୍ଦ ମାହାନ୍ତି, ଏନ. ସି. ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଥାନା ଅଧିକାରୀ ରାମେଶ୍ୱର ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିଧାୟକଙ୍କୁ ଭେଟିଲା ରାଉରକେଲା ବଣିକ ସଂଘ

ବିଧାୟକଙ୍କ ସହ ଆଲୋଚନା କରୁଛନ୍ତି ବଣିକସଂଘର କର୍ମକର୍ତ୍ତା।

ରାଉରକେଲା,୩।୭(ସଙ୍ଗୀତା ଜେନା)

ରାଉରକେଲାରେ ସମସ୍ତ ବାଣିଜ୍ୟକ ଅନୁଷ୍ଠାନ ଓ କାରଖାନାର ସାମଗ୍ରିକ ବିକାଶ ପାଇଁ ବୁଧବାର ପୂର୍ବାହ୍ନରେ ରାଉରକେଲା ବଣିକ ସଂଘ ବିଧାୟକ ସାରଦା ନାୟକଙ୍କୁ ଭେଟିଛନ୍ତି। ସଂଘ ସଭାପତି ପ୍ରଭାତ ଟିବ୍ରିୱାଲଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ରାଉରକେଲା ବିଧାୟକ ନାୟକଙ୍କୁ ଭେଟିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଉପସଭାପତି ସନ୍ତୋଷ ଅଗ୍ରୱାଲ, ବିଶ୍ୱନାଥ ଦେ, ସାଧାରଣ ସମ୍ପାଦକ ଶୁଭମ୍ କପୁର, ଆର୍ଥିକ ସମ୍ପାଦକ ମନିଷ ମୋଦୀ, ମିଲନ ମୋଦୀ, ପୂର୍ବତନ ସଭାପତି ପ୍ରବୀଣ ଗର୍ଗ, ରେଳବାଇ ସମ୍ପାଦକ ମନୋଜ ରାଟୋରିଆ, ଗୁରିନ୍ଦର ସିଂହ, ଅମୃତକିଷନ ନାୟାର, ନେମୁ ଜୈନ, ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ବିଧାୟକଙ୍କ କାର୍ଯ୍ୟାଳୟରେ ଭେଟିଥିଲେ। ଏଥିରେ ସମ୍ଭବ ସହଯୋଗ କରିବେ ବୋଲି ବିଧାୟକ ନାୟକ ପ୍ରତିଶ୍ରୁତି ଦେଇଥିଲେ। ପରେ ସଂଘ ପକ୍ଷରୁ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆର୍ ଓ ଅନୁପ ମଲ୍ଲିକଙ୍କୁ ଭେଟି ଆଲୋଚନା କରିଥିଲେ।

୫ରେ ବିଶାଳ ଶୋଭାଯାତ୍ରା କରିବ ବିଜେଡି

ବସ୍ତି ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି

ରାଉରକେଲା,୩।୭(ଦିନେଶ ମିଶ୍ର)

ରାଉରକେଲା ସହରରେ ଦୀର୍ଘ ୪୦ରୁ ୫୦ ବର୍ଷ ଧରି ବସ୍ତି ଅଞ୍ଚଳରେ ବସବାସ କରୁଥିବା ବସ୍ତିବାସୀଙ୍କୁ କିଭଳି ଉଚ୍ଛେଦ ପୂର୍ବରୁ ପ୍ରଥମେ ଥଇଥାନ କରିହେବ ସେନେଇ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଗଞ୍ଜାମ ବସ୍ତି ନିକଟରେ ଥିବା ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଜେଡିର ପୂର୍ବତନ ଜିଲା ସଭାପତି ତଥା ବରିଷ୍ଠ ନେତା ଆନନ୍ଦ ଚନ୍ଦ୍ର ମହାନ୍ତି ଯୋଗଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଉରକେଲା ସହରରେ କାର୍ଯ୍ୟକାରୀ କରାଯାଇ ନାହିଁ। ରେଳବାଇ ପକ୍ଷରୁ ତୃତୀୟ ରେଳ ଲାଇନ୍ ନିର୍ମାଣ ନାମରେ ବସ୍ତିବାସୀଙ୍କୁ ଥଇଥାନ ନ କରି ଉଚ୍ଛେଦ କରିବାକୁ ନେଇ ରାଉରକେଲା ବିଜୁ ଜନତାଦଳ ବିଧାୟକ ସାରଦା ପ୍ରସାଦ ନାୟକ ଦୃଢ ବିରୋଧ କରି ଆସୁଛନ୍ତି। ରେଳବାଇ କର୍ତ୍ତୃପକ୍ଷ ଏହି ବସ୍ତି ଉଚ୍ଛେଦ ଅଭିଯାନ ବିରୋଧରେ ଜୁନ ୨୯ରେ ପ୍ରଧାନମନ୍ତ୍ରୀଙ୍କୁ ବିଧାୟକ ନାୟକ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଥିଲେ। ଉଚ୍ଛେଦ କାର୍ଯ୍ୟକ୍ରମକୁ ବିରୋଧ କରି ଜୁଲାଇ ୫ରେ ବିଜେଡି ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ଉଦିତନଗର ସ୍ଥିତ ସିଂହାସିନୀ ମନ୍ଦିର ପରିସରରୁ ବାହାରି ଆମ୍ବେଦକର ଛକ ହୋଇ ରାଉରକେଲା ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ବିଜେଡିର ନଗରସଭାପତି ଗଗନ ପଣ୍ଡା, ବରିଷ୍ଠ ଆଇନଜୀବୀ ତଥା ଜିଲା ଉପସଭାପତି ସୁଦାମ ଚରଣ ଦାଶ, ସାମାଜିକକର୍ମୀ ସୁଶାନ୍ତ କୁମାର ରାଉତ, ମଡଆ ପ୍ରଭାରୀ ଜୟନ୍ତ କୁମାର ମିଶ୍ର, ସୁଧାଂଶୁ ସାମଲ, ଜ୍ୟୋତ୍ସ୍ନା ନାୟକ, ବିରେନ ସେନାପତି, ସୁରେନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଚାରା ବିତରଣ କେନ୍ଦ୍ରର ଶୁଭାରମ୍ଭ



ଚାରା ବିତରଣ କେନ୍ଦ୍ରର ଶୁଭାରମ୍ଭ ଅବସରରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ରାଉରକେଲା,୩।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରାଞ୍ଚଳ ଏବଂ ଶିଳ୍ପାଞ୍ଚଳ ବ୍ୟାପୀ ସବୁଜତା ବଜାୟ ପାଇଁ ରାଉରକେଲା ବନଖଣ୍ଡ ପକ୍ଷରୁ ସହରର ୨ଟି ପ୍ରମୁଖ ସ୍ଥାନରେ ବୁଧବାର ରାଉରକେଲା ବନଖଣ୍ଡ ତରଫରୁ ଚାରା ବିତରଣ କେନ୍ଦ୍ର ଦ୍ୱୟର ଶୁଭାରମ୍ଭ ହୋଇଯାଇଛି। ଚାରା ବିତରଣ କେନ୍ଦ୍ର ଦ୍ୱୟ ସହରର ଡିଏଭି ଛକରେ ଏବଂ ବିଶ୍ରା ଛକରେ ଅବସ୍ଥାପିତ ହୋଇଛି। ଡିଏଭି ଛକରେ ଅବସ୍ଥାପିତ ଚାରା ବିତରଣ କେନ୍ଦ୍ର ଆରସିସିଏଫ ପି.ରାମସାମୀଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବେଳେ ବଶ୍ରାରେ ଅବସ୍ଥାପତ ଚାରା ବିତରଣ କେନ୍ଦ୍ର ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀଙ୍କ ଦ୍ୱାରା ଉଦଘାଟିତ ହୋଇଛି। କେନ୍ଦ୍ରଦ୍ୱୟ ଶୁଭାରମ୍ଭ ହେବା ଅବସରରେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଏ.ସି.ଏଫ୍ ସୌମ୍ୟରଞ୍ଜନ ଗୋଛାୟତ, ପାନପୋଷ ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଲିମା, ଫରେଷ୍ଟର ପ୍ରଦୀପ ସାହୁ, ରୀତାଳୀ ଶତପଥି, ଫରେଷ୍ଟଗାର୍ଡ ଅଳିଅଳ ବେହେରା, ସଂଘମିତ୍ରା ମହନ୍ତ, ଯଶୋଦା ମହନ୍ତ,ରଜତ କୁମାର ମହାନ୍ତିଙ୍କ ସମେତ ଅନ୍ୟ ସମସ୍ତ ବନ କର୍ମଚାରୀ ସାମିଲ ଥିଲେ। ଉଭୟ ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର ଆସନ୍ତା ମାସ ଯାଏଁ ଲୋକଙ୍କୁ ଚାରା ବିତରଣ କରିବ। ଲୋକମାନେ ନିଜ ଆଧାରକାର୍ଡ କପି ମାଧ୍ୟମରେ ଆବଶ୍ୟକ ବିଭିନ୍ନ ପ୍ରଜାତିର

ମହାନଦୀ କୋଇଲା ଖଣି ଠିକା ଶ୍ରମିକ କଂଗ୍ରେସ-ଏମ୍‌ସିଏଲ ଆଲୋଚନା ବିଫଳ

ଝାରସୁଗୁଡ଼ା,୩।୭(ସଞ୍ଜୟ ମାଲି)

ଆନ୍ଦୋଳନରେ ବସିଛନ୍ତି ମହାନଦୀ କୋଇଲା ଖଣି ଠିକା ଶ୍ରମିକ।

ମହାନଦୀ କୋଇଲା ଖଣି ଠିକା ଶ୍ରମିକ କଂଗ୍ରେସ ଓ ଏମସିଏଲ ଲଖନପୁର କ୍ଷେତ୍ର ଅଧିକାକରୀଙ୍କ ମଧ୍ୟରେ ଅନୁଷ୍ଠିତ ୨ ପାକ୍ଷିକ ଆଲୋଚନା ବିଫଳ ହୋଇଛି। ଠିକା ଶ୍ରମିକଙ୍କ ୧୧ ଦଫା ଦାବି ନେଇ ହୋଇଥିବା ଆଲୋଚନାକୁ ନେଇ ଶ୍ରମିକ ସଙ୍ଗଠନ ଅସନ୍ତୋଷ ବ୍ୟକ୍ତ କରିବା ସହ ଆଗାମୀ ୧୫ ତାରିଖରେ ଲଖନପୁର କ୍ଷେତ୍ର ଅଞ୍ଚଳରେ ୩ଦିନ ପାଇଁ ଚକା ଜାମ ଆନ୍ଦୋଳନ କରାଯିବା ପାଇଁ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ଶ୍ରମିକ ସଙ୍ଗଠନ ପକ୍ଷରୁ ଏମସିଏଲ ଚେୟାରମ୍ୟାନ କମ ମ୍ୟାନେଜିଂ ଡାଇରେକ୍ଟରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଙ୍ଗଳବାର ଏମସିଏଲ ଲଖନପୁର କ୍ଷେତ୍ର ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଦୁଇ ପାକ୍ଷିକ ବୈଠକରେ ଏମସିଏଲ ପକ୍ଷରୁ ଏରିଆ ପାର୍ଶନାଲ ମ୍ୟାନେଜର ପ୍ରଦୀପ କୁମାର ଠିକା ଶ୍ରମିକଙ୍କ ଶୋଷଣକୁ ନିୟନ୍ତ୍ରଣ କରିବା ପାଇଁ ସଙ୍ଗଠନର ଦାବି ଅନୁସାରେ ବାଇମେଟ୍ରିକ ମାଧ୍ୟମରେ ହାଜରି ନେବା ପରିବର୍ତ୍ତେ କୋଲ ଇଣ୍ଡିଆ କ୍ଲାଉଡ ସର୍ଭିସ ମାଧ୍ୟମରେ ହାଜରି ନିଆଯିବ। କମ୍ପାନୀ ପକ୍ଷରୁ ଆସନ୍ତା ଅକ୍ଟୋବର ସୁଦ୍ଧା ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ଯେଉଁ କମ୍ପାନୀର ଟେଣ୍ଡେର ଶେଷ ହେବ ନୂଆ କମ୍ପାନୀରେ ଟେଣ୍ଡର ହେଲେ ପୁରୁଣା କମ୍ପାନୀର ଶ୍ରମିକମାନଙ୍କ ନିଯୁକ୍ତିକୁ ପ୍ରାଥମିକତା ପ୍ରଦାନ କରାଯିବ ବୋଲି ଏମସିଏଲ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଠିକାଶ୍ରମିକଙ୍କୁ ଅନେକ କମ୍ପାନୀ ୧୨ଘଣ୍ଟା କାର୍ଯ୍ୟ କରାଉଥିବାରୁ ଏହା ଶ୍ରମ ଆଇନର ଉଲ୍ଲଂଘନ ହୋଇଥିବାରୁ ଉକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରମିକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ସମାନ କାମ ପାଇଁ ସମାନ ଦରମା, ଠିକାଶ୍ରମିକଙ୍କୁ ୨୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯିବା ଦାବି ସହମତି ହୋଇ ପାରି ନ ଥିଲା। ଏମସିଏଲ କର୍ତ୍ତୃପକ୍ଷ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି କହିଥିଲେ। ଏମସିଏଲ ଲଖନପୁର କ୍ଷେତ୍ରରେ କମ୍ପାନୀର ଶୋଷଣ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଠିକା ଶ୍ରମିକମାନଙ୍କୁ ହାଇପାୱାର କମିଟି ଅନୁମୋଦିତ ମଜୁରୀ ତଥା କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ମଧ୍ୟ ପ୍ରଦାନ ଠିକ ଭାବରେ କରାଯାଉ ନ ଥିବା ଶ୍ରମିକ ସଙ୍ଗଠନ ସଭାପତି ରମେଶ କୁମାର ତ୍ରିପାଠୀ ପ୍ରକାଶ କରିଥିଲେ। ଶ୍ରମିକ ସଙ୍ଗଠନ ପକ୍ଷରୁ ମଦନ ମେହେର, ପପୁ ପ୍ରଧାନ, ଗିତେଶ ପ୍ରଧାନ, ସରୋଜ ମାଝି, ମାନଶ ସାହୁ, ଗୋବିନ୍ଦ ହୋତା, ଲୋକେଶର ରାଣା, ଭୀଷ୍ମ ରାଉତ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

୧୫ରୁ ଲଖନପୁର କ୍ଷେତ୍ରରେ ୩ ଦିନିଆ ଚକାଜାମ ଆନ୍ଦୋଳନ

ବର୍ଷାରେ ଭୁଶୁଡ଼ିଲା ଘର

ଦେବଗଡ଼,୩।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ୯ ନମ୍ବର ୱାର୍ଡ ପତ୍ରାପାଲି ସାହିର ଟେମ୍ପା ମୁଣ୍ଡାଙ୍କର ଇଟା ଯୋଡେଇ ମାଟି ଘର ମଙ୍ଗଳବାର ରାତିରୁ ବୁଧବାର ସକାଳ ପର୍ଯ୍ୟନ୍ତ ଲଗାଣ ବର୍ଷାରେ ଭୁଶୁଡି ପଡିଥିବା ଜଣାପଡିଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରର ସମ୍ମୁଖ ପଟ କାନ୍ଥ ଭିଜିଯାଇଥିବା ବେଳେ ସକାଳ ପ୍ରାୟ ୬ଟାରେ ଏହା ଭୁଶୁଡି ପଡି ରାସ୍ତା ଉପରେ ପଡିଯାଇଥିଲା। ଫଳରେ ଘର ବହୁ ଆସବାବ ପତ୍ର ଭାଙ୍ଗିରୁଜି ଯିବା ସହ ପରିବାର ଲୋକେ ବାସଶୂନ୍ୟ ହୋଇପଡିଥିଲେ। ଖବର ପାଇ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ସେଠାକୁ ଯାଇ ଟେମ୍ପା ସହିତ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ କହି ରାସ୍ତା ସଫା କରାଇବା ସହ ଟେମ୍ପାଙ୍କ ପରିବାର ପାଇଁ ଅସ୍ଥାୟୀ ଆଶ୍ରୟ ବ୍ୟବସ୍ଥା କରିଥିବା ଜଣାପଡିଛି। ଟେମ୍ପାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକାଳନ କରାଯାଇ ତାଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ପାଇଁ ୯ ନମ୍ବର ୱାର୍ଡ ସଦସ୍ୟା ସରୋଜିନୀ ମୁଣ୍ଡା ଦାବି ଜଣାଇଛନ୍ତି।

ସଂକ୍ଷେପରେ

ବାମଣ୍ଡା ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣୀ କମିଟି ବୈଠକ

ଦେବଗଡ଼,୩।୭(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଗୋପାଳଜୀ ମନ୍ଦିରରେ ବାମଣ୍ଡା ବ୍ରାହ୍ମଣ ସମାଜର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାମଣ୍ଡା ବ୍ରାହ୍ମଣ ସମାଜର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ୨୪ ତାରିଖରେ ଗୋପାଳଜୀ ମନ୍ଦିର ପରିସରରେ ଯଜ୍ଞକାର୍ଯ୍ୟ ଆୟୋଜନ ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା। ସେହିପରି ଯଜ୍ଞକାର୍ଯ୍ୟ ସୁଚାରୁ ରୂପେ ପରିଚାଳନା ନିମନ୍ତେ ବଜେଟ ପ୍ରସ୍ତୁତ କରାଯିବା ସହ କାର୍ଯ୍ୟକାରୀ କମଟି ସଦସ୍ୟମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ବାମଣ୍ଡା ବ୍ରାହ୍ମଣ ସମାଜର ସୁଦର୍ଶନ ଦାଶ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଯୁଧିଷ୍ଠିର ଦାଶ, ଜଗଦାନନ୍ଦ ନନ୍ଦ, ଟିକେଶ୍ୱର ଆଚାର୍ଯ୍ୟ ଓ ସଞ୍ଜୀବ ଧର ପ୍ରମୁଖ ଉପସ୍ଥିତ ଥିଲେ। ମିତ୍ରଭାନୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ରକ୍ତଶିକୁଳି ନିରାକରଣ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୩।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ମଙ୍ଗଳ ବିଭାଗ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ବାରକୋଟ ବ୍ଲକ କାଳିଆପାଳ ଆଶ୍ରମ ସ୍କୁଲରେ ଆନିମିଆ ତଥା ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ କାଳିଆପାଳ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସିଏଚଓ କମଳିନୀ ନାୟକ ଓ ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା ସମିତି ଅଧ୍ୟକ୍ଷ ରାଉତରାୟ ମୁଣ୍ଡା ଯୋଗଦେଇ ରକ୍ତହୀନତା ନିରାକରଣ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେହିପରି ଶିକ୍ଷକ ଅମିତ କୁମାର ସାହୁ, କାଳିଆପାଳ ଗ୍ରାମର ମାୟାଧ୍ ଗଡନାୟକ ନିଜକ ନୁଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସିକିଲ ସେଲ ପରୀକ୍ଷା କରାଯିବା ସହ ଛାତ୍ରୀଛାତ୍ରମାନେ ସଚେତନତା ମୂଳକ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ସହିତ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଆନିମିଆ ତଥା ରକ୍ତ ଶିକୁଳିର ନିରାକରଣ ସମ୍ପର୍କରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ସେହିପରି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବେହେରାଙ୍କ ତତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆନିମିଆ ତଥା ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସମ୍ପର୍କୀତ ବକ୍ତୃତା, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, କ୍ଷୁଦ୍ର ନାଟକ ଓ ମୁରୁଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ହରିହର ସାହୁ, ତପନ କୁମାର ପ୍ରଧାନ, ଶୁକଦେବ ବାଙ୍କିରା, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ତ୍ରିପାଠୀ ଓ ଜୁଲିରାଣୀ ବିଶ୍ୱାଳ ସହଯୋଗ କରିଥିଲେ।

ଅଭିନବ ଶିକ୍ଷାଦାନ ସମ୍ପର୍କିତ ଆଲୋଚନାଚକ୍ର

ଦେବଗଡ଼,୩।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଜିଲାର ସମସ୍ତ ସିଆର୍‌ସିସିଙ୍କୁ ନେଇ ଅଭିନବ ଶିକ୍ଷାଦାନ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠା ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ ଆଲୋଚନାଚକ୍ରର ଶୁଭାରମ୍ଭ କରିବା ସହ ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ କାର୍ଯ୍ୟକ୍ରମ କିଭଳି ସରଳ ଭାବେ କରାଯାଇ ପାରିବ ସେ ନେଇ ସିଆର୍‌ସିସିମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କି, ମନ୍ଦାକିନୀ ଗୁଡୁ, ନିବେଦିତା ବେହେରା, ଗୁରୁଚରଣ ବୋଦ୍ରା ଓ ଶିକ୍ଷକ ପ୍ରଶିକ୍ଷିକା ସୁରମା ମିର୍ଦ୍ଧା, ପାର୍ଥିବୀ ପ୍ରିୟଦର୍ଶିନୀ ପ୍ରମୁଖ ଅଭିନବ ଶିକ୍ଷାଦାନ ଏବଂ ଏହାର ଗୁରୁତ୍ୱ ଉପରେ ପର୍ଯ୍ୟାୟକ୍ରମେ ଆଲୋଚନା କରିବା ସହ ସିଆରସିସିମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୫୦ଟି କ୍ଲଷ୍ଟରର ସିଆର୍‌ସିସିମାନେ ଯୋଗଦେଇଥିଲେ।

ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ

ଝାରସୁଗୁଡ଼ା,୩।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ସୁଡୁଙ୍ଗ ଅନ୍ତର୍ଗତ ମୁଣ୍ଡେରବାହାଲ ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୭୫ ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରକାରର ଫୁଲ, ଫଳ, ନିମ୍ବ, କରଞ୍ଜ, ବାଉଁଶ ଆଦି ବୃକ୍ଷ ରୋପଣ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଛାତ୍ରଲାଲ କିଷାନ, ଲରିଆପାଳି ସେକ୍ସନ ଫରେଷ୍ଟର ସୁନୀଲ କୁମାର ଭୋଇ, ଫରେଷ୍ଟଗାର୍ଡ ବିଷ୍ଣୁପ୍ରିୟା ସେଠ, ପ୍ରେମଚାନ୍ଦ ଖରସେଲ, ଗଙ୍ଗାଧର ଖିଚିଡି, ବିଭୁପ୍ରସାଦ ନାଏକ, ରାମେଶ୍ୱର କିଷାନ, ଖୀରବତୀ କିଷାନ, ଗୋବିନ୍ଦ ଖଡ଼ିଆ, ଅଙ୍ଗନୱାଡ଼ି କର୍ମୀ ସରସ୍ୱତୀ ବାଘ, ଘସିଆ ବୁଦୁଲା, ଭିଏସଏସର ସଭ୍ୟସଭ୍ୟା, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

ପରିବର୍ତ୍ତିତ ଶ୍ରେଣୀଗୃହ ପର୍ଯ୍ୟବେକ୍ଷଣ ସାଧନୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଦେବଗଡ଼,୩।୭(ଶଶାଙ୍କ ଶେଖର ଝାଙ୍କର)

ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଦେବଗଡସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ମଙ୍ଗଳବାର 'ପରିବର୍ତ୍ତିତ ଶ୍ରେଣୀଗୃହ ପର୍ଯ୍ୟବେକ୍ଷଣ ସାଧନୀ-୨୦୨୪' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଏହି ପ୍ରଶିକ୍ଷଣର ଆଭିମୁଖ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ମନ୍ଦାକିନୀ ଗୁଡୁ, ନିବେଦିତା ବେହେରା, ସୁରମା ମିର୍ଦ୍ଧା, ପାର୍ଥଭୀ ପ୍ରିୟଦର୍ଶିନୀ ଓ ଗୁରୁ ଚରଣ ବୋଦ୍ରା 'ପରିବର୍ତ୍ତିତ ଶ୍ରେଣୀଗୃହ ପର୍ଯ୍ୟବେକ୍ଷଣ ସାଧନୀ-୨୦୨୪' ପର୍ଯ୍ୟବେକ୍ଷଣ ପାଇଁ ମାନକ ନିୟମାବଳୀ (ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ) ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନୀ ଶୈକ୍ଷିକ ବର୍ଷ ୨୦୨୪-୨୫ (ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ) ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ମୋଟ ୫୦ଜଣ ସିଆର୍‌ସିସି ଯୋଗଦେଇ ପ୍ରଶିକ୍ଷଣ ହାସଲ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ଶୋଚନୀୟ ବାଲଯୋରି ରାସ୍ତା ମରାମତି ଦାବି

ଝାରସୁଗୁଡ଼ା,୩।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ଘନଶ୍ୟାମ ହେମଲତା ସ୍କୁଲ ମୁଖ୍ୟ ରାସ୍ତା (ବାଲଯୋରି ଗ୍ରାମ ରାସ୍ତା) ଦୀର୍ଘ ବର୍ଷରୁ ଶୋଚନୀୟ ହୋଇ ପଡିଥିବା ଅଭିଯୋଗ ହେଉଛି। ବଢ଼େଇ ମୁଣ୍ଡା ଛକଠାରୁ ଘନଶ୍ୟାମ ହେମଲତା ସ୍କୁଲକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମଝିରେ ବଡ଼ବଡ଼ ଗାତ ହେବା ସହିତ ପାଣି ଜମି ରହୁଛି। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଟ୍ରକ ଅଲଟ୍ରାଟେକ କମ୍ପାନୀ, ଇଣ୍ଡିଆ ଓଏଲକୁ ଯିବାଆସିବା କରିବା ସହିତ ଶିଳ୍ପାନୁଷ୍ଠାନ କର୍ମଚାରୀ ଗାଡ଼ି ଚାଳକ, ଛାତ୍ରୀଛାତ୍ରଙ୍କ ସମେତ ବାଟୋଇ ଯିବା ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତ ବୁଲାଣି ସ୍ଥାନରେ ଛୋଟ ବଡ଼ ଗାତ ହେବା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ଅନ୍ୟପଟେ ଗତବର୍ଷ ଲଗାଣ ବର୍ଷା ହେବା ଫଳରେ ଗାଡ଼ି ଚାଳକ, ଶିଳ୍ପାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ବାଟୋଇ ଯିବା ଆସିବା ସମୟରେ ଚାରି ଘଣ୍ଟା ଧରି ଛିଡ଼ା ହୋଇଥିଲେ। ଫଳରେ ଟ୍ରାଫିକ ସମସ୍ୟା ସହିତ ଘନଶ୍ୟାମ ହେମଲତା ସ୍କୁଲ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାତି ସମୟରେ ଷ୍ଟ୍ରିଟ ଲାଇଟ ନ ଜଳୁଥିବାରୁ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହିତ ଲୋକେ ଯିବାଆସିବା ପାଇଁ ନିରାପଦ ମାନୁନାହାନ୍ତି। ଯୁଧକାଳିନ ଭିତ୍ତିରେ ରାସ୍ତା ମରାମତି କରିବା ପାଇଁ ଦୀର୍ଘ ବର୍ଷରୁ ସାଧାରଣରେ ଦାବି ହେଉଛି।

ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବ୍ରଜରାଜନଗର,୩।୭(ବିଜୟ ବରାଡ଼)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଚଳିତବର୍ଷ ଯୁକ୍ତ ୨ କଳା, ବାଣିଜ୍ୟ ତଥା ବିଜ୍ଞାନ ବିଭାଗର ବାର୍ଷିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ ହେଇ କଲେଜ ତଥା ବ୍ରଜରାଜନଗର ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ରଜରାଜନଗର ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱ ତଥା ପ୍ରତ୍ୟକ୍ଷ ମାର୍ଗ ଦର୍ଶନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୁରେଶ ହରିପାଲ, ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସୁପ୍ରକାସ ଚୌଧୁରୀ, ଏକାଡେମିକ ବର୍ଶର ବିଜୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ମହାବିଦ୍ୟାଳୟ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ବହୁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଏହି ପରି ଭଲ ଭାବେ ପାଠ ପଢି ନିଜ ପାଇଁ, ଅଞ୍ଚଳ ତଥା କଲେଜ ପାଇଁ ସୁନାମ ଅର୍ଜନ କରିବାକୁ ଅଧ୍ୟକ୍ଷ ନାୟକ ପରାମର୍ଶ ଦେଇଥିଲେ।

ଏସ୍‌ବିଆଇ ପ୍ରତିଷ୍ଠା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୩।୭(ସଞ୍ଜୟ ମାଲି)

ଭାରତୀୟ ଷ୍ଟେଟ ବ୍ୟାଙ୍କର ୬୯ତମ ପ୍ରତିଷ୍ଠା ଦିବସ ପାଳନରେ ଝାରସୁଗୁଡ଼ା କ୍ଷେତ୍ରୀୟ ବ୍ୟବସାୟ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଜିଲା ବୃଦ୍ଧାଶ୍ରମ ଅନ୍ତେବାସୀମାନଙ୍କ ବ୍ୟବହାର ନିମନ୍ତେ ଦୁଇଟି ଜଳ ବିଶୋଧକ ଯନ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ଓ କ୍ଷେତ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଚୌଧୁରୀ ଅଗ୍ନିନ ଅନୁପମ ପ୍ରହରାଜ ଉପସ୍ଥିତ ଥିଲେ। ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ୨୦୦ଟି ଚାରା ବୃକ୍ଷ ରୋପଣ, ସୁଲଡିହାପସ୍ଥିତ ବୃଦ୍ଧାଶ୍ରମ ଅନ୍ତେବାସୀମାନଙ୍କ ନିମନ୍ତେ ରାଶନ ସାମଗ୍ରୀ ବିତରଣ ଓ ମାଲିମୁଣ୍ଡା ଗ୍ରାମରେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଶିବିର ଆୟୋଜନ କରାଯାଇ ପ୍ରାୟ ୨୦୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍

ସଂକ୍ଷେପରେ

ନାବାଳିକା ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ କୋର୍ଟ ଚାଲାଣ

ନର୍ଲା,୩।୭ (ସନ୍ତୋଷ ପାତ୍ର): ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ନର୍ଲା ପୋଲିସ ବୁଧବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫକରି

କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଡୁଡ଼ାଲୁ ଗ୍ରାମର ପ୍ରଶାନ୍ତ ପଧାନ (୩୦)। ସୂଚନା ମୁତାବକ ତା୨୬।୧୦।୨୦୨୨ରେ ପ୍ରଶାନ୍ତ ନର୍ଲା ଥାନା ଅଞ୍ଚଳର ଜଣେ ୧୨ ବର୍ଷୀୟା ବାଳିକାଙ୍କୁ ବଳାତ୍କାରକରି ଫେରାର ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ନର୍ଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୯୯/୨୨ରେ ମାଲା ରୁଜୁକରି ତଦନ୍ତ ଚଳାଇଥିଲା। ଏପରିସ୍ଥଳେ ମଙ୍ଗଳବାର ରାତ୍ର ୮ ଘଣ୍ଟା ସମୟରେ ପ୍ରଶାନ୍ତ ନର୍ଲା ରୋଡ୍ ଷ୍ଟେଶନରେ ବୁଲୁଥିବା ସୂଚନା ପାଇ ପୋଲିସ ତାଙ୍କୁ ଗିରଫକରି ଥାନାକୁ ଆଣିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ମୃତଦେହ ଆଣିବାକୁ ସ୍ତ୍ରୀ ଥାନାର ଦ୍ୱାରସ୍ଥ

କୋକସରା,୩।୭ (ଦୁଷ୍ମନ୍ତ କୁମାର ପାଟଜୋଷୀ): କୋକସରା ଥାନା ଅନ୍ତର୍ଗତ ଖୁଣ୍ଟିଆ ପଞ୍ଚାୟତ ତେନ୍ତୁଳିପଡାର ଧନେଶ୍ୱର ପୋଟାଙ୍କ ପୁଅ ଲୋକନାଥ ପୋଟା (୨୯) ବାଙ୍ଗାଲୋର ବେଲେଣ୍ଟୁରୁ ସଦର ପୋଲିସ ଷ୍ଟେଶନ ଅଞ୍ଚଳରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। କାମ କରୁଥିବାବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସାଥୀରେ ଥିବା ଶ୍ରମିକ ବୁଧବାର ସକାଳେ ଫୋନ ଯୋଗେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଏହା ଶୁଣିବା ପେର ଅନ୍ୟ ଉପାୟ ନ ପାଇ ବୁଧବାର ତାଙ୍କ ସ୍ତ୍ରୀ ପଦ୍ମିନୀ ପୋଟା କୋକସରା ଥାନାର ଦ୍ୱାରସ୍ଥ ହୋଇ ସ୍ୱାମୀଙ୍କ ମର ଶରୀର ଭିଟାମାଟିକୁ ଫେରାଇ ଆଣିବାକୁ ଗୁହାରି କରିଛନ୍ତି। ସୂଚନାମତେ ଗତ ମାର୍ଚ୍ଚରେ ଗ୍ରାମର ବେଣୁଧର ପୋଟା, କ୍ଷୀରସନ୍ଧୁ ପୋଟା, ଟଙ୍କଧର ମାଝି, ଦୁଷ୍ମନ୍ତ ପୋଟାଙ୍କ ସହ ମିଶି ଲୋକନାଥ ଦାଦନ ଖଟିବାକୁ ବାଙ୍ଗାଲୋର ଯାଇଥିଲେ। ଅଭିଯୋଗ ପରେ କୋକସରା ପୋଲିସ ପକ୍ଷରୁ ବାଙ୍ଗାଲୋର ବେଲେଣ୍ଟୁରୁ ସଦର ପୋଲିସକୁ ସୁଚିତ କରାଯାଇଥିବା ଜଣାପଡିଛି।

ମହାବିଦ୍ୟାଳୟରେ ବନ ମହୋତ୍ସବ

ରିଷିଡା,୩।୭ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାସ୍ଥିତ କୌଶିକ ବାବା ଯୁକ୍ତ ୩ ମହାବିଦ୍ୟାଳୟଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିବେକ ଅଗ୍ରୱାଲ ମୁଖ୍ୟଅତିଥି ଓ ମହାବିଦ୍ୟାଳୟ ଅଧ୍ୟକ୍ଷା ଲିପ୍‌ସାମୟୀ ଦୁବେ, ଅଧ୍ୟାପକ ମାନସ ରଞ୍ଜନ ବାଗ, ସମୀର ପଧାନ, କୌସ୍ତୁଭ ସାହୁ, ପୁପିନ୍ଦ୍ର ରଣା, ଚମ୍ପୁଲାଲ ରଣା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏନ୍‌ଏସ୍‌ଏସ୍ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ରବି ମାଝିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଶତାଧିକ ଚାରା ରୋପଣ କରାଯାଇଥିଲା। ଅଧ୍ୟକ୍ଷା ଦୁବେ ଗଛ ଆମର ବନ୍ଧୁ, ଆଉ ଏହାକୁ ଆମ ପରିବାର ସଦସ୍ୟ ପରି ଯତ୍ନ ନେବା ଦରକାର ବୋଲି ଛାତ୍ରୀଛାତ୍ରଙ୍କୁ ବାର୍ତ୍ତା ଦେଇଥିଲେ।

ମିଶନ ଶକ୍ତି, ପିଇଓ କ୍ୱାର୍ଟର୍ସରେ ପାଠପଢ଼ା

ଭବାନୀପାଟଣା/ଜୟପାଟଣା,୩।୭ (ଉତ୍ତମ କୁମାର ଦାଶ/ଓମ୍ ପ୍ରକାଶ ବୈଠାରୁ)

ମିଶନ ଶକ୍ତି ଗୃହରେ ପାଠ ପଢ଼ିବାକୁ ଆସିଥିବା ପିଲାମାନେ।

- ସ୍କୁଲ ଭାଙ୍ଗି ୩ ବର୍ଷ ବିତିଲା, ହେଲାନି ନୂତନ କୋଠା
- ଗୋଟିଏ କୋଠରିରେ ପଢୁଛନ୍ତି ୫ ଶ୍ରେଣୀର ଛାତ୍ରୀଛାତ୍ର

ସରକାର ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଅନୁକୂଳ ପରିବେଶ ସହ ଆକର୍ଷଣୀୟ ସ୍କୁଲ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ଏସବୁ ବର୍ତ୍ତମାନ କାଗଜପତ୍ରରେ ସୀମିତ। ବାସ୍ତବିକ ଚିତ୍ର ଦେଖିଲେ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର ବାରି ହୋଇପଡୁଛି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମଙ୍ଗଳପୁରରେ ଥିବା କୋଲନିପଡ଼ାର ପ୍ରାଥମିକ ବିଦ୍ୟାଳୟରେ। ଗତ ୨୦୨୧ରେ ବିଦ୍ୟାଳୟ ଭାଙ୍ଗିବା ଦିନଠୁ ଆଜି ଯାଏ ଏଠି କାହାରି ମଧ୍ୟ ଦୃଷ୍ଟି ପଡିନାହିଁ। ପାଖରେ ଥିବା ମିଶନ ଶକ୍ତି ଓ ପିଇଓ କ୍ୱାର୍ଟର୍ସରେ ଚାଲିଛି ପାଠପଢ଼ା । ସ୍କୁଲରେ ସମୁଦାୟ ୫୭ ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ଗୋଟିଏ କୋଠରିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲା ବସି ପାଠ ପଢୁଛନ୍ତି। ଏଥିଯୋଗୁ ଉଭୟ ପିଲା ଓ ଶିକ୍ଷକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଥମ ଶ୍ରେଣୀ ପିଲା ଯେଉଁ ବିଷୟ ପଢୁଛନ୍ତି ପଞ୍ଚମ ଶ୍ରେଣୀ ପିଲାଙ୍କୁ ମଧ୍ୟ ସେହି ବିଷୟ ପଢ଼ିବାକୁ ପଡୁଥିବା ବେଳେ ଉପର ଶ୍ରେଣୀ ପିଲାଙ୍କ ପାଠ ମଧ୍ୟ ତଳ ଶ୍ରେଣୀ ପିଲାଙ୍କୁ ଶୁଣିବାକୁ ପଡୁଛି। ସବୁ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛି ଶିକ୍ଷା ବିଭାଗ ତଥା ବ୍ଲକ ପ୍ରଶାସନ। ତିନିବର୍ଷ ହେଲା ଛାତ୍ରୀଛାତ୍ରଙ୍କୁ କିପରି ଶିକ୍ଷାଦାନ ହେଉଥିବ ତାହା ସହଜରେ ଅନୁଭବ କରିହେଉଛି। ସ୍କୁଲ ଘର ଭଲ ଥିବା ସମୟରେ ପ୍ରାୟ ୧୩୫ ଜଣ ପିଲା ପାଠ ପଢୁଥିଲେ। ଏବେକାର ଏହି ଅବ୍ୟବସ୍ଥା ପାଇଁ ଆର୍ଥିକ ଅନଟନ ଥାଇ ମଧ୍ୟ ପିଲାଙ୍କୁ ଘରୋଇ ସ୍କୁଲ ପଠାଇବା ପାଇଁ ବାଧ୍ୟ ହେଉଛନ୍ତି ଅବିଭାବକ। ନୂତନ ସ୍କୁଲ ଘର ପାଇଁ ଗ୍ରାମବାସୀ ଓ ପ୍ରଧାନ ଶିକ୍ଷକ ଅନେକ ଥର ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ ବୋଲି ଗ୍ରାମର ଯୁଧିଷ୍ଠିର ନାଏକ କହନ୍ତି। ଏ ନେଇ ଜୟପାଟଣା ବିଡ଼ିଓ ଧର୍ମରାଜ ମାଝିଙ୍କୁ ପଚାରିବାରୁ ସ୍କୁଲର ଅତିରିକ୍ତ ଶ୍ରେଣୀ କୋଠା ପାଇଁ ଟେଣ୍ଡର ସରିଛି, ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଥିଲେ।

ଡୋଙ୍ଗରିପାଲିରେ ଜଳ ସଙ୍କଟ

କୋମନା,୩।୭(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ବୁଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁରେ ଜଳ ସଙ୍କଟ ଦେଖାଦେଇଛି। ୨୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ଉପରପଡ଼ା ଓ ତଳପଡ଼ା ମିଶି ୮ଟି ନଳକୂପ ରହିଛି। ତନ୍ମଧ୍ୟରୁ ତଳପଡ଼ାରେ ଥିବା ୪ ନଳକୂପରେ ଗରାଏ ପାଣି ବାହାରିବା ପାଇଁ ୨୦ମିନିଟ୍ ସମୟ ଲାଗୁଛି। ଫଳରେ ପାଣି ପାଇଁ ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ଅପରପକ୍ଷେ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ୨୦୦୦ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କି ନିର୍ମାଣ ହୋଇ ଗାଁକୁ ଜଳ ଯୋଗାଣ ହେଉଥିଲା। ହେଲେ ହଠାତ୍ ଲୋଭୋଲ୍ଟେଜ ଭଳି ଅନ୍ୟ ଏକ ସମସ୍ୟା ଦେଖାଦେଲା। ଅଭିଯୋଗ ପରେ ଏହି ସମସ୍ୟା ଦୂର ହୋଇଥିଲେ ମଧ୍ୟ ଜଳ ଯୋଗାଣ ପ୍ରକଳ୍ପ ଫେଜ୍‌ରେ ବିଜୁଳି ରହୁ ନ ଥିବାରୁ ଏକସପ୍ତାହ ହେଲା ଗାଁରେ ପାଣି ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ସୁପରଭାଇଜରଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିବା କହିଥିଲେ। ସୁପରଭାଇଜର ଫାଲ୍‌ଗୁନି ରଣାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଏଣୁ ବିଭାଗୀୟ ଅଧିକାରୀ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ପାନୀୟଜଳ ସମସ୍ୟା ଦୂରହେବା ଆଶା ଉଜ୍ଜୀବିତ

କାଣ୍ଡେଲ ଜୋରରେ ପାଣି ଟାଙ୍କି ନିର୍ମାଣ ଚାଲିଛି।

କେସିଙ୍ଗା,୩।୭(ତୁମେଶ୍ୱର ସାହୁ)

୩ କୋଟି ୨୦ଲକ୍ଷ ବ୍ୟୟରେ ପାଣିଟାଙ୍କି ନିର୍ମାଣାଧୀନ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ପରଲସିଙ୍ଗା ଗ୍ରାମ ପଞ୍ଚାୟତବାସୀ ପାନୀୟଜଳ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ। ବାରମ୍ବାର ଆପତ୍ତି ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ୩କୋଟି ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାଣ୍ଡେଲ ଦେହେରେନ ଜୋର ନିକଟରେ ପାଣିଟାଙ୍କି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁରହିଛି। ଫଳରେ ସମସ୍ୟା ଦୂରହେବା ନେଇ ପଞ୍ଚାୟତବାସୀଙ୍କ ଆଶା ଉଜ୍ଜୀବିତ ହୋଇଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ଯନ୍ତ୍ରୀ ଧର୍ମେନ୍ଦ୍ର ସେଠ ନିର୍ମାଣସ୍ଥଳରେ ପହଞ୍ଚି ପାଣିଟାଙ୍କି, ପାଇପ୍ ଲାଇନ୍ ଆଦି କାମ ତଦାରଖ କରିବା ସହ ତୁରନ୍ତ ଏହା ସାରିବା ପାଇଁ ତାଗିଦ କରିଥିଲେ। ପାଣିଟାଙ୍କିରୁ ପରଲସିଙ୍ଗା ଓ ଜୁରକାଭା ଗ୍ରାମ ଯାଏ ପ୍ରାୟ ୧୦ କି.ମି. ଦୂର ପାଇପ୍‌ଲାଇନ ନିର୍ମାଣ କରାଯିବ। ଏହି କାମ ଶେଷ ହେଲେ ପରଲସିଙ୍ଗା ପଞ୍ଚାୟତର ମହୁଲପଡା, ମାଝିପଡା ଓ ଜୁରକାଭା ଗ୍ରାମର ପ୍ରାୟ ୩ ହଜାର ଲୋକେ ପାନୀୟଜଳ ପାଇପାରିବେ। ଏ ନେଇ ପରଲସିଙ୍ଗା ସରପଞ୍ଚ କୃତାଞ୍ଜଳି ଗୌଡ଼ଙ୍କୁ ପଚାରିବାରୁ ଆମ ପଞ୍ଚାୟତରେ ପାନୀୟଜଳର ଘୋର ଅସୁବିଧା ହେଉଥିବା ନେଇ ରାଜ୍ୟ ସରକାର ଓ ବିଭାଗୀୟ ଅଧିକାରୀଙ୍କୁ ଆବେଦନ କରିଥିଲୁ। ଏବେ ଅର୍ଥ ମଞ୍ଜୁର ହୋଇ କାମ ଚଳିଥିବାରୁ ପଞ୍ଚାୟତବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଛ ବୋଲ ପ୍ରକାଶ କରିଥିଲେ। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀ ଧର୍ମେନ୍ଦ୍ର ସେଠଙ୍କୁ ପଚାରିବାରୁ ଲୋକଙ୍କ ସମସ୍ୟା ଦୂର ପାଇଁ ପାନୀୟଜଳ ବ୍ୟବସ୍ଥା କରାଯାଉଛି ବୋଲି ପ୍ରକାଶ କରିଥିଲେ।

ଜିଲାପାଳଙ୍କ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା

ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିବା ଗ୍ରାମବାସୀ।

ନୂଆପଡ଼ା,୩।୭ (ମକାରୁ ବେମାଲ)

ନିୟମିତ ବିଦ୍ୟାଳୟ ଆସୁନାହାନ୍ତି ଶିକ୍ଷକ

ନୂଆପଡ଼ା ସଦର ବ୍ଲକ ଚୁଳାଭାଟ ପଞ୍ଚାୟତ ଛୋଟ ଲାଞ୍ଜିମାର ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ ଜଣ ଶିକ୍ଷକ ନିଯୁକ୍ତ ଥାଇ ମଧ୍ୟ ନିୟମିତ ସ୍କୁଲ ଆସୁ ନାହାନ୍ତି। ଏହାକୁ ବିରୋଧ କରି ବୁଧବାର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ୩ ଘଣ୍ଟା କାଳ ଧାରଣାରେ ବସିବା ପରେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ଧାରଣାସ୍ଥଳରେ ପହଞ୍ଚି ବହୁତ ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଦୁଇ ଜଣ ଶିକ୍ଷକଙ୍କୁ ବୁଧବାର ସ୍କୁଲରେ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅଭିଯୋଗ ହୋଇଥିବା ଶିକ୍ଷକମାନଙ୍କ ଉପରେ ତଦନ୍ତ କରି ଉଚିତ ପଦକ୍ଷେପ ନିଆଯିବ ବୋଲି ବିଇଓ ମହାନନ୍ଦ କହିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଛୋଟ ଲାଞ୍ଜିମାର ଗାଁ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ୩ ଜଣ ଶିକ୍ଷକ ନିଯୁକ୍ତ ଥିବାବେଳେ ୭୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦିନକୁ ଜଣେ ଶିକ୍ଷକ ଆସି ବିଦ୍ୟାଳୟ ଖୋଲି ଛୁଟି ହେଲେ ଚାଲିଯାଆନ୍ତି। ଅନ୍ୟ ଦିନ ଆଉ ଜଣେ ଶିକ୍ଷକ ଆସନ୍ତି। ଏହିପରି ଶିକ୍ଷକମାନେ ପାଳି କରି ବିଦ୍ୟାଳୟ ଆସୁଛନ୍ତି । ଯେଉଁ ଶିକ୍ଷକ ଜଣକ ଆସନ୍ତି ସେ ଅଫିସ ଗୃହରେ ବସିବା ଛଡା ଅନ୍ୟ କୌଣସି କାମ କରନ୍ତି ନାହିଁ । ଏହାକୁ ବିରୋଧ କରି ବୁଧବାର ଗ୍ରାମବାସୀ ଧାରଣାରେ ବସିଥିଲେ । ବିଇଓ ମହାନନ୍ଦ କହିବା ମୁତାବକ ଛୋଟ ଲାଞ୍ଜିମାର ବିଦ୍ୟାଳୟରେ ୪୭ ଜଣ ଛାତ୍ରୀଛାତ୍ର ଓ ୬ ଜଣ ଶିକ୍ଷକ ରହିଥିଲେ। ଧରମବନ୍ଧା ବିଦ୍ୟାଳୟରେ ୩୫୮ ଜଣ ଛାତ୍ରୀଛାତ୍ର ରହିଥିଲେ । ଛୋଟ ଲାଞ୍ଜିମାର ବିଦ୍ୟାଳୟରେ କମ ଛାତ୍ରୀଛାତ୍ର ଥିବାରୁ ଧରମବନ୍ଧା ବିଦ୍ୟାଳୟକୁ ଦୁଇ ଜଣ ଶିକ୍ଷକ ଡେପୁଟେଶନରେ ପଠାଇ ଦେଇଥିଲୁ । ପୁଣି ଦୁଇ ଶିକ୍ଷକଙ୍କୁ ଛୋଟ ଲାଞ୍ଜିମାରକୁ ପଠାଇ ଦେଉଛୁ। ଗୁରୁବାର ଏବିଇଓ ଉତ୍କଳମଣି ଅଗସ୍ତି ତଦନ୍ତ କରିବା ପାଇଁ ଯିବେ । ତଦନ୍ତ ରିପୋର୍ଟ ଆସିଲା ପରେ ଦୁଇ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଧାରଣାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ଦଶରଥ ମାଝି, କୁମାର ସାଏ ଭୂଞ୍ଜିଆ, ମନସା ରାମ ମାଝି, ଗୋବିନ୍ଦ ମାଝି, ରବି ମାଝି, ଅଙ୍ଗଦ ମାଝି, ଶିବ ତାଣ୍ଡି, ସୋବିନ ଭୂଞ୍ଜିଆ, ବୁଧୁରାମ ଭୂଞ୍ଜିଆ ପ୍ରମୁଖ ସାମିଲ ଥିଲେ।

ବେକରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଖଡ଼ିଆଳ,୩।୭ (ସୁଜିତ କୁମାର ପ୍ରଧାନ)

ଖଡ଼ିଆଳ ଥାନା ଅନ୍ତର୍ଗତ ଚିନ୍ଦାଗୁଡ଼ା ଗ୍ରାମରେ ବୁଧବାର ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ଦିଗମ୍ବର ବିଶି (୨୮)। ସୂଚନାକ୍ରମେ ଦିଗମ୍ବର ମଙ୍ଗଳବାର ରାତ୍ରରେ ମଦ୍ୟପାନ କରି ଘରକୁ ଆସି ଖାଇସାରି ଶୋଇଥିଲେ। ହେଲେ ସକାଳୁ ଘରେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଦିପ କୁମାର ଧରୁଆ ସୂଚନା ଦେଇଛନ୍ତି।

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ

ବୋଡ଼େନ,୩।୭(ଟିକେଶ୍ୱର ନାଗ)

ନୂଆପଡ଼ା ଜଲା ବୋଡ଼େନ ବଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୁଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ରେଡ୍‌କ୍ରସ ସହସଂଯୋଜକ ଅଧ୍ୟାପକ ଉପେନ୍ଦ୍ର ବଞ୍ଜିରା, ଶିକ୍ଷା ବିଭାଗର ମୁଖ୍ୟ ଅସରଫ ଅଲ୍ଲି ଯୋଗଦେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅଭିଷେକ ଗୁଆଲ, ରୁକ୍ମିଣୀ ନାଗ ସହଯୋଗ କରିଥିଲେ।

ନୂଆପଡ଼ା ଜିଲାରେ ଲାଗିବ ୩୭ ହଜାର ତାଳଗଛ

ଖଡ଼ିଆଳ,୩।୭(ସୁଜିତ କୁମାର ପ୍ରଧାନ)

ଚଳିତବର୍ଷ ନୂଆପଡ଼ା ଜିଲାରେ ୩୭ ହଜାର ତାଳ ଗଛ ରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଖଡ଼ିଆଳ ଡିଏଫ୍‌ଓ ଅଜିଜ ଖାଁ କହିଛନ୍ତି। ପୁଣି ଜିଲାରେ ବିଭିନ୍ନ ପ୍ରକାର ୭ ଲକ୍ଷ ୫୦ ହଜାର ଚାରାରୋପଣ କରାଯିବ ବୋଲି ବୁଧବାର ତରବୋଡ ନବୋଦୟ ବିଦ୍ୟାଳୟରେ ଆୟୋଜିତ ବନ ମହୋତ୍ସବରେ ସେ କହିଛନ୍ତି। ମହୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୋମନା ରେଞ୍ଜର ଦେବଦତ୍ତ ସୂତାର, ଫରେଷ୍ଟର ଗୋପାଳ ମହାନନ୍ଦ, ଫରେଷ୍ଟର ସମୀରକାନ୍ତ ଠାକୁର, ଫରେଷ୍ଟ ଗାର୍ଡ ଲକ୍ଷ୍ମୀଧର ଘିଭେଲା, ବିଜୁଲ ରାଉତରାୟ, ଘଷିଆନ ପୋଡ଼, ଶଶିଧର ଟାଣି, ଉତ୍ତମ ମେହେର, ଉଦିତ ମିଶ୍ର, ବନ୍ୟ ପ୍ରାଣୀ ୱାଡେନ ମାୟାଧର ସରାଫ ପ୍ରମୁଖ ଯୋଗଦାନ କରିଥିଲେ।

ଟାଙ୍ଗରା ପାହାଡ଼ରେ ଚାରା ରୋପଣ

ଥୁଆମୂଳ ରାମପୁର, ୩।୭(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଦକ୍ଷିଣ ବନାଞ୍ଚଳ ପକ୍ଷରୁ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଉପରଝାପି ଟାଙ୍ଗରା ପାହାଡରେ ଚାରା ରୋପଣ କରାଯାଇଥିଲା। ବନାଞ୍ଚଳ ଅଧିକାରୀ ଲିଙ୍ଗରାଜ ଭୋଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଡେପୁଟି ରେଞ୍ଜର ଜୟଦେବ ମାଝି, ଡେପୁଟି ରେଞ୍ଜର ତ୍ରିନାଥ ସେଠୀ, ଫରେଷ୍ଟର ଜୟ କୁମାର ଜୁଏଡ, ଫରେଷ୍ଟର ରବି ମିଶ୍ରଙ୍କ ସମେତ ବନାଞ୍ଚଳ ଅଧୀନରେ କାର୍ଯ୍ୟରତ କର୍ମଚାରୀ ଓ ଗ୍ରାମବାସୀ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ। ତେବେ ଉପରଝାପି ଗ୍ରାମର ବିଭିନ୍ନ ଟାଙ୍ଗରା ପାହାଡର ପ୍ରାୟ ୫୦ ହେକ୍ଟର ସ୍ଥାନରେ ୮୦ ହଜାର ଚାରା ଚାରାରୋପଣ କରିବା ପାଇଁ ଦକ୍ଷିଣ ବନାଞ୍ଚଳ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

କଳାକାର ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ମଞ୍ଚରେ ନାଚି କଳାକାରଙ୍କୁ ଉତ୍ସାହିତ କଲେ ବିଧାୟକ

କୋକସରା,୩।୭ (ଦୁଷ୍ମନ୍ତ କୁମାର ପାଟଜୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ପେନ୍‌ସନ ଭୋଗୀ କଳାକାର ସଂଘ ପକ୍ଷରୁ ବ

ସଂକ୍ଷେପରେ

ଗଞ୍ଜେଇ ଜବତ: ଅଭିଯୁକ୍ତ ଫେରାର

ବୌଦ୍ଧ,୩।୭(ଅଜିତ କୁମାର ବାରିକ)

ବୌଦ୍ଧ ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇ ୨୭୦ କିଲୋ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି । ପ୍ରକାଶ ଯେ, ଗଞ୍ଜେଇ ଚାଲାଣ ହେବାକୁ ଥିବା ନେଇ ବୌଦ୍ଧ ପୋଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା । ଝାଙ୍କରପଡା ବହିରା ରାସ୍ତା କଡରେ ଏହି ଗଞ୍ଜେଇ ଚୋରା ଚାଲାଣ ପାଇଁ ରଖାଯାଇଥିଲା । ଜବତ ଗଞ୍ଜେଇର ଓଜନ ୨୭୦ କିଲୋ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

ହରଭଙ୍ଗା ବ୍ଲକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

ବୌଦ୍ଧ,୩।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସଦରମହକୁମା ଚାରିଛକଠାରେ ହରଭଙ୍ଗା ବ୍ଲକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବିଡିଓ ଶରତ କୁମାର ସେଠୀ, ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ଯୋଗଦେଇ କାର୍ଯ୍ୟାଳୟ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ହରଭଙ୍ଗା ବ୍ଲକ ସରପଞ୍ଚ ସଂଘ ସଭାପତି ନିହାର ଘୋଷ, ସମ୍ପାଦକ ଅଶୋକ ସେଠୀ, ବାଣୀଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେର ଯୋଗ ଦେଇଥିଲେ । ସଂଘର ସଭାପତି ନରେନ୍ଦ୍ର କୁମାର ସାହୁ, ଉପସଭପତି ପି.ଆର ଦାସ, ସମ୍ପାଦକ ତୁଷାରକାନ୍ତ ସାହୁ, ସହ ସମ୍ପାଦକ ଦର୍ଯ୍ୟୋଧନ ବିଶି, ଉପଦେଷ୍ଟା ସୁରେନ କୁମାର ପ୍ରଧାନ, ରତ୍ନାକର ବେହେରା, ସୋମ୍ୟରଞ୍ଜନ ସାହୁ, ମାନସରଞ୍ଜନ ମହାରଥା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ରକ୍ତଶିକୁଳି ରୋଗ ନେଇ ସଚେତନତା କାର୍ଯ୍ୟକ୍ରମ

ବଘିଆପଡ଼ା,୩।୭(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ବଘିଆପଡା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ମେଣ୍ଢିମାଳ ସରକାରୀ ହାଇସ୍କୁଲଠାରେ ରକ୍ତ ଶିକୁଳି ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ଏଏନଏମ ମଞ୍ଜୁ ବେହେରା, ବଘିଆପଡା ସିଆରସିସି ବିଜୟ କୁମାର ଭୋଇ, ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ, ନାରାୟଣ ସେଠୀ, ପ୍ରମୋଦ କୁମାର ପ୍ରଧାନ, ସରୋଜ କୁମାର ମହାକୁଡ, ସୁଭାଷିନୀ ସାହୁ, ସନତ ଭୋଇ, ଭି. ତାରାସିସ, ଅତିଥି ଶିକ୍ଷକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅତିଥିମାନେ ରକ୍ତ ଶିକୁଳି ରୋଗର ଲକ୍ଷଣ, କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ରକ୍ତ ଶିକୁଳି ରୋଗୀ ଚିହ୍ନଟ କରାଯିବା ସହିତ ସେମାନଙ୍କୁ ଔଷଧ କାର୍ଡ ବଣ୍ଟନ କରାଯାଇଥିଲା।

ଗାଁରେ ମଦବିକ୍ରି ବନ୍ଦ ନିଷ୍ପତ୍ତି ନେଲେ ମହିଳା

ଅମରପାଲି, ୩।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଗୁଦଗୁଦା ଗ୍ରାମରେ କୌଣସି ପରିସ୍ଥିତିରେ ମଦ ବିକ୍ରି କରିବାକୁ ଦିଆଯିବ ନାହିଁ। ବୁଧବାର ଅନୁଷ୍ଠିତ ବୈଠକରେ ଗ୍ରାମର ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ମିଶନ ଶକ୍ତି ସଭ୍ୟା ଯୋଗଦେଇ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନେଇଛନ୍ତି।

ଗୁଦଗୁଦା ବୀରମହାରାଜପୁର ଉପଖଣ୍ଡର ସୀମାନ୍ତରେ ଥିବା ଏକ ଗ୍ରାମ। ଏକୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ପ୍ରାୟ ଶହେ ପରିବାର ବାସ କରନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୯୫ ପ୍ରତିଶତ ଆଦିବାସୀ ସମ୍ପ୍ରଦାୟର। ଗ୍ରାମରେ ଦୀର୍ଘ ଦିନ ହେଲା ଦେଶୀ ଓ ବିଦେଶୀ ମଦ ବ୍ୟାପକ ଭାବେ ବିକ୍ରି ହେଉଛି। ଏହାକୁ ନେଇ ଗାଁରେ ଅଶାନ୍ତିକର ବାତାବରଣ ଦେଖାଦେଉଛି। ଯୁବପିଢି ମଦ ପିଇ ନାନାଦି ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ରୋଜଗାର ଅର୍ଥ ମଦ ପିଆରେ ଯାଉଥିବାରୁ ଘର ଚଳାଇବାକୁ ମହିଳାମାନେ କଠିନ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏଥିରେ ମହିଳାମାନେ ଅତିଷ୍ଠ ହୋଇ ଶେଷରେ ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ଏକାଠି ହୋଇଥିଲେ। ଏଥିରେ ଗ୍ରାମ୍ୟ କମିଟିପୂର୍ଣ୍ଣସହଯୋଗ କରିଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ମା' ପଞ୍ଚଖଣ୍ଡା ସ୍ୱୟଂ ସହାୟକ ଗୋଷ୍ଠୀ, ପିତବଳୀ ଏସ୍‌ଏଚ୍‌ଜି, ସରସ୍ୱତୀ ଏସ୍‌ଏଚ୍‌ଜି, ଭଗବତୀ ଏସ୍‌ଏଚ୍‌ଜ, ମହାମୟୀ ଏସ୍‌ଏଚ୍‌ଜି, ମା ' ଗପେଶ୍ୱରି ଏସ୍‌ଏଚ୍‌ଜିର ମହିଳାଙ୍କ ସହ ଯମୁନା ଭୁଇ, ରୁକୁଣୀ ରାଏ,ସୁକାନ୍ତି ମିର୍ଦ୍ଧା, ନୟନା ମିର୍ଦ୍ଧା, ସୁଲୋଚନା ମିର୍ଦ୍ଧା, ଜୟନ୍ତୀ ସାମଲ ଯୋଗଦେଇଥିଲେ। ଗ୍ରାମରେ ମଦ ବିକ୍ରି ବନ୍ଦ ସହିତ ନୂତନ ସିଆରପି ଚୟନ, ଗ୍ରାମ୍ୟ ରାସ୍ତା ଅବରୋଧ ହଟାବା ଆଦି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

ଗୁଦଗୁଦା ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ନେଇ ଆୟୋଜିତ ବୈଠକରେ ମହିଳାମାନେ।

ବୃକ୍ଷରୋପଣ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

ତରଭା ବ୍ଲକ ସାଗରପାଲି ଗ୍ରାମବାସୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

ସୋନପୁର, ୩।୭(ମୃତ୍ୟୁଞ୍ଜୟ ଶତପଥୀ)

ସରକାରୀ ଜମିରେ ବୃକ୍ଷରୋପଣ ପାଇଁ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସାଗରପାଲି ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କମସରା ପଞ୍ଚାୟତ ସାଗରପାଲି ମୌଜାରେ ୩୫ ରୁ ୪୦ ଏକର ପତିତ ଓ ଗୋଚର ଜମି ପଡିଆ ପଡିଛି। ପଡିଆ ଜମିକୁ କିଛି ଲୋକ ଜବରଦଖଲ କରୁଛନ୍ତି। ଉକ୍ତ ଜମିରେ ବୃକ୍ଷରୋପଣ କରିବାକୁ ଗ୍ରାମବାସୀ ବନ ବିଭାଗକୁ ଅନୁରୋଧ କରି ଆସୁଛନ୍ତି। କିନ୍ତୁ ବିଭାଗ ପକ୍ଷରୁ ବୃକ୍ଷରୋପଣ କରା ନ ଯିବାରୁ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ବନମହୋତ୍ସବ ଅବସରରେ ବ୍ୟାପକ ବୃକ୍ଷରୋପଣ ସକାଶେ ସରକାରଙ୍କ ଯୋଜନା ରହିଥିବା ବେଳେ ଗାଁ ପାର୍ଶ୍ୱ ଅବ୍ୟବହୃତ ସରକାରୀ ଜମିରେ ବୃକ୍ଷରୋପଣ କରି କୃତ୍ରିମ ଜଙ୍ଗଲ ସୃଷ୍ଟି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହିତ ପଦକ୍ଷେପ ନେବାକୁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସାଗରପାଲି ଗ୍ରାମର ନିରଞ୍ଜନ ନାଗ, ସୁନାମତ କୁଅଁର, ସୁବଲ କୁଅଁର, ପଦ୍ମଲୋଚନ ନାଏକ, ଚେତନ ମାଝି, ଆଦିତ୍ୟ କୁଅଁର ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଆଶ୍ରମ ସ୍କୁଲରେ ରକ୍ତଶିକୁଳି ରୋଗ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୩।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତେଲା ପଞ୍ଚାୟତ କୁଞ୍ଜାପାଲି ଆଶ୍ରମ ସ୍କୁଲରେ ରକ୍ତ ଶିକୁଳି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ମେଡିକାଲ ଅଫିସର ପି.କେ.ମହାପାତ୍ର ମୁଖ୍ୟ ଅତିଥି, ପିଏଚଇଓ ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାପାତ୍ର ରକ୍ତ ଶିକୁଳି ରୋଗର କାରଣ, ନିରାକରଣ ଓ ଅନ୍ୟାନ୍ୟ ଦିଗ ଉପରେ ଆଲୋକପାତ କରିଥିଲେ। ପିଏଚଇଓ ହାତଧୁଆ ଉପରେ ସଚେତନ କରିଥିଲେ। ଶିକ୍ଷକ ତ୍ରିଲୋଚନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ମତ ରଖିଥିଲେ। ଶିକ୍ଷକ ମାନସ କଲେତ, ସୁଜିତ କୁମାର କର୍ମୀ, ଦିବ୍ୟ ଭଗବାନ ନାଏକ, ସ୍ୱପ୍ନ ସାଗର ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମା' ଭଳି ବୃକ୍ଷ ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ

ସୋନପୁର,୩।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ସପ୍ତାହ ପାଳନ ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଭିଯାନ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗଦେଇ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲାର ସବୁ ସ୍ତରରେ ବ୍ୟାପକ କରିବା ନିମନ୍ତେ ଯତ୍ନବାନ ହେବାକୁ ବିଧାୟକ ଜଗଦଲା କହିବା ସହ ପ୍ରଶାସନ ତରଫରୁ ଅଧିକରୁ ଅଧିକ ଗଛ ଲଗାଇବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହା ଏକ ସୁନ୍ଦର ଅଭିଯାନ ହୋଇଥିବାରୁ ଏହି କାର୍ଯ୍ୟକ୍ରମକୁ ଜନାଦୃତ କରିବା ନିମନ୍ତେ ସମସ୍ତେ ନିଜ ମା'ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ବିଧାୟକ କହିଥିଲେ। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ସୁରେଶ ପାଣିଗ୍ରାହୀ, ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର ଦଳେଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସହକାରୀ ନାଜିର ରାଜେନ୍ଦ୍ର ମାଝୀ, ଡିଏଫଓ ମଦନଲାଲ ଶର୍ମା, ଜିଲା ଯୋଗାଣ ଅଧିକାରୀ ସହଦେ ମେହେର ପ୍ରମୁଖ ଯୋଗଦାନ କରି ଚାରା ରୋପଣ କରିଥିଲେ।

ବିଧାୟକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରୁଛନ୍ତି।

ସ୍କୁଲରୁ ଏମ୍‌ଡିଏମ୍ ଚାଉଳ ଚୋରି ଘଟଣା, ୨ଗିରଫ

ଉଲୁଣ୍ଡା,୩।୭(ଉତ୍କ୍ରମ ପାଣ୍ଡିଆ)

ଉଲୁଣ୍ଡା ଥାନା ଅନ୍ତର୍ଗତ ସିଂଢ଼ୋଲ ଯୁପି ସ୍କୁଲ ତାଲାକାଟି ଏମ୍‌ଡିଏମ ଚାଉଳ ଚୋରି ଘଟଣାରେ ୨ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସିଂଢୋଲ ଗ୍ରାମର ବସନ୍ତ ଖୁଣ୍ଟିଆ ଏବଂ ସୁଶାନ୍ତ ପାତ୍ର। ଏଥିସହ ଏକ କୁଇଣ୍ଟାଲ ଚାଉଳ ଜବତଥିବା ଆଇଆଇସି ପଞ୍ଚାନନ ନାଏକ ସୂଚନା ଦେଇଛନ୍ତି । ଏମଡିଏମ ପରିଚାଳନା ପାଇଁ ମା' ଗଜଲକ୍ଷ୍ମୀ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଥିଲା । ତେବେ ଚାଉଳକୁ ମୂଷା ନଷ୍ଟ କରିଦେଇଥିବାରୁ ଗତ ୨୦ତାରିଖ ଗ୍ରାମର ଦୁଇଜଣ ବ୍ୟକ୍ତିଙ୍କୁ ଶ୍ରମିକ ଭାବରେ ଡାକି ଗଚ୍ଛିତ ଚାଉଳ ସବୁକୁ ଅନ୍ୟ ଏକ ଗୃହକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ୨୪ ତାରିଖରେ ୧୦କୁଇଣ୍ଟାଲ ଏମ୍‌ଡିଏମ ଚାଉଳ ଚୋରି ହୋଇଥିବା ସେମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜମ୍ବୋବତୀ ଭୋଇ ଉଲୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା।

ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ

ସୋନପୁର,୩।୭(ମୃତ୍ୟୁଞ୍ଜୟ ଶତପଥୀ)

ପରିବେଶ ସୁରକ୍ଷା ପାଇଁ ମହିଳାମାନେ ସୋନପୁର ବ୍ଲକର କଳାପଥର ପଡିଆ ନିକଟରେ ବୃକ୍ଷରୋପଣ କରିଛନ୍ତି। ପଡିଆ ପଡିଥିବା ଜମିରେ ସେମାନେ ବର, ଅଶ୍ୱତଥ, ଆମ୍ବ, କରଞ୍ଜ ଓ ନିମ୍ବ ଭଳି ଗଛ ଲଗାଇଛନ୍ତି। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପରିବନ୍ଦ ଗ୍ରାମର ମୂଳ ନିର୍ବାସୀ ତଥା ସୁବର୍ଣ୍ଣପୁର ସହର ଝୁପୁଡିପଡା ଅଞ୍ଚଳରେ ରହୁଥିବା ପରିବେଶବିତ୍ ଓ ଦଣ୍ଡନୃତ୍ୟ କଳାକାର ରୁନି ବଗର୍ତ୍ତି ମହିଳାମାନଙ୍କୁ ଧରି ବୃକ୍ଷରୋପଣ ଅଭିଯାନ ଆରମ୍ଭ କରିଛନ୍ତି। ରୁନିଙ୍କୁ ବୃନ୍ଦାବତୀ କୁମ୍ଭାର, ପଞ୍ଚମି ନନ୍ଦ, ଦୀପା ନାଗ, ମଞ୍ଜୁ ନାଗ ଓ ନନ୍ଦିନୀ ସାଗର ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରୁଛନ୍ତି। ରୁନି କୁହନ୍ତି ବିଶ୍ୱ ତାପନ ଓ ଜଳବାୟୁରେ ପରିବର୍ତ୍ତନ ଆଜି ଏକ ସଙ୍କଟ ଭାବେ ଉଭା ହୋଇଛି। ସୁବର୍ଣ୍ଣପୁର ଏଥିରୁ ବାଦ୍ ପଡିନାହିଁ। ଏହି ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷରୋପଣ କରି ତାର ସୁରକ୍ଷା କରିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରା ଯାଇଥିବା ଏକ ପେଡ୍ ମା କେ ନାମ୍ ଅଭିଯାନରେ ସମସ୍ତେ ସାମିଲ ହେବାକୁ ସେ ଏହି ଅବସରରେ ଅନୁରୋଧ କରିଛନ୍ତି।

ମହିଳାମାନେ ପଡିଆରେ ବୃକ୍ଷରୋପଣ କରୁଛନ୍ତି।

ଚକ୍ଷୁ ପରୀକ୍ଷା ଶିବିର

ବିନିକା, ୩।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କମ୍ୟୁନିଟି ସେଣ୍ଟରରେ ବୁଧବାର ବୀରମହାରାଜପୁର ପାଣ୍ଡପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ତରଫରୁ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା କୌଶଳ ପୁଟେଲ, ଟେକନିସିଏନ ଧର୍ମରାଜ ମହାନନ୍ଦ, ଚନ୍ଦ୍ରଶେଖର ନନ୍ଦ, ସହଯୋଗୀ ମିତା ବଂଡକି, ସ୍ମରଣିକା ମହାଲିଙ୍ଗ, ବୀଣା ବିଭାର ଚକ୍ଷୁ ପରୀକ୍ଷା କରିଥିଲେ। ମୋଟ ୪୫ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ଅଧିକ ଚିକିତ୍ସା ତଥା ଅସ୍ତ୍ରୋପଚାର ପାଇଁ ୬ ଜଣଙ୍କୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ସାମାଜିକ କର୍ମୀ ଗରିବ ସାଲମା, ରାମ ଗୋପାଳ ବାଘ ଶିବିର ଆୟୋଜନରେ ସହଯୋଗ କରିଥିଲେ ।

ମରାମତି ଦାବିରେ ବୌଦ୍ଧ-ବଘିଆପଡ଼ା ରାସ୍ତା ଅବରୋଧ

ଗ୍ରାମବାସୀ ଛତନିଆଁକଟା-ବନ୍ଧାପଥର ରାସ୍ତା ଅବରୋଧ କରଛନ୍ତି।

ବୌଦ୍ଧ,୩। ୭(ଅଜିତ କୁମାର ବାରିକ)

ଛତନିଆଁକଟା-ବନ୍ଧାପଥର ରାସ୍ତା

ବୌଦ୍ଧ ଜିଲା ବଢିଗାଁ ପଞ୍ଚାୟତର ଛତନିଆଁକଟା ଠାରୁ ବନ୍ଧାପଥରକୁ ଯାଇଥିବା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଯଥାଶୀଘ୍ର ମରାମତି କରିବା ଦାବିରେ ବୁଧବାର ସକାଳେ ଗ୍ରାମବାସୀ ବୌଦ୍ଧ-ବଘିଆପଡା ରାସ୍ତାର ଛତିନିଆକଟାଠାରେ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ ଫଳରେ ବହୁ ଯାନବାହନ ଅଟକି ରହିଥିଲା। ଖବର ପାଇ ତହସିଲଦାର ଓ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ବୌଦ୍ଧ ବଘିଆପଡା ପୂର୍ତ୍ତ ବିଭାଗ ରାସ୍ତାରୁ ଛତନିଆଁକଟା ଗ୍ରାମ ଦେଇ ବନ୍ଧାପଥର ପଞ୍ଚାୟତକୁ ଯାଇଥିବା ରାସ୍ତା ପ୍ରାୟ ଦୁଇ କିଲୋମିଟର ହେବ । ବନ୍ଧାପଥର ଗ୍ରାମପଞ୍ଚାୟତ ହରଭଙ୍ଗା ବ୍ଲକରେ ରହିଥିବା ବେଳେ ଛତନିଆଁକଟା ଗ୍ରାମ ବୌଦ୍ଧ ବ୍ଲକ ଅଧୀନସ୍ଥ ବଢିଗାଁ ପଞ୍ଚାୟତ ଅଧୀନରେ ରହିଛି। ତେଣୁ ଏହି ଦୁଇ ପଞ୍ଚାୟତକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାର ମାତ୍ର ୩୦୦ ମିଟର ବୌଦ୍ଧ ବ୍ଲକ ଅଧୀନରେ ରହିଥିବା ବେଳେ ବଳକା ରାସ୍ତା ହରଭଙ୍ଗା ବ୍ଲକରେ ରହିଛି। ଛତନିଆଁକଟା ପଟରୁ ଏହି ୩୦୦ ମିଟର ରାସ୍ତାକୁ କଂକ୍ରିଟ କରିବା ପାଇଁ ବହୁଦିନ ତଳେ ନିର୍ଦ୍ଦେଶ ଦିଆଯାଇଥିବା ବେଳେ କାମ ଅଧାରେ ଅଟକି ଯାଇଥିବା ଜଣାପଡିଛି। ବର୍ତ୍ତମାନ ନିର୍ମିତ ରାସ୍ତାର କଂକ୍ରିଟ୍ ମାଟି ସହିତ ମିଶି ସାରିଲାଣି। ଏହି ରାସ୍ତାରେ ୨୦୦ ମିଟର ଯିବା ପରେ ନିର୍ମିତ ଏକ ଛୋଟ କଲଭଟ ଭାଙ୍ଗି ରାସ୍ତା ମଝିରେ ପ୍ରାୟ ୪ ଫୁଟ ଗୋଲେଇର ଗର୍ତ୍ତ ସୃଷ୍ଟି ହୋଇଥିଲେ ମଧ୍ୟ କାହାର ଦୃଷ୍ଟି ପଡୁନାହିଁ। ଏହାଛଡା ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅ ହେବା ଯୋଗୁ ଯିବା ଆସିବାରେ ବାଧା ସୃଷ୍ଟି ହେଉଛି । ଯଥାଶୀଘ୍ର ଏହି ରାସ୍ତାର ଉନ୍ନତୀକରଣ ପାଇଁ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବିନିକାରେ ୭୫ତମ ବନମହୋତ୍ସବ ପାଳିତ

ବିନିକା, ୩।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବନ ଉପଖଣ୍ଡରେ ବୁଧବାର ରେଞ୍ଜର ଡମ୍ବରୁଧର ପଧାନଙ୍କ ତତ୍ତ୍ୱାବଧାନରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥିଭାବେ ତହସିଲଦାର ସୀତାରାମ ଭୁଏ ଯୋଗଦେଇଥିଲେ । ୧୦ ହେକ୍ଟର ବିଶିଷ୍ଟ ପରିମିତ ପ୍ରଜ୍ଞା ଜଙ୍ଗଲ ଜମିରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ରାମପୁର ଫରେଷ୍ଟର ଜନ୍ମେଞ୍ଜୟ ମାଝୀ, ବିନିକା ଫରେଷ୍ଟର ଜନାର୍ଦନ ସ୍ୱାଇଁ, ବନ ଅଧିକାରୀ କୁନ୍ତୀ ରାଏ, ପ୍ରକଳ୍ପ ବିକାଶ ଅଧିକାରୀ ସରୋଜ କାନ୍ତ ସୁଧାର, ପ୍ରକଳ୍ପ ସଂଯୋଜକ ପ୍ରେମଚାନ୍ଦ ସୁଧାର, ବାସୁଦେବ ପଧାନ, ହିସାବ ରକ୍ଷକ ଶଙ୍କର କୁମାର ସେଠୀସଙ୍କ ସମେତ କଦଳିପାଲି ବନ ସୁରକ୍ଷା ସମିତି ସଦସ୍ୟଙ୍କ ସମେ

ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ): ବଡ଼ଗାଁ ବ୍ଲକ ରୁନଗା ନିକଟ ବଡପଡାରେ ମଙ୍ଗଳବାର ଜଣେ ୫ବର୍ଷର ଶିଶୁ ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଦୀପକ ଭେଂଗ୍ରାଙ୍କ ଝିଅ ଇସିତା। ଇସିତା ସାଙ୍ଗଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲେ। ଉଭୟେ ଗୋଡ ଧୋଇବାକୁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଗୋଡ ଖସି ଯିବାରୁ ଇସିତା ପାଣିରେ ବୁଡି ଯାଇଥିଲେ।

ସଂକ୍ଷେପରେ

ଯୁବକଙ୍କ ଝୁଲନ୍ତା ମୃତ ଦେହ ଜବତ

କୁତ୍ରା,୩।୭(ଦେବାଶିଷ ସାହୁ): କୁତ୍ରା ଥାନା ରଜାବସା ଗ୍ରାମ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ପୁର୍କାପାଲି ଗ୍ରାମର ସୁରେଶ ଭୈଶାଲ। କୁତ୍ରା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଘଟଣାର ତଦନ୍ତ କରୁଛି। ମୃତକଙ୍କ ବାପା ଗୋପୀନାଥ ଭୈଶାଲ ଥାନାରେ ଅଭିଯୋଗ କରିଛନ୍ତି, ମଙ୍ଗଳବାର ସନ୍ଧ୍ୟା ୭ଟାରେ ପୁଅ ସୁରେଶର ମୃତଦେହ ରଜାବସା ଗ୍ରାମ ନିକଟ ଏକ ଗଛରେ ଝୁଲୁଥିବା ନେଇ ଖବର ପାଇ ଘଟଣା ସ୍ଥଳକୁ ଯାଇଥିଲି। ସେଠାରେ ଏକ ଗଛରେ ଓଢଣୀ ସାହାଯ୍ୟରେ ସୁରେଶଙ୍କ ମୃତ ଦେହ ଝୁଲୁଥିବା ଦେଖିବାକୁ ପାଇଥିଲି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡି ନାହିଁ।

ଗାଙ୍ଗପୁର ମଲ୍ଟି ଏକ୍ସସେଲ ଟ୍ରକ୍ ଓନର ଆସୋସିଏଶନ କର୍ମକର୍ତ୍ତାଙ୍କ ନାମ ଘୋଷଣା

ସୁନ୍ଦରଗଡ,୩।୭(ଜୟ ନାରାୟଣ ମେଣ୍ଢୁଳି): ସୁନ୍ଦରଗଡ ମଲ୍ଟି ଏକ୍ସସେଲ ଟ୍ରକ ଓନର ଆସୋସିଏଶନର ନୂତନ କର୍ମକର୍ତ୍ତାଙ୍କ ନାମ ସୋମବାର ଘୋଷଣା କରାଯାଇଛି। ଆସୋସିଏଶନର ଉପଦେଷ୍ଟା ତଥା ନିର୍ବାଚନ ଅଧିକାରୀ ଜୟ ନାରାୟଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏବଂ ଆସୋସିଏଶନର ସମସ୍ତ ସଭ୍ୟାସଭ୍ୟଙ୍କ ସହମତିରେ ଆଗାମୀ ୨ ବର୍ଷ ପାଇଁ ଆସୋସିଏଶନର ସୁପରିଚାଳନା ପାଇଁ ବିଭିନ୍ନ ପଦପଦବୀ ପାଇଁ କର୍ମକର୍ତ୍ତା ମନୋନୀତ କରାଯାଇଛି। ଆସୋସିଏଶନର ସଭାପତି ସୁକୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ମାନଭଞ୍ଜନ ଦାସ, ଉପସଭାପତି କିଶୋର ଚନ୍ଦ୍ର ପଟେଲ, ସମ୍ପାଦକ ପର୍ଶୁରାମ ସରାଫ, ସହସମ୍ପାଦକ ଅଶୋକ କୁମାର ମହାନ୍ତି ଓ ସନତ ତ୍ରିପାଠୀ, କୋଷାଦକ୍ଷ ଆଶିଷ କୁମାର ତ୍ରିପାଠୀ ମନୋନୀତ ହୋଇଛନ୍ତି। ସମସ୍ତ ନବ ମନୋନୀତ କର୍ମକର୍ତ୍ତାଙ୍କୁ ଆସୋସିଏଶନର ଉପଦେଷ୍ଟା ତ୍ରିପାଠୀ ଶପଥପାଠ କରାଇଥିଲେ। ଶେଷରେ ଆସୋସିଏଶନର ସମ୍ପାଦକ ପର୍ଶୁରାମ ସରାଫ ଧନ୍ୟବାଦ ଜଣାଇଥିଲେ।

ରେଳବାଇ ସ୍କୁଲରେ ବନ ମହୋତ୍ସବ

ବନ୍ଧମୁଣ୍ଡା,୩।୭(ସୁବ୍ରତ ଦେ): ବନ୍ଧମୁଣ୍ଡା ରେଳବାଇ ହାଇସ୍କୁଲଠାରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ରାଉରକେଲା ବନ ବିଭାଗର ରେଞ୍ଜର ଙ୍କେନେନ୍ଦ୍ର ଲିମା ମୁଖ୍ୟ ଅତିଥି ଏବଂ ଫରେଷ୍ଟର ଜାଦୁନାଥ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୃକ୍ଷ ରୋପଣର ଉପକାରିତା ବିଷୟରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ନିଜ ନିଜ ଅଞ୍ଚଳରେ ଚାରା ରୋପଣ କରିବାକୁ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରତିଶ୍ରୁତି ନେଇଛନ୍ତି। ଛାତ୍ରୀଛାତ୍ରମାନେ ପରିବେଶ ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପ୍ରବୀର କୁମାର ଦତ୍ତଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଏବଂ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

ଗାଁରେ ମଦବିକ୍ରି ବନ୍ଦ ନିଷ୍ପତ୍ତି ନେଲେ ମହିଳା

ଅମରପାଲି, ୩।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଗୁଦଗୁଦା ଗ୍ରାମରେ କୌଣସି ପରିସ୍ଥିତିରେ ମଦ ବିକ୍ରି କରିବାକୁ ଦିଆଯିବ ନାହିଁ। ବୁଧବାର ଅନୁଷ୍ଠିତ ବୈଠକରେ ଗ୍ରାମର ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ମିଶନ ଶକ୍ତି ସଭ୍ୟା ଯୋଗଦେଇ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନେଇଛନ୍ତି। ଗୁଦଗୁଦା ବୀରମହାରାଜପୁର ଉପଖଣ୍ଡର ସୀମାନ୍ତରେ ଥିବା ଏକ ଗ୍ରାମ। ଏକୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ପ୍ରାୟ ଶହେ ପରିବାର ବାସ କରନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୯୫ ପ୍ରତିଶତ ଆଦିବାସୀ ସମ୍ପ୍ରଦାୟର। ଗ୍ରାମରେ ଦୀର୍ଘ ଦିନ ହେଲା ଦେଶୀ ଓ ବିଦେଶୀ ମଦ ବ୍ୟାପକ ଭାବେ ବିକ୍ରି ହେଉଛି। ଏହାକୁ ନେଇ ଗାଁରେ ଅଶାନ୍ତିକର ବାତାବରଣ ଦେଖାଦେଉଛି। ଯୁବପିଢି ମଦ ପିଇ ନାନାଦି ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ରୋଜଗାର ଅର୍ଥ ମଦ ପିଆରେ ଯାଉଥିବାରୁ ଘର ଚଳାଇବାକୁ ମହିଳାମାନେ କଠିନ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏଥିରେ ମହିଳାମାନେ ଅତିଷ୍ଠ ହୋଇ ଶେଷରେ ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ଏକାଠି ହୋଇଥିଲେ। ଏଥିରେ ଗ୍ରାମ୍ୟ କମିଟି ପୂର୍ଣ୍ଣ ସହଯୋଗ କରି ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ମା' ପଞ୍ଚଖଣ୍ଡା ସ୍ୱୟଂ ସହାୟକ ଗୋଷ୍ଠୀ, ପିତବଳୀ ଏସ୍‌ଏଚ୍‌ଜି, ସରସ୍ୱତୀ ଏସ୍‌ଏଚ୍‌ଜି, ଭଗବତୀ ଏସ୍‌ଏଚ୍‌ଜ, ମହାମୟୀ ଏସ୍‌ଏଚ୍‌ଜି, ମା ' ଗପେଶ୍ୱରି ଏସ୍‌ଏଚ୍‌ଜିର ମହିଳାଙ୍କ ସହ ଯମୁନା ଭୁଇ, ରୁକୁଣୀ ରାଏ,ସୁକାନ୍ତି ମିର୍ଦ୍ଧା, ନୟନା ମିର୍ଦ୍ଧା, ସୁଲୋଚନା ମିର୍ଦ୍ଧା, ଜୟନ୍ତୀ ସାମଲ ଯୋଗଦେଇଥିଲେ। ଗ୍ରାମରେ ମଦ ବିକ୍ରି ବନ୍ଦ ସହିତ ନୂତନ ସିଆରପି ଚୟନ, ଗ୍ରାମ୍ୟ ରାସ୍ତା ଅବରୋଧ ହଟାବା ଆଦି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

ଗୁଦଗୁଦା ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ନେଇ ଆୟୋଜିତ ବୈଠକରେ ମହିଳାମାନେ।

ରକ୍ତଶିକୁଳି, ରକ୍ତହୀନତା ନିବାରଣ ସଚେତନତା କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପକମାନେ।

ସୁନ୍ଦରଗଡ,୩।୭(ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ରକ୍ତ ଶିକୁଳି ଓ ରକ୍ତହୀନତା ନିବାରଣ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ ଉଦଯାପନୀ ସଭାରେ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ର ମାନେ ଏହି ରୋଗ ସମ୍ବନ୍ଧରେ ସଚେତନତା ହୋଇ ଅନ୍ୟ ମାନଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ବିବାହ କ୍ଷେତ୍ରରେ ଜାତକ ମେଳକ କରାଇବା ଅପେକ୍ଷା ରକ୍ତ ନମୁନା ଯାଞ୍ଚ କରିବା ଅଧିକ ଶ୍ରେୟସ୍କର ବୋଲି ଅଧ୍ୟକ୍ଷ ପଟେଲ ମତ ପ୍ରକାଶ କରିଥିଲେ। ସୁନ୍ଦରଗଡ ସରକାରୀ ମେଡିକାଲ କଲେଜର ସହକାରୀ ପ୍ରଫେସର ଡା. ମାନସ କୁମାର ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇ ରକ୍ତ ଶିକୁଳି ରକ୍ତ ହୀନତା ରୋଗର ଲକ୍ଷଣ, କାରଣ ଓ ନିରାକରଣ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେମାନଙ୍କ ସନ୍ଦେହ ଦୂର କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତାରେ କୃତୀ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗଣିତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଆଲୋକ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଜିତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. କୁଳମଣି ବେହେରା,ଶିକ୍ଷକ-ଶିକ୍ଷା ବିଭାଗର ମୁଖ୍ୟ ଗରୁଡେଶ୍ୱର ଦାସ, ଉଦ୍ଦିଦ ବିଜ୍ଞାନ ମୁଖ୍ୟ ଡ. ଜିଜ୍ଞାସା ବାରିକ, ସହକାରୀ ପ୍ରଫେସର ସରୋଜ କୁମାର ପୂଜାରୀ, ସେକସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

ଶିବା ସିମେଣ୍ଟ ପକ୍ଷରୁ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

କୁତ୍ରା,୧।୭(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ଶିବା ସିମେଣ୍ଟ ପକ୍ଷରୁ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଶିବା ସିମେଣ୍ଟ କାରଖାନା ୟୁନିଟ ମୁଖ୍ୟ ଅନିଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଜିନ୍ଦଲ ଗ୍ରୁପର ସୁରକ୍ଷା ବିଭାଗ ମୁଖ୍ୟ ରଞ୍ଜନ ଦାସ ଯୋଗଦେଇଥିଲେ। ଏହି ବିଭାଗରେ କାର୍ଯ୍ୟ କରୁଥିବା ସମସ୍ତଙ୍କୁ କାର୍ଯ୍ୟ କରୁଥିବା ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପାଳନ ପୂର୍ବକ ପ୍ରଥମେ ନିଜକୁ ସୁରକ୍ଷିତ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହା ସହିତ ୫ଟି ଉପାୟ ଅବଲମ୍ବନ କରିବା ପାଇଁ ଟିପ୍ସ ଦେଇଥିଲେ। ଏହି ଅବସରରେ କାରଖାନାର ଅପରେଶନ ବିଭାଗ ମୁଖ୍ୟ ଅନିଲ ସିଂ ଯୋଗ ଦେଇ ଗତ ଏକ ବର୍ଷରୁ ଏହି ଶିବା ସିମେଣ୍ଟ କାରଖାନାରେ ଦୁର୍ଘଟଣା ଜନିତ କେହି ଆହତ ବା ମୃତାହତ ହୋଇ ନ ଥିବା ସୂଚନା ଦେଇ ଏଥିପାଇଁ ଏଠାରେ କାର୍ଯ୍ୟରତ ସମସ୍ତଙ୍କୁ ଏହାର ଶ୍ରେୟ ଦେବା ସହ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ କାରଖାନାରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଅଧିକାରୀ, କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶିବା ସିମେଣ୍ଟ କାରଖାନାର ଅମିତ ରୁଣ୍ଡଲା, କୌତୁକ ଶ୍ରୀବାସ୍ତବ, ସୁନିଲ କୁମାର ନାଥ,ଅଙ୍କିତ ତିୱାରି, କୌସିକ ସେନଗୁପ୍ତ, ସଂଗ୍ରାମ କେଶରୀ ରାଉତ, ରାଧେଶ୍ୟାମ ରୟ, ଅସିତ କୁମାର ସାହୁ ପ୍ରମୁଖ ବିଭିନ୍ନ ବିଭାଗର ମୁଖ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗ ମୁଖ୍ୟ ବିନୋଦ ମାଣ୍ଡୁଲେ ପରିଚାଳନା ଓ ବିଦ୍ୟୁତ୍ ବିଭାଗର ମୁଖ୍ୟ ବିକାଶ ଉପାଧ୍ୟାୟ ପରିଚାଳନା କରିଥିଲେ।

ଇସ୍ପାତ ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କରେ ୧୫୬୪ ଫେରିପାଇଛନ୍ତି ଦୃଷ୍ଟିଶକ୍ତି

ରାଉରକେଲା,୩।୭(ବିପ୍ଳବ ରଞ୍ଜନ ଦାଶ)

ଆଇଜିଏଚ ଅଧୀନସ୍ଥ କାର୍ଯ୍ୟ କରୁଥିବା ଆରଏସପିର ଇସ୍ପାତ ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କ ସାଜିଛି ଦୃଷ୍ଟୀହୀନଙ୍କ ପାଇଁ ଆଶାର ଆଲୋକ। ଚକ୍ଷୁ ବ୍ୟାଙ୍କ ୨୦୧୪ ଏପ୍ରିଲ ଠାରୁ କାର୍ଯ୍ୟକ୍ଷମ ହେବା ଦିନ ଠାରୁ ଏପର୍ଯ୍ୟନ୍ତ ବ୍ୟାଙ୍କ ତରଫରୁ ମୋଟ ୨୦୧୫ଟି ଚକ୍ଷୁକର୍ଣ୍ଣିଆ ସଂଗ୍ରହ ହୋଇ ସଫଳତା ସହିତ ୧୫୬୪ ଟି ପ୍ରତ୍ୟାରୋପଣ ହୋଇସାରିଛି। ହସ୍ପିଟାଲର କର୍ନିଆଲ ପୁନରୁଦ୍ଧାର କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଇସ୍ପାତ ଦୃଷ୍ଟି ପ୍ରଦାନ କେନ୍ଦ୍ର ବର୍ତ୍ତମାନ ଯାଏଁ ୧୫୧୪ଚକ୍ଷୁ କର୍ଣ୍ଣିଆ ସଂଗ୍ରହ ଏବଂ ୧୧୨୬ଟି ପ୍ରତ୍ୟାରୋପଣ ମଧ୍ୟ କରିସାରିଛି। ୨୦୨୩ରେ ଚକ୍ଷୁ ବ୍ୟାଙ୍କ ୧୫୪ଟି ଚକ୍ଷୁ କର୍ଣ୍ଣିଆ ସଂଗ୍ରହ ଏବଂ ୧୧୨ଟି ପ୍ରତ୍ୟାରୋପଣ ପୂର୍ବକ ଦୃଷ୍ଟିବାଧିତଙ୍କ ଦୃଷ୍ଟିଶକ୍ତି ଫେରାଇବାରେ ସଫଳିତ ହୋଇଥିଲା। ପ୍ରକାଶଥାଉକି, ଏହି ଚକ୍ଷୁ ବ୍ୟାଙ୍କ ଏକ ଏନଜିଓ ଚକ୍ଷୁ ବ୍ୟାଙ୍କ ଦୃଷ୍ଟିଦାନ ସହଭାଗିତାରେ କାର୍ଯ୍ୟ କରୁଛି ଏବଂ କର୍ଣ୍ଣିଆଲ ଟ୍ରାନ୍ସପ୍ଲାଣ୍ଟ ମାଧ୍ୟମରେ ଦୃଷ୍ଟିହୀନଙ୍କ ଦୃଷ୍ଟିଶକ୍ତି ପୁନରୁଦ୍ଧାର ପାଇଁ ଅତ୍ୟାଧୁନିକ ସୁବିଧା ଏବଂ ଯନ୍ତ୍ରପାତିରେ ସଜ୍ଜିତ ଅଛି।

ବ୍ଲକ ପରିସରରେ ବୃକ୍ଷରୋପଣ

କୁଆଁରମୁଣ୍ଡା ବ୍ଲକ ପରିସରରେ ବୃକ୍ଷରୋପଣ କରାଯାଉଛି।

କୁଆଁରମୁଣ୍ଡା,୩।୭(ମହେନ୍ଦ୍ର କୁମାର ସାହୁ)

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୁଧବାର କୁଆଁରମୁଣ୍ଡା ବ୍ଲକ ପରିସରରେ ବୃକ୍ଷରୋପଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଯୋଗଦେଇ ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହାସହ ବିଡିଓ ଗଙ୍ଗାରାମ ବୁଡେକ,କୁଆଁରମୁଣ୍ଡା ଅତିରିକ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ, ଏବିଡିଓ ପ୍ରଶାନ୍ତ ଜେନା,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହିଅବସରରେ ବୃକ୍ଷରୋପଣ କରିଥିଲେ। କୁଆଁରମୁଣ୍ଡା ରେଞ୍ଜର ପଞ୍ଚନାରାୟଣ ସରାଫଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡା ବନପାଳ ଦୁଃଖୁ କିସାନ ଓ ଅନ୍ୟ ବନ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ।

ସମିତି ବୈଠକ, ଉନ୍ନୟନ କାର୍ଯ୍ୟର ସମୀକ୍ଷା

ସମିତି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ସରକାରୀ କର୍ମଚାରୀ।

ବଡ଼ଗାଁ, ୩।୭(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବୁଧବାର ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବଡ଼ଗାଁ ବ୍ଲକର ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକକୁ ବଡ଼ଗାଁ ବିଡିଓ ସୁମତି ପଣ୍ଡା ପରିଚାଳନା କରିଥିଲେ। ବୈଠକରେ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ବିଧାୟକ ପ୍ରତିନିଧି ବାବୁଲି କରସେଲ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ଶିଶିର ରାଉତରାୟ, ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା, ଅତିରିକ୍ତ ତହସିଲଦାର ରମେଶ ବୋଇତାଇ ପ୍ରମୁଖ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ବିଭିନ୍ନ ବିଭାଗରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀ ବୈଠକରେ ଆଲୋଚନା କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗୀୟ ଅଧିକାରୀ ଅନୁପସ୍ଥିତି ରହିଥିବା ଯୋଗୁ ଜନ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରାଯାଇଥିଲା। ବୈଠକରେ ବିଭିନ୍ନ ଉନ୍ନୟନମୂଳକ ପ୍ରସ୍ତାବ ଆଗତ ହୋଇଥିଲା। ବଡ଼ଗାଁ ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ଟପ୍ପୋ, ବନାଧିକାରୀ ପ୍ରଦିପ ଭୂତିଆ, ଅବକାରୀ ଅଧିକାରୀ ସୁଧିର ମିଶ୍ର, ବଡ଼ଗାଁ ଲ୍ୟାମ୍ପସ ଏମଡି ଅଭିମନ୍ୟୁ ତ୍ରିପାଠୀ, ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ, ବଡଗାଁ ବ୍ଲକ ସରପଞ୍ଚ ସଂଘ ସଭାପତି ଯୋଗିନ୍ଦ୍ର କିଷାନ, ସରପଞ୍ଚ ଗୋବର୍ଦ୍ଧନ ହାହା, ମେନକା କାଲୋ, ଯୁଧିଷ୍ଠିର ବାଡ଼ାଙ୍କ ସହିତ ସରପଞ୍ଚ ଓ ସମିତି ମେମ୍ବରମାନେ ଅଂଶ ଗ୍ରହଣ କରିଥିଲେ।

ସୁନ୍ଦରଗଡ଼ ପୌର ପରିଷଦର ବୈଠକ

ସୁନ୍ଦରଗଡ,୩।୭(ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ ପୌର ପରିଷଦର ୧୨ତମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ତନୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହରର ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବିଶେଷ କରି ସହରର ଡ୍ରେନେଜ ବ୍ୟବସ୍ଥା, ବେକାର ଯୁବତୀଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ନୂତନ ଦୋକାନ ଗୃହ ନିର୍ମାଣ, ଗରିବ ଛୋଟ ବ୍ୟବସାୟୀ ଓ ଉଠାଦୋକାନୀଙ୍କ ଥଇଥାନ ନିମନ୍ତେ ଭେଣ୍ଡିଙ୍ଗ ଜୋନ ନିର୍ମାଣ, ସ୍ୱରେଜ ଡ୍ରେନ ସହ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ସମେତ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ନବ ନିର୍ବାଚିତ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ଓ ଏମପି ଜୁଏଲ ଓରାମଙ୍କ ପ୍ରତିନିଧି ବଟ କିଶୋର ମିଶ୍ରଙ୍କୁ ପୌର ପରିଷଦ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, କାଉନସିଲର ତଥ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ସମେତ ଅନ୍ୟ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

ବୈଠକରେ ଉପସ୍ଥିତ ପୌରାଧ୍ୟକ୍ଷ ଓ ଅନ୍ୟମାନେ।

ଡୁ

ସଂକ୍ଷେପରେ

ରାସ୍ତା ନିର୍ମାଣରେ ଅନିୟମିତତା, ପ୍ରତିବାଦ କଲେ ଲୋକେ

ସମ୍ବଲପୁର,୩।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତରେ ଏକ ନିର୍ମାଣାଧୀନ ପିଚୁ ରାସ୍ତାରେ ଅନିୟମିତତା ହେଉଛି। ନିର୍ମାଣରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର ହେବା ସହ ରାସ୍ତାକୁ ଭଲଭାବେ ରୋଲରିଙ୍ଗ କରାଯାଉନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବାଲପୁର ଗ୍ରାମରୁ ଯାଦୁଲୋଇସିଂ ପର୍ଯ୍ୟନ୍ତ ୧୪ କିମି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ। ଏହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ନିମ୍ନମାନର ନିର୍ମାଣ ଦେଖି ଲୋକେ ନିରାଶ ହୋଇଛନ୍ତି। ଏହାକୁ ନେଇ ଯାଦୁଲୋଇସିଂହ ଗ୍ରାମବାସୀ ପ୍ରତିବାଦ କରିଥିଲେ। ଡକରା ସରପଞ୍ଚ ସଞ୍ଜୀବ ପୂଜାରୀ ଗ୍ରାମବାସୀଙ୍କ ଅଭିଯୋଗରେ ସତ୍ୟତା ରହିଥିବା କହିଛନ୍ତି। ଠିକାଦାରଙ୍କୁ ୧୪ କିମି ରାସ୍ତା ନିର୍ମାଣ ପାଇଁ ଯେତେ ପରିମାଣର ପ୍ରଶସ୍ତିକରଣର ଆବଶ୍ୟକତା ଥିଲା ତାହା କରାଯାଇନାହିଁ। ନିର୍ମାଣ ଠିକ ଭାବରେ ନହେଲେ ଜିଲାପାଳଙ୍କଠାରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି।

ମୁଦିପଡ଼ା ସରକାରୀ ପ୍ରାଥମିକ ସ୍କୁଲ ପ୍ଲାଟିନମ ଜୁବିଲି ପ୍ରସ୍ତୁତି ବୈଠକ

ସମ୍ବଲପୁର,୩।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମୁଦିପଡା ସରକାରୀ ପ୍ରାଥମିକ ସ୍କୁଲ ପ୍ଲାଟିନମ ଜୁବିଲି ପାଳନ ନେଇ ବୁଧବାର ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ଲାଟିନମ ଜୁବୁଲି ବର୍ଷ ପାଳନ ନେଇ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ପୁରାତନ ଛାତ୍ରୀଛାତ୍ରମାନେ ନିଷ୍ପତ୍ତି ନେଇଛନ୍ତି। ମହାନଗର ନିଗମ କମିଶନର ବେଦଭୂଷଣ ବିଦ୍ୟାଳୟ ପରିଦର୍ଶନ ସମୟରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ସ୍କୁଲର ପ୍ଲାଟିନମ ଜୁବୁଲି ପାଳନ ପରିପ୍ରେକ୍ଷୀରେ ସ୍କୁଲ କୋଠା ନବକଳେବର ସହ ବିଭିନ୍ନ ପ୍ରସଙ୍ଗରେ ମହାନଗର ନିଗମ କମିଶନଙ୍କୁ ପୁରାତନ ଛାତ୍ରୀଛାତ୍ର ମାନେ ଅବଗତ କରିଥିଲେ। ବେଦ ଭୂଷଣ ମହାନଗର ନିଗମ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ବୁର୍ଲା ଆଶ୍ରୟ ଗୃହ ପରିଚାଳନା ଅନିୟମିତତାର ତଦନ୍ତ କମିଟି ଗଠିତ

ସମ୍ବଲପୁର,୩।୭(ଭବାନୀ ଶଙ୍କର ଭୋଇ)

ବୁର୍ଲା ଭିମସାରକୁ ଆସୁଥିବା ରୋଗୀ ପରିଜନଙ୍କ ପାଇଁ ନିକଟସ୍ଥ ଆହାର କେନ୍ଦ୍ରର ପ୍ରଥମ ମହଲାରେ ଆଶ୍ରୟ ଗୃହ ନିର୍ମାଣ କରାଯାଇଥିଲା। ତେବେ ଏହାର ପରିଚାଳନାରେ ଅନିୟମିତତା ହେଉଥିବା ନେଇ ମଙ୍ଗଳବାର ରେଡକ୍ରସର ବାର୍ଷିକ ବୈଠକରେ ଅଭିଯୋଗ ଆସିଥିଲା। ଗରିବ ରୋଗୀଙ୍କ ପରିଜନ ରହିବା ପାଇଁ ବ୍ୟକ୍ତି ପିଛା ପୂର୍ବରୁ ୨୦ଟଙ୍କା ଧାର୍ଯ୍ୟ କରାଯାଇଥିଲା। ତେବେ ଆଶ୍ରୟଗୃହର ନବୀକରଣ ପରେ ଏହି ଦର ୧୦୦ ଟଙ୍କା କରାଯାଇଥିଲା। ଆଶ୍ରୟଗୃହ ଦାୟିତ୍ୱରେ ରହିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଲୋକଙ୍କଠାରୁ ୨୦୦ଟଙ୍କା ଆଦାୟ କରୁଥିବା ନେଇ ଅଭିଯୋଗ ହୋଇଛି। ଏପରିକି ଅଧିକ ଅର୍ଥ ବାବଦକୁ ଲୋକଙ୍କୁ କୌଣସି ରସିଦ ମଧ୍ୟ ପ୍ରଦାନ କରାଯାଉ ନ ଥିବା ନେଇ ରେଡକ୍ରସ ବୈଠକରେ ଅଭିଯୋଗ ଆସିଥିଲା। ଏ ନେଇ ବୈଠକରେ ଆଲୋଚନା ପରେ ଅଭିଯୋଗର ତଦନ୍ତ ପାଇଁ ୫ଜଣିଆ କମିଟି ଗଠନ କରାଯାଇଥିବା ରେଡକ୍ରସ ସମ୍ପାଦକ ଜୟଜର୍ଜ ସୂଚନା ଦେଇଛନ୍ତି।

ସାମ୍ବାଦିକ ପେନ୍‌ସନ ଯୋଜନା ଲାଗୁ କରିବାକୁ ଦାବି

ସମ୍ବଲପୁର,୩।୭(ପ୍ରମୋଦ ବହିଦାର)

ସାମ୍ବାଦିକ ପେନ୍‌ସନ ଯୋଜନା ଲାଗୁ କରିବାକୁ ଦାବି କରିଛି ସମ୍ବଲପୁର ଜିଲା ସାମ୍ବାଦିକ ସଂଘ। ଏନେଇ ସଂଘ ପକ୍ଷରୁ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଏକ ସ୍ମାରକପତ୍ର ସଭାପତି ସୁବାଷ ପାଣିଗ୍ରାହୀ ପ୍ରେରଣ କରଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ କେତେକ ସାମ୍ବାଦିକ ସେମାନଙ୍କ ପରିବାର ଭରଣପୋଷଣରେ ମଧ୍ୟ ସକ୍ଷମ ହେଉନାହାନ୍ତି। ଏପରିକି ଅବସରପ୍ରାପ୍ତ ସାମ୍ବାଦିକ ମାନେ ନିଜ ନିଜ ଚିକିତ୍ସା ଖର୍ଚ୍ଚ ଉଠାଇବାରେ ଅସମର୍ଥ। ଦେଶର ୧୯ଟି ରାଜ୍ୟରେ ସାମ୍ବାଦିକ ପେନ୍‌ସନ ଯୋଜନା ଲାଗୁ ହୋଇଛି। ତେଣୁ ଓଡ଼ିଶାରେ ମଧ୍ୟ ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ଆଗାମୀ ବଜେଟରେ ପେନସନ ଯୋଜନା ପାଇଁ ଅର୍ଥ ଅନୁମୋଦନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

ପୁଣି ବିଛାଯାଉଛି ନିମ୍ନମାନର ପାଇପ୍

ସମ୍ବଲପୁର,୩।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ କବରାପାଲିର ୫୦ଜଣ ଚାଷୀଙ୍କ ଜମିକୁ ଜଳସେଚନ ଉଦ୍ଦେଶ୍ୟରେ ୨୦୨୧-୨୨ ଆର୍ଥିକ ବର୍ଷରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ବ୍ୟୟ ଅଟକଳ ଥିଲା ୬୫ ଲକ୍ଷ ଟଙ୍କା। ଛଅ ମାସ ମଧ୍ୟରେ ନିକଟସ୍ଥ କୁଟୁରାଝୁରୀ ଯୋରରୁ ପାଇପ୍ ଯୋଗେ କବରାପାଲିର ଚାଷୀଙ୍କ ଜମିକୁ ପାଣି ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହାପରେ ୫୦ଜଣ ଚାଷୀ ରଣେଶ୍ୱର ରାମଚଣ୍ଡୀ ପାଣି ପଞ୍ଚାୟତ କବରାପାଲି-୨ ଗଠନ କରିଥିଲେ। ଉଠା ଜଳସେଚନ ପ୍ରକଳ୍ପର ସୁଫଳ ପାଇବାକୁ ଚାଷୀମାନେ ଚିନ୍ତା କରିଥିଲେ। ହେଲେ କାମ ନିମ୍ନମାନର କରାଯାଇଥିବା ଦୃଷ୍ଟିରୁ ପାଣି ଯୋଗାଣର କେତେଟା ଦିନ ମଧ୍ୟରେ ପାଇପ୍ ସବୁ ଫାଟିଯିବାରୁ କ୍ଷେତରେ ପାଣି ପହଞ୍ଚିଲାନି। ଚାଷୀଙ୍କ ପାଣି ପାଇବା ଆଶା ଅଧୁରା ରହିଗଲା।

ଅପରପକ୍ଷରେ ଦୀର୍ଘଦିନ ଧରି ଜଳଯୋଗାଣ ହୋଇ ନ ଥିଲେ ହେଁ ପ୍ରକଳ୍ପ ପାଇଁ ଦୁଇ ବର୍ଷର ୧୧ ହଜାର ଟଙ୍କାର ବିଜୁଳି ବିଲ୍ ଚାଷୀଙ୍କ ଦ୍ୱାରା ଗଠିତ ପାଣି ପଞ୍ଚାୟତ ପାଖରେ ପହଞ୍ଚିଥିଲା। ଏ ନେଇ ୨୦୨୩ ଡିସେମ୍ବର ୨୬ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଉଠା ଜଳସେଚନ ବିଭାଗ ଏସ୍‌ଡିଓ ତଦନ୍ତ କରି ଫାଟିଥିବା ପାଇପ୍ ହଟାଇ ନୂତନ ପାଇପ୍ ସଂଯୋଗ କରି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ ବିଲ୍ ପଇଠ କରିବାକୁ ପ୍ରକଳ୍ପ କାମ କରୁଥିବା ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ପରେ ଏବେ ସମ୍ପୃକ୍ତ ଠିକାଦାର ପୁଣିଥରେ ମରାମତି କାମ କରୁଛନ୍ତି। ହେଲେ ସେହି କାମକୁ ନେଇ ଏବେ ପୁଣି ଉଠିଛି ପ୍ରଶ୍ନ। ପୁରୁଣା ପାଇପ୍ ବଦଳାଇ ସେ ଏବେ ନୂତନ ପାଇପ୍ ବିଛାଉଛନ୍ତି। ତେବେ ପ୍ରଥମେ ଯେଉଁ ପାଇପ୍ ବିଛାଯାଇଥିଲା ଏବେ ପୁଣିଥରେ ସମାନ ପ୍ରକାର ପାଇପ୍ ବିଛାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ୧୫ ଏଚ୍‌ପିର ଦୁଇଟି ପାଣିମୋଟର ଚାଲୁ କରିବା ପରେ ବିଛାଯାଇଥିବା ପାଇପ୍ ବିଭିନ୍ନ ସ୍ଥାନରେ ଫାଟିଯାଇ ରାସ୍ତାରେ ପାଣି ବୋହି ଯାଇଥିଲା। ଏବେ ପୁଣିଥରେ ସେହିପରି ହେବା ଆଶଙ୍କା ଦେଖାଦେଇଛି। ପୁନଶ୍ଚ ପାଇପ୍ ବିଛାଇବା ପାଇଁ ୩ ଫୁଟ ମାଟି ଖୋଳିବା କଥା। ମାତ୍ର ଠିକାଦାର କମ୍ ମାଟି ଖୋଳି ପାଇପ୍ ବିଛାଉଥିବା ଦେଖିବାକୁ ମିଳୁଛି। ଫଳରେ ଟ୍ରାକ୍ଟର ଓ ଅନ୍ୟାନ୍ୟ ଗାଡିମୋଟର ସେହି ବାଟରେ ଚାଲିଲେ ପାଇପ ଫାଟି ଗୁଣ୍ଡ ହୋଇଯାଉଥିବା ପାଣି ପଞ୍ଚାୟତ କୋଷାଧ୍ୟକ୍ଷ ସୁଶାନ୍ତ ସାହୁ କହିଛନ୍ତି। ଏ ନେଇ ସମ୍ପୃକ୍ତ ଠିକାଦାର ଦୀପକ କୁମାର ବେହେରାଙ୍କୁ ତାଙ୍କ ମୋବାଇଲ ନଂ.୭୯୭୮୮୨୩୦୯୭ରେ ଯୋଗଯୋଗ କରାଯାଇଥିଲା। ରିଙ୍ଗ ହୋଇଥିଲେ ହେଁ ସେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ବିଭାଗୀୟ ଉପଖଣ୍ଡ ଯନ୍ତ୍ରୀ ନିରଞ୍ଜନ ନାଏକଙ୍କୁ ପଚାରିବାରୁ ସେ ନିଜେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ତେବେ ବହୁ ଦୂରରୁ ଚାଷ ପାଇଁ ପାଣି ଅଣାଯାଉଥିବାରୁ ପାଇପ୍ ଠିକ୍ ଭାବରେ ବିଛା ନ ଗଲେ ଏମିତି ସମସ୍ୟା ହୋଇଥାଏ ବୋଲି ସେ କହିଛନ୍ତି।

କବରାପାଲି ଉଠା ଜଳସେଚନ ପ୍ରକଳ୍ପରେ ବିଛାଯାଉଥିବା ପାଣି ପାଇପ୍।

କବରାପାଲି ଉଠା ଜଳସେଚନ ପ୍ରକଳ୍ପ

- ଏଷ୍ଟିମେଟ୍ ଅନୁଯାୟୀ କାମ ହେଉ ନ ଥିବା ଅଭିଯୋଗ
- ୩ ବର୍ଷ ବିତିଲା, କ୍ଷେତରେ ପାଣି ପହଞ୍ଚିଲାନି

ସମ୍ବଲପୁରରେ ଶ୍ରୀ ଅରବିନ୍ଦ କର୍ମୀ ସମ୍ମିଳନୀ

ବୁଧବାର ଶ୍ରୀ ଅରବିନ୍ଦ କର୍ମୀ ସମ୍ମଳନୀରେ ଉପସ୍ଥିତ ଅତିଥି ବୃନ୍ଦ।

ସମ୍ବଲପୁର,୩।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଥିବା ମାତୃନିବାସଠାରେ ବୁଧବାର ଜିଲାସ୍ତରୀୟ ଶ୍ରୀ ଅରବିନ୍ଦ ଏବଂ ମାତୃଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଗଠକ ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମିଳନୀରେ ଜିଲାର ବିଭିନ୍ନ ଅଂଚଳରୁ ୫୦୦ ମାତୃଭକ୍ତ ଯୋଗ ଦେଇଥିଲେ। ଜିଲା ଆବାହିକା ସୁପ୍ରଭା ଚୌଧୁରୀ ଜିଲାରେ ଚାଲିଥିବା କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଜୁଲାଇ ମାସ ସାରା ଓଡ଼ିଶାର ୩୦ଟି ଜିଲାରେ ଜିଲା ସମ୍ମିଳନୀମାନ ଅନୁଷ୍ଠିତ ହେଉଛି। କୃଷ୍ଣଚନ୍ଦ୍ର ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶ୍ରୀ ଅରବିନ୍ଦ ଏବଂ ଶ୍ରୀମାଙ୍କ ଆଧ୍ୟାତ୍ମିକ ଶିକ୍ଷାର ପ୍ରଚାର ପ୍ରସାର ଦିଗରେ ସାରା ରାଜ୍ୟରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟ ସଙ୍ଗଠକ ପ୍ରସାଦ ତ୍ରୀପାଠୀ ସୂଚନା ଦେଇଥିଲେ। ଏହାସହ ଜିଲାରେ ସାମାଜିକ ସଦ୍‌ଭାବ ଏବଂ ଆଧ୍ୟାତ୍ମିକ ବିକାଶ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ପ୍ରଫୁଲ ପଣ୍ଡା ସୂଚନା ଦେଇଥିଲେ। ଉଦିତ ବାବୁ, ମନୋରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ଟିପିଡବ୍ଲ୍ୟୁଓଡିଏଲ ବରିଷ୍ଠ ଜନସମ୍ପର୍କ ଅଧିକାରୀ ସମ୍ବର୍ଦ୍ଧିତ

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଦେବାନନ୍ଦ ସାମଲ।

ସମ୍ବଲପୁର,୩।୭(ବି.ଶଙ୍କର)

ବୁର୍ଲା ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିପିଡବ୍ଲ୍ୟୁଓଡିଏଲ ପରିବାର, ଅଫିସର୍ସ ସର୍ଭିସ ଆସୋସିଏଶନ(ଓଏସ୍‌ଏଚ୍‌ଏ)ର ଅଧିକାରୀମାନେ ଯୋଗଦେଇ ବରିଷ୍ଠ ଜନସମ୍ପର୍କ ଅଧିକାରୀ ଦେବାନନ୍ଦ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସିଇଓ ଇଞ୍ଜିନିୟର ପ୍ରବୀଣ ବର୍ମା ଓ କମ୍ପାନୀର ଆଇନ ମୁଖ୍ୟ ସୁବୋଧ ମାହାଲିକ ସାମଲଙ୍କ ଚାରିଦଶକର କାର୍ଯ୍ୟକାଳ ଉପରେ କହିଥିଲେ। ସେ କହିଥିଲେ ସାମଲ ପଶ୍ଚିମ ଓଡିଶାର ବିଦ୍ୟୁତ ବଣ୍ଟନ କମ୍ପାନୀ ୱେସକୋର ଜନସମ୍ପର୍କ ବିଭାଗର ମୁଖ୍ୟ ଭାବେ ୧୯୯୯ ରୁ ୨୦୧୯ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏଥିସହ ରାଜ୍ୟ ଶକ୍ତି ବିଭାଗ ଅଧିନ ଗ୍ରୀଡକୋର ଜନସମ୍ପର୍କ ମୁଖ୍ୟଭାବେ ସାଢେ ଚାରିବର୍ଷ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ୨୦୧୪-୧୫ରେ ୱେସ୍କୋ, ନେସ୍କୋ ଓ ସାଉଥକୋର କେନ୍ଦ୍ରୀୟ ସେବା କାର୍ଯ୍ୟାଳୟର କର୍ପୋରେଟ କମ୍ୟୁନିକେସନ ଶାଖା ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ ତୁଲାଇଛନ୍ତି। ଏତଦ୍‌ଭିନ୍ନ ଜଣେ ସାମାଜିକ କର୍ମୀ, କବି, ସୁଲେଖକ ଓ ସାଂସ୍କୃତିକ ସଙ୍ଗଠକ ଭାବେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ପଶ୍ଚିମ ଓଡିଶାର ବିଭିନ୍ନ ସାଂସ୍କୃତିକ ସଂଗଠନ ସହିତ ଜଡିତ ରହି ଓ ବିଶେଷ ଭାବେ ବୁର୍ଲା ରୋଟାରୀ କ୍ଲବର ସମ୍ପାଦକଭାବେ କାର୍ଯ୍ୟ କରିଥିଲେ। ଅରୁନ୍ଧତୀ ଅନୁଷ୍ଠାନ ମାଧ୍ୟମରେ ସେ ସ୍ଥାନୀୟ ଲୋକକଳା ତଥା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପ୍ରସାର ପ୍ରଚାର ପାଇଁ ପ୍ରୟାସ କରିଛନ୍ତି। ସାମାଜିକ ଓ ସାଂସ୍କୃତିକ ସେବାପାଇଁ ସେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ସମ୍ମାନୀତ ହୋଇଛନ୍ତି ବୋଲି ସମ୍ବର୍ଦ୍ଧନା ସଭାରେ ଅଧିକାରୀମାନେ ଉଲ୍ଲେଖ କରିଥିଲେ।

ଭାତପୁରା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

ଜମନକିରା,୩।୭(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭାତପୁରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବୁଧବାର ବନ ମହୋତ୍ସବ ପ୍ରଧାନ ଶିକ୍ଷକ ରତନ ଲାଲ ସିଂଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ସଭ୍ୟ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରୁଦ୍ର ନାରାୟଣ ବେହେରା ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରକୃତିବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇ ବନ ଓ ବନ୍ୟ ପ୍ରାଣୀର ସୁରକ୍ଷା ପାଇଁ କିପରି ପୂରାଣ ଯୁଗରୁ ବିଧି ରହି ଆସିଛି ବର୍ଣ୍ଣନା କରିଥିଲେ। ତାଙ୍କ ବକ୍ତବ୍ୟରେ କୁଚିଣ୍ଡା ଉପଖଣ୍ଡ ଓ ଆଖପାଖ ଅଞ୍ଚଳରେ ବୃକ୍ଷ ରୋପଣ କିପରି ଏକ ଜନ ଆନ୍ଦୋଳନର ରୂପ ନେଇଛି ତାର ସୂଚନା ଦେଇଥିଲେ। ସମସ୍ତେ ଏହି ସବୁଜ ଆନ୍ଦୋଳନରେ ଝାସ ଦେବାକୁ ଶପଥ ପାଠ କରାଇଥିଲେ। ମୁଖ୍ୟଅତିଥି ବେହେରା ମୁଖ୍ୟବକ୍ତା ନାୟକଙ୍କୁ ସ୍କୁଲ ପକ୍ଷରୁ ବନ୍ୟ ପ୍ରାଣୀ ଓ ବନ ସଂରକ୍ଷକ ସମ୍ମାନରେ ସମ୍ମାନୀତ କରିଥିଲେ। ସହକାରୀ ଶିକ୍ଷକ ଖଗେଶ୍ୱର ନାଏକ ମାନପତ୍ର ପାଠ କରିଥିଲେ। ସଂସ୍କୃତ ଶିକ୍ଷିକା ମଧୁସ୍ମିତା ବହିଦାର, କ୍ରୀଡା ଶିକ୍ଷକ ପ୍ରଦୀପ୍ତ ବାରିକ, କୈଳାସ ଚନ୍ଦ୍ର ଗୌଡ଼ ବୃକ୍ଷ ରୋପଣ ସହ ତାର ଯତ୍ନ ନେବାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ପ୍ରକୃତିବନ୍ଧୁ ସରୋଜ ମେହେର ଓ ସାମାଜିକ କର୍ମୀ ରବୀନ୍ଦ୍ର ପଟେଲ ମଞ୍ଚସୀନ ଥିଲେ। ଏହା ପରେ ବିଭିନ୍ନ ସ୍ଲୋଗାନ ସହ ଶୋଭାଯାତ୍ରା କରିବା ସହ ୫୦ ପ୍ରଜାତିର ଚାରା ସ୍କୁଲ ପରିସର ଓ ଖେଳ ପଡିଆରେ ରୋପଣ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସୁଶ୍ରୀ ଦୀପିକା ଲୁହୁରା, ପୂଜା ସିଂ ଓ ସୁହାନି ବାରିକଙ୍କୁ ପୁରସ୍କୃତ କରାଯାଇଥିଲା।

ରକ୍ତଶିକୁଳି ରକ୍ତହୀନତା ଦୂରୀକରଣ ସଚେତନତା ଅଭିଯାନ

ସମ୍ବଲପୁର,୩।୭(ବି.ଶଙ୍କର)

ରକ୍ତଶିକୁଳି ରକ୍ତହୀନତା ଦୂରୀକରଣ ସଚେତନତା ଅଭିଯାନ ବୁଧବାର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷଠାରେ ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଗତ ୧୫ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧ, ବକ୍ତୃତା, ପ୍ରବନ୍ଧ ଲେଖନ, ସୃଜନଶୀଳ ରଚନା, ପୋଷ୍ଟର ରଚନା ଓ ପଥପ୍ରାନ୍ତ ନାଟକ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରୀ ମାନେ ଆଗ୍ରହର ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ଡ. ଶୁଭସରାଜ ପଟ୍ଟନାୟକ ରକ୍ତଶିକୁଳି ରକ୍ତହୀନତା ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ରୋଗ ସମ୍ପର୍କରେ ସଚେତନତା ଦିଗରେ ଛାତ୍ରୀମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗତାରେ ବିଜୟିନୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ସଭା ସଞ୍ଚାଳନ କରିଥିଲେ। ଅଧ୍ୟାପିକା ପୁନମ ରଶ୍ମିତା ଟପୋ ପକ୍ଷବ୍ୟାପୀ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପୁତ୍ରହରା ପରିବାର ପାଇଲେ ପ୍ରଧାନମନ୍ତ୍ରୀ ଆବାସ

ସମ୍ବଲପୁର, ୩।୭(ପ୍ରମୋଦ ବହିଦାର)

ଜିଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ମାନେଶ୍ୱର ବ୍ଲକ ଗୁଲୁଣ୍ଡିପାଲର ସ୍ୱାମୀ ଓ ପୁତ୍ରଙ୍କୁ ହରାଇଥିବା ପରିବାରଙ୍କୁ ମିଳିଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ସହିତ ବିଧବା ଭତ୍ତା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଗତ ୨୦୨୨ ମସିହାରେ ଉକ୍ତ ଗ୍ରାମର ଖୁଦ ମହାକୁଡ଼ ତାଙ୍କ ଉପର୍ଜନକ୍ଷମ ପୁତ୍ରଙ୍କୁ ହରାଇଥିଲେ। ପରବାରରେ ବିଧବା ପୁତ୍ରବଧୂ, ତିନି ଛୋଟପିଲାଙ୍କ

ଥାନା ଘେରାଉ, ଜାତୀୟ ରାଜପଥ ଅବରୋଧ

- ପୂର୍ବ ଶତ୍ରୁତାକୁ ନେଇ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ
- ଆରକ୍ଷୀ ଅଧୀକ୍ଷକଙ୍କ ହସ୍ତକ୍ଷେପ ପରେ ହଟିଲା ରାସ୍ତା ଅବରୋଧ

ସଇଁତଲା,୩।୭(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ ନେଇ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି । ଅଟକ କର୍ମୀଙ୍କୁ କୋର୍ଟ ଚାଲାଣ କରାଯିବା ପ୍ରତିବାଦରେ ବିଜେଡି କର୍ମୀମାନେ ବୁଧବାର ସଇଁତଲା ଥାନା ଘେରାଉ କରିବା ସହ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ସଇଁତଲା ଥାନା ଅର୍ନ୍ତଗତ ଫପସୀ ଗ୍ରାମ ନିକଟରେ ଥିବା ଏକ ଢ଼ାବା ପାଖରେ ଗତ ମଙ୍ଗଳବାର ରାତିରେ ବିଜେଡ଼ି ଓ ଭାଜପା କର୍ମୀଙ୍କ ମଧ୍ୟରେ କୌଣସି କଥାକୁ ନେଇ କଟାକଟି ହେବା ସହ ଗଣ୍ଡଗୋଳ ହୋଇଥିଏ।। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ଉଭୟ ଗୋଷ୍ଠୀରୁ ୬ ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଚଳାଇଥିଲା । ବୁଧବାର ଭାଜପା ଓ ବିଜେଡ଼ିର ଅଟକ ଥିବା ୬ଜଣଙ୍କୁ କୋର୍ଟ ଚାଲାଣ କରାଯିବା ଖବର କୌଣସି ସୂତ୍ରରୁ ବିଜେଡ଼ି କର୍ମୀମାନେ ପାଇଥିଲେ । ଏହା ପ୍ରଚାରିତ ହେବା ପରେ ବିଜେଡ଼ି କର୍ମୀମାନେ ସଇଁତଲା ଥାନା ଘେରାଉ କରିବା ସହ ଜାତୀୟ ରାଜପଥ ଅବରୋଧ କରିଥିଲେ । ଚଳିତ ନିର୍ବାଚନରେ ବିଜେଡ଼ି ତରଫରୁ ଏମ୍‌ପି ପ୍ରାର୍ଥୀ ହୋଇଥିବା ସୁରେନ୍ଦ୍ର ସିଂ ଭୋଇ ଘଟଣାସ୍ଥଳରେ ପହଞ୍ଚି ପୋଲିସ ବିଜେଡ଼ି କର୍ମୀଙ୍କୁ ଅଯଥାରେ ହଇରାଣ କରୁଛି । କୌଣସି ଦୋଷ ନ ଥାଇ ସେମାନଙ୍କୁ କୋର୍ଟ ଚାଲାଣ କରିବା ଘଟଣାକୁ ନିନ୍ଦା କରିଥିଲେ । ରାସ୍ତା ଅବରୋଧ ଖବର ପାଇ ବଲାଙ୍ଗୀର ଏସ୍‌ପି ରଷିକେଶ ଖିଲାରୀ, ଟିଟିଲାଗଡ଼ ଏସଡ଼ିପିଓ ଅଙ୍କିତା କୁମ୍ଭାର, ଟିଟିଲାଗଡ଼ ଥାନା ଅଧିକାରୀ ଅବନୀ କୁମାର ସାହୁ ଏବଂ ଏକ ପ୍ଲାଟୁନ ପୋଲିସ ପହଞ୍ଚି ଥିଲେ । ଏସ୍‌ପି ଖିଲାରୀ ଏବଂ ସୁରେନ୍ଦ୍ର ସିଂ ଭୋଇ ଘଟଣାକୁ ନେଇ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ଏବଂ ଥାନା ଘେରାଉରୁ ବିଜେଡ଼ି କର୍ମୀମାନେ ଓହରି ଥିଲେ ।

ଶିଶୁକନ୍ୟା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

ସମ୍ବଲପୁର,୩।୭(ପ୍ରମୋଦ ବହିଦାର)

ସମ୍ବଲପୁର ପୋକ୍‌ସୋ ଅଦାଲତ ଏକ ଶିଶୁକନ୍ୟା ବଳାତ୍କାର ମାମଲାର ବିଚାର କରି ବୁଧବାର ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୧ଲକ୍ଷ ଟଙ୍କା ଜରିମାନା ଶୁଣାଇଛନ୍ତି । ଜରିମାନା ଅନାଦେୟ ଅଭିଯୁକ୍ତ ଦୀପକ ବନଛୋର(୪୨)ଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ଅଭିଳାସ ସେନାପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି । ଦାନିବନ୍ଧ ଅଞ୍ଚଳର ଜଣେ ମହିଳା ତାଙ୍କ ୫ବର୍ଷୀୟା ଶିଶୁନ୍ୟା ସହ ରହୁଥିଲେ । ୨୦୧୫ ମସିହା ଏପ୍ରିଲ ୨୯ ମଧ୍ୟାହ୍ନରେ ମହିଳା ଗଧୋଇ ଯାଇଥିଲେ । ଏହି ସମୟରେ ଝିଅର ଚିତ୍କାର ଶୁଭିଥିଲା । ଲୁଗା ବଦଳାଇ ସେଠାକୁ ସେ ଆସିବା ପରେ ଝିଅ ସବୁକଥା କହିଥିଲେ । ଏଥିରେ ସେ ପଡୋଶୀ ଦୀପକଙ୍କ ନାମ କହିଥିଲେ । ପୀଡ଼ିତାଙ୍କ ବାପା ଆସିବା ପରେ ସେ ଦୀପକଙ୍କ ଘରକୁ ଯାଇ ପଚାରିଥିଲେ । ହେଲେ ଦୀପକ ଓ ତାଙ୍କ ପରିବାର ଲୋକେ ଓଲଟି ଗାଳିଗୁଲଜ କରିଥିଲେ । ଶେଷରେ ପୀଡ଼ିତାଙ୍କ ମାତାପିତା ସମ୍ବଲପୁର ଟାଉନ ଥାନାରେ ଏତଲା ଦେଇଥିଲେ । ଏତଲା ଆଧାରରେ ଦଫା ୩୭୬(ଏବି)ରେ ଏକ ମାମଲା (୧୫୨/୨୦୧୫)ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ଏହି ମାମଲାକୁ ଅଦାଲତରେ ସ୍ୱତନ୍ତ୍ର ପିପି ସନ୍ତୋଷ ପଣ୍ଡା ପରିଚାଳନା କରୁଥିଲେ ।

ସର୍ଭେ ପାଇଁ ଜଳ ସମ୍ପଦ ବିଭାଗର ନିର୍ଦ୍ଦେଶ

ବିକଶିତ ହେବ ମହାନଦୀର ଅଯୋଧ୍ୟା ସରୋବର

ସମ୍ବଲପୁର,୩।୭(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ମହାନଦୀର ଆନିକଟ ଭାବେ ପରିଚିତ ଅଯୋଧ୍ୟା ସରୋବରର ବିକାଶ ପାଇଁ ନିଷ୍ପତ୍ତି ନେଇଛି ରାଜ୍ୟ ଜଳ ସମ୍ପଦ ବିଭାଗ । ଏ ସମ୍ପର୍କରେ ସର୍ଭେ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ସମ୍ବଲପୁର ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ହୀରାକୁଦ ବନ୍ଧ ନିର୍ମାଣ ହେବା ପରେ ମହାନଦୀର ତଳିଆ ଅଞ୍ଚଳ ଜଳ ପ୍ରବାହ ହ୍ରାସ ପାଇଥିଲା । ଫଳରେ ସମ୍ବଲପୁର ସହରରେ ଉତ୍କଟ ଜଳାଭାବ ଦେଖାଦେଇଥିଲା । ଏହି ସମସ୍ୟାର ସମାଧାନ ସଦୃଶ ସମ୍ବଲପୁରବାସୀଙ୍କ ପାଇଁ ଜଳାଭାବ ଦୂର ସକାଶେ ମହାନଦୀରେ ଏହି ଆନିକଟ ନିର୍ମାଣ ହୋଇ ଅଯୋଧ୍ୟା ସରୋବର ଭାବେ ଏହାର ନାମକରରଣ କରାଯାଇଥିଲା । ୨୦୨୨ ମସିହାରେ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ ପୁରୁଣା ଏହି ଆନିକଟରେ ଘାଇ ସୃଷ୍ଟି ହୋଇଥିବାରୁ ସମ୍ବଲପୁର ସହରସ୍ଥ ମହାନଦୀରେ ଜଳସ୍ତର ହ୍ରାସ ପାଇବାରେ ଲାଗିଥିଲା । ତେବେ ତତ୍‌କ୍ଷଣାତ ଏହାର ମରାମତି କରାଯାଇଛି । ମାତ୍ର ଏହାକୁ ସ୍ଥାୟୀ ଭାବେ ବିକଶିତ କରିବାକୁ ବର୍ତ୍ତମାନ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି କ୍ରମରେ ସମ୍ବଲପୁର ସହରରେ ମହାନଦୀର ଉକ୍ତ ଆନିକଟ(ଅଯୋଧ୍ୟା ସରୋବର)ର ବିକାଶ ପାଇଁ ଏକ ସର୍ଭେ ରିପୋର୍ଟ ଦେବାକୁ ସମ୍ବଲପୁର ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ପତ୍ର ଲେଖାଯାଇଛି ।

ସମ୍ବଲପୁର ମହାନଦୀର ଅଯୋଧ୍ୟା ସରୋବର ।

ସୂଚନାଯୋଗ୍ୟ ଗତ ଜାନୁଆରୀ ୨୭ ତାରିଖରେ ନୂତନ ଭାବେ ରୂପାନ୍ତରିତ ମା' ସମଲେଇ ପ୍ରକଳ୍ପ ଉଦ୍‌ଘାଟନ ହୋଇ ଏଠାରେ ମହାନଦୀ ଆଳତି ଆରମ୍ଭ ହୋଇଥିଲା । ଏଥିପାଇଁ ସମଲେଇ ମନ୍ଦିର ସମ୍ମୁଖସ୍ଥ ମହାନଦୀର ସମଲେଇ ଘାଟକୁ ବିକଶିତ ମଧ୍ୟ କରାଯାଇଥିଲା । ମାତ୍ର କିଛିଦିନ ହେଲା ଏଠାରେ ମହାନଦୀ ଆଳତି ବନ୍ଦ ରହିଛି । ସମ୍ଭବତଃ ମହାନଦୀରେ ଜଳାଭାବ ପାଇଁ ଆଳତୀକୁ ବନ୍ଦ କରି ଦିଆଯାଇଛି । ତେଣୁ ସମଲେଇ ଘାଟରେ ଗଚ୍ଛିତ ଜଳ ମାତ୍ରା ବୃଦ୍ଧି ତଥା ସମ୍ବଲପୁର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ସହରରେ ଜଳାଭାବ ଦୂର ପାଇଁ ସ୍ଥାୟୀ ବ୍ୟବସ୍ଥା ସ୍ୱରୂପ ଅଯୋଧ୍ୟା ସରୋବରର ବିକାଶ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

ଏ ସମ୍ପର୍କରେ ସମ୍ବଲପୁର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମାକାନ୍ତ ନାୟକ କହିଛନ୍ତି ବର୍ତ୍ତମାନ କେବଳ ସମ୍ବଲପୁର ସହର ଅଯୋଧ୍ୟା ସରୋବର ବିକାଶ ପାଇଁ ସର୍ଭେ ସକାଶେ ସରକାରଙ୍କ ପକ୍ଷରୁ ଲିଖିତ ନିର୍ଦ୍ଦେଶ ଦିଆଯାଇଛି । ଯଥାଶୀଘ୍ର ଏହାର ସର୍ଭେ କରି ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗକୁ ରିପୋର୍ଟ ପ୍ରଦାନ କରାଯିବ । ତେବେ ଅଯୋଧ୍ୟା ସରୋବରକୁ କେତେ ଉଚ୍ଚ କରାଯିବ, ଏହାଦ୍ୱାରା ଅନ୍ୟ କେଉଁ ଅଞ୍ଚଳ ପ୍ରଭାବିତ ହେବାର ସମ୍ଭାବନା ରହିଛି, କେତେ ପରିବାର ବିସ୍ଥାପିତ ହେବାର ଆଶଙ୍କା ରହିଛି ଓ ସର୍ବୋପରି ଏହାକୁ କିଭଳି ବିକଶିତ କରାଗଲେ ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇ ପାରିବ ସେ ସମ୍ପର୍କରେ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ତେବେ ବିନାଖଣ୍ଡି ଓ ଫାସକୁଦାରେ ମହାନଦୀ ଉପରେ ସେତୁ ସହ ବ୍ୟାରେଜ୍ ନିର୍ମାଣ ପାଇଁ ପୂର୍ବ ପ୍ରସ୍ତାବ ସମ୍ପର୍କରେ ସେଭଳି କୌଣସି ନିର୍ଦ୍ଦେଶ ଆସି ନାହିଁ ବୋଲି କହିଛନ୍ତି ଅଧୀକ୍ଷଣ ଯନ୍ତ୍ରୀ ନାୟକ ।

ଶୀତଳ ଭଣ୍ଡାରରେ ମହାନଦୀରେ ବ୍ୟାରେଜ ନିର୍ମାଣ ପ୍ରସ୍ତାବ

୨୦୧୪ ମସିହାରେ ସମ୍ବଲପୁରର ଜଳସେଚନ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଉକ୍ତ ଦୁଇଟି ସ୍ଥାନରେ ସେତୁ ଓ ବ୍ୟାରେଜ ନିର୍ମାଣ ପାଇଁ ଏକ ପ୍ରସ୍ତାବ ଦିଆଯାଇଥିଲା । ଏହି ସମୟରେ ଏଥିପାଇଁ ୪୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ତତ୍କାଳୀନ ବଜେଟରେ ପ୍ରସ୍ତାବ ଦିଆଯାଇଥିଲା । ସେହିପରି ୨୦୧୯ ମସିହାରେ ମଧ୍ୟ ବଜେଟରେ ପୁନର୍ବାର ୪୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ସମାନ ପ୍ରସ୍ତାବ ଦିଆଯାଇଥିଲା, ଯାହା ବର୍ତ୍ତମାନ ଶୀତଳ ଭଣ୍ଡାରେ ପଡ଼ିଛି । ଆଜି ପର୍ଯ୍ୟନ୍ତ ଦୀର୍ଘ ୧୦ ବର୍ଷ ପରେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ।

Tender Notice
BAIF Institute for Sustainable Livelihoods and Development
Invites sealed quotations from reputed vendors for Supply, installation, commissioning & testing of solar based drinking water pumping systems at Lakhanpur block of Jharsuguda district, Lephripada block of Sundarghar district and Jujumura block of Sambalpur district, Odisha.
Refer www.baif.org.in & www.baifodisha.org for details
Plot No. 1565/2682, At Bhatra, PO. Dhanupali, Sambalpur Odisha-768005, Ph +91-7894418530

ପୂର୍ବ ତଟ ରେଳପଥ
(1) ଫାଇଲ୍ ନଂ. DRM/Engg/KUR/24-25/E-Tender/30, ତା.24.06.2024 ରିଖ
ଟେଣ୍ଡର ସଂ. etenderstatekur-106-2024, ତା.18.06.2024 ରିଖ
ବିବରଣୀ : ଭୁବନେଶ୍ୱରଠାରେ ପୂର୍ବ ତଟ ରେଳପଥର ମୁଖ୍ୟାଳୟ ଭବନ (ରେଳ ସଦନ) ନିମନ୍ତେ ଅଗ୍ନି ନିର୍ବାପନ ପ୍ରଣାଳୀ ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 166.70 ଲକ୍ଷ, EMD (₹) : 2,33,400.00 ।
(2) ଫାଇଲ୍ ନଂ. DRM/Engg/KUR/24-25/E-Tender/31, ତା.24.06.2024 ରିଖ
ଟେଣ୍ଡର ସଂ. etendernorthkur-107-202, ତା.21.06.2024 ରିଖ
ବିବରଣୀ : ସହାୟକ ମଣ୍ଡଳ ଯନ୍ତ୍ରୀ / ଯାଜପୁର କେନ୍ଦୁଝର ରୋଡ଼ ଅଧୀନସ୍ଥ (ଗ୍ୟାଙ୍ଗ୍ ନଂ. 30A (ରନ୍ଧିଆ ବାଉଦପୁର) (RDBR), 34A (ବୈତରଣୀ ରୋଡ଼) (BTV), JD-2 (ଟୋମ୍‌କା), JD-3 ଏବଂ 3A (ବାଘୁଆପାଳ) (BGPL), JD-4 (ସୁଜିନ୍ଦା ରୋଡ଼) (SKND) ଏବଂ 37 (ଜଖପୁରା) (JKPR) ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକଠାରେ 07 ଗୋଟି ଟ୍ରାକ୍ ମେଣ୍ଟେନର ପ୍ରକୋଷ୍ଠର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 145.21 ଲକ୍ଷ, EMD (₹) : 2,22,600.00 ।
ଶେଷ ହେବା ଅବଧି : 18 (ଅଠର) ମାସ (କ୍ରମ.ସଂ. 1 ପାଇଁ) ଏବଂ 365 ଦିନ (କ୍ରମ.ସଂ. 2 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.07.2024 ରିଖ 1500 ଘଟିକାରେ (କ୍ରମ. ସଂ. 1 ପାଇଁ) ଏବଂ ତା.12.07.2024 ରିଖ 1500 ଘଟିକାରେ (କ୍ରମ.ସଂ. 2 ପାଇଁ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅफର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସ ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ଼
PR-267/P/24-25

Jharkhand Rail Infrastructure Development Corporation Limited
(A JV of Government of Jharkhand & Ministry of Railways)
NOTICE INVITING TENDERS
NIT No. : JRIDCL/Jamua-Hazaribagh/2024/01
Date : 03.07.2024

Name of Work	Traffic, Route and Financial Feasibility Study for Rail connectivity from Jamua to Hazaribagh via Hazaribagh Road in the State of Jharkhand.
Completion Period	24 weeks
Bid Processing Fee	₹ 10,000/- (Non refundable)
Bid Security	₹ 50,000/-
Bid submission date	22th August 2024 up to 14:00 Hrs.
Bid opening date	22th August 2024 at 15:00 Hrs.
Bid Document will be available for download at www.jridcl.org.in from date	22th July 2024
Tendering System	Single stage Two packets system

Note: For further details please visit the website www.jridcl.org.in
Sd/-
PR 328490 Jharkhand Rail Infrastructure Dev Co Ltd(24-25).D
General Manager (Project) JRIDCL

କାର୍ଯ୍ୟାଳୟ
ବିଦ୍ୟୁତ କାର୍ଯ୍ୟପାଳକ ଅଭିୟନ୍ତା
ବିଦ୍ୟୁତ କାର୍ଯ୍ୟ ପ୍ରମଣ୍ଡଳ, ଧନବାଦ ।
ଶୁଦ୍ଧି–ପତ୍ର
ଏତଦ ଦ୍ୱାରା ସୂଚିତ କିୟା ଜାତା ହୈ କି ଅତିଅଲ୍ପକାଲୀନ ନିବିଦା ଆମଂତ୍ରଣ ସୂଚନା ସଂ 08/2024–25 ଦୈନିକ ସମାଚାର ପତ୍ର ମେଁ ପ୍ରକାଶିତ ହୈ, ଜିସକା PR No.-327925 Energy (24-25)D ହୈ, ଜିସମେଁ
ପରିମାଣ ବିପତ୍ର ବିକ୍ରୀ କା ସ୍ଥାନ :– ବିଦ୍ୟୁତ ଅଧୀକ୍ଷଣ ଅଭିୟନ୍ତା, ବିଦ୍ୟୁତ କାର୍ଯ୍ୟ ଅଂଚଲ, ରାଁଚୀ କା କାର୍ଯ୍ୟାଳୟ/ବିଦ୍ୟୁତ କାର୍ଯ୍ୟପାଳକ ଅଭିୟନ୍ତା ବିଦ୍ୟୁତ କାର୍ଯ୍ୟ ପ୍ରମଣ୍ଡଳ, ଧନବାଦ/ଜିଲା ନିୟଂତ୍ରଣ କକ୍ଷ ଧନବାଦ ।
ନିବିଦା ଖୋଲନେ କା ସ୍ଥାନ :– ବିଦ୍ୟୁତ କାର୍ଯ୍ୟପାଳକ ଅଭିୟନ୍ତା, ବିଦ୍ୟୁତ କାର୍ଯ୍ୟ ପ୍ରମଣ୍ଡଳ, ଧନବାଦ ।
କେ ସ୍ଥାନ ପର –
ପରିମାଣ ବିପତ୍ର ବିକ୍ରୀ କା ସ୍ଥାନ :– ବିଦ୍ୟୁତ ଅଧୀକ୍ଷଣ ଅଭିୟନ୍ତା, ବିଦ୍ୟୁତ କାର୍ଯ୍ୟ ଅଂଚଲ, ରାଁଚୀ କା କାର୍ଯ୍ୟାଳୟ ।
ନିବିଦା ଜମା କରନେ କା ସ୍ଥାନ :– ମୁଖ୍ୟ ବିଦ୍ୟୁତ ଅଭିୟନ୍ତା–ସହ–ମୁଖ୍ୟ ବିଦ୍ୟୁତ ନିରୀକ୍ଷକ, ଉର୍ଜା ବିଭାଗ, ଝାରଖଣ୍ଡ, ରାଁଚୀ
ନିବିଦା ଖୋଲନେ କା ସ୍ଥାନ :– ମୁଖ୍ୟ ବିଦ୍ୟୁତ ଅଭିୟନ୍ତା–ସହ–ମୁଖ୍ୟ ବିଦ୍ୟୁତ ନିରୀକ୍ଷକ, ଉର୍ଜା ବିଭାଗ, ଝାରଖଣ୍ଡ, ରାଁଚୀ
ପଢ଼ା ଜାଏ ।
ଶେଷ ସଭୀ ଶର୍ତ୍ତେ ଯଥାବତ ରହେଗୀ ।
ବିଦ୍ୟୁତ କାର୍ଯ୍ୟପାଳକ ଅଭିୟନ୍ତା
ବିଦ୍ୟୁତ କାର୍ଯ୍ୟ ପ୍ରମଣ୍ଡଳ, ଧନବାଦ ।
PR 328500 (Energy) 24-25 (D)

OFFICE OF THE SUPERINTENDENT
MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL
BRAHMAPUR - 760004, GANJAM, ODISHA
Tel.: 0680-2292624, FAX: 0680-2292752
E-mail: supdtmkcg@gmail.com, mkcgmchberhampur@gmail.com
Website: www.mkcgmch.org
No. 9417/MCH/MS/XX/2024 **Dt./Brahmapur the 2.7.2024**
TENDER CALL NOTICE
No. E-87: The Superintendent, M.K.C.G. Medical College Hospital, Berhampur-760004, Dist.: Ganjam, Odisha invites sealed tender in the prescribed Proforma from the Manfuacturer/Authorised Dealer, Authorised Service Agent for "AMC/CMC and Operation & Maintenance of ETP & STP of MKCG Medical College Hospital, Berhampur". The detail information and the detail lists of items along with the specification and other terms and conditions is hosted in website: **www.ganjam.nic.in / www.mkcgmch.org**. The bidders have to download tender documents directly from the website: **www.ganjam.nic.in/ www.mkcgmch.org**. The sealed cover containing tender paper must be super scribed as "Tender for AMC/CMC and Operation & Maintenance of ETP & STP" and the last date of receipt of tenders through Regd. Post/Speed Post only is Dt.24.07.2024 upto 05.30 P.M. The tenders received after last date and time will not be entertained. The tendering authority reserves the right to accept/reject/cancel any or all the tenders in full or part at any stage of the process without assigning any reason thereof. All legal disputes if any relating to this tender are subject to jurisdiction of the courts of law situated at Berhampur, Ganjam, Odisha only.
Sd./- Superintendent
MKCG Medical College Hospital, Berhampur
OIPR-10028/11/0007/2425

OFFICE OF THE DIVISIONAL FOREST OFFICER, DHENKANAL FOREST DIVISION
Tele Fax No.: 06762-226717, e-mail Id: dfo.dhenkanal@odisha.gov.in
SHORT TENDER NOTICE
Bid. Identification No. 04/2024-25 Date: 02.07.2024
No. MM-62: The Divisional Forest Officer, Dhenkanal Forest Division wishes to procure Elephant Radio Collar, VHF Antenna & Receiver for use in Dhenkanal Forest Division. Sealed quotations are invited from authorized firms as per the list in the tender documents. The tender paper will be available in the website **https://dhenkanal.odisha.gov.in** and office of the Divisional Forest Officer, Dhenkanal Division, Dhenkanal in any working day from 03.07.2024 to 15.07.2024 within official hour (10 A.M. to 5.30 P.M.) after payemnt of requisite fee of Rs.5,000/- (Five thousand) only in cash or Account Payee Bank Draft in favour of Divisional Forest Officer, Dhenkanal Division with all requisite documents, the bids can be submitted at the above mentioned address on or before 15th July, 2024 latest by 5.30 P.M. by Speed Post/Registered Post/ By Hand only. The tender will be opened in the office of the undersigned on 16th July 2024 at 11.00 A.M. hrs.
Sd./- Divisional Forest Officer
Dhenkanal Division
OIPR-08037/11/0003/2425

No.N-46
Directorate of Higher Secondary Education, Odisha
Revised Timeline for e-Admission into Higher Secondary Schools of the State for the Session 2024-25
Important Dates

Sl.#	Activities	Datelines
1)	Previous Last date for submission of on-line Common Application Form (CAF) by the applicant at Student Login (www.samsodisha.gov.in)	06.07.2024 (11.45 PM)
2)	Revised Last date for submission of on-line Common Application Form (CAF) by the applicant at Student Login (www.samsodisha.gov.in)	12.07.2024 (11.45 PM)
3)	Commencement of Class-XI	01.08.2024

For more details,
a) Regarding publication of merit list along with the admission datelines, please visit www.samsodisha.gov.in
b) Contact Sanjog Helpline (Toll Free) number 155335, 1800-345-6770, e-mail : sams.dhse@gov.in
Changes to the dateline (if occurs) will be notified in the newspapers & website as well
OIPR-11020/11/0001/2425

Azadi Ka Amrit Mahotsav
SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA
Ref. No.: AD 6B 10/ 05 /2024 **Dated: 2nd July, 2024**
RECRUITMENT NOTICE
Applications are invited from the eligible candidates for the following posts:

Sl. No.	Name of the Post	Pay Matrix Level	No. of post	Category
Adv. No. AD 6B 10/05/2024 dated 01.07.2024				
1	Electrician Grade-II	Level-2	01	ST
2	Cook	Level-1	02	UR

The aspiring applicants fulfilling the eligibility criteria in all respect may send their applications as per prescribed format which can be downloaded from the website i.e. **https://svnirtar.nic.in**. For all other details, term and conditions, please log on to the above official websites of this Institute.
Sd/- Director

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: 9980/IND-II-PH-୧୦୮୩ ତାରିଖ: ୦୨।୦୭।୨୦୨୪
ବିଜ୍ଞାପନ
No. CAD-438: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ନାରାୟଣ ବିଶ୍ୱାଳ ଓଡ଼ିଶାର ଗଜପତି ଜିଲ୍ଲା କାଶୀନଗର ତହସିଲ ଅନ୍ତର୍ଗତ କିଟିଙ୍ଗି ଗ୍ରାମରେ ଖାତା ନଂ. ୨୨୨, ପ୍ଲଟ ନଂ. ୭୫୧ରେ ୯.୦୨୮ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କିଟିଙ୍ଗି ନଦୀ ବାଲୁକା ଶଯ୍ୟା ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯା

କୁସୁମା ବଙ୍ଗଳାର ତଦନ୍ତ ହେବ

■ବେଆଇନ ନିର୍ମାଣ କରି ମଉଜ ମଜଲିସ ଚାଲିଥିଲା:କଂଗ୍ରେସ, ଭାଜପା

■କୁସୁମା ବିରୋଧରେ ଆରମ୍ଭରୁ ଲାଗିଥିଲେ: ବିଜେଡି

ଯାଜପୁର,୩।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସହରର କୁସୁମା ପୋଖରୀ ପରିସରରେ ୨ ମହଲା ବିଶିଷ୍ଟ ୯ଟି କଟେଜ ନିର୍ମାଣର ରହସ୍ୟକୁ ନେଇ ଚର୍ଚ୍ଚା ବଢିବାରେ ଲାଗିଛି। ବୁଧବାର ଯାଜପୁର ଜିଲାପାଳ ନିଖିଳ ପବନ କଲ୍ୟାଣ ଏହି କାର୍ଯ୍ୟର ସ୍ୱଚ୍ଛତା ଓ ବୈଧତାର ତଦନ୍ତ କରାଯିବ ବୋଲ ସୂଚନା ଦେବା ପରେ ବିବାଦ ଆରମ୍ଭ ହୋଇଛି। ପ୍ରଶାସନିକ ତଦନ୍ତରେ ସ୍ୱଚ୍ଛତା ରହିଲେ ଶିଶୁ ଉଦ୍ୟାନକୁ ଭାଙ୍ଗି କାହିଁକି ବିପୁଳ ଟଙ୍କାରେ ଆଲିସାନ ବଙ୍ଗଳା ନିର୍ମାଣ ହେଲା, ଜନସାଧାରଣଙ୍କ ପାଇଁ ତାହା କାହିଁକି ବ୍ୟବହାର କରା ଗଲା ନାହିଁ, ଇତିମଧ୍ୟରେ ସେଠାରେ କ'ଣ ଚାଲିଥିଲା ଆଦି ପ୍ରଶ୍ନ ଉଙ୍କି ମାରିଛି। ଏପରିକି କୌଣସି ସରକାରୀ ଅଧିକାରୀ ଏହି ଆଲିସାନ ବଙ୍ଗଳା ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଦେଇପାରୁନାହାନ୍ତି। ଅନ୍ୟପକ୍ଷେ ଭାଜପା ଓ କଂଗ୍ରେସ ନେତୃବର୍ଗ ସରକାରୀ ଅର୍ଥରେ ଆଲିସାନ ବଙ୍ଗଳା ନିର୍ମାଣ କର ଏଠାରେ ମଉଜ ମଜଲିସ ଚାଲିଥିଲା ବୋଲି ଅଭିଯୋଗ କରିଛନ୍ତି ।

ସୂଚନାଯୋଗ୍ୟ, ୧୧।୮।୨୦୧୬ରେ କୁସୁମା ପୋଖରୀ ପରିସରରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ କଟକ ଜନସ୍ୱାସ୍ଥ୍ୟ ବିଭାଗର ତତ୍କାଳୀନ ଅଧୀକ୍ଷଣ ଯନ୍ତ୍ରୀ ବି.କେ. ସେନାପତି ୨୩ ଲକ୍ଷ ୧୯ ହଜାର ୫୦୦ ଟଙ୍କା ମଞ୍ଜୁର କରିଥିଲେ। ଏଥିପାଇଁ ସେ ପତ୍ରସଂଖ୍ୟା ୨୩୦୬/୧୧।୮।୨୦୧୬ରେ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ସେହିପରି ୨୩୦୫ ପତ୍ରସଂଖ୍ୟାରେ କୁସୁମା ପରିସରରେ ଏକ ପବ୍ଲିକ ଟଏଲେଟ ନିର୍ମାଣ କରବାକୁ ୨୧ ଲକ୍ଷ ୮୫ ହଜାର ଟଙ୍କା ମଞ୍ଜୁର କରିଥିଲେ। ଏହାବାଦ ୧୨।୧।୨୦୧୭ରେ ଇଡ୍‌କୋ ପକ୍ଷରୁ ଡିଭିଜନାଲ ହେଡ ରାଜକିଶୋର ନାୟକ କୁସୁମା ପୋଖରୀ ନିକଟରେ ଏକ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ବ୍ୟୟ ଅଟକଳ ପ୍ରସ୍ତୁତ କରି ଇଡ୍‌କୋର ଚିଫ୍ ଜେନେରାଲ ମ୍ୟାନେଜରଙ୍କୁ ପତ୍ର ଲେଖିଥିଲେ। କୁସୁମା ପୋଖରୀ ନିର୍ମାଣ ଶେଷ ହେବା ପରେ ସେଠାରେ ପାଣି ଫୁଆରା ଲଗେଇବାକୁ ୬ କୋଟି ୬୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଭଳି ଭାବେ ବିଭିନ୍ନ ସମୟରେ ବିପୁଳ ଅର୍ଥ ଏଥିରେ ବନଯୋଗ ହୋଇଛି। ଯଦି ଏଠାରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ହେଲା ତେବେ ଜିଲା କ୍ରୀଡା ବିଭାଗକୁ କାହିଁକି ହସ୍ତାନ୍ତର କରାଗଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁଙ୍କୁ ପଚାରିବାରୁ ସେ କହିଛନ୍ତି,କୁସୁମା ପୋଖରୀରେ ସ୍ପୋର୍ଟସ କମ୍ପ୍ଲେକ୍ସ ଥିବା ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। ତାଙ୍କ ଅଧୀନରେ ସେଭଳି କିଛି ନାହିଁ ବୋଲି କହିଛନ୍ତି। ଜିଲା ଭାଜପା ସାଧାରଣ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା କୁହନ୍ତି, କୁସୁମା ପରିସରରେ ସରକାରୀ ଅର୍ଥରେ ବେଆଇନ ନିର୍ମାଣ କରାଯାଇ ଅନୈତିକ ବ୍ୟବହାର କରାଯାଉଥିଲା। ନିଜର ବ୍ୟକ୍ତିଗତ ସୁଖ ପାଇଁ ଏଭଳି ରଙ୍ଗଶାଳା ନିର୍ମାଣ କରିବା ଅତ୍ୟନ୍ତ ନିନ୍ଦନୀୟ। ସାଧାରଣ ଲୋକ କୁସୁମା ପୋଖରୀ ପ୍ରବେଶ ପାଇଁ ଦେୟ ଦେଉଥିବାବେଳେ ବଡବଡିଆମାନେ ସେଠାରେ ମଉଜ ମଜଲିସ କରୁଥିଲେ। ପୂର୍ବତନ ଏମ୍‌ପି ତଥା କଂଗ୍ରେସ ନେତା ଅଞ୍ଜଳ ଦାସ କହିଛନ୍ତି, ଭୁବନେଶ୍ୱରରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ଯେଭଳି ସରକାରୀ ଜମିରେ ମନମାନି କରିଥିଲେ ଅନୁରୂପ ଭାବେ କୁସୁମାରେ ଘଟିଛି। ଏହାର ବିଚାର ବିଭାଗୀୟ କର୍ମ୍ମ ସବଆଇ ତଦନ୍ତର ଆବଶ୍ୟକତା ରହିଛି। ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର କୁହନ୍ତି, ନିର୍ମାଣର ଆରମ୍ଭରୁ କୁସୁମା ବିରୋଧରେ କେତେଜଣ ଲୋକ ଲାଗିଛନ୍ତି। ବବିଙ୍କ ଉଦ୍ୟମରେ ଯାଜପୁରର ସର୍ବାଙ୍ଗୀନ ବିକାଶ ହୋଇ ପାରିଛି। ଯାଜପୁର ସହରରେ କୌଣସି ଅତିଥିଶାଳା ନାହିଁ। ତେଣୁ ଏକ ଅତିଥିଶାଳା ନିର୍ମାଣ କରିବାରେ କ'ଣ ଅସୁବିଧା ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି ।

୫ରେ ସବୁ ଏସ୍‌ପି ଅଫିସ ଘେରାଉ କରିବ କଂଗ୍ରେସ

ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)

ମାଷ୍ଟରକ୍ୟାଣ୍ଟିନ ଛକଠାରେ ଭାଜପା ଯୁବମୋର୍ଚ୍ଚା ଏବଂ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାପରେ ଏବେ ଏହି ଘଟଣା ଆହୁରି ତୀବ୍ର ହେବାକୁ ଯାଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ପରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଯୁବମୋର୍ଚ୍ଚା କର୍ମୀମାନେ ପ୍ରତିବାଦ ସହ ରାହୁଲଙ୍କ ଫଟୋଚିତ୍ରକୁ ଗୋବରମାଡ଼ କରିଥିଲେ। ଏହାପରେ ଉଭୟ ପକ୍ଷର କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷ ଥାନାରେ ପରସ୍ପର ବିରୋଧରେ ଏତଲା ମଧ୍ୟ ଦେଇଛନ୍ତି। ଛାତ୍ର ଓ ଯୁବ କଂଗ୍ରେସ ସଦସ୍ୟମାନେ ଦଳର ବରିଷ୍ଠ ନେତାମାନଙ୍କ ସହ ବୈଠକକରି ଆଗକୁ ଆନ୍ଦୋଳନକୁ ଆଗକୁ ନେବାକୁ ସ୍ଥିର କରିଛନ୍ତି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆସନ୍ତା ୫ ତାରିଖରେ ରାଜ୍ୟର ସମସ୍ତ ଏସ୍‌ପି ଅଫିସ ଘେରାଉ କରାଯିବ। ଯଦି ଏହି ଘଟଣାରେ ପୋଲିସ କର୍ଣ୍ଣପାତ ନ କରେ ତେବେ ଆଗକୁ ଓଡ଼ିଶା ବନ୍ଦ ଡାକରା ଦେବା ସହ କଂଗ୍ରେସ କର୍ମୀମାନେ ଭାଜପା ରାଜ୍ୟ

ସମସ୍ୟା ସମାଧାନ ନ ହେଲେ ଓଡ଼ିଶା ବନ୍ଦ, ଭାଜପା କାର୍ଯ୍ୟାଳୟରେ ପଶିବୁ: ୟାସିର

କାର୍ଯ୍ୟାଳୟରେ ପଶିବେ ବୋଲି ସେ କହିଛନ୍ତି। ଯାସିର ଆହୁରି କହିଛନ୍ତି, ରାହୁଲ ପାର୍ଲାମେଣ୍ଟରେ ଦେଇଥିବା ଭାଷଣକୁ ନେଇ ଭାଜପା ଯେପରି ପ୍ରତିବାଦ କଲା ତାହା ନିନ୍ଦନୀୟ। ତୁରନ୍ତ ସେମାନେ କ୍ଷମା ପ୍ରାର୍ଥନା ନ କଲେ ପରିସ୍ଥିତି ଆହୁରି ଜଟିଳ ହେବ। ତେବେ ବୁଧବାର କଂଗ୍ରେସ ଭବନ ଠାରେ ଆୟୋଜିତ ବୈଠକରେ ବରିଷ୍ଠ ନେତାମାନଙ୍କ ମଧ୍ୟରେ ପୂର୍ବତନ ପସସ ସଭାପତି ଜୟଦେବ ଜେନା, ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ଆହୁରି ଅଭିଯୋଗ କରିଛି, ରାହୁଲଙ୍କ ପାର୍ଲାମେଣ୍ଟ ଭାଷଣକୁ ଭାଜପା ସଦସ୍ୟମାନେ କଦର୍ଥ କରିବାକୁ ଚେଷ୍ଟା କରାଯାଇଛି। ଏଥିସହ ଛାତ୍ର କଂଗ୍ରେସ କର୍ମୀଙ୍କୁ ଯେଉଁମାନେ ଆହତ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସେମାନେ ଦାବି କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାଜ୍ୟ ଅତିଥି ଭବନରେ ଓସ୍‌ୱାସ୍‌ରେ ଫାଇଲ୍ କାମ କରୁଥିବା ବେଳର ଦୃଶ୍ୟ।

ବିଜେଡି ଅମଳରେ ଦରଦାମ୍ ଥିଲା ଆକାଶ ଛୁଆଁ: ଭାଜପା

ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)

ଦରଦାମ ନିୟନ୍ତ୍ରଣ କରିବା ପାଇଁ ପ୍ରଳାପ କରୁଥିବା ବିଜେଡି ଗତ ୨୫ ବର୍ଷରେ ଏଥିପାଇଁ କୌଣସି ପଦକ୍ଷେପ ନେଇ ନ ଥିଲା। ଫଳରେ କିଛିବର୍ଷ ହେବ ପରିବା ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଭାଜପା ମାତ୍ର ୨୧ ଦିନ ସରକାର ଗଠନ କରିଥିବା ବେଳେ ରାଜ୍ୟରେ ମୁଦ୍ରାସ୍ଫୀତି ଗତ ୬ ମାସ ହେବ ୭%ରୁ ଅଧିକ ରହିଛି। ବିଜେଡି ଅମଳରେ ଦରଦାମ୍ ଆକାଶ ଛୁଆଁ ଥିଲା। ଖାଲି ସେତିକି ନୁହେଁ, ତତ୍କାଳୀନ ବିଜେଡି ସରକାର କୁନି ପିଲାମାନଙ୍କ ଚାଉଳ ଓ ଡାଲି ସବୁ ଚଲୁ କରିଦେଇଛି। ମଧ୍ୟାହ୍ନଭୋଜନ ଚାଉଳ ଲୁଟ୍ କରି ନିଜର ପକେଟ ଗରମ କରିଛି। ମାତ୍ର ଅଳ୍ପଦିନ ତଳେ ଶାସନଭାର ସମ୍ଭାଳିଥିବା ଭାଜପା ସରକାର ଦରଦାମ ନିୟନ୍ତ୍ରଣ ପାଇଁ ଚେଷ୍ଟା ଚଳାଇଛି ବୋଲି ଭାଜପା ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କସ୍ତୁରୀ କହିଛନ୍ତି, ବିଜେଡି ସରକାର ସମୟରେ ଜଳସେଚନ ବ୍ୟବସ୍ଥା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏନେଇ ଚାଷୀମାନେ ଭଲ ଫସଲ ଉତ୍ପାଦନ କରିପାରୁ ନ ଥିଲେ। ଏପରିକି ଗତ ୨୫ ବର୍ଷ ମଧ୍ୟରେ ଗୋଟିଏ ହେଲେ ବି ଶୀତଳଭଣ୍ଡାର ଖୋଲିପାରିନାହିଁ। ଆଉ ଯେଉଁଠି ଶୀତଳଭଣ୍ଡାର ଥିଲା ସେଗୁଡ଼ିକ ଅଚଳ ହୋଇଯାଇଛି। ଫଳରେ ଆଳୁ, ପିଆଜ ଓ ପରିବା ଆଦି ପୂର୍ବରୁ ସଂରକ୍ଷିତ ରଖାଯାଇ ପାରୁନାହିଁ। ଏଥିପାଇଁ ଦରଦାମ ଦିନ ଦିନକୁ ବଢ଼ି ଚାଲିଛି। ଭାଜପା ସରକାର ଆସିବା ପରେ ଏହି ଅସୁବିଧାକୁ ହୃଦୟଙ୍ଗମକରି ପ୍ରତି ବ୍ଲକ୍‌ରେ ଶୀତଳଭଣ୍ଡାର ଖୋଲିବାକୁ ଯୋଜନା କରିଛି। ଅପରପକ୍ଷେ ମଣ୍ଡିରେ ଚାଷୀଙ୍କ ଧାନ କିଣିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥଲା। ଫଳରେ କଳାବଜାର ବଢ଼ିଚାଲିଥିଲା। ଏଥିଯୋଗୁ ଚାଷୀ ହତାଶ ହେଉଥିବାବେଳେ ଖାଉଟିଙ୍କ ଉପରେ ଏହାର ପ୍ରଭାବ ପଡୁଥିଲା। ଚଳିତ ବର୍ଷ ଅଧିକ ଖରା ହୋଇଥିବାରୁ ଫସଲ ଭଲ ହୋଇପାରିନାହିଁ। ଭାଜପା ସରକାର ଆସିବା ପରେ ବଜାରର ଦରଦାମ ନିୟନ୍ତ୍ରଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି। କଳାବଜାର ଉପରେ ରୋକ ଲଗାଇବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଗୋଦାମ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କଳାବଜାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଆଜ ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ରରେ ଭାଜପା ସରକାର ୭୧ ହଜାର ଟନ୍ କିଣି ଷ୍ଟକ୍ ରଖିଛନ୍ତି। ଏହି ପିଆଜ ଦର ଯେପରି ଅଧିକ ନ ହେବ ସେଥିପାଇଁ ନାସିକରୁ ପିଆଜ କିଣାଯାଇ ରାଜ୍ୟରେ ଅଧିକ ଷ୍ଟକ୍ ରଖିବାକୁ ବ୍ୟବସ୍ଥା କରାଯାଇଛି। କେନ୍ଦ୍ରରେ ଭାଜପା ସରକାର କୃଷି ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାର ଲାଭ ଓଡ଼ିଶାକୁ ମଧ୍ୟ ମିଳିବ ବୋଲି କସ୍ତୁରୀ କହିଛନ୍ତି।

ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ ନ ହେଲେ ବିଜେଡି ରାସ୍ତାକୁ ଓହ୍ଲାଇବ

ଭୁବନେଶ୍ୱର,୩।୭(ଅନିଲ ଦାସ)

ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିଯାଇଛି। ଡାଲି, ଚାଉଳ, ପନିପରିବା ଦର ଆକାଶଛୁଆଁ ହୋଇଛି। ହେଲେ ଦରଦାମ୍ ନିୟନ୍ତ୍ରଣ ନେଇ ଯୋଗାଣ ମନ୍ତ୍ରୀ ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି । ଦରଦାମ୍ ନିୟନ୍ତ୍ରଣରେ ସରକାର ଅସହାୟତା ପ୍ରକାଶ କରୁଛନ୍ତି। ଯଦି ସରକାର ଦର ବୃଦ୍ଧି ନିୟନ୍ତ୍ରଣ ନ କରନ୍ତି, ତେବେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବୁଧବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ରାଜ୍ୟରେ ପରିବର୍ତ୍ତନ ଓ ସୁଶାସନ ନାରା ଦେଇ ଭାଜପା ସରକାର ଦରଦାମ୍ ଆକାଶଛୁଆଁ କରିଛନ୍ତି। ସାଧାରଣ ଲୋକ ଆଶା କରୁଛନ୍ତି ଭଲ ଖାଇବେ ଓ ଶସ୍ତାରେ ପାଇବେ। ତେଣୁ ଚାଉଳ, ଡାଲି, ପନିପରିବା ଦର ବୃଦ୍ଧିକୁ ରାଜ୍ୟ ସରକାର ନିୟନ୍ତ୍ରଣ କରି ଲୋକଙ୍କୁ ନ୍ୟାୟ ଦିଅନ୍ତୁ । ମନ୍ତ୍ରୀ କହୁଛନ୍ତି ଦରଦାମ୍‌ରେ ସରକାରଙ୍କ ନିୟନ୍ତ୍ରଣ ନାହିଁ, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସାଧାରଣ ଲୋକ ଶସ୍ତାରେ କେମିତି ଜିନିଷ ପାଇବେ, ସେ ବ୍ୟବସ୍ଥା ରାଜ୍ୟ ସରକାର କରନ୍ତୁ ବୋଲି ପ୍ରମିଳା କହିଛନ୍ତି। ସେହିପରି ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଅସାଧୁ ବେପାରୀଙ୍କ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିଚାଲିଛି। ବେଆଇନ ଭାବେ ସାମଗ୍ରୀ ଗଚ୍ଛିତ ରଖୁଥିବାରୁ ଦରଦାମ୍ ବୃଦ୍ଧି ଘଟିଛି। ରାଜ୍ୟରେ ଚାଉଳ ଦର ବଢୁଛି। ଦରବୃଦ୍ଧି ପ୍ରଭାବ ପିଲାଙ୍କ ମଧ୍ୟାହ୍ନଭୋଜନ ଉପରେ ପଡୁଛି ବୋଲି ସେ କହିଛନ୍ତି। ଏଭଳି ସ୍ଥିତିରେ ଦରଦାମ ନିୟନ୍ତ୍ରଣ ପାଇଁ କି ପଦକ୍ଷେପ ନିଆଯାଇଛି ବୋଲି ବିଜେଡି ପ୍ରଶ୍ନ କରିଛି। ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ତେଣୁ ଛୋଟ ଇଞ୍ଜିନ ସରକାର ବଡ଼ ଇଞ୍ଜିନର ସହାୟତା ମାଗନ୍ତୁ । ଦରବୃଦ୍ଧି ନିୟନ୍ତ୍ରଣ ନ କଲେ ବିଜେଡି ଆନ୍ଦୋଳନ କରିବ ବୋଲି ଲେଖାଶ୍ରୀ କହିଛନ୍ତି।

ଓଡ଼ିଆ ଲେଖି ଜାଣି ନ ଥିବାରୁ ସରପଞ୍ଚ ପଦ ଅସିଦ୍ଧ

ମୋହନା, ୩।୭ (ମନ୍ମଥ ମିଶ୍ର)

ଓଡ଼ିଆ ଲେଖି ଜାଣି ନ ଥିବା ଅଭିଯୋଗରେ ସରପଞ୍ଚଙ୍କୁ ଅସିଦ୍ଧ ଘୋଷଣା କରିଛନ୍ତି କୋର୍ଟ । ଗଜପତି ଜିଲା ମୋହନା ବ୍ଲକ୍ ଚାନ୍ଦିପୁଟ ସରପଞ୍ଚ କନକଲତା ପାଲ ଓଡ଼ିଆ ଲେଖି ଜାଣି ନ ଥିବା ନେଇ ତାଙ୍କଠାରୁ ପରାଜିତ ହୋଇଥିବା ପ୍ରାର୍ଥୀ ଲଳିତା ବଡ଼ରଇତ ୨୦୨୨ ମସିହାରେ ମୋହନା ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୋଗ କରିଥିଲେ। ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ବୁଧବାର ସରପଞ୍ଚ କନକଲତାଙ୍କୁ ଅସିଦ୍ଧ ଘୋଷଣା କରିବା ସହ ତାଙ୍କ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଏଥିସହ ପଞ୍ଚାୟତରେ ପୁନଃ ନିର୍ବାଚନ ପାଇଁ ଜିଲା ନିର୍ବାଚନ ଅଧିକାରୀ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କନକଲତା ପାଲ

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି

କେନ୍ଦୁଝର,୩।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ବୁଧବାର ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଚାଷୀଙ୍କ ସମସ୍ୟା ଓ ସମାଧାନ ବିଷୟ ଆଲୋଚନା କରିଥିଲେ। ଏ ନେଇ ଏକ ପ୍ରେସ ବାର୍ତ୍ତାରେ ସୂଚନା ଦେଇ ସାହୁ କହିଛନ୍ତି ଯେ, ଓଡ଼ିଶାର ଚାଷୀମାନଙ୍କୁ ଆସନ୍ତା ଖରିଫ ଧାନ କିଣା ସମୟଠାରୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଓଡ଼ିଶାର କୃଷକଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ରାଜ୍ୟ ସରକାର କୃଷକ କଲ୍ୟାଣ ଯୋଜନାଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ସାହୁ ଅନୁରୋଧ କରିଥିଲେ। ଏଥିସହିତ ସମସ୍ତ ବ୍ଲକରେ ଶୀତଳଭଣ୍ଡାର ଓ ଚାଷ ଜମିକୁ ଜଳସେଚନ ସୁବିଧାକୁ ପ୍ରାଧାନ୍ୟ ଦେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଓଡ଼ିଶାରେ ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ଅଗ୍ରାଧିକାର ଭିତ୍ତିରେ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଲୋଚନା ବେଳେ କହିଥିବା ସାହୁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ ପୁହାଣ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ସୁଦର୍ଶନ ବିଶ୍ୱାଳ, ତାପସ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ସମ୍ବର୍ଦ୍ଧିତ କରୁଛନ୍ତି।

ପୁନରୁଦ୍ଧାର ହେବ ସମାଜ କଲ୍ୟାଣ ବୋର୍ଡ: ପ୍ରଭାତୀ

ଭୁବନେଶ୍ୱର, ୩।୭(ଅସମାପିକା ସାହୁ)

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଶିଶୁ ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ପ୍ରତିଷ୍ଠାନ ପରିସରରେ ଜାମୁ ଓ ଅଁଳା ଚାରା ରୋପଣ କରି ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ 'ଏକ ପେଡ୍ ମାକେ ନାମ' ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆସନ୍ତା ୫୦ ବର୍ଷର ଭବିଷ୍ୟତକୁ ଦୃଷ୍ଟିରେ ରଖି ନିଜ ମା'ଙ୍କ ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିବାକୁ ପରିଡ଼ା ଆହ୍ୱାନ ଦେଇଛନ୍ତି। ବରଗଛର ଉପକାରିତା ସମ୍ପର୍କରେ କହିବା ସହ ସାମାଜିକ ଅନୁଷ୍ଠାନଗୁଡ଼ିକୁ ଅଧିକରୁ ଅଧିକ ବରଗଛ ଲଗାଇବା ପାଇଁ ପରାମର୍ଶ ଦେଇଛନ୍ତି। ପରେ ଉପମୁଖ୍ୟମନ୍ତ୍ରୀ ସେଠାରେ ଆୟୋଜିତ ଅଣସରକାରୀ ସଂଗଠନ ପରାମର୍ଶଦାତା ମଣ୍ଡଳୀ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟ ସମାଜ କଲ୍ୟାଣ ବୋର୍ଡର ପୁନରୁଦ୍ଧାର ହେବ ବୋଲି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରାଜ୍ୟର ବିକାଶରେ ସମାଜ କଲ୍ୟାଣ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ସରକାର ଓ ସାମାଜିକ ସଂଗଠନର ସହଭାଗିତାରେ ହିଁ ସମାଜ କଲ୍ୟାଣ ବୋର୍ଡକୁ ସୁଦୃଢ଼ ଭାବରେ ପରିଚାଳିତ କରିହେବ। ବୋର୍ଡର ପୁନରୁଦ୍ଧାର ପାଇଁ ପରିଡ଼ା ଅଣସରକାରୀ ବା ସାମାଜିକ ସଂଗଠନଗୁଡ଼ିକର ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍

୮୦,୦୦୦ ଛୁଇଁଲା ସେନ୍‌ସେକ୍ସ

୫୩,୦୦୦ ଅଙ୍କ ଟପିଲା ନିଫ୍ଟି ବ୍ୟାଙ୍କ

ନୂଆଦିଲ୍ଲୀ,୨୭।୬ (ଅଭୟ ଦାଶ)

ପ୍ରଥମ ଥର ପାଇଁ ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜ ଏକ ଐତିହାସିକ ସଫଳତା ହାସଲ ସହ ନୂତନ ରେକର୍ଡ କରିଛି। ଏପରିକି ଘରୋଇ ଶେୟାର ବଜାର କାରବାରରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ମଧ୍ୟ ନୂଆ ମାଇଲଖୁଣ୍ଟ ସହ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ବିଶେଷ କରି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସ ଅଲ୍ ଟାଇମ ହାଇ ବା ସର୍ବୋଚ୍ଚ ସ୍ତର ୮୦,୦୭୪ ଅଙ୍କରେ ପହଞ୍ଚିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି ମଧ୍ୟ ୨୪,୩୦୦ ଅଙ୍କର ନିକଟବର୍ତ୍ତୀ ହୋଇଛି।

ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାର କାରବାରରେ ଉଭୟ ଏନ୍‌ଏସ୍‌ଇ ଓ ବିଏସ୍‌ଇ ପ୍ରାରମ୍ଭରୁ ଲାଭରେ ଚାଲିଥିଲାବେଳେ ଶେଷ ବେଳକୁ କାରବାର କିଛି ପରିମାଣରେ ହ୍ରାସ ପାଇଥିଲା। ଏପରିକି ଏନ୍‌ଏସ୍‌ଇ ନିଫ୍ଟି ୫୦ର କାରବାର ପ୍ରାରମ୍ଭରେ ସର୍ବୋଚ୍ଚ ୨୪,୩୦୨ ଅଙ୍କ ଛୁଇଁଥିଲାବେଳେ ଶେଷ ବେଳକୁ ଏହା ୨୪,୨୮୬.୫୦ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ବିଏସ୍‌ଇ ସେନ୍‌ସେକ୍ସ କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଜ ସ୍ତରରେ ରହିଥିଲା। ଏପରିକି ୮୦,୦୧୩

ଅଙ୍କରୁ କାରବାର ଆରମ୍ଭ ହୋଇଥିଲାବେଳେ ସେନ୍‌ସେକ୍ସ ଅଲ୍ ଟାଇମ ହାଇ ୮୦,୦୭୪ ଅଙ୍କରେ ପହଞ୍ଚିଥିଲା। ବୁଧବାରର ବଜାର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ୭୯,୯୮୬.୮୦ ଅଙ୍କରେ ବନ୍ଦ ହୋଇଥିଲା।

ସେହିପରି ବିଏସ୍‌ଇ ସେନ୍‌ସେକ୍ସର କାରବାର ୦.୬୯ % ବୃଦ୍ଧି ଘଟିଥିବାବେଳେ ଏନ୍‌ଏସ୍‌ଇ ନିଫ୍ଟି ୫୦ର କାରବାର ମଧ୍ୟ ୦.୬୭% ବୃଦ୍ଧି ହୋଇଛି। ଏପରିକି ବିଏସ୍‌ଇ ସ୍ମଲକ୍ୟାପ ଏବଂ ବିଏସ୍‌ଇ ମିଡକ୍ୟାପ କାରବାର ସାମାନ୍ୟ ବୃଦ୍ଧି ପାଇଥିଲା। ଅପରପକ୍ଷରେ ନିଫ୍ଟି ମିଡକ୍ୟାପର କାରବାର ୪୩୮.୬୦ପଏଣ୍ଟ ବା ୦.୭୯% ବୃଦ୍ଧି ପାଇଥିଲାବେଳେ ନିଫ୍ଟି ସ୍ମଲକ୍ୟାପର କାରବାର ୭୮.୬୦ପଏଣ୍ଟ ବା ୦.୯୧% ବଢିଥିଲା। ଏପରିକି ନିଫ୍ଟି ବ୍ୟାଙ୍କିଙ୍ଗ୍(ବ୍ୟାଙ୍କ) ର କାରବାର ସର୍ବୋଚ୍ଚ ସ୍ତର ଛୁଇଁଥିଲାବେଳେ କାରବାର ଶେଷ ସୁଦ୍ଧା ୯୨୧.୧୫ପଏଣ୍ଟ ବା ୧.୭୭% ବୃଦ୍ଧି ପାଇ ୫୩,୦୮୯.୨୫ଅଙ୍କରେ କାରବାର ବନ୍ଦ କରିଥିଲା ବୋଲି ଶେୟାର ବଜାର

ଶେୟାର ବଜାର କାରବାରରେ ଉତ୍ସାହ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୪୫(୫୪୫.୩୫) ପଏଣ୍ଟ ବଢି ୭୯,୯୮୭(୭୯,୯୮୬.୮୦)ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୩(୧୬୨.୬୫)ପଏଣ୍ଟ ବୃଦ୍ଧି ଘଟି ୨୪,୨୮୬(୨୪,୨୮୬.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୧୯୯୯ ଅକ୍ଟୋବର ୮ରେ ସେନ୍‌ସେକ୍ସ ପ୍ରଥମ ୫୦୦୦ଅଙ୍କ ହାସଲ କରିବାକୁ ୪୩୫୭ ଦିନ ସମୟ ନେଇଥିଲାବେଳେ ୨୦୨୪ ଜୁଲାଇ ୩ରେ ସେନ୍‌ସେକ୍ସ ୮୦,୦୦୦ଅଙ୍କ ପାର କରିଛି। ଏପରିକି ୮୦,୦୦୦ ପାର ପାଇଁ ୫୭ ଦିନର ଟ୍ରେଡିଂ ସମୟ ସହ ନୂତନ ରେକର୍ଡ ହାସଲ କରିଛି। ଅପରପକ୍ଷରେ ୧୬ତମ ୫୦୦୦ଅଙ୍କ ହାସଲ ପାଇଁ ତୃତୀୟ ସର୍ବାଧିକ ଦିନ ୫୭ଦିନର ସମୟ ଲାଗିଥିବାବେଳେ ୧୨ତମ ୫୦୦୦ ଅଙ୍କକୁ ସର୍ବାଧିକ ତଥା ୨୮ଦିନରେ ଏହି ସଂଖ୍ୟା ହାସଲ କରିଥିଲା। ୨୦୨୧ ସେପ୍ଟେମ୍ବର ୨୪ରେ ସେନ୍‌ସେକ୍ସ ୬୦,୦୦୦ଅଙ୍କ ୨୮ ଟ୍ରେଡିଂ ଦିନରେ ପାର କରିଥିଲା। ସେହିଭଳି ୨ୟ ସର୍ବାଧିକ ୫୦୦୦ ଅଙ୍କ ହାସଲ ପାଇଁ ୩୩ ଦିନ ସମୟ ଲାଗିଥିଲା। ସେହିପରି ୧୦ତମ ୫୦୦୦ ଅଙ୍କ ୨୦୨୧ ଜାନୁଆରୀ ୨୧ରେ (ସେନ୍‌ସେକ୍ସ ୫୦,୦୦୦ଅଙ୍କ) ପାର ପାଇଁ ୩୩ ଦିନ ଟ୍ରେଡିଂ କରାଯାଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସ ପଞ୍ଜୀକୃତ ନିବେଶକଙ୍କ ମଧ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସର୍ବାଧିକ ଲାଭବାନ୍ ହୋଇଥିଲାବେଳେ ଭାରତୀ ଏୟାରଟେଲ, ଅଲଟ୍ରାଟେକ୍ ସିମେଣ୍ଟ, ପାୱାର ଗ୍ରୀଡ୍ କର୍ପୋରେଶନ, ଆକ୍ସିସ ବ୍ୟାଙ୍କ, ଟେକ୍ ମହିନ୍ଦ୍ରା ଭଳି ନିବେଶକମାନେ ମଧ୍ୟ ଲାଭବାନ୍ ହୋଇଛନ୍ତି।

ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୩।୭ (ଅଭୟ ଦାଶ)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ର ନୂତନ ଶାଖା 'ବାରିପଦା ସିଟି ଶାଖା' ନିକଟରେ ବାରିପଦାସ୍ଥିତ ୱାର୍ଡ ନଂ.୧୫ ଅଧୀନ ବାଘଡ଼ା ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି।

ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମହାପ୍ରବନ୍ଧକ (ନେଟ୍‌ୱର୍କ-୧) ଏମ୍.ପୋନ୍ନମବଲମ, ଉପ-ମହାପ୍ରବନ୍ଧକ ବାଲେଶ୍ୱର ଅଞ୍ଚଳ ଶୈଳେଶ କୁମାର ସିହ୍ନା,କ୍ଷେତ୍ରୀୟ ପ୍ରବନ୍ଧକ ଜଗନ୍ନାଥ ଶ୍ରୀଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବାରିପଦା ଟାଉନରେ ଏସ୍‌ବିଆଇର ଏହା ୫ମ ଶାଖା ହୋଇଥିଲାବେଳେ ମୟୂରଭଞ୍ଜ ଜିଲାରେ ୩୩ ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ପର୍ବତାରୋହୀ ଓ ଅବସରପ୍ରାପ୍ତ ଏସ୍‌ବିଆଇ କର୍ମଚାରୀ ପ୍ରସନ୍ନ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା

OFFICE OF THE SUPERINTENDING ENGINEER, RWSS DIVISION, KORAPUT
Phone: 06852-250281 (Off), 250680 (Res.), Fax No.: 06852-251098
e-mail: eerwss_kpt@rediffmail.com

NOTICE INVITING REQUEST FOR PROPOSAL
Bid Identification No. 02 of 2024-25 Dt.27.06.2024

No. O-80: Sealed quotations are invited from registered manufacturers/Authorised dealers/reputed firms for the following items. The quotations should reach in this office on or before 15.07.2024 upto 5.00 P.M. & the same will be opened on 16.07.2024 at 11.00 A.M. in presence of the bidders or their authorised agents.

Sl. No.	Description of Items	Qnty.	Unit	Rate per mtr. In Ward	Rate per mtr. In
1	2	3	4	5	6
1.	ISI Marked Steel Tubes casing piped used in Water wells of type electric resistance welder (ERW) conforming to IS-4270/2001 with subsequent amendments if any having length of 3.05 mtr cutting tolerance (-0.00 mtr + 0.05 mtr) and both sides beveled. The angle of bevel shall be 15⁰ in one end and 45⁰ in other end. The fin must be removed throughout inside the pipe. Nominal bore of 200mm dia with wall thickness 6.70 mm for sinking of production wells.				
	8" (200 mm dia) ERW MS Pipe	30	MT		

1. EMD: The quotationers are required to deposit Earnest Money equal to 2% of the quoted value (Offered value) the quotation in the shape of Postal Savings Pass Book/NSC/KVP/duly pledged in favour of the Superintending Engineer, RWS&S Division, Koraput No. Cheque or Cash payment will be accepted.
2. GST/PAN/Dealership/Registration of Manufacturer Certificate: The quotationer shall furnish true copies of the PAN Card/ Sales Tax/GST Registration Certificate along with his quotation failing which the quotations will not be accepted. The Original Certificates are to be produced before the Superintending Engineer, RWS&S Division, Koraput at the time of opening of tender paper. The sub dealers must produce the authorization certificate from the dealer and their dealership certificate also.
3. Rate: The rate should be quoted for destination at Sectional store at Bandhugam/Semiliguda/Pottangi including all charges but excluding excise duty, GST entry Tax and transportation charges which will be paid extra as applicable as per current PWD schedule of rate.
4. Period of Delivery: The materials should be delivered to the consignees store within 20 days from the date of issue of supply order.
5. The authority reserves the right to reject any or all the quotations without assigning any reason thereof.
6. The authority may increase or decrease the quantity as per the requirement on willingness of the agency.
7. The eligible quotationer must furnish the manufacture test certificate at the time of supply of materials failing which the materials can not be accepted.
8. All materials must be guranted against any kind of manufacturing defect for a period of one year from the date of receipt of materials within which all defective materials must be replaced by the agency at his own cost. The predelivery and post delivery inspection of materials will be done by the supplier at his own cost.
9. 5% (Five) percent will be deducted from the bill towards security deposit which will be released after one year from the date of supply or six months from the date of commissioning whichever is earlier.
10. The bill is to be furnished by the supplier separately for each consigenee in duplicate as indicated in supply order.

OIPR-25034/11/0003/2425 Sd./- Superintending Engineer, RWS&S Division, Koraput

SAMBALPUR MUNICIPAL CORPORATION
Notice No.6042/SMC Date:01.07.2024
QUOTATION CALL NOTICE

No.C-143: Sealed quotations are invited from intending reputed Agency/ Firm/ Stockiest/ Suppliers for supply of 03 Nos. of (TUV300/ Bolero/ Ertiga) for use of official work purpose within Sambalpur Municipal Corporation area. All quotations should reach on or before dt.16.07.2024 by 03.00 P.M. The detailed tender document is available in SMC website i.e. www.smcsambalpur.nic.in.
Authority reserves the right to accept or reject any or all tenders without assigning any reason thereof.

Sd./- Municipal Commissioner
OIPR-13122/11/0017/2425 Sambalpur Municipal Corporation

B.J.B. AUTONOMOUS COLLEGE, BHUBANESWAR
WALK-IN-INTERVIEW, TWO YEARS B.ED COURSE

No.CAD-425: A walk-in-interview for engagement of Lecturer in Education (Bio-Science Pedagogy, Social Science Pedagogy and English Pedagogy) on consolidated pay basis for the Department of Teacher Education will be held on 10.07.2024 between 10.15 A.M. to 5.00 P.M. in the Department of Teacher Education, Arts Block.

SL. NO.	DATE OF INTERVIEW	NAME OF THE POST	TIME
1.	10.07.2024	Lecturer in Education (Bio-Science Pedagogy)	10.15 A.M.-12.30 P.M.
2.	10.07.2024	Lecturer in Education (Social Science Pedagogy)	11.15 A.M.-1.30 P.M.
3.	10.07.2024	Lecturer in Education (English Pedagogy)	2.15 P.M.-5.00 P.M.

For details please visit the college website: www.bjbcollege.in.

Sd./- Principal
OIPR-11011/11/0006/2425

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
INVITATIONS FOR BIDS (IFB)
File No. B-I-Home-42/2023/26284 / Bhubaneswar, the 29th June., 2024
No. B-57 **Invitation for Bids**
2nd Corrigendum

Tender Reference No. C.E.-CUM-ADDL. SECY. (B)-01/2024-25
Name of the Work - Improvement to erstwhile OAT Building, Cuttack along with Construction of 4th Floor for shifting of the District Court Complex, Cuttack.
The following changes have been made in Bid Identification No. C.E.-CUM-ADDL. SECY. (B)-01/2024-25.
1. Bid documents such as DTCN/BOQ etc. can be seen/downloaded from the Govt. Website i.e. **www.tendersorisssa.gov.in**, during the period from Dt.05.07.2024 to 17.00 hours of Dt.20.07.2024 instead of Dt.29.06.2024 to Dt.16.07.2024 for Online Bidding respectively.
2. Online bids shall be received till 17.00 hours of Dt.20.07.2024 instead of Dt.16.07.2024.
3. The technical bids will be opened at 11.30 A.M. of Dt.22.07.2024 instead of Dt.18.07.2024.

All other terms and conditions remain unchanged.

Sd./- C.E.-Cum-Addl. Secretary to Govt., Works Department, Odisha
OIPR-34117/11/0005/2425

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଅତିଥି ପ୍ରଶିକ୍ଷକ/ଶିକ୍ଷକ ନିୟୋଜନ ନିମନ୍ତେ ବିଜ୍ଞାପନ

No. RR-09: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ପରିଚାଳିତ କୋରାପୁଟର ଜୟପୁରସ୍ଥିତ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟରେ ଖାଲିଥିବା ଦୁଇଗୋଟି ପ୍ରଶିକ୍ଷକ ଏବଂ ଗୋଟିଏ କାରୁକଳା ଶିକ୍ଷକ ପଦବୀରେ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ଅତିଥି ପ୍ରଶିକ୍ଷକ/ଶିକ୍ଷକ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କର ଜୀବନୀ-ତଥ୍ୟ (ବାୟୋ-ଡାଟା), ନିଜସ୍ୱ ପ୍ରମାଣୀକୃତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ରର ନକଲ, ମାର୍କସିଟ୍‌ର ନକଲ ଇତ୍ୟାଦି ସଂଲଗ୍ନ କରି ଆବେଦନ କରିପାରିବେ। **ଆବେଦନ ଗ୍ରହଣର ଶେଷ ତାରିଖ: ୧୯।୦୭।୨୦୨୪ (ଅପରାହ୍ନ ୫ ଘଟିକା)।** ସେମାନଙ୍କ ଆବେଦନ ପତ୍ରକୁ ପ୍ରଶିକ୍ଷକ, ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ, ଜୟପୁର, ଜିଲ୍ଲା: କୋରାପୁଟ, ଓଡ଼ିଶା - ୭୬୪୦୦୧ ଠିକଣାରେ ସ୍ପିଡ୍ ପୋଷ୍ଟ/ରେଜିଷ୍ଟର୍ଡ ପୋଷ୍ଟ ମାଧ୍ୟମରେ ପ୍ରେରଣ କରିପାରିବେ।
ଆବେଦନ ପତ୍ରର ପ୍ରୋଫର୍ମା କିମ୍ବା ତତ୍ ସଂକ୍ରାନ୍ତୀୟ ସବିଶେଷ ବିବରଣୀ ନିମନ୍ତେ ବିଭାଗୀୟ ୱେବ୍‌ସାଇଟ୍ **culture.odisha.gov.in** କିମ୍ବା ଶ୍ରୀ ଯୁଧିଷ୍ଠିର ମଲ୍ଲିକ, ପ୍ରଶିକ୍ଷକଙ୍କ ଦୂରଭାଷ ନଂ. ୯୦୭୮୯୯୪୮୩୦ କିମ୍ବା ୯୪୩୮୨୨୧୧୫୯ରେ ଯୋଗାଯୋଗ କରିପାରିବେ।

ସ୍ୱା./- ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
OIPR-03029/11/0002/2425

OFFICE OF THE GENERAL MANAGER
WATCO DIVISION, CUTTACK
Telephone/e-mail/Fax:0671-2547115/gmwatcoctc@gmail.com
NATIONAL COMPETITIVE BIDDING
No.C-141: **THROUGH e-Procurement**
Bid Identification No.GMWATCO (W)/03/2024-25 Dtd.01.07.2024

Name of the Work: Supply of VT pump set & 5 Ton capacity EOT at intake well site Jokadia of Vyasanagar Municipality, Jajpur Road.
1. Estimated Cost : Rs.76.91 Lakhs (Approx.)
2. Period of Completion : 6 (Six) Months
3. Date & Time of availability of Bid document in the Portal : From 11 A.M. of dt.09.07.2024 to 5.00 P.M. of dt.22.07.2024.
4. Last date/time of receipt of Bids in the Portal : 22.07.2024 upto 05.00 P.M.
5. Date & Time of Opening of Bids : 23.07.2024 at 12.30 P.M.
6. Name and Address of the Officer Inviting Bid : The General Manager WATCO Division, Cuttack- 753003, Odisha Ph. (0671) 2547115 email:gmwatcoctc@gmail.com
7. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in.

Sd./- General Manager
OIPR-13170/11/0005/2425 WATCO Division, Cuttack

OFFICE OF THE MUNICIPAL COUNCIL, JATNI
Phone:-0674-2490826, Mail-municipalityjatni@gmail.com
No.2253/ Date 01.07.2024
"e" Procurement Notice

No.C-137: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
1. Tender Reference No. : EO/JMC/078/2024-25
2. Tender I.D. No. : 2024_ORULB_103438_ 1 to 10
3. Name of the Work : Civil construction works as mentioned in website
4. No. of Works : 10 Nos.
5. Estimated Cost : Rs.4,42,334/- to Rs.16,94,830/-
6. Period of Completion : 30 days
7. Date and Time of Bidding : From 04.07.2024, 11.00 A.M. to 16.07.2024, 05.00 P.M.
8. Last Date and Time for receipt of Bids in the Portal : Dt.16.07.2024 upto 05.00 P.M.
9. Bids received online shall be opened on : Dt.18.07.2024 at 11.00 A.M.
10. Name and Address of the Officer Inviting Bid : Executive Officer, Jatni Municipality

Further details can be seen from the procurement portal i.e. www.tendersorissa.gov.in.

Sd./- Executive Officer
Jatni Municipality
OIPR-13041/11/0003/2425

OFFICE OF THE NOTIFIED AREA COUNCIL, KONARK
email: nackonark@gmail.com. Phone No: - 06758-236826
No.1529, Dt.02.07.2024
EXPRESSION OF INTEREST

No.C-139: The Executive officer Konark NAC on behalf of NAC Konark invites "Expression of Interest" from Comptroller & Audit General Empanelled Audit firms for auditing of Annual accounts for Financial year 2023-24 of NAC Konark, Dist-Puri. The expression of interest should indicate the audit fees taxes, TA,DA and accommodation charges if separately with detail bio-data of the firm and it should reach in the above mentioned address in sealed envelope on or before 15.07.24 by 10.00 AM by speed post or by hand. The minimum fee of audit and criteria for selection is given hereunder. The EOI will be opened in the same day at 1 .00 PM .The interested party or their authorized party or their authorized representatives may attended the same. The Document also download from office website www. nackonark. in
The authority reserves right to accept/reject any or all the EOI without assigning any reason thereof.

Technical Criteria for selection
The CA firm will be selected on technical evaluation on the basis of highest marks scored by the firm as per scoring pattern prescribed below. The CA firm so selected has to do the assigned job with the predetermined fees prescribed by this office. The evaluation / scoring pattern for technical proposal shall be as follows:

Criteria	Max. Marks
No. of CA in the firm	Up to 10 Nos- 10 marks
	11 to 20 Nos -20 marks
No. of years of Establishment of firm	Up to 15 years- 10 marks
	15- 25 years-15 marks
	25-35 years -20 marks
	Above 35 years-25 marks
Turnover per annum	Up to 20 Lakhs- 10 marks
	21 to 40 Lakhs-15marks
	Above 40 Lakhs-20marks
Audit experience maximum 30marks	Govt audit each organization- 5 marks
	PSU Audit each organization-5 marks
Head office in Odisha	5 marks

Scope of the Work:-
1. Entry all the financial transactions in SUJOG portal,
2. Preparation of financial statements i.e. income & expenditure account balance sheet.
3. Fixed asset Register all schedules to income and expenditure and balance sheet, receipt payment account and trial balance etc.
4. Bank reconciliation statement audit of 2023-24.

Terms & Condition:-
1. Audit Fees per Year-30,000.00. (Rupees Thirty Thousand only)
2. Necessary document such as GST / PAN/Registration of firm/CAG emplaned certificate or documents should be attached
3. All documents should be attached as indicatecl in the criteria for selection.

Sd./- Executive Officer, Konark N.A.C.
OIPR-13174/11/0002/2425

DIRECTORATE OF GROUND WATER DEVELOPMENT, ODISHA
OFFICE OF THE DEPUTY DIRECTOR
GEOLOGY, GWD DIVISION, ANGUL
At: Tikira Irrigation Colony, Matiasahi, Dist.: Angul, PIN - 759143
[e-mail: ddgangul.gwd@gmail.com]
INVITATION FOR BIDS (IFB)
e-Procurement Notice: 412 Date: 29.06.2024
Bid Identification No. 03/GWDANG/CHHATA/2024-25
(Single-Envelope Bidding Process)

No. A-91: Deputy Director, Geology, GWD Division, Angul, At: Tikira Irrigation Colony, Matiasahi, Angul - 759143 on behalf of Governor of Odisha invites bids from bidders Class "D" & "C" registered with the State Governments and bidders of equivalent Grade/Class registered with Central Government/ MES/Railways for the construction of works following work.
Bids must be submitted online on or before 15.07.2024 at 14.00 Hrs. IST (System server time). Proposals will be opened online on 15.07.2024 at 15.00 hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at he appointed time. Details of the tender will be available in the procurement portal **'www.tendersodisha.gov.in"**.

Sl. No.	Description	Details
1.	Name of the Work	Construction of 5 Nos. RRHS in Government Buildings of Dhenkanal Urban Area.
2.	Start Date of availability of Bid document online (Bid download)	03.07.2024 from 11.00 Hrs.
3.	Last date of availability of bid document online (Bid download)	15.07.2024 upto 14.00 Hrs.
4.	Last date and time for receipt of bid document (Bid Submission End Date & Time)	15.07.2024 upto 14.00 Hrs.
5.	Date & Time of opening of bid document (Bid Opening Date)	15.07.2024 upto 15.00 Hrs.

Sd./- Deputy Director, Geology
OIPR-32422/11/0003/2425

ODISHA STATE CASHEW DEVELOPMENT CORPORATION LTD.
(A Govt. of Odisha Undertaking)
At/Post: Ghatikia, Near Kalinga Studio, Bhubaneswar - 751029
ADDENDUM

Ref.: Short Tender Call Notice No. 1-2024 Dt.27.06.2024 - regarding.
No. CAD-424: Some more terms & conditions are added to the existing ones in the tender document for "Engagement of Transport Contractor for Transportation of Cashew Grafts inside & outside States for the planting Season 2024". The detail is available in the website: **www.oscdc.com**.

OIPR-01049/11/0004/2425 Sd./- Managing Director

DIRECTORATE OF TEACHER EDUCATION AND SCERT, ODISHA, BHUBANESWAR
CORRIGENDUM NOTICE
Notice No. 2851 **Date: 01.07.24**

No. n-28: With reference to the Pre-Bid Meeting held on 29.06.2024, the Corrigendum in respect of RFP-I and II with reference to the Tender Call Notice No. 2748 dated 20.06.2024 is hereby modified. The Corrigendum (Annexure-I) is published in the website i.e. **www.scertodisha.nic.in** for reference.
Last date for submission of Tender Document : 08.07.2024 (05.00 P.M.)
Opening of Technical Bid : 09.07.2024 (11.00 A.M.)
followed by presentation by the firms and opening of Financial Bid.

Director, TE and SCERT
OIPR-27006/11/0002/2425 Odisha, Bhubaneswar

OFFICE OF THE DIVISIONAL FOREST OFFICER & WILDLIFE WARDEN, CHANDAKA WILDLIFE DIVISION
Gaja Vihar, Baramunda, Bhubaneswar - 751003
Ph. (0674) 2355400, Email- dfo.chandakawl@odisha.gov.in / chandakadampara@gmail.com
Tender Notice No. 02 Dated: 01st July 2024
TENDER CALL NOTICE

No. MM-60: Sealed tenders are invited in two Bid Systems from established / reputed / registered / experienced and accredited manufacturers/ dealers/suppliers within the country of India for supply of Radio Collar as per specification of tender documents for use in Wildlife wing of Forest, Environment & Climate Change Department, Govt. of Odisha.

Item	Quantity	Cost of Tender Paper
1	2	3
1. Radio Collar for Gaur 2. Radio Collar for Black Buck 3. VHF Antenna & Receiver	5 (Five) 2 (Two) 7 (Seven) Sets	Rs.10,000/-

Non-transferable tender documents for supply of Radio Collar as stated above will be available from Dt.04.07.2024 and can be downloaded through the website **https://www.khordha.nic.in / https://www.wildlifeodisha.in / www.chandakawildlife.in**. The tender document cost which is non-refundable, should be deposited along with Technical Bid in shape of crossed Demand Draft drawn at any Nationalized Bank in favour of Divisional Forest Officer, Chandaka Wildlife Division, Bhubaneswar payable at Bhubaneswar.
3. Tender papers will be received from Dt.05.07.2024 to Dt.12.07.2024 upto 05.00 P.M. in the Office of the Divisional Forest Officer, Chandaka Wildlife Division, Gaja Vihar, Baramunda, Bhubaneswar.
4. Tender opening for Technical Bid - 11.30 A.M. of Dt.15.07.2024.

Sd./- Divisional Forest Officer
Chandaka Wildlife Division
OIPR-08096/11/0002/2425 Bhubaneswar

OFFICE OF THE PRINCIPAL
B.K. COLLEGE OF ART & CRAFTS
Department of Odia Language, Literature & Culture, Government of Odisha
Tapovan, Khandagiri, Bhubaneswar-751030, Phone:0674-2386434
Email:bkartcollege@gmail.com
ବିଭୂତି କାନୁନ୍‌ଗୋ ଚାରୁ ଓ କାରୁ କଳା ମହାବିଦ୍ୟାଳୟ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
No.376/BKC Date:01.7.2024
ADVERTISEMENT

No.RR-08: Applications are invited from the eligible fresh candidates for engagement of the Guest Faculties in the B.K. College of Art and Crafts, Bhubaneswar for the academic year 2024-25 functioning under the

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ହରାରେରେ ଗିଲ୍‌ଙ୍କ ଟିମ୍ ଇଣ୍ଡିଆ

ହରାରେ, ୩।୭ (ପି.ଟି.)

ଭାରତ ଓ ଜିମ୍ବାୱେ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ଚଳିତ ମାସ ୬ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ବୁଧବାର ହରାରେରେ ପହଞ୍ଚିଛି। ଜାତୀୟ କ୍ରିକେଟ ଏକାଡେମୀ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ କୋଚ୍‌ଭାବେ ଦଳସହ ଯାତ୍ରା କରିଛନ୍ତି। ଭାରତୀୟ ଦଳ ସେମାନଙ୍କ ଲଗେଜ ସହ ବିମାନ ବନ୍ଦର ଛାଡୁଥିବାର ଏକ ଭିଡିଓକୁ ଜିମ୍ବାୱେ କ୍ରିକେଟ ପକ୍ଷରୁ 'ଏକ୍ସ'ରେ ପୋଷ୍ଟ କରାଯାଇଛି। ଗିଲ୍‌ଙ୍କ ବ୍ୟତୀତ ଭାରତୀୟ ଦଳର ସମସ୍ତ ସଦସ୍ୟ ଗତ ମଙ୍ଗଳବାର ମୁମ୍ବାଇରୁ ହରାରେ ଯାତ୍ରା କରିଥିଲା। ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ରିଜର୍ଭ ଖେଳାଳିଭାବେ ଭାରତୀୟ ଦଳ ସହ ଥିବା ଗିଲ୍ କିଛି ଦିନର ବ୍ରେକ୍ ପରେ ନ୍ୟୁୟର୍କରୁ ଏଠାକୁ ଆସିଛନ୍ତି। 'ଟି୨୦ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ଭାରତକୁ ଆମେ ସ୍ୱାଗତ କରୁଛୁ' ବୋଲି ଜିମ୍ବାୱେ କ୍ରିକେଟ ପକ୍ଷରୁ ମଙ୍ଗଳବାର ରାତିରେ 'ଏକ୍ସ'ରେ ପୋଷ୍ଟ କରାଯାଇଥିଲା। ଯୁବ ଭାରତୀୟ ଟପ୍ ଅର୍ଡର ବ୍ୟାଟର ରିୟାନ ପରାଗ ଏହି ସିରିଜରେ ଅନ୍ତର୍ଜାତୀୟ ଡେବ୍ୟୁ କରିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପୋଷ୍ଟ କରାଯାଇଥିବା ଏକ ଭିଡିଓରେ ସେ କହିଛନ୍ତି ଯେ, ଜାତୀୟ ଦଳ ସହିତ ଏପରି ଯାତ୍ରା କରିବା ତାଙ୍କର ପିଲାଦିନର ସ୍ୱପ୍ନ ଥିଲା। ''ଭାରତୀୟ ଜର୍ସି ପିନ୍ଧିବା, ଜାତୀୟ ଦଳ ସହ ଯାତ୍ରା କରିବା ଭିନ୍ନ ଅନୁଭବ। ଆସାମରୁ ଆସି ଭାରତୀୟ ଦଳ ପକ୍ଷରୁ ଖେଳିବା ସ୍ୱପ୍ନ ମୁଁ ଦେଖିଥିଲି। ଏବେ ମୁଁ ବହୁତ ଖୁସି। ପ୍ରଥମଥର ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ଯାଉଥିବାରୁ ଜିମ୍ବାୱେ ସହିତ ମୋର ସ୍ୱତନ୍ତ୍ର ସଂଯୋଗ ରହିବ। ସେ ଗ୍ରାଉଣ୍ଡ ମଧ୍ୟ ମୋ ପାଇଁ ସ୍ମରଣୀୟ ହୋଇଯିବ'' ବୋଲି ପରାଗ ପ୍ରକାଶ କରିଛନ୍ତି।

ଅନ୍ୟ ଜଣେ ନବାଗତ ଖେଳାଳି ତୁଷାର ଦେଶପାଣ୍ଡେ କହିଛନ୍ତି ଯେ, ''ଏହା ମୋ ପାଇଁ ସ୍ୱପ୍ନ ସତ ହେବାଭଳି ଘଟଣା। ଦେଶପାଇଁ ଖେଳିବା ସବୁଠାରୁ ସ୍ୱତନ୍ତ୍ର। ଦଳସହ ଯାତ୍ରା କରିବା ଏବଂ ସମସ୍ତଙ୍କୁ ଜାଣିବା, ଟିମ୍ ପରିବେଶ ସମ୍ପର୍କରେ ଅବଗତ ହେବା ବିଶେଷକରି ଯାତ୍ରା ସମୟର ମଜାଦାର ଅନୁଭୂତି ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ''। ସେହିପରି ବିଗ୍-ହିଟିଂ ବାମହାତୀ ଅଭିଷେକ ଶର୍ମା ମଧ୍ୟ ନିଜର ମତ ରଖିଛନ୍ତି। ଖେଳ ଆରମ୍ଭ କରିବା ଦିନଠାରୁ ତାଙ୍କର ଗୋଟିଏ ସ୍ୱପ୍ନ ଥିଲା। ତାହା ହେଉଛି ଦେଶ ପକ୍ଷରୁ ଖେଳିବା। ''ମୁଁ ଜାଣିଥିଲି ଯେ, କଠିନ ପରିଶ୍ରମ କଲେ ଦିନେ ନା ଦିନେ ସୁଯୋଗ ପାଇବି। ମାତ୍ର ଭାରତ ବାହାରେ ଜିମ୍ବାୱେରେ ଆରମ୍ଭ କରିବି ବୋଲି ମୁଁ କେବେ ଭାବି ନ ଥିଲି। ମୋ ନାଁ ଦଳରେ ଘୋଷଣା ହେବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କଠାରୁ ଏକ କଲ୍ ପାଇଥିଲି। ମୋତେ ସମସ୍ତଙ୍କ ସ୍ନେହ ମିଳୁଛି, ଯାହାକି ମୋ ପାଇଁ ବହୁତ ବଡ଼କଥା'' ବୋଲି ଅଭିଷେକ କହିଛନ୍ତି। ଦଳରେ ନାଁ ଘୋଷଣା ହେବା ପରେ ମୁଁ ଯେତେବେଳେ ଘରେ ପହଞ୍ଚିଲି ଦେଖିଲି ଯେ ମୋ ପରିବାରବର୍ଗ ସାକ୍ଷାତକାର ଦେଉଛନ୍ତି। ଏହି ସମୟ ମୋ ପାଇଁ ସବୁଦିନେ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି।

ସିକନ୍ଦର ରାଜାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଜିମ୍ବାୱେରେ ଏହାର ପ୍ରଥମ ମ୍ୟାଚ ଜୁଲାଇ ୬ରେ ହରାରେ କ୍ରିକେଟ ଗ୍ରାଉଣ୍ଡରେ ଖେଳିବ। ଅବଶିଷ୍ଟ ୪ ମ୍ୟାଚ ମଧ୍ୟ ସମାନ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ସିରିଜ ଜୁଲାଇ ୧୪ରେ ଶେଷ ହେବ। ଟି୨୦ ବିଶ୍ୱକପ ପାଇଁ ଭାରତୀୟ ଦଳରେ ସାମିଲ ଥିବା ସଞ୍ଜୁ ସାମସନ, ଯଶସ୍ୱୀ ଜୟସ୍ୱାଲ ଓ ଶିବମ୍ ଦୁବେ ଜିମ୍ବାୱେ ଯାତ୍ରା କରିଥିବା ଭାରତୀୟ ଦଳ ସହ ଯୋଗଦେବେ। ବାର୍ବାଡୋସରେ ଝଡ଼ତୋଫାନ ପାଇଁ ସେମାନେ ଦଳସହ ସେଠାରେ ଅଟକି ରହିବାକୁ ବାଧ୍ୟ ହୋଇଥିଲେ। ଏ ତିନିଜଣଙ୍କ ସ୍ଥାନରେ ସାଇ ସୁଦର୍ଶନ, ଜିତେଶ ଶର୍ମା ଓ ହର୍ଷିତ ରାଣାଙ୍କୁ ପ୍ରଥମ ୨ଟି ମ୍ୟାଚ ପାଇଁ ଦଳରେ ସାମିଲ କରାଯାଇଥିଲା। ସାମସନ, ଜୟସ୍ୱାଲ ଓ ଦୁବେ ଭାରତୀୟ ଦଳ ସହ ଏକ ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ଗୁରୁବାର ସକାଳେ ଭାରତରେ ପହଞ୍ଚିବେ। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଭାରତୀୟ ଦଳକୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ରିଜର୍ଭ ଖେଳାଳିଭାବେ ଯାତ୍ରା କରିଥିବା ପେସର ଖଲିଲ ଅହମଦ ଓ ବ୍ୟାଟର ରିଙ୍କୁ ସିଂ ମଧ୍ୟ ବାର୍ବାଡୋସରେ ରହି ଯାଇଥିଲେ। ତେବେ ଏ ଦୁହିଁଙ୍କ ବଦଳ ଖେଳାଳିଭାବେ କାହା ନାମ ଘୋଷଣା କରାଯାଇନାହିଁ।

ହରାରେରେ ବୁଧବାର ପହଞ୍ଚିବା ପରେ ଭାରତୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍।

ଭାରତ-ଜିମ୍ବାୱେ ଟି୨୦ ସିରିଜ

୧୮୭ ଦିନର ଅଲିମ୍ପିକ୍ସ

ଅଲିମ୍ପିକ୍ସର ଚତୁର୍ଥ ସଂସ୍କରଣ ୧୯୦୮ରେ ଲଣ୍ଡନରେ ଆୟୋଜିତ ହୋଇଥିଲା। ଲଣ୍ଡନ, ୟୁକେ ଓ ଇଂଲଣ୍ଡରେ ଏହାର ଇଭେଣ୍ଟଗୁଡିକ ଅନୁଷ୍ଠିତ ହୋଇଥିଲା। ଗେମ୍ସ ଅଫ୍ ଫୋର୍ଥ ଅଲିମ୍ପିଆଡ ବୋଲି କୁହାଯାଇଥିବା ଏହି ଇଭେଣ୍ଟରେ ଆୟୋଜକ ଦେଶ ଗ୍ରେଟ୍ ବ୍ରିଟେନ୍ ପ୍ରଥମ ସ୍ଥାନରେ ରହିଥିଲା। ଅଲିମ୍ପିକ୍ସ ଇତିହାସର ସବୁଠାରୁ ଦୀର୍ଘତମ ଅଲିମ୍ପିକ୍ସ ଭାବରେ ଏହା ୧୮୭ ଦିନ ଧରି ଚାଲିଥିଲା। ୨୭ ଏପ୍ରିଲ ୧୯୦୮ରେ ଆରମ୍ଭ ହୋଇଥିବା ଏହି କ୍ରୀଡା ମହାକୁମ୍ଭ ୩୧ ଅକ୍ଟୋବର ୧୯୦୮ ଯାଏ ଜାରି ରହିଥିଲା। ଆରମ୍ଭରୁ ଏହି ଅଲିମ୍ପିକ୍ସ ରୋମ୍‌ରେ ହେବ ବୋଲି ସ୍ଥିର ହୋଇଥିଲା। ତେବେ ୧୯୦୬ରେ ମାଉଣ୍ଟ ଭିସେଭିୟସରେ ଭୟଙ୍କର ଆଗ୍ନେୟ ଉଦ୍‌ଗିରଣ କାରଣରୁ ଏହାକୁ ସ୍ଥାନାନ୍ତର କରାଯାଇଥିଲା। ଲଣ୍ଡନ ଅଲିମ୍ପିକ୍ସରେ ୨୨ ଦେଶ ଅଂଶଗ୍ରହଣ କରିଥିଲେ। ଏହି ଅଲିମ୍ପିକ୍ସରେ ସମୁଦାୟ ୨୨ଟି କ୍ରୀଡା ଇଭେଣ୍ଟକୁ ସାମିଲ କରାଯାଇଥିଲା। ସମୁଦାୟ ଅଂଶଗ୍ରହଣକାରୀ ଆଥ୍‌ଲେଟଙ୍କ ସଂଖ୍ୟା ୨୦୦୮ ରହିଥିଲା। ଏହା ମଧ୍ୟରେ ୧୯୭୧ ଜଣ ପୁରୁଷ ଓ ୩୭ ଜଣ ମହିଳା ରହିଥିଲେ। ଗ୍ରେଟ୍ ବ୍ରିଟେନ୍ ୫୬ ସ୍ୱର୍ଣ୍ଣ, ୫୧ ରୌପ୍ୟ ଓ ୩୯ ବ୍ରୋଞ୍ଜ ପଦକ ସହ ମୋଟ ୧୪୬ ପଦକ ହାସଲ କରି ପ୍ରଥମ ସ୍ଥାନରେ ରହିଥିଲା। ଆମେରିକା ୨୩ ସ୍ୱର୍ଣ୍ଣ ସହ ୧୨ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ଅଲିମ୍ପିକ୍ସ ପରେ ହିଁ ଜଜ୍ ନିଯୁକ୍ତିର ନୂତନ ଗାଇଡ୍ ଲାଇନ୍ ସ୍ଥିର କରାଯାଇଥିଲା। ପୂର୍ବରୁ ଆୟୋଜକ ଦେଶ ନିଜର ଜୁରୀ ପ୍ରସ୍ତୁତ କରୁଥିବା ବେଳେ ସ୍ଥାନୀୟ ଖେଳାଳିଙ୍କୁ ଏହାର ଫାଇଦା ମିଳୁଥିଲା। ଆମେରିକାର ଜନ୍ କାରପେଣ୍ଟର ୪୦୦ ମିଟର ଦୌଡରେ ଭାଗ ନେଉଥିଲେ। ୪୦୦ ମିଟର ଫାଇନାଲ ପୂର୍ବରୁ କାରପେଣ୍ଟରଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଫଳରେ ଏହାର ପ୍ରତିବାଦ କରି ଅନ୍ୟ ୨ ଫାଇନାଲିଷ୍ଟ ଆମେରିକୀୟ ଆଥ୍‌ଲେଟ ଓହରି ଯାଇଥିଲେ। ଫାଇନାଲରେ ଏକମାତ୍ର ବ୍ରିଟିଶ ଖେଳାଳି ହିଁ ଶେଷରେ ପଦକ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସଂସ୍କରଣ ଗୁଡିକରେ ସ୍ଥାନୀୟ ଜୁରୀ ପରିବର୍ତ୍ତେ ସମଗ୍ର ବିଶ୍ୱରୁ ନିଯୁକ୍ତ କରାଗଲା। ସୁଇଡେନ୍‌ର ଓସ୍କାର ସ୍ୱାନ ୭୨ ବର୍ଷ ୨୭୯ ଦିନରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ରନିଙ୍ଗ ଡିୟର ଶୁଟିଙ୍ଗ ଇଭେଣ୍ଟରେ ସେ ଏହି ସଫଳତା ହାସଲ କରିଥିଲେ।

ପ୍ୟାରିସ୍ ଅଲିମ୍ପିକ୍ସ

PARIS 2024

ଆଉ ୨୨ ଦିନ

ଟି୨୦: ହାର୍ଦ୍ଦିକ୍ ୧ ନମ୍ବର

ଦୁବାଇ, ୩।୭ (ପି.ଟି.) ଟି୨୦ ଅଲରାଉଣ୍ଡରଙ୍କ ମଧ୍ୟରେ ୧ ନମ୍ବର ସ୍ଥାନରେ ପହଞ୍ଚି ଇତିହାସ ରଚିଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା। ଟି୨୦ ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ ସହ ହାର୍ଦ୍ଦିକ ଅଲରାଉଣ୍ଡର ର୍ୟାଙ୍କିଙ୍ଗରେ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି। ଭାରତର ବିଶ୍ୱକପ ବିଜୟରେ ହାର୍ଦ୍ଦିକଙ୍କ ଚମତ୍କାର ଅବଦାନ ରହିଥିଲା। ଫାଇନାଲରେ ୨୦ ରନ୍ ଦେଇ ସେ ୩ ଉଇକେଟ ନେଇଥିଲେ। ଏଥିରେ ହେନରିଚ୍ କ୍ଲାସେନ୍ ଓ ଡେଭିଡ୍ ମିଲରଙ୍କ ଉଇକେଟ ରହିଥିଲା। ଶ୍ରୀଲଙ୍କା ଅଧିନାୟକ ୱାନିନ୍ଦୁ ହସରଙ୍ଗାଙ୍କୁ ପଛରେ ପକାଇ ସେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଟି୨୦ କ୍ରିକେଟ ବିଶ୍ୱକପରେ ପାଣ୍ଡ୍ୟା ୧୪୪ ରନ୍ ସ୍କୋର କରିବା ସହ ୧୧ ଉଇକେଟ ନେଇଥିଲେ।

ଓଡ଼ିଶାରୁ ଭାଗନେବେ ୬ ଖେଳାଳି

ଆଇଟିଟିଏଫ୍ ୱାର୍ଲ୍ଡ ମାଷ୍ଟର୍ସ ଟେବୁଲ ଟେନିସ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶାର ୬ ଖେଳାଳି।

ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)

ଆଇଟିଟିଏଫ୍ ୱାର୍ଲଡ ମାଷ୍ଟର୍ସ ଟେବୁଲ ଟେନିସ

ରୋମ୍‌ରେ ଚଳିତ ମାସ ୬ରୁ ୧୪ ପର୍ଯ୍ୟନ୍ତ ଆଇଟିଟିଏଫ୍ ୱାର୍ଲ୍ଡ ମାଷ୍ଟର୍ସ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୬ ଖେଳାଳି ଦେବଦତ୍ତ ମହାନ୍ତି, ତ୍ରିଲୋକ୍ୟ ନାଥ ରାଉତ, ସ୍ମୃତିରଞ୍ଜନ ଦାସ, ପି. କେ. ସାମନ୍ତରାୟ, ବିଜନ ଦାସ ମହାପାତ୍ର ଓ ସନ୍ଦୀପ ଚକ୍ରବର୍ତ୍ତୀ ଅଂଶଗ୍ରହଣ କରିବେ। ମାଷ୍ଟର୍ସର ବିଭିନ୍ନ ବର୍ଗରେ ଏହି ସମସ୍ତ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୬୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଭାରତରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଭାଗନେବେ। ଓଡ଼ିଶା ପ୍ରତିଯୋଗୀମାନେ ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାୟୀ ଅଛନ୍ତି।

ତୁର୍କୀ ଖେଳାଳିଙ୍କ ସେଲିବ୍ରେଶନର ତଦନ୍ତ ନିର୍ଦ୍ଦେଶ

ୟୁରୋ କପ୍

ଲିପ୍‌ଜିଗ୍,୩।୭(ପି.ଟି.)

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟବଲ୍‌ରେ ତୁର୍କୀର ଖେଳାଳି ମେହରିନ୍ ଡେରିମାଲଙ୍କ ଗୋଲକୁ ନେଇ ବିବାଦ ଦେଖା ଦେଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚରେ ତୁର୍କୀ ୨-୧ରେ ଅଷ୍ଟ୍ରିଆକୁ ପରାସ୍ତ କରିଥିଲା। ମେହରିନ୍ ଡେରିମାଲ(୧ଓ ୫୯) ମିନିଟରେ ତୁର୍କୀ ପକ୍ଷରୁ ଉଭୟ ଗୋଲ ସ୍କୋର କରିଥିଲେ। ତେବେ ଦ୍ୱିତୀୟ ଗୋଲ ସ୍କୋର କରିବା ପରେ ମେହରିନ୍‌ଙ୍କ ସେଲିବ୍ରେଶନକୁ ନେଇ ପ୍ରଶ୍ନଚିହ୍ନ ଉଠିଛି। ଦେଶରେ ରାଜନୈତିକ ହିଂସା ସୃଷ୍ଟି କରୁଥିବା ଉଲ୍ଫୁ ଓସାକ୍ଲାରି(ଗ୍ରେ ଓଲ୍ଭସ)ର ସ୍ଲୋଗାନକୁ ସେ ସେଲିବ୍ରେଶନରେ ସାମିଲ କରିଥିଲେ। ଏହାର ତଦନ୍ତ ଭାର ଜଣେ ଅଧିକାରୀଙ୍କୁ ଦିଆ ଯାଇଥିବା ବେଳେ ଯେ କୌଣସି ମୁହୂର୍ତ୍ତରେ ତାଙ୍କ ବିରୋଧରେ ମାମଲା ହୋଇପାରେ। ଏହି ବିଜୟ ସହ କ୍ୱାର୍ଟରରେ ପ୍ରବେଶ କରିଥିବା ତୁର୍କୀ ଏହାର ପରବର୍ତ୍ତୀ ମ୍ୟାଚ୍ ନେଦରଲାଣ୍ଡ୍ସ ସହିତ ଖେଳିବ।

ମଙ୍ଗଳବାର ଅନ୍ୟ ଏକ ମ୍ୟାଚରେ ନେଦରଲାଣ୍ଡ୍ସ ୩-୦ ଗୋଲରେ ରୋମାନିଆକୁ ପରାସ୍ତ କରିଛି। ନେଦରଲାଣ୍ଡ୍ସ ପକ୍ଷରୁ କୋଡି ଗାପ୍‌କୋ (୨୦), ଡୋନିଲ୍ ମାଲେନ୍ (୮୩, ୯୦+୩) ମିନିଟରେ ଗୋଲ ଦେଇଥିଲେ।

କୋପା ଆମେରିକା

କ୍ୱାର୍ଟର ଲାଇନ୍‌ଅପ୍ ବୃତ୍ତାନ୍ତ

ସାଣ୍ଟା କାର୍ଲା, ୩।୭ (ପି.ଟି.): କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ଲାଇନଅପ୍ ବୃତ୍ତାନ୍ତ ହୋଇଛି। ବ୍ରାଜିଲ-କଲମ୍ବିଆ ଅନ୍ତିମ ଲିଗ୍ ମ୍ୟାଚ୍ ଡ୍ରରେ ଶେଷ ହେବା ପରେ ଉଭୟ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆର୍ଜେଣ୍ଟିନା-ଇକ୍ୱେଡର (ଶୁକ୍ରବାର), ଭେନେଜୁଏଲା-କାନାଡା(ଶନିବାର) ପ୍ରଥମ ଦୁଇ କ୍ୱାର୍ଟର ଫାଇନାଲ ଖେଳିବେ। ଅନ୍ୟପକ୍ଷରେ କଲମ୍ବିଆ-ପାନାମା ଓ ଉରୁଗୁଏ-ବ୍ରାଜିଲ(ଉଭୟ ରବିବାର) ଅନ୍ୟ ୨ କ୍ୱାର୍ଟର ମୁକାବିଲା ଖେଳିବେ।

ବୁଧବାର ମ୍ୟାଚ୍‌ରେ ବ୍ରାଜିଲ-କଲମ୍ବିଆ ୧-୧ରେ ଡ୍ର ରଖିଥିବା ବେଳେ କୋଷ୍ଟାରିକା ୨-୧ ଗୋଲରେ ପାରାଗୁଏକୁ ହରାଇଛି। ବ୍ରାଜିଲ ପକ୍ଷରୁ ରାଫିନା ୧୨ଶ ଓ କଲମ୍ବିଆ ପକ୍ଷରୁ ଡାନିଏଲ ମୁନୋଜ (୪୫+୨) ମିନିଟରେ ଗୋଲ କରିଥିଲେ। ସେହିପରି କୋଷ୍ଟାରିକା ପକ୍ଷରୁ ଫ୍ରାନସିସ୍କୋ କାଲଭୋ(୩) ଓ ଜୋସିମାର ଆଲକୋଏର(୭) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପାରାଗୁଏ ପକ୍ଷରୁ ରାମୋନ ସୋସା ୫୫ ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। କଲମ୍ବିଆ ଓ ବ୍ରାଜିଲ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଛନ୍ତି।

Classified Everyday
0674-2580101, 2549949

REAL ESTATE

SALE

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar ଏବଂ Sum-2 ହସ୍ପିଟାଲଠାରୁ ଅଳ୍ପ ଦୂରତାରେ ଘରବାରି ଫ୍ଲାଟ୍ କିଣନ୍ତୁ। 8249310759. D-75970

ଭୁବନେଶ୍ୱର KEC ନିକଟ ଗୁଡ଼ିଆପୋଖରି ଛକରୁ 1.5 K.M. ମଧ୍ୟରେ 1380sqft. ଘରବାରି, Boundary, 30' road, Electricpoll ଥାଇ North facing plot ତୁରନ୍ତ ବିକ୍ରି ହେବା Direct owner- 9078726651. D-75968

Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445. D-75971

NH side commercial plot for sale at Pipili Bypass. Area- 20445sqft. suitable for Godown, Restaurants, Hospital/ Nursing Home. Etc. Contact- 9937446498. D-75549

1BHK ready to move in flats available in Hi-Tech Brundaban Project near Batamangala Temple, Puri Town, 8895816302, 8328857872. D-650

Newly open Jyoti SPA positively health benefits (Expert therapist). 8458067955. D-76130

Relax refreshment body massage therapy by experience lady therapist. 7008773793. D-76129

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Kerala body Massage best Therapist Bhubaneswar. 9337672475. D-614

Fully relaxed body massage trained therapist. Central SPA. 9556483961. D-75757

Monalisa massage Club: All types Body massage with hiprofile smart lady rooms service available. 9708545108. D-621

Relax, refresh your body, mind by expert therapist. Contact: 9938843929. D-76132

Newly open health benefits spa special offer @999 Bapujinagar, 8018429809. D-76131

AFFIDAVIT

I, Subham Mahapatra, S/o. Ajaya Chandra Mahapatra resident of AT/P.O./DIST. Nuapada, Pin- 766105, Odisha declare by this affidavit No.- IN-DL85441544388682M dtd. 28.07.2014 that now onwards I shall be known as SHUBHAM MAHAPATRA for all future purposes. D-652

By virtue of an affidavit sworn before the Executive Magistrate, Sundargarh, I, Agustina Lakra, W/o. Johan Lakra, R/o. Village/ P.O. Mashabira, Dist. Sundargarh, Odisha declare that we had adopted a girl child namely Karishma Kujur vide Regd. No.41702300087 dt.21.01.2023. After adoption we change her name as Jeniva Lakra. That in Aadhaar card No. xxxx xxxx 6456 her name has been mentioned as Karishma Kujur. Now we change her name from Karishma Kujur to Jeniva Lakra in her said Aadhaar card. D-649

I Ashok Kumar Mishra (40), S/o – Late Sridhar Mishra, Vill.- Chhatis- Birajapur, P.O.- Chandigan, P.S.: Sabarang, Dist.: Bhadrak. That true spelling of my minor son's name is Prasanna Jeet Mishra according his Birth Certificate. But in the School record of Kendriya Vidyalaya, Bhadrak his name wrongly recorded as Prassana Jeet Mishra. By this affidavit I want to correction of my son's name has Prasanna Jeet Mishra instead of Prassana Jeet Mishra in his school record. D-654

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

୩୪ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ

ଆବିର୍ଭାବ: ତା.୧୨।୦୪।୧୯୪୫ରିଖ
ତିରୋଧାନ: ତା.୦୪।୦୭।୧୯୯୦ରିଖ

ଆମେ ଆଜିର ୩୪ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହାହିଁ କାମନା କରୁଛୁ।

Director and Staff , "X" Security Service (P)Ltd.

ଧ-୬୪୬

ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱ ପ୍ରମିଳା ପାତ୍ର ଶତପଥୀ (ପମି)
ମହାଦେବନଗର, ଭୁବନେଶ୍ୱର
ତିରୋଧାନ: ତା୧।୦୭।୨୦୧୫

ଅଧରାତି ଅଧାନିଦରେ ଚାଲିଗଲ ନୀରବେ, କହିବାକୁ ଚାହୁଁଥିଲେ ମଧ୍ୟ କହିଲନି ମନକଥା ଝୁରୁଅଛୁ ସରବେ । ଆଜିମଧ୍ୟ ସେଦିନ କାଳରାତ୍ରିର ହୃଦୟବିଦାରକ ଦୃଶ୍ୟ ଆଖିଆଗରେ ନାଚିଯାଉଛି । ତୁମ ସହିତ ବିତାଇଥିବା ସମସ୍ତ ଚିତ୍ତିନିଖି ମୁହୂର୍ତ୍ତ ସବୁସମୟରେ ମନକୁ ଆନୋଦି

'ଅପରାହ୍ନର ସୂର୍ଯ୍ୟ' ଚଳଚ୍ଚିତ୍ରର ଏକ ଦୃଶ୍ୟ

ରିଲିଜ୍ ଅପେକ୍ଷାରେ

ଅପରାହ୍ନର ସୂର୍ଯ୍ୟ

ଦିନ ଥିଲା, ମନୋରଞ୍ଜନର ବିଭିନ୍ନ ମାଧ୍ୟମକୁ ରାଜରାସ୍ତାରେ ପ୍ରଦର୍ଶନ କରାଯାଉଥିଲା । ବାଉଁଶରାଣୀ ଖେଳ ହେଉ ଅବା ମୁଣ୍ଡପୋତା କେଳାର ଖାଲବୁହା ପରିଶ୍ରମ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆମୋଦିତ କରୁଥିଲା । ମୁଣ୍ଡପୋତା କେଳାଙ୍କର ଜୀବନୀକୁ ଆଧାର କରି ରଚିତ ହୋଇଛି ଏକ ମନଛୁଆଁ କାହାଣୀ । ଏହାକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଅପରାହ୍ନର ସୂର୍ଯ୍ୟ ।' ସେମାନେ କିପରି ଗାଁ ଗାଁ ବୁଲି ଢୁ ଢୁ ଖରାରେ ଗାଁ ଦାଣ୍ଡରେ ଗାତଖୋଳି ତା' ଭିତରେ ନିଜ ମୁଣ୍ଡକୁ ଭର୍ତ୍ତିକରି ମାଟି ଘୋଡ଼ାଇ ଦିଅନ୍ତି । ଆଉ ବେଶ୍ କିଛି ସମୟ ତା' ଭିତରେ ରହିଥାଆନ୍ତି । ଏଭଳି ଦୁଃସାହସିକ ଖେଳ ଏବେ ପ୍ରାୟ ଦେଖିବାକୁ ମିଳୁନାହିଁ । ତେଣୁ ତାହାକୁ ବଡ଼ ପରଦାରେ ଚଳଚ୍ଚିତ୍ର ଆକାରରେ ପ୍ରଦର୍ଶନ କରିବାକୁ ଅଣ୍ଟା ଭିଡ଼ିଛନ୍ତି ନିର୍ଦ୍ଦେଶକ ଅଜୟ କୁମାର ମହାନ୍ତି । ସେ ଏହାର କାହାଣୀ, ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି । ଏ ନେଇ ସେ କୁହନ୍ତି, 'ଯେତେବେଳେ ଏଭଳି ଏକ ସେନ୍‌ସେସନାଲ କାହାଣୀକୁ ନେଇ ଫିଲ୍ମଟିଏ କରିବାକୁ ଚିନ୍ତାକଲି ସେତେବେଳେ ଅନେକ ପ୍ରଶ୍ନ ମୋ ମନରେ ଉଙ୍କି ମାରିଥିଲା । କିନ୍ତୁ ମୋ ସ୍ୱପ୍ନକୁ ରୂପରେଖ ଦେବାକୁ ମୁଁ ନିଜକୁ ମାନସିକସ୍ତରରେ ପ୍ରସ୍ତୁତ କଲି ଏବଂ ଆଗେଇଲି । ଫିଲ୍ମଟିକୁ ଚଳିତ ବର୍ଷ ଗଣେଶ ପୂଜା ଅବସରରେ ରିଲିଜ୍ କରିବାକୁ ଯୋଜନା ରଖିଛି । ଏଥିରେ ଅଭିନୟ କରିଥିବା କଳାକାରମାନେ ନିଜ ନିଜ ଭୂମିକାକୁ ଶତପ୍ରତିଶତ ଜଷ୍ଟିସ୍ ଦେବାକୁ ଚେଷ୍ଟା କରିଛନ୍ତି । ଆଶା, ଆମ ପରିଶ୍ରମର ମୂଲ୍ୟ ନିଶ୍ଚୟ ମିଳିବ ।' ଏହି ଚିତ୍ରର ବିଭିନ୍ନ ଭୂମିକାରେ ଜୟାସ୍ୱାମୀ, ପ୍ରମୋଦ ରାଉତ, କଳିଙ୍ଗ ଦାଶ, ମୁନ୍‌ମୁନ୍ ଖୁଣ୍ଟିଆ, ସୁସନ୍ଧ୍ୟା ନାରାୟଣୀ ମହାନ୍ତି, ଜାନକୀ ନାଥ ମିଶ୍ର, ଅଜୟ ମହାନ୍ତି, ଶୁଭମ୍ ସାହୁ, ମାନବୀ ବେହେରା, ସୋମନାଥ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି ।

ଛୋଟ ପରଦା

ପ୍ରିୟଙ୍କା–ହିତେସା

ରୋମାଞ୍ଚକର ମୋଡ଼ରେ 'ସନ୍ଧ୍ୟାରାଗିଣୀ'

ଓଡ଼ିଶାର ଅନ୍ୟତମ ଦର୍ଶକାଦୃତ ଚ୍ୟାନେଲ 'ଜୀ ସାର୍ଥକ'ରେ ପ୍ରସାରିତ ହେଉଛି ବିଜୟ କାଣ୍ଡୋଇଙ୍କ ଦ୍ୱାରା ପ୍ରଯୋଜିତ ମେଗା ଧାରାବାହିକ 'ସନ୍ଧ୍ୟାରାଗିଣୀ' । କଲେଜ ଫ୍ରେଶର ଇଭେଣ୍ଟ ପାଇଁ ରାଗିଣୀ ଏବଂ ସନ୍ଧ୍ୟା ସମସ୍ତ ଅଭ୍ୟାସ ଜାରି ରଖନ୍ତି । ସନ୍ଧ୍ୟା କ୍ୟାଟ୍ ୱାକ୍‌ରେ ସମସ୍ତଙ୍କୁ ପଛରେ ପକାଇ ପ୍ରତିଯୋଗିତା ଜିତିଛି । ହେଲେ ପରେ ଜଣାପଡ଼ିଛି ଯେ ସନ୍ଧ୍ୟାର ଏହି କ୍ୟାଟ୍ ୱାକ୍ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଯାଇଛି । ଏପଟେ ରାଗିଣୀ ଉପରେ ସବୁ ଦୋଷ ଆସିଛି ।ଏହା ଭିତରେ ରଘୁରାଜ ନିଷ୍ପତ୍ତି ନେଇଛନ୍ତି ଯେ ସନ୍ଧ୍ୟା ଏବଂ ରାଗିଣୀ ପରସ୍ପରଠାରୁ ଦୂରରେ ରହିବେ ଏବଂ ବର୍ତ୍ତମାନ ସେମାନେ ଭିନ୍ନ ଭିନ୍ନ କଲେଜରେ ପାଠ ପଢ଼ିବେ । ଏପରିକି ରାଗିଣୀ ଏବଂ ସନ୍ଧ୍ୟାର ରୁମ୍ ମଧ୍ୟ ଅଲଗା ହୋଇଯାଏ । ରାଗିଣୀର କଲେଜରୁ ସନ୍ଧ୍ୟାର ନାମ କାଟିବା ପାଇଁ ରଘୁରାଜ ନିଜେ କଲେଜକୁ ଯାଆନ୍ତି । ତେବେ ଆଗକୁ କ'ଣ ହେବ ? ଏଇ ସବୁକୁ ଆଧାରକରି 'ସନ୍ଧ୍ୟାରାଗିଣୀ' ଆଗେଇଚାଲିଛି । ଏହାର ମୁଖ୍ୟ ଚରିତ୍ରରେ ଅଛନ୍ତି ନିତୁ ମିଶ୍ର, ହିତେସା, ପ୍ରିୟଙ୍କା, ଦୀପ୍ତିରେଖା, ଜ୍ୟୋତି, ଆଶୁତୋଷ, ଜୟା ଗୋସ୍ୱାମୀ, ହୃଷୀ ପଟ୍ଟନାୟକ, ପଦାରବିନ୍ଦୁ ଓ ପ୍ରିତିରାଜ । ଧାରାବାହିକଟିର ପ୍ରସାରଣ ସମୟ ରହିଛି ସୋମବାରରୁ ଶନିବାର (ସନ୍ଧ୍ୟା ୬.୩୦–୭) । ''ଜୀ ସାର୍ଥକର ସବୁ ମେଗା ଧାରାବାହିକ ପରି 'ସନ୍ଧ୍ୟାରାଗିଣୀ'କୁ ମିଳିଥିବା ଭଲପାଇବା ସହିତ ନାରୀର ସୃଜନଶୀଳତା ଓ ପରାକାଷ୍ଠା କେତେ ଏହି ଧାରାବାହିକ ମାଧ୍ୟମରେ ଆମ ଦର୍ଶକ ଉପଲବ୍ଧି କରିଛନ୍ତି ବୋଲି କହିଛନ୍ତି ଜୀ–ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ ।''

ପୁଣି ଥରେ ଆକ୍ସନ ଅବତାର

ବଲିଉଡ୍‌ର ୟଙ୍ଗ୍ ସେନ୍‌ସେସନ ଟାଇଗର ଶ୍ରଫ୍ । ନାମ ଯେମିତି କାମ ବି ସେମିତି । ମାତ୍ର କେତୋଟି ବର୍ଷ ଭିତରେ ସେ ନିଜକୁ ଜଣେ ଆକ୍ସନ ଷ୍ଟାର ଭାବେ ପରିଚିତ କରାଇ ସାରିଲେଣି । କେହି କେହି ତାଙ୍କୁ ଆଗାମୀ ଦିନର ସୁପରଷ୍ଟାର ଭାବରେ ସମ୍ବୋଧନ କରୁଛନ୍ତି । ସେ ପୁଣିଥରେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି । କଥାରେ ପରା ଅଛି–'ମଳୁ ଖୋଜୁଥିଲା ଯାହା, ବଇଦ ବତାଇଲା ତାହା ।' ଦେଖୁନାହାନ୍ତି, ଯେପରି ଏକ ଆକ୍ସନ ପ୍ଲଟ୍ ସେ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି । ଏଭଳି କାହାଣୀକୁ ନେଇ ରଚିତ ସିନେମାଟିଏର ନିର୍ଦ୍ଦେଶନା ଦେବେ ଶଶାଙ୍କ ଖୈତାନ । ଏହି ଫିଲ୍ମରେ କିଏ ଲିଡ୍ ରୋଲ୍‌ରେ ଅଭିନୟ କରିବ ସେନେଇ ଟିକେ ଚିନ୍ତାରେ ପଡ଼ିଯାଇଥିଲେ ନିର୍ଦ୍ଦେଶକ । ଠିକ୍ ସେତିକିବେଳକୁ ଟାଇଗରଙ୍କ ନାମ ତାଙ୍କ ମନକୁ ଆସିଥିଲା । ବାସ୍, ବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ଟାଇଗର ମଧ୍ୟ ଏ ନେଇ ନିଜର ସମ୍ମତି ପ୍ରଦାନ କରିସାରିଛନ୍ତି । ଏ ସମ୍ପର୍କରେ ସେ କୁହନ୍ତି, 'ମୁଁ ସବୁବେଳେ ଭଲ ଭଲ ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଆକ୍ସନ ସିନେମାରେ ଅଭିନୟ କରିବାକୁ ପସନ୍ଦ କରିଥାଏ । ଏହି ନୂଆ ଫିଲ୍ମଟିରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ମସଲା ଭରିରହିଛି ।' ଏହାର ଶୁଟିଂ ଖୁବ୍‌ଶୀଘ୍ର ପର୍ତ୍ତୁଗାଲରେ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ ।

ରମେଶ–ବନି ସେନଗୁପ୍ତା

ଆଜିର ରେବତୀ

ଓଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ ରମେଶ ବାରିକ ଏକ ଦ୍ୱିଭାଷୀ ଫିଲ୍ମ (ବଙ୍ଗଳା–ଓଡ଼ିଆ) ନିର୍ମାଣ କରିବାକୁ ଯାଉଛନ୍ତି । ଏକ ନାରୀଭିତ୍ତିକ କାହାଣୀକୁ ଆଧାରକରି ସେ ପ୍ରସ୍ତୁତ କରୁଛନ୍ତି ଦ୍ୱିଭାଷୀ (ଓଡ଼ିଆ–ବଙ୍ଗଳା) ଫିଲ୍ମ 'ଆଜିର ରେବତୀ' । ଜଣେ ନାରୀ ତା' ଜୀବନ ରାସ୍ତାରେ ବାଧାବିଘ୍ନର ସମ୍ମୁଖୀନ ହେଲେ ମଧ୍ୟ କେମିତି ନିଜ ଲକ୍ଷ୍ୟପଥରେ ଆଗେଇ ଚାଲିଛି ତାହାକୁ ଆଧାରକରି ଏହାର କାହାଣୀ ଗତିଶୀଳ । ସବୁଠାରୁ ଖାସ୍‌କଥା ହେଲା, ଏହାର ନାୟକ ସାଜୁଛନ୍ତି ବଙ୍ଗଳା ଚଳଚ୍ଚିତ୍ର ଜଗତର ନାମୀ ତାରକା ବନି ସେନ୍‌ଗୁପ୍ତା । ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ର । ଫିଲ୍ମଟିର ନିର୍ଦ୍ଦେଶନା ଦେବେ 'ପୁଷ୍କରା' ଫେମ୍ ଶୁଭ୍ରାଂଶୁ ଦାସ । ଆର୍.ଆର୍. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରମେଶ । ଏହାପୂର୍ବରୁ ବୋନି ବଙ୍ଗଳା ଫିଲ୍ମ 'ବରବାଦ', 'ପାର୍‌ବୋନା ଆମି ଛରତେ ଟୋକେ', 'ଅନ୍ତର୍ଜଲ୍' ଏବଂ 'ଦାଲ୍ ବତୀ ଚୁର୍‌ମା'ରେ ଅଭିନୟ କରିସାରିଛନ୍ତି ।

ନୂଆ ସିନେମା

ଯଦି ଗଣା କରିଥାଆନ୍ତି..

ରଶ୍ମିକା

ରଶ୍ମିକା ମନ୍ଦାନା ଯେତେବେଳେ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭକଲେ ସେତେବେଳେ ସେ ଏହାକୁ ନେଇ ଦୋ'ଛକିରେ ପଡ଼ିଥିଲେ । ୨୦୧୮ରେ ଏକ ତେଲୁଗୁ ଫିଲ୍ମ 'ଚାଲୋ'ରେ ଅଭିନୟ କରିବାକୁ ତାଙ୍କୁ ଅଫର ମିଳିଥିଲା । ହେଲେ ସେ ହଠାତ୍ ଏ ନେଇ କିଛି ନିଷ୍ପତ୍ତି ନେଇ ନ ଥିଲେ । ଏଥିପାଇଁ ସେ ପ୍ରଯୋଜକଙ୍କୁ ଦୁଇ ସପ୍ତାହ ସମୟ ମାଗିଥିଲେ । ପୁଣି ତା' ଭିତରେ ହଁ–ନାହିଁରେ ଫସିଯାଇଥିଲେ ଏହି ଅଭିନେତ୍ରୀ । ଥରେ ସକାଳେ ସେ ଥଣ୍ଡା ମନରେ ଏ ନେଇ ଭଲଭାବେ ଚିନ୍ତା କରିବା ପରେ ଉକ୍ତ ସିନେମାରେ ଅଭିନୟ କରିବାକୁ ସମ୍ମତି ଜଣାଇଥିଲେ । ଏ ବିଷୟରେ ରଶ୍ମିକା କୁହନ୍ତି, 'ମୋ ଅଭିନୀତ ପ୍ରଥମ ତେଲୁଗୁ ଫିଲ୍ମରେ ଆକ୍ଟିଂ କରିବି କି ନାହିଁ ସେନେଇ ଦ୍ୱନ୍ଦ୍ୱରେ ଥିଲି । କିନ୍ତୁ ଶେଷରେ ମାଇଣ୍ଡ ମେକ୍‌ଅପ୍ କଲି ଯେ ଏହି ଅଫରକୁ ହାତଛଡ଼ା କରିବି ନାହିଁ । ଶେଷରେ ଫିଲ୍ମଟି ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହେଲା ।' ତା'ପରେ ଆଉ ଏକ ରୋମାଣ୍ଟିକ୍ କମେଡି ଫିଲ୍ମ 'ଗୀତା ଗୋବିନ୍ଦମ୍'ରେ ସେ ଅଭିନୟ କଲେ । ଫିଲ୍ମଟି ତାଙ୍କୁ ରାତାରାତି ନାୟିକା ଦୌଡ଼ରେ ସାମିଲ କରିବାରେ ସାହାଯ୍ୟ କରିଥିଲା । ଏବେ ରଶ୍ମିକା ଦିନ ଗଣିବା ଆରମ୍ଭ କରିଦେଇଛନ୍ତି । କାରଣ ଚର୍ଚ୍ଚିତ ଫିଲ୍ମ 'ପୁଷ୍ପା–୨' ଚଳିତବର୍ଷ ଡିସେମ୍ବର ୬ରେ ରିଲିଜ୍ ହେବାକୁ ଯାଉଛି । ଏହି ବିଗ୍ ବଜେଟ ଫିଲ୍ମରେ ଆଲ୍ଲୁ ଅର୍ଜୁନ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ।

ଫୁରସତ ମିଳିଲେ..

ବିଶେଷଭାବରେ ଅଭିନୟ ସହ ଜଡ଼ିତ ବ୍ୟକ୍ତିବିଶେଷ ପ୍ରାୟ ଶୁଟିଂରେ ବ୍ୟସ୍ତ ଥାଆନ୍ତି । ଅବସର ମିଳିବା ମାତ୍ରେ ସେମାନେ ବିଭିନ୍ନ କାମରେ ନିଜକୁ ନିୟୋଜିତ ରଖନ୍ତି । ଆଉ ସେଥିରୁ ବା ୟାମି ଗୌତମ ବାଦ୍ ପଡ଼ନ୍ତେ କିପରି ? କଥା କ'ଣ କି, ଯେତେବେଳେ ତାଙ୍କୁ ଶୁଟିଂରୁ ଫୁରସତ ମିଳେ ସେତେବେଳେ ସେ କ'ଣ କରନ୍ତି ଜାଣନ୍ତି ? ପ୍ରଥମେ ସେ ପରିବାର ସହ ସମୟ କାଟନ୍ତି । ଆଉ ନାମୀ ଲେଖକଙ୍କ ରଚିତ ବହି ପଢ଼ିଥାଆନ୍ତି । ସମୟ ମିଳିଲେ ନିଜ ମନପସନ୍ଦର ଖାଦ୍ୟ ମଧ୍ୟ ରୋଷେଇକରି ଖାଆନ୍ତି । ଏ ସମ୍ପର୍କରେ ୟାମି କୁହନ୍ତି, 'ପିଲାଟିଦିନରୁ ଭଲ ଭଲ ତଥା ଶିକ୍ଷାମୂଳକ ବହି ପଢ଼ିବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା । ଯାହାହେଉ ଏବେ ବି ତାହାକୁ ମୁଁ ଚାଲୁ ରଖିଛି । ଶୁଟିଂ ନ ଥିଲେ ମୁଁ ପ୍ରାୟ ଘରେ ରହେ । ଏହି ସମୟରେ ନାମୀ ଲେଖକଙ୍କ ବହି ପଢ଼େ । ଯଦି ଭଲ ଖାଦ୍ୟ ଖାଇବାକୁ ଇଚ୍ଛା ହୁଏ, ତେବେ ନିଜେ ପ୍ରସ୍ତୁତ କରି ଖାଏ ।' ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ । 'ଚାନ୍ଦ୍ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ । କନ୍ନଡ଼ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା । ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲାୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି । ୟାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡ଼ିକ ହେଲା–'ଭିକି ଡୋନର', 'ଆକ୍ସନ ଜ୍ୟାକ୍‌ସନ', 'ବଦ୍‌ଲାପୁର', 'ସନମ୍ ରେ', 'ସରକାର–୩', 'ବାଲା', 'ଗିନ୍ନି ୱେଡ୍‌ସ ସନ୍ନି', 'ଭୂତ ପୋଲିସ' ଏବଂ 'ଏ ଥର୍ସ ଡେ' ଇତ୍ୟାଦି ।

ୟାମି

ଅଭିନେତ୍ରୀ ହୋଇ ନ ଥିଲେ...

ପାଠ ପଢ଼ିବା ସମୟରେ ତାଙ୍କର ଲକ୍ଷ୍ୟ ଥିଲା ଅଲଗା । ସେହି ସମୟରେ ସେ ଆଶା ରଖିଥିଲେ ଯେ ଛାତ୍ରୀ ଜୀବନ ଶେଷହେବା ପରେ କିଛି ନା କିଛି ଚାକିରି କରିବି । କିନ୍ତୁ ତାଙ୍କ ଭାଗ୍ୟରେ ଆଉ କିଛି ଲେଖାଥିଲା । ସମୟକ୍ରମେ ସେ ପାଦଥାପିଲେ ଅଭିନୟ ଜଗତରେ । ୨୦୧୪ରେ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ସୁଯୋଗ ମିଳିଥିଲା । ନିର୍ଦ୍ଦେଶକ କବିର ସଦାନନ୍ଦ 'ଫୁଗଲି' ଫିଲ୍ମରେ ତାଙ୍କୁ ନାୟିକା ସାଜିବାର ସୁଯୋଗ ଦେଇଥିଲେ । ଯେତେବେଳେ ଏହି ଅଫରଟି କିଆରାଙ୍କୁ ମିଳିଲା, ସେତେବେଳେ ତାଙ୍କର ଖୁସି କହିଲେ ନ ସରେ । କମେଡିଭିତ୍ତିକ ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ବିଜନେସ୍ କରିଥିଲା ଆଉ ତା'ପରେ ସେ ପଛକୁ ଫେରି ଚାହିଁ ନ ଥିଲେ । ଏବେ ସେ ନିଜ ଅଭିନୟ କ୍ୟାରିୟରକୁ ଆଗେଇ ନେଉଛନ୍ତି । ହେଲେ ଯଦି ସେ ଅଭିନେତ୍ରୀ ହୋଇ ନ ଥାନ୍ତେ, ତେବେ କ'ଣ କରିଥାଆନ୍ତେ ଜାଣନ୍ତି ? ଏ ନେଇ କିଆରା କୁହନ୍ତି, 'ଯଦି ମୁଁ ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରି ନ ଥାନ୍ତି ତେବେ ମୁଁ ଜଣେ ସାମ୍ବାଦିକା ହେବାକୁ ଆଶା ରଖିଥିଲି । କାରଣ ମୁଁ ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଛି । ସେ ଯାହାହେଉ, ଏବେ ନିଜ ଆକ୍ଟିଂ କ୍ୟାରିୟର ପ୍ରତି ମୁଁ ବେଶ୍ ସଚେତନ ।' ବର୍ତ୍ତମାନ ରାମଚରଣଙ୍କ ଅଭିନୀତ 'ଗେମ୍‌ଚେଞ୍ଜର'ରେ ସେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମଟି ଆସନ୍ତାବର୍ଷ ରିଲିଜ୍ ହେବାର ଯୋଜନା ରହିଛି ।

କିଆରା

ଓଡ଼ିଆ ଚଳଚ୍ଚିତ୍ରରେ ଦେଶାତ୍ମବୋଧର ଶୂନ୍ୟତା

''ଦେଶାତ୍ମବୋଧକ ଚଳଚ୍ଚିତ୍ରଟିଏ ପରଦାରେ ଦେଖିଲେ ତାହାର ମଜା ନିଆରା । ସ୍ୱାଧୀନତା ସହ ସଂଶ୍ଳିଷ୍ଟ ଶହୀଦ ରଘୁ ସର୍ଦ୍ଦାର ଟାଇଟଲରେ ଏକ ଓଡ଼ିଆ ସିନେମା ନିର୍ମିତ ହୋଇ ରିଲିଜ୍ ହୋଇସାରିଛି । ଅନ୍ୟପକ୍ଷରେ ଜୟ ସେନ୍‌ଙ୍କ ନିର୍ଦ୍ଦେଶନାରେ ଆଉ ଏକ ଦେଶାତ୍ମବୋଧକ ଫିଲ୍ମ 'ଜୟୀ ରାଜଗୁରୁ' ରିଲିଜ୍ ଅପେକ୍ଷାରେ ରହିଛି । ତେଣୁ ଏଭଳି ପ୍ରୟାସ ଯଦି ଆମ ଓଡ଼ିଆ ସିନେମାରେ ଜାରି ରହେ ତେବେ ଏପରି ଚଳଚ୍ଚିତ୍ର ନିର୍ମାଣ କରିବାକୁ ତାହା ଅନ୍ୟ ପ୍ରଯୋଜକଙ୍କ ପାଇଁ ପ୍ରେରଣାଦାୟକ ହେବ ।''

ସମୟ ଥିଲା, ପ୍ରାୟ ପୌରାଣିକ କଥାବସ୍ତୁକୁ ଆଧାରକରି ଓଡ଼ିଆ ସିନେମା ନିର୍ମାଣ ହେଉଥିଲା । ଏହାବ୍ୟତୀତ ସେହି ସମୟରେ କେତେକ ଚଳଚ୍ଚିତ୍ରରେ ଦେଶାତ୍ମବୋଧର ଦୃଶ୍ୟ ଦେଖିବାକୁ ମିଳିଥିଲା । ଯଦି ଆମ ଓଡ଼ିଆ ସିନେମା ଇତିହାସକୁ ତର୍ଜମା କରାଯାଏ, ତେବେ ମାତ୍ର କେତୋଟି ଦେଶାତ୍ମବୋଧକ ଚିତ୍ର ନିର୍ମିତ ହୋଇଥିବାର ଜଣାଯାଏ । କେତେକ ଫିଲରେ ଦେଶାତ୍ମବୋଧକ ଗୀତ ମଧ୍ୟ ସଂଯୋଜିତ ହୋଇଛି । ଏ କଥା ସତ ଯେ, ଏଭଳି ସିନେମା ନିର୍ମାଣ କରିବା ବ୍ୟୟସାପେକ୍ଷ । ଯଦିଓ ଏହା ଏକ ରିସ୍କ ତଥାପି ଏପରି ଫିଲ୍ମ ଦେଖିବାକୁ ଅନେକ ଦର୍ଶକଙ୍କର ଆଗ୍ରହ ଥିବା ଏବେ ଦେଖିବାକୁ ମିଳୁଛି । କାରଣ ବଲିଉଡ୍‌ରେ ଏଭଳି ସିନେମା ନିର୍ମାଣ ଧାରା ଜାରି ରହିଛି ଏବଂ ସେଭଳି ଚିତ୍ର ବକ୍ସ ଅଫିସ୍‌ରେ ଭଲ ବିଜନେସ୍ ମଧ୍ୟ କରୁଛି ।

ଦେଶାତ୍ମବୋଧକ କାହାଣୀକୁ ନେଇ ଓଡ଼ିଆ ଭାଷାରେ କେତେକ ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଟେଲି ଫିଲ୍ମ ନିର୍ମାଣ ହୋଇଛି । ବିଶେଷ ଭାବରେ ଏ କ୍ଷେତ୍ରରେ ଦୂରଦର୍ଶନର ପ୍ରୟାସକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ । କାରଣ ଭଲ ଭଲ କାହାଣୀ ଚୟନକରି ଏଭଳି ଚିତ୍ର ନିର୍ମାଣ ହୋଇ ପ୍ରସାରିତ କରାଯାଇଛି । କେବଳ ସେତିକି ନୁହେଁ, ଏହି ଚ୍ୟାନେଲ ପକ୍ଷରୁ ସେଗୁଡ଼ିକୁ ସଂରକ୍ଷିତ ରଖାଯାଇଛି । ଏବେ ଅଗଷ୍ଟ ୧୫, ଜାନୁୟାରୀ ୨୬ରେ ସେଗୁଡ଼ିକୁ ପୁନଃ ପ୍ରସାରଣ କରାଯିବା ଦ୍ୱାରା ଦର୍ଶକ ତାହାର ପୁଣିଥରେ ମଜା ନେଉଛନ୍ତି । ଜାତୀୟତାବୋଧକୁ ଆହୁରି ପ୍ରଚାର ପ୍ରସାର କରିବାରେ ଏଭଳି ଟେଲି ଫିଲ୍ମ ଏବଂ ପ୍ରାମାଣିକ ଚଳଚ୍ଚିତ୍ର ବେଶ୍ ଗୁରୁତ୍ୱ ବହନ କରିଥାଏ । କିନ୍ତୁ ଦେଶାତ୍ମବୋଧକ ଚଳଚ୍ଚିତ୍ରଟିଏ ପରଦାରେ ଦେଖିଲେ ତାହାର ମଜା ନିଆରା । ସ୍ୱାଧୀନତା ସହ ସଂଶ୍ଳିଷ୍ଟ 'ଶହୀଦ ରଘୁ ସର୍ଦ୍ଦାର' ଟାଇଟଲ୍‌ରେ ଏକ ଓଡ଼ିଆ ସିନେମା ନିର୍ମିତ ହୋଇ ରିଲିଜ୍ ହୋଇସାରିଛି । ଅନ୍ୟପକ୍ଷରେ ଜୟ ସେନ୍‌ଙ୍କ ନିର୍ଦ୍ଦେଶନାରେ ଆଉ ଏକ ଦେଶାତ୍ମବୋଧକ ଫିଲ୍ମ 'ଜୟୀ ରାଜଗୁରୁ' ରିଲିଜ୍ ଅପେକ୍ଷାରେ ରହିଛି । ତେଣୁ ଏଭଳି ପ୍ରୟାସ ଯଦି ଆମ ଓଡ଼ିଆ ସିନେମାରେ ଜାରି ରହେ ତେବେ ଏପରି ଚଳଚ୍ଚିତ୍ର ନିର୍ମାଣ କରିବାକୁ ତାହା ଅନ୍ୟ ପ୍ରଯୋଜକଙ୍କ ପାଇଁ ପ୍ରେରଣାଦାୟକ ହେବ । ସମ୍ପ୍ରତି ଓଡ଼ିଆରେ ଆନିମେଶନ ମାଧ୍ୟମରେ ଯଦି ଦେଶାତ୍ମବୋଧକ କିମ୍ବା ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ଫିଲ୍ମ ନିର୍ମାଣ କରାଯାଆନ୍ତା, ତେବେ ତାହା ଦର୍ଶକଙ୍କୁ ଆହୁରି ପ୍ରଭାବିତ କରିପାରନ୍ତା ।

ଯଦି ବଲିଉଡ୍ କଥା ପର୍ଯ୍ୟାଲୋଚନା କରାଯାଏ, ତେବେ ଅଭିନେତା ତଥା ନିର୍ଦ୍ଦେଶକ ମନୋଜ କୁମାରଙ୍କୁ ଏ ନେଇ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ । ତାଙ୍କ ଦ୍ୱାରା ନିର୍ଦ୍ଦେଶିତ 'କ୍ରାନ୍ତି' ଏବଂ 'ଜୟହିନ୍ଦ୍' କେତେ ଦର୍ଶକାଦୃତ ହୋଇଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ ।

ଦେଶାତ୍ମବୋଧ ବିଷୟବସ୍ତୁକୁ ନେଇ ସିନେମା ନିର୍ମାଣ କରିବା ପାଇଁ ସେଭଳି ମାନସିକତା ରହିବା ଦରକାର । କାରଣ କାହାଣୀ, କଳାକାର ଚୟନ, ସଂଳାପ, ଲୋକେଶନ ଏବଂ ଶୁଟିଂ ପ୍ରତି ଯଥେଷ୍ଟ ଧ୍ୟାନ ନ ଦେଲେ ପରିଶ୍ରମର ଅସଲ ମୂଲ୍ୟ ମିଳି ନ ଥାଏ । ତେଣୁ ଓଡ଼ିଆ ପ୍ରଯୋଜକମାନେ ଯଦି ପ୍ରତିବର୍ଷ କିଛି ପ୍ରଭାବପୂର୍ଣ୍ଣ ଦେଶାତ୍ମବୋଧକ ଚଳଚ୍ଚିତ୍ର ନିର୍ମାଣ କରନ୍ତେ, ତେବେ ତାହା ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଆହୁରି ସ୍ମରଣୀୟ ପୃଷ୍ଠା ଯୋଡ଼ିବାରେ ସକ୍ଷମ ହୁଅନ୍ତା ।

–ଦିଲୀପ ହାଲି, ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୪/୨୦୨୪ Bhubaneswar, Thursday, July 4/ 2024

ଆଜି ଭାରତୀୟ ଦଳର ବିଜୟ ପରେଡ

ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ, ୱାଙ୍ଖେଡେରେ ସମ୍ବର୍ଦ୍ଧନା

ମୁମ୍ବାଇ,୩।୭(ପି.ଟି.)

ଟି୨୦ ବିଶ୍ୱକପ୍ ବିଜେତା ଭାରତୀୟ ଦଳ ଶେଷରେ ବାର୍ବାଡୋସ୍ ଛାଡିଛି। ବାତ୍ୟା ହରିକେନ୍ କାରଣରୁ ଭାରତୀୟ ଦଳ ହୋଟେଲରେ ଅଟକି ରହିଥିଲା। ବୁଧବାର ଏୟାର ଇଣ୍ଡିଆର ଏକ ସ୍ୱତନ୍ତ୍ର ବିମାନ ସହାୟତାରେ ଭାରତୀୟ ଦଳର ସମସ୍ତ ଖେଳାଳି ଓ ସପୋର୍ଟଷ୍ଟାଫ୍ ଦେଶ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗୁରୁବାର ସକାଳ ୬.୨୦ ମିନିଟରେ ନୂଆଦିଲ୍ଲୀ ବିମାନ ବନ୍ଦରରେ ଭାରତୀୟ ଖେଳାଳିମାନେ ଅବତରଣ କରିବେ। ଏୟାର ଇଣ୍ଡିଆ ଚାମ୍ପିୟନ୍ସ ୨୪ ୱାର୍ଲ୍ଡ କପ୍ ନାମକ ଏକ ଚାର୍ଟର ବିମାନରେ ବାର୍ବାଡୋସର ଗ୍ରାଣ୍ଟଲେ ଆଡାମ୍ସ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଖେଳାଳିମାନେ ଯାତ୍ରା ଆରମ୍ଭ କରିଥିଲେ। ହରିକେନ୍ ବେରିଲ୍ କାରଣରୁ ଭାରତୀୟ ଦଳର ସମ୍ଭାବ୍ୟ ଯାତ୍ରା ବିଳମ୍ବିତ ହୋଇଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ବ୍ୟତୀତ କିଛି ଖେଳାଳିଙ୍କ ପରିବାର ବର୍ଗ, ଭାରତୀୟ ସାମ୍ବାଦିକ, ବିସିସିଆଇ ସଭାପତି ରୋଜର ବିନ୍ନି ଓ ସମ୍ପାଦକ ଜୟ ଶାହା ମଧ୍ୟ ଏହି ବିମାନରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଉପ ସଭାପତି ରାଜୀବ ଶୁକ୍ଳା ସୂଚନା ଦେଇଛନ୍ତି।

ବାର୍ବାଡୋସରେ ସ୍ୱତନ୍ତ୍ର ଚାର୍ଟର ବିମାନରେ ଭାରତୀୟ ଖେଳାଳି ପ୍ରବେଶ କରୁଛନ୍ତି।

ବିମାନ ମଧ୍ୟରେ ବିଶ୍ୱକପ ଟ୍ରଫି ସହ ସୂର୍ଯ୍ୟକୁମାର ଯାଦବ ଓ ଅଧିନାୟକ ରୋହିତ ଶର୍ମା।

ସକାଳୁ ବିମାନ ଅବତରଣ କରିବା ପରେ ଖେଳାଳିମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯାଇ ପୂର୍ବାହ୍ନ ୧୧ଟା ବେଳେ ତାଙ୍କୁ ଭେଟିବେ। ପରେ ଭାରତୀୟ ଦଳ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ, ଯେଉଁଠାରେ ବିସିସିଆଇ ପକ୍ଷରୁ ଭାରତୀୟ କ୍ରିକେଟ ଦଳକୁ ସମ୍ମାନିତ କରାଯିବ। ନରିମାନ ପଏଣ୍ଟରୁ ଏକ ଛାତଖୋଲା ବସ୍‌ରେ ଭାରତୀୟ ଖେଳାଳିମାନେ ୱାଙ୍ଖେଡେ ଅଭିମୁଖେ ଯାତ୍ରା କରିବେ। ବିସିସିଆଇ ସମ୍ପାଦକ ଜୟ ଶାହା ଏହି ଘୋଷଣା କରିବା ସହ ଭାରତୀୟ ଦଳର ବିଜୟ ପରେଡରେ ସାମିଲ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ମଧ୍ୟ ସମାନ ପୋଷ୍ଟ କରିଛନ୍ତି। ଆମେ ଏହି ଖୁସିର ମୁହୂର୍ତ୍ତ ଆପଣମାନଙ୍କ ସହ ଶେୟାର କରିବାକୁ ଚାହୁଁଛୁ। ଅପରାହ୍ନ ୫ଟାରେ ଏହା ଆରମ୍ଭ ହେବ। ଉଲ୍ଲେଖଯୋଗ୍ୟ ଯେ, ୧୭ ବର୍ଷ ତଳେ ୨୦୦୭ରେ ଭାରତ ଟି୨୦ ବିଶ୍ୱକପ୍ ଜିତିବା ପରେ ସମାନ ଭାବରେ ସେଲିବ୍ରେଶନ କରାଯାଇଥିଲା।

ୱିମ୍ବେଲଡନ: ଆନକା ଟୋଡୋନିଙ୍କ ବିପକ୍ଷରେ ଫୋରହ୍ୟାଣ୍ଡ ଶଟ୍ ଖେଳୁଛନ୍ତି କୋକୋ ଗଫ୍।

ତୃତୀୟ ରାଉଣ୍ଡରେ କୋକୋ ଗଫ୍

ୱିମ୍ବେଲଡନ୍,୩।୭(ପି.ଟି.)

ୱିମ୍ବେଲଡନ୍

ଟେନିସ୍ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ୱିମ୍ବେଲଡନ୍‌ର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଆମେରିକାର କୋକୋ ଗଫ୍। କୋର୍ଟ-୧ରେ ଖେଳା ଯାଇଥିବା ମ୍ୟାଚ୍‌ରେ ରୋମାନିଆର ଆନ୍‌କା ଟୋଡୋନିଙ୍କୁ ୬-୨, ୬-୧ ସେଟରେ ପରାସ୍ତ କରିଥିଲେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଗଫ୍। ମହିଳା ଖେଳାଳିଙ୍କ ମଧ୍ୟରେ ଏଲିନା ସ୍ୱିତୋଲିନା, ଡାନିଏଲ କଲିନ୍ସ, ବିଟ୍ରିଜ୍ ହଦଦ ମାଇୟା, ସୋନାୟ କାର୍ଟାଲ ବିଜୟୀ ହୋଇଛନ୍ତି। ଏଲିନା ସ୍ୱିତୋଲିନା ୭-୫, ୬-୭(୯/୧୧) ଓ ୬-୩ ସେଟରେ ବିଜୟୀ ହୋଇଥିଲେ। ପ୍ରଥମ ସେଟରେ ସ୍ୱିତୋଲିନା ସହଜ ବିଜୟ ହାସଲ କରିଥିଲେ। ତେବେ ପରବର୍ତ୍ତୀ ସେଟକୁ ଟାଇବ୍ରେକରରେ ଜିତିଥିଲେ ଲିନେଟ୍। ଅନ୍ତିମ ରାଉଣ୍ଡ ଜିତିବା ସହ ସ୍ୱିତୋଲିନା ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ୧୧ ନମ୍ବର ସିଡ୍ ଡାନିଏଲ କଲିନ୍ସ ୬-୩, ୭-୬(୭/୪) ସେଟରେ କ୍ଲାରା ଟଉସନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ବ୍ରାଜିଲର ବିଟ୍ରିଜ ହଦଦ ମାଇୟା ୭-୫, ୬-୩ର ସିଧାସଳଖ ସେଟରେ ମାଗଦାଲେନା ଫ୍ରିଚଙ୍କୁ ହରାଇ ପ୍ରଥମ ରାଉଣ୍ଡ ପାର କରିଛନ୍ତି। ସ୍ଥାନୀୟ ଖେଳାଳି ସୋନାୟ କାର୍ଟାଲ ୬-୩, ୫-୭ ଓ ୬-୩ ସେଟରେ ଫ୍ରାନ୍ସର କ୍ଲାରା ବୁରେଲଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ଖେଳାଳିଙ୍କ ମଧ୍ୟରେ ଡିଫେଣ୍ଡିଂ ଚାମ୍ପିୟନ କାର୍ଲୋସ ଅଲକାରାଜ ଗାର୍ଫିଆ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଷ୍ଟ୍ରେଲିଆର ଆଲେକଜାଣ୍ଡର ଭୁକିକ୍‌ଙ୍କୁ ୭-୬(୭/୫), ୬-୨, ଓ ୬-୨ ସେଟରେ ପରାସ୍ତ କରିଥିଲେ ଅଲକାରାଜ। ପ୍ରଥମ ସେଟ ଟାଇ ବ୍ରେକରରେ ଫଇସଲା ହୋଇଥିବା ବେଳେ ପରବର୍ତ୍ତୀ ଦୁଇ ସେଟକୁ ଅନାୟାସରେ ଜିତି ନେଇଥିଲେ ଅଲକାରାଜ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଫ୍ରାନ୍ସିସ୍ ଟିଆଫୋ, ଟେଲର ଫ୍ରିଟ୍ସ, ବ୍ରାଣ୍ଡନ ନାକାଶିମା ବିଜୟୀ ହୋଇଛନ୍ତି। ଫ୍ରାନ୍ସିସ ଟିଆଫୋ ୭-୬(୭/୫), ୬-୧ ଓ ୬-୩ ସେଟରେ ବୋର୍ନା ସୋରିସ୍‌ଙ୍କୁ ପରାସ୍ତ କରିଥିଲେ। ୧୩ ନମ୍ବର ସିଡ୍ ଟେଲର ଫ୍ରିଟ୍ସ ୬-୧, ୬-୨ ଓ ୬-୪ ସେଟରେ କ୍ରିଷ୍ଟୋଫର ଓ କନେଲଙ୍କୁ ପରାସ୍ତ କରିଥିଲେ। ବ୍ରାଣ୍ଡନ ନାକାଶିମା ୬-୩, ୬-୨, ୬-୨ ସେଟରେ ଜୋର୍ଡାନ ଥମ୍ପସନଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

ଭିଏଟ୍‌ନାମରେ ତ୍ରିରାଷ୍ଟ୍ରୀୟ ଖେଳିବ ଭାରତ

ନୂଆଦିଲ୍ଲୀ, ୩।୭ (ପି.ଟି.)

ଭାରତୀୟ ଫୁଟବଲ ଦଳ ଭିଏଟ୍‌ନାମ ଯାଇ ଏକ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳିବ। ଏଥିରେ ତୃତୀୟ ଦଳଭାବେ ଲେବାନନ ଅଂଶଗ୍ରହଣ କରିବ। ଫିଫା ୱିଣ୍ଡୋକୁ ଦୃଷ୍ଟିରେ ରଖି ଆସନ୍ତା ଅକ୍ଟୋବରରେ ଏହି ତ୍ରିରାଷ୍ଟ୍ରୀୟ ରଖା ଯାଇଥିବା ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ପ୍ରକାଶ କରାଯାଇଛି। ଭିଏଟ୍‌ନାମ ସମ୍ପ୍ରତି ଫିଫା ର୍ୟାଙ୍କିଙ୍ଗ୍‌ର ୧୧୬ତମ ସ୍ଥାନରେ ଥିବାବେଳେ ଲେବାନନ ୧୧୭ ଓ ଭାରତ ୧୨୪ତମ ସ୍ଥାନରେ ରହିଛି। ମୁଖ୍ୟ କୋଚ୍ ପଦରୁ ଇଗର ଷ୍ଟିମାକଙ୍କୁ ବହିଷ୍କାର କରାଯିବାପରେ ବ୍ଲୁ ଟାଇଗର୍ସର ଏହା ପ୍ରଥମ ଟୁର୍ନାମେଣ୍ଟ। ଏଆଇଏଫଏଫ ଏପର୍ଯ୍ୟନ୍ତ ନୂଆ କୋଚ୍ ନିଯୁକ୍ତ କରି ନ ଥିବାରୁ ତ୍ରିରାଷ୍ଟ୍ରୀୟ ସମୟରେ କିଏ ଏହି ଦାୟିତ୍ୱ ତୁଲାଉଛି ତାହା ଦେଖିବାକୁ ରହିଛି। ଭାରତ ଅକ୍ଟୋବର ୯ରେ ଭିଏଟ୍‌ନାମ ଓ ୧୨ରେ ଲେବାନନକୁ ଭେଟିବ। ୧୫ ତାରିଖରେ ଭିଏଟ୍‌ନାମ ଓ ଲେବାନନ ମଧ୍ୟରେ ମୁକାବିଲା ହେବ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ